

ମୁରାରି ଜେନା ଅଭିନନ୍ଦନ ଗ୍ରନ୍ଥ

Digitized by srujanika@gmail.com

ସଂପାଦକ ମଣ୍ଡଳୀ :

ଡକ୍ଟର ଚିତ୍ରାନନ୍ଦ ମହାନ୍ତ

ଡକ୍ଟର ରତ୍ନାକର ଚଇନି

ଡକ୍ଟର ଶ୍ୟାମସୁନ୍ଦର ମିଶ୍ର

ଡକ୍ଟର ବିଜୟାନନ୍ଦ ସିଂହ

ଡକ୍ଟର ବୈଷ୍ଣବ ଚରଣ ସାମଲ

ନଦୀୟା ବିହାରୀ ମହାନ୍ତ

ବରଦା ପ୍ରସନ୍ନ ପଟ୍ଟନାୟକ

Digitized by srujanika@gmail.com



ଆଶୀର୍ବାଦ, ଅଭିନନ୍ଦନ

ଶୁଭେଚ୍ଛା ଓ ସଦିଚ୍ଛା

ଅଧ୍ୟାପକ ଗୌରାଙ୍ଗ କୁମାର ବ୍ରହ୍ମା

ସଂପାଦକ ମଣ୍ଡଳୀ ତରଫରୁ ସଂପାଦକଙ୍କସ୍ଥ

ଶିକ୍ଷା, କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ
ଶ୍ରୀ ଯଦୁନାଥ ଦାଶ ମହାପାତ୍ର

ଜଳସେଚନ, ବିଦ୍ୟୁତ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ
ସେକ୍ ମତଲୁବ୍ ଅଲ୍ଲୀ

ରାଜସ୍ୱ, ଆଇନ ଓ ଅର୍ଥମନ୍ତ୍ରୀ
ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ

ପଦ୍ମଭୂଷଣ ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ

ଡକ୍ଟର ସଚ୍ଚିଦାନନ୍ଦ ରାଉତରାୟ

ଶ୍ରୀ ଅଦ୍ୱୈତ ବଲ୍ଲଭ ରାୟ

ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ

ଶ୍ରୀ ଚତୁରାନନ

ଡକ୍ଟର ହରିହର ପଟ୍ଟନାୟକ

ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ

ଡକ୍ଟର ଘନଶ୍ୟାମ ଦାସ

ଶ୍ରୀ ରଜତ କୁମାର କର

Digitized by srujanika@gmail.com

ଅଭିମତ, ଆଲୋଚନା
କଥା ଓ କବିତା

	ପୃଷ୍ଠା
ଡକ୍ଟର ବିନୋଦଚନ୍ଦ୍ର ନାୟକ	୧
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର	୩
ମହାପାତ୍ର ନୀଳମଣି ସାହୁ	୫
ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି	୮
ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ	୧୦
ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ	୧୨
ଶ୍ରୀ ବ୍ରଜନାଥ ରଥ	୧୭
ଅଧ୍ୟାପକ କାର୍ତ୍ତିକଚନ୍ଦ୍ର ରଥ	୧୯
ଶ୍ରୀ ଶରତ ମିଶ୍ର	୨୫
ଡକ୍ଟର ରତ୍ନାକର ଚଇନି	୨୮
ଶ୍ରୀମତୀ ବସନ୍ତ ଦେବୀ	୩୦
ଶ୍ରୀ କ୍ଷୀରୋଦଚନ୍ଦ୍ର ପୋଥାଲ	୩୩

ସୂଚୀପତ୍ର

ଶ୍ରୀମତୀ ଶୈଳବାଳା ପୂଜାରୀ	୩୫
ଶ୍ରୀ ଚନ୍ଦ୍ରମଣି ପଣ୍ଡା	୩୭
ଡକ୍ଟର ବିକ୍ରମ ଦାସ	୩୯
ଶ୍ରୀ ରାଜେନ୍ଦ୍ର କିଶୋର ହରିଚନ୍ଦନ	୪୨
ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା	୪୪
ଡକ୍ଟର ଶ୍ୟାମସୁନ୍ଦର ମିଶ୍ର	୪୫
ଡକ୍ଟର ବୈଷ୍ଣବ ଚରଣ ସାମଲ	୪୭
ଶ୍ରୀ ଅଭୟ ସାମନ୍ତରାୟ	୪୯
ଶ୍ରୀ ଦୁର୍ଗାମାଧବ ମିଶ୍ର	୫୧
ଶ୍ରୀ ପରମାନନ୍ଦ ଅଧିକାରୀ	୫୪
ଶ୍ରୀ ଭିକାରୀ ଚରଣ ମିଶ୍ର	୫୭
ଡକ୍ଟର ନିମାଇଁ ବାନାର୍ଜୀ	୫୯

Digitized by srujanika@gmail.com

ଅଭିମତ, ଆଲୋଚନା

କଥା ଓ କବିତା

ପୃଷ୍ଠା

ଶ୍ରୀ ବଂଶୀଧର ମିଶ୍ର ୬୧

ଶ୍ରୀ ସୁରେଶ ଚନ୍ଦ୍ର ମହାରଣା ୬୨

ଜଷ୍ଟିସ୍ ନବକୁମାର ଦାସ ୬୮

ଶ୍ରୀ ଶଙ୍କର୍ଷଣ ମଙ୍ଗରାଜ ୭୦

ଶ୍ରୀ ନଗେନ ବେଉରିଆ ୭୧

ଅଧ୍ୟାପକ ନରସିଂହ ସାହୁ ୭୪

ଡ଼କ୍ଟର ମନୋରମା ମହାପାତ୍ର ୭୭

ଶ୍ରୀ ମନୋରଞ୍ଜନ ଦାସ ୭୮

ଶ୍ରୀ ବିଷ୍ଣୁଚରଣ ଜେନା ୮୦

ଡ଼ାକ୍ତର ଯୋଗମାୟା ପଟ୍ଟନାୟକ ୮୨

ଶ୍ରୀ ସାରଦା ପ୍ରସନ୍ନ ନାୟକ ୮୪

ଶ୍ରୀ ଶୁକଦେବ ସାହୁ ୮୬

ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତି ୮୮

୮୯ ଶ୍ରୀ ସୁରେନ୍ଦ୍ର ନାଥ ବିଦ୍ୟାଧର

୯୨ ଶ୍ରୀ ରମେଶ ଚନ୍ଦ୍ର ଧଳ

୯୩ ଶ୍ରୀମତି ସୁଜାତା ମହାନ୍ତି

୯୫ କବି କୁଂକୁମ ନବକିଶୋର ମହାନ୍ତି

୯୭ ଶ୍ରୀ ନୟନ କିଶୋର ମହାନ୍ତି

୯୯ ଶ୍ରୀ ନଦୀୟା ବିହାରୀ ମହାନ୍ତି

୧୦୧ ଅଧ୍ୟାପିକା ସୁଲୋଚନା ଦାସ

୧୦୩ ଡକ୍ଟର ବିଜୟାନନ୍ଦ ସିଂହ

୧୦୬ ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

୧୦୭ ଡ଼କ୍ଟର କୁମୁଦିନୀ ମିଶ୍ର

୧୧୪ ଡ଼କ୍ଟର ବ୍ରଜମୋହନ ମହାନ୍ତି

୧୧୮ ଶ୍ରୀ କୈଳାସ ଲେଙ୍କା

୧୨୦ ଡକ୍ଟର ଅର୍ଚ୍ଚନା ନାୟକ

୧୨୨ ଶ୍ରୀ ଗୋଲୋକଚନ୍ଦ୍ର ମହାନ୍ତି

Digitized by srujanika@gmail.com

ଅଭିମତ, ଆଲୋଚନା

କଥା ଓ କବିତା

	ପୃଷ୍ଠା
ଶ୍ରୀ ତ୍ରିଲୋଚନ ଭୋଳ	୧୨୪
ଡାକ୍ତର ବିଜୟ କୁମାର ନନ୍ଦ	୧୨୫
ଶ୍ରୀ ବରଦା ପ୍ରସନ୍ନ ପଟ୍ଟନାୟକ	୧୨୭
ଡକ୍ଟର ଖଗେନ୍ଦ୍ର ନାଥ ମଲ୍ଲିକ	୧୩୦
ଶ୍ରୀମତୀ ଗିରିଜା ଦଳବେହେରା	୧୩୨
ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ	୧୩୪
ଶ୍ରୀ ଯୁଧିଷ୍ଠିର ରଣା	୧୩୭
ଶ୍ରୀ ବୈଷ୍ଣବ ଚରଣ ସାହୁ	୧୩୯
ଶ୍ରୀ ସରୋଜ ମିଶ୍ର	୧୪୧
ଡାକ୍ତର ଶୈଳେଶ୍ୱର ନନ୍ଦ	୧୪୩
ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ	୧୪୪
ଡକ୍ଟର ଭବଗ୍ରାହୀ ମିଶ୍ର	୧୪୫
ଡକ୍ଟର କେଶବ ଚନ୍ଦ୍ର ସାହୁ	୧୪୬
ଅଧ୍ୟାପକ ରାଜକିଶୋର ରାୟ	୧୪୭
ଅଧ୍ୟାପକ ମାଧବଚନ୍ଦ୍ର ଶତପଥୀ	୧୪୮
ପଣ୍ଡିତ ପ୍ରବୋଧ କୁମାର ମିଶ୍ର	୧୪୯
ଅଧ୍ୟାପକ ବେଣୁଧର ରାଉତ	୧୫୦
ଶ୍ରୀ ହୃଦାନନ୍ଦ ରାୟ	୧୫୧
ଜେନାକବିଙ୍କ ଜୀବନ ଜାତକ	୧୫୩

Digitized by srujanika@gmail.com

ମୁରଲି କେନା ଅଭିନନ୍ଦନ ଗ୍ରନ୍ଥ

●

ପ୍ରକାଶକ :
ସ୍ୱାଗତିକା

●

ମୁଦ୍ରଣ :
ପୁଷ୍ପିତା ପ୍ରିଣ୍ଟର୍ସ
ଭଗତପୁର, କଟକ-୪

●

ପ୍ରଚ୍ଛଦପଟ୍ଟ ମୁଦ୍ରଣ :
ମଡର୍ଣ୍ଣ ଇଣ୍ଡିଆ ପ୍ରିଣ୍ଟିଂ ପ୍ରେସ୍
ମଣିସାହୁ ଛକ, କଟକ

●

ମୂଲ୍ୟ :
ତିରିଶ ଟଙ୍କା ମାତ୍ର

●

ପ୍ରକାଶ କାଳ :
୧୫ ଅକ୍ଟୋବର, ୧୯୮୮

●

ଯେଉଁ ସହୃଦୟ ଲେଖକ ଲେଖିକା ମାନେ ତାଙ୍କ ଲେଖାରେ ଏହି 'ଅଭିନନ୍ଦନ ଗ୍ରନ୍ଥ'କୁ ଦିବାଲୋକରେ ଦେଖା ଦେବାରେ ସସ୍ନେହ/ସଶ୍ରଦ୍ଧ/ସହିଷ୍ଣୁ, ସାହାଯ୍ୟ ଓ ସହଯୋଗ କରିଛନ୍ତି, ସେମାନଙ୍କୁ 'ସ୍ୱା ଗ ତି କା'ର ସାର୍ବଭୌମ ସାଧୁବାଦ ।

●

Digitized by srujanika@gmail.com

ଆଶୀର୍ବାଦଃ

॥ ୧ ॥

ବରଣ୍ଣ ଦେବେଷୁ ଯଥା ମୁରାରିଃ
ମହାସ୍ତ୍ର-ଗ୍ରନ୍ଥେଷୁ ତଥା ମୁରାରିଃ ।
ଅସୀମ-ଧୈର୍ଯ୍ୟାଦ ଗୁଣୈଃ ସୁଯୁକ୍ତଃ
ଲଘୁତ୍ୱ-ଚନ୍ତା-କବଳାଦ୍ ବିମୁକ୍ତଃ ।

(ଲଘୁତ୍ୱ-ଚନ୍ତା—Inferiority complex)

॥ ୨ ॥

ସାହିତ୍ୟ-ସେବା-ବ୍ରତ-ପୂତକର୍ମି-
ସଂସାଧନଂ ତସ୍ୟ ପରୋହି ଧର୍ମଃ ।
ହିବଂ ଗତାନାଂ ଗୁଣିନାଂ ଜନାନାଂ
ଗୁଣ-ପ୍ରକର୍ଷସ୍ୟ ଚ ପୂଜକଃ ସଃ ।

॥ ୩ ॥

ସାହିତ୍ୟ-ସେବା-ସଦନେଽତ ରମ୍ୟେ
ରସାହ ପୂର୍ଣ୍ଣେ ରସିକୈରଗମ୍ୟେ ।
ସଂସ୍ଥାପିତଂ ସାଧକ-ଜୀବନଂ ତ୍ୱଂ
କୁରୁଷ୍ୱ ସେବାଂ କୃତନାଂ ମୁରାରେ !

●

ଅଧ୍ୟାପକ ଗୌରୀକୁମାର ବ୍ରହ୍ମା
ରଥଦାଣ୍ଡ, ଭୁବନେଶ୍ୱର
୩ । ୯ । ୮୮

Digitized by srujanika@gmail.com

ସମ୍ପାଦକୀୟ

୧୯୭୩ ମସିହାରେ **ମୁରାରି ଜେନାଙ୍କ ସମ୍ପର୍କରେ** ଏକ ସ୍ୱତନ୍ତ୍ର ଗ୍ରନ୍ଥ ପ୍ରକାଶିତ ହେଲା । ତହିଁରେ ସେତେବେଳକାର ବହୁ ପ୍ରତିଷ୍ଠିତ ଓଡ଼ିଆ, ଅଣଓଡ଼ିଆ ଓ ଓଡ଼ିଆପ୍ରେମୀ ଲେଖକ ଓ ସଙ୍ଗଠକ ମୁରାରି ଜେନାଙ୍କ ପ୍ରତି ଶୁଭେଚ୍ଛା ଜଣାଇ ସମ୍ଭାଷଣ କରିଥିଲେ । ପୁଣି ୧୯୮୪ ମସିହାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ କବି, ଗାଳ୍ପିକ, ବ୍ୟଙ୍ଗକାର ଫତୁରାନନ୍ଦଙ୍କ ସଂପାଦନରେ **କବି କବିତାରେ ମୁରାରି ଜେନା** କବିତା ପୁସ୍ତକରେ ଓଡ଼ିଶାର ଅତି ଜଣାଶୁଣା ୭୩ଜଣ କବି, ମୁରାରି ଜେନାଙ୍କୁ କବିତାରେ ଆପଣା ଆପଣାର ସ୍ନେହ ନଗାନ୍ତ ବ୍ୟକ୍ତ କରିଥିଲେ ।

Digitized by srujanika@gmail.com

ଏହା ଭିତରେ ସ୍ବୟଂକ୍ରିୟ ବର୍ଷ ଆଗେଇ ଗଲାଣି । ମହାକାଳର କେତେ କ୍ଷୁଦ୍ରାଂଶ ଅବଶ୍ୟ । ହେଲେ ବି କାଳର ଚକ୍ରଭୂମିରେ କୃତିକୁ ଟଳାଇ ଚଳାଇ ଶେଷକୁ ସାର ସଂଗ୍ରହ କରିବା ଏଇତ କାଳର ପ୍ରକୃତି । ସେହି ଦୃଷ୍ଟିରୁ ସ୍ବାଧୀନତା ଭିତରେ ମୁରାରି ବାବୁଙ୍କର ଜନତା ଜନାର୍ଦ୍ଦନଙ୍କ ସହିତ ସଂପର୍କରେ ସର୍ବେକ୍ଷଣ କରିବା ଆବଶ୍ୟକତା ଅଛି ବୋଲି ବିଶେଷ ଅନୁଭବ କରାଗଲା ।

ଲୋକେ ଆପଣାର ଜୀବଦ୍ଦଶାରେ ବହୁ ଅଳ-ଅର୍ଦ୍ଧଳି ସହି ଆଆନ୍ତି ଏବଂ ଅନ୍ୟମାନଙ୍କ ପାଇଁ ବହୁତ କିଛି କରିବାରେ ଅଗ୍ରସର ହୁଅନ୍ତି । ପୁଣି ଏଇପରି ଉଦ୍ୟମୀ ଓ ଉତ୍ସାହୀ ବ୍ୟକ୍ତିମାନଙ୍କୁ ଆପଣାର କରାଇ, ତାଙ୍କ ଠାରୁ କାର୍ଯ୍ୟ ହାସଲ କରିବା ଦରରେ ସେମାନଙ୍କୁ ଯନ୍ତ୍ର ଭାବରେ ବ୍ୟବହାର କରି, ଶେଷକୁ ସ୍ବୀକୃତି ବା କୃତଜ୍ଞତା ପ୍ରକାଶ ନ କରିବାର ବ୍ୟକ୍ତିମାନଙ୍କର ସଂଖ୍ୟା ଏ ସଂସାରରେ କିଛି କମ୍ ନୁହେଁ । କାହାରି ଉପକାର କଲେ, ଆଜି ତାହା ଠାରୁ ଅପକାର ଆଶା କରିବା ସ୍ବାଭାବିକ ବିଷୟରେ ପରିଣତ ହୋଇ ଯାଇଛି । କାଳର କୁଟିଳ ଗତିରେ ବର୍ତ୍ତମାନର ସାଜି ଆଜି ଲୋକେ କେହି କାହାରିକୁ ଗୁହୁଁ ନାହାନ୍ତି, ଆଉ ଉଧାର ସୁଝେଇବା ତ ଦୂରର କଥା । ଏଇ ଉଧାରର ଉଦାରତା ହୁଏତ ଦାସିଆ ପାଖରେ ମିଳି ପାରେ, ମାତ୍ର ଦର୍ଶମା ବାବୁ ମୁହଁ ବୁଲାଇ କହିବେ, ମୁରାରି ହଁ ହଁ ଏପରି ନାମ ତ କେବେ ଶୁଣିଥିଲି । କିମ୍ବା ଆପଣ ଯଦି ମୁରାରିଙ୍କ ଖାସ୍ ଲୋକ ହୋଇ ଥାଆନ୍ତି, ତେବେ ଆପଣଙ୍କ ଆଗରେ କହିବେ—'ମୁରାରିଙ୍କ ପରି ଲୋକଟିଏ ଦେଖି ବାକୁ ମିଳିବେ ନାହିଁ ପରା ।' କିନ୍ତୁ ଆପଣ ଟିକିଏ ଦୂରଛଡ଼ା ହୋଇ ଆସିବା-ମାତ୍ରେ ଶୁଣିବେ ଗୁପାଗୁପା ହସ ଓ ହେୟଜ୍ଞାନ କରିବାର ଇଙ୍ଗିତ । ଏଇପରି ଅବହେଳା, ଅନାଦରର ଅନୁଭୂତି ପ୍ରଚୁର ପରିମାଣରେ ଦେଖିବାକୁ ମିଳୁଛି । ତେବେ କ'ଣ ଏଇ ଭେଜାଲ ଦୁନିଆରେ କେହି ଆଉ କପଟହୀନ ବ୍ୟକ୍ତି ନାହାନ୍ତି ? ତା'ହେଲେ ଧର୍ମ ଦେବତା ତାଙ୍କ ଧର୍ମକୁ ରକ୍ଷା କରି ଦିନରାତି କରୁଛନ୍ତି କିମିତି ? ଏଇ ଭଲଆ ଚିନ୍ତାଟିଏ ଆମ ଚେତନାରେ ଉଦୟ ହେବାରୁ ଆମେ ଭାବିଲୁ, ଆମେ ପୁଣି ଉଠିବା । ଅନ୍ଧକାର ଅନ୍ଧକାର ହେବା ଠାରୁ, ଅନ୍ଧକାରକୁ ଦୂର କରିବା ପାଇଁ ଦୀପଟିଏ ଜାଳି ରଖିବା । ହୁଏତ୍ ଭବିଷ୍ୟତରେ କେହି କେବେ ପଚରା ଉଚରା କରିବାର ମନରେ ପାଞ୍ଚି ଅତୀତ ପୃଷ୍ଠାକୁ ଓଲଟାଇବାକୁ ଯିବେ । ସେଥିପାଇଁ ଅମେ କିଛି କିଛି ତଥ୍ୟକୁ ସାଉଁଟି ତତ୍ତ୍ବ ଆକାରରେ ବିନ୍ୟାସ କରିଦିବା । ଏଣୁ ଏ ଗ୍ରନ୍ଥ ପରିକଳ୍ପନାର ମୂଳସୂତ୍ର ସେଇଠାରେ ।

ଲୋକେ ଆସୁଛନ୍ତି, ଯାଉଛନ୍ତି । ଆସିବେ, ଯିବେ । କିଏ ବା କାହାର ଖବର ଜଗତରେ ରଖିବାକୁ ଯାଉଛି । ଏପରିକି କେତେକଙ୍କୁ ଛୁଟି ଦେଲେ, ପ୍ରାୟ

Digitized by srujanika@gmail.com

ଅଧିକାଂଶ କ୍ଷେତ୍ରରେ ବାପ ମଲା ପରେ ପୁଅ ମାନେ (ଅଧୁନା କେତେକ କ୍ଷେତ୍ରରେ ଝିଅମାନେ ତହିଁରେ ଯୋଗ ଦେଲେଣି) ବାପ ଛାଡ଼ି ଯାଇଥିବା ସଂପତ୍ତି କେବଳ ଭାଗ ବଣ୍ଟାବଣ୍ଟି କରିବାରେ ସମସ୍ତ ମନୋଯୋଗ କରନ୍ତି ଏବଂ ପିତା ପକାଇଥିବା ପାଚେରି ପାଖରେ ପତିତ ସରକାରୀ ଜମି ଦେଖି ପିତା ତାହାଙ୍କ ବୁଦ୍ଧିମାନର ପରିଚୟ ଦେଇ, ଏ ସରକାରୀ ଜମିକୁ ଆପଣା ପାଚେରି ଭିତରେ ପୁରାଇ ଦେଲେ ନାହିଁ, ଏପରି ଦୋଷ ଦେବାକୁ ମଧ୍ୟ ଆଗୁସାର ହୁଅନ୍ତି । ମାତ୍ର ସର୍ବସ୍ୱ ଉଜାଡ଼ି, ନିଗାଡ଼ି ହୋଇଥିବା ପିତାଙ୍କର ସ୍ମୃତି ରକ୍ଷା ପାଇଁ ଟିକେ ହେଲେ ଚିନ୍ତା କରନ୍ତି ନାହିଁ । ଏଇ ପରିପ୍ରେକ୍ଷୀରେ ଯଦି କେତେକ ଶୁଭେଚ୍ଛୁ, ସହୃଦୟ ବନ୍ଧୁ ଆପଣା ଆପଣାର ପ୍ରୀତିପୂର୍ଣ୍ଣ ମନ କଥାକୁ ପ୍ରକାଶ କରି ବସିଲେ, ବିଭିନ୍ନ ମନ ବଗିଚାରେ ପ୍ରସ୍ଫୁଟିତ ସେଇ ପୁଷ୍ପଗୁଡ଼ିକୁ ଆଣି ମାଳା କରିବାରେ; ତେବେ ମାଳାକାରର ଭୂଲ୍ ରହିଲା କେଉଁଠି ? ସେଥିପାଇଁ ଆମର ଏ ପ୍ରଚେଷ୍ଟା ଜନସାଧାରଣରେ ଗ୍ରହଣୀୟ ହେବ ବୋଲି ଆଶା । ମିଳିତ ସହଯୋଗରେ ଏହା ଆମର ଏକ ଅଭିନବ ଉଦ୍ୟମ । କାରଣ ଏଇ ଅଭିନନ୍ଦନ ଗ୍ରନ୍ଥରେ ଉଭୟ ଗଦ୍ୟ ଓ ପଦ୍ୟର ସଂମିଶ୍ରଣ, ଅକପଟ ଭାବେ ଆମର ପ୍ରିୟ ମୁରାରି ଜେନାଙ୍କ ମୂଲ୍ୟାୟନ ଓ ମୂଲ୍ୟାଙ୍କନର କଥା ସାଧିତ ହୋଇଅଛି । କୌଣସି ସ୍ଥଳରେ ଛଳନାର ପ୍ରଶ୍ନ ନାହିଁ ।

ଏଇ ଅବସରରେ ପୁଣି କହି ରଖୁ, ଅତୀତରେ ମୁରାରି ଜେନାଙ୍କ ସଂପର୍କରେ ସୂକ୍ତିକାବଳୀ, ସେ ପୁରାପୁରି ଗଦ୍ୟ ଆକାରରେ ହେଉ ବା ପୁରାପୁରି ପଦ୍ୟ ଆକାରରେ ହେଉ, ଯେ ଯେପରି ଦେଶବାସୀଙ୍କ ଠାରେ ଆଦୃତ ଓ ପ୍ରଶଂସିତ ହୋଇଛି, ଶଂସିତ ପୁସ୍ତକ ଯେ ସେଇପରି ସମାଦାର ଲାଭ କରିବ, ଏ ବିଶ୍ୱାସ ଆମର ରହିଛି ।

● ସଂପାଦକ ମଣ୍ଡଳୀ ତରଫରୁ

Digitized by srujanika@gmail.com

ଭୁବନେଶ୍ୱର
ତା ୨୫।୮।୯୮

ଶ୍ରୀ ଯଦୁନାଥ ଦାଶ ମହାପାତ୍ର
ମନ୍ତ୍ରୀ
ଶିକ୍ଷା, କ୍ରୀଡ଼ା ଓ ଯୁବକଲ୍ୟାଣ, ଓଡ଼ିଶା

ଶୁଭେଚ୍ଛା

ଶ୍ରଦ୍ଧେୟ ବନ୍ଧୁ ଶ୍ରୀ ମୁରାରି ଜେନାଙ୍କର ୫୭ ତମ ଜୟନ୍ତୀ ଉପଲକ୍ଷେ ଏକ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ ପାଉଥିବା ଜାଣି ଅତ୍ୟନ୍ତ ଖୁସି ହେଲି । ଶ୍ରୀ ଜେନା ଓଡ଼ିଆ ସାହିତ୍ୟରେ ଜଣେ ପ୍ରତିଷ୍ଠିତ କବି ଓ ସାହିତ୍ୟିକ । ତାଙ୍କର ସାହିତ୍ୟିକ କଟାକ୍ଷ ଓ ବିଦ୍ରୂପାତ୍ମକ ପରିପ୍ରକାଶ ବ୍ୟକ୍ତି ଓ ସମାଜ ପାଇଁ ଗୋଟିଏ ଗୋଟିଏ ଚେତାବନୀ । ସେ ଦୀର୍ଘଜୀବୀ ହୋଇ ଓଡ଼ିଆ ସାହିତ୍ୟକୁ ଆହୁରି ସମୃଦ୍ଧ କରନ୍ତୁ ।

'ସ୍ୱାଗତିକା'ର ଏଇ ଉଦ୍ୟମ ପାଇଁ ମୁଁ କର୍ମକର୍ତ୍ତାଙ୍କୁ ଅଶେଷ ସାଧୁବାଦ ଜଣାଉଛି ।

ଯଦୁନାଥ ଦାଶ ମହାପାତ୍ର

Digitized by srujanika@gmail.com

ଭୁବନେଶ୍ୱର
ତା ୧୧ । ୧୦ । ୮୮

ସେକ୍ ମତଲୁବ ଅଲ୍ଲୀ
ମନ୍ତ୍ରୀ
ଜଳସେଚନ, ବିଦ୍ୟୁତ ଓ
ସଂସଦୀୟ ବ୍ୟାପାର, ଓଡ଼ିଶା

ସଶ୍ରଦ୍ଧ ଅଭିନନ୍ଦନ

ସ୍ୱାଗତିକା ଅନୁଷ୍ଠାନ, କଟକ—ସୁପରିଚିତ ସୁ-ସାହିତ୍ୟିକ ତଥା କବି ମୁରାରି ମୋହନ ଜେନାଙ୍କର ୫୭ତମ ଜୟନ୍ତୀ ଉତ୍ସବ ପାଳନ କରିବା ସହିତ, ଏକ **ଅଭିନନ୍ଦନ ଗ୍ରନ୍ଥ** ଉନ୍ମୋଚନ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏହା ଅତ୍ୟନ୍ତ ଆନନ୍ଦର କଥା । ବିଗତ ୩୦ ବର୍ଷ ଧରି କବି, ସମୀକ୍ଷକ ମୁରାରି ବାବୁଙ୍କୁ ମୁଁ ଜାଣେ । ମୁରାରି ବାବୁ ବହୁମୁଖୀ ପ୍ରତିଭାର ଅଧିକାରୀ । ସାମ୍ବାଦିକ, ପ୍ରାବନ୍ଧିକ ଓ କବି ଭାବରେ ସାହିତ୍ୟର ସବୁ କ୍ଷେତ୍ରରେ ତାଙ୍କର ଲେଖନୀ ଚାଳନା ଉଲ୍ଲେଖନୀୟ ।

ପ୍ରତିଭା କବିଙ୍କୁ ଯଶସ୍ୱୀ କରେ । ସାଧନା କବିଙ୍କୁ ପ୍ରତିଷ୍ଠିତ କରେ । ଉଭୟ ଗୁଣରେ ଅଧିକାରୀ କବି ମୁରାରି ବାବୁ ଆଜି ଯଶସ୍ୱୀ ସ୍ରଷ୍ଟା । ତାଙ୍କର ସୃଷ୍ଟି କେତେବେଳେ ଗଣ ସାହିତ୍ୟରେ ମୁଖରିତ, କେତେବେଳେ ସଂହତିର ବାର୍ତ୍ତାବହ । କେତେବେଳେ ସମାଜର ବାସ୍ତବ ପ୍ରତିଫଳନ, ପୁନଶ୍ଚ କେତେବେଳେ 'ପୂଜ୍ୟପୂଜା' ପ୍ରତିଭା ପୂଜାର ସେ ନିଷ୍ଠାପର ଅଭିଜ୍ଞ ଓ ଅନନ୍ୟ ସଙ୍ଗଠକ । ତାଙ୍କର ଜାତୀୟ ସ୍ୱାଭିମାନ ପ୍ରଚଣ୍ଡ—ଏ କ୍ଷେତ୍ରରେ ତାଙ୍କର ସାଲିସ୍ ନାହିଁ ।

କବି ମୁରାରି ବାବୁ ଜଣେ ସୁଦକ୍ଷ ବକ୍ତା । ସବୁ କ୍ଷେତ୍ରରେ ତାଙ୍କର ନିଷ୍ଠା ଉଦ୍ୟମ ସାଧନା ଏକାନ୍ତ ସ୍ମରଣୀୟ । ତାଙ୍କର ସୃଷ୍ଟି ସମ୍ଭାର ସର୍ବଦା ତାରୁଣ୍ୟର ଉଦ୍ଦାମତାରେ, ସ୍ୱାଭିମାନର ପ୍ରଚଣ୍ଡତାରେ, ଜାତୀୟତାର ଭାବାବେଗରେ ଶାଣିତ ଓ ଉଦ୍ଭାସିତ ।

ତାଙ୍କର କବିତା ଥରେ ପଢ଼ିଲେ—ସହୃଦୟ ପାଠକର ମନରେ ସେ ବସାବାନ୍ଧି ବସନ୍ତି । ସଭାରେ ତାଙ୍କୁ ଥରେ ଶୁଣିଲେ—ସେହି ନିର୍ଭୀକ ସାହିତ୍ୟିକ ଓ ପ୍ରଚଣ୍ଡ ସ୍ୱାଭିମାନ ବ୍ୟକ୍ତି ଶ୍ରଦ୍ଧାର ପାତ୍ର ହୁଅନ୍ତି ।

Digitized by srujanika@gmail.com

'ତେନ୍ତୁଳି ଗ୍ରୁଟ, ଓଲୁଅ ଡ଼ାଙ୍ଗ' ସମାଲୋଚନା ପତ୍ରିକା ଠାରୁ ଓଡ଼ିଆ ସାହିତ୍ୟରୁ ଜନ୍ମ, ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ, ସାହିତ୍ୟିକ ସିଂହାବଲୋକନ ପ୍ରଭୃତି ସମାଲୋଚନା ଗ୍ରନ୍ଥ, ଗୋଦାବରୀଶ ସ୍ମରଣିକା, ପ୍ରାଣକୃଷ୍ଣ ସ୍ମରଣିକା, ସ୍ୱଚ୍ଛନ୍ଦ ସ୍ମରଣିକା, କବି ବାଳକୃଷ୍ଣ ସ୍ମରଣିକା, ବାଣୀକଣ୍ଠ ସ୍ମାରକୀ ଗ୍ରନ୍ଥ, କବି-କଣ୍ଠେ ଶ୍ରୀଜଗନ୍ନାଥ, ପ୍ରଭୃତି ସଂପାଦିତ ଗ୍ରନ୍ଥ, ହେ ଡ଼ାକ୍ତର କୋରାମିନ୍ ବନ୍ଦ କର, ଖରା ଓ ଗ୍ଲୁଇ, ମୋ ନାଁରେ କୁକୁର ପାଳିବ, ଭଗବାନ ମୁଁ ତୁମକୁ ଠିଆ ଫାଶି ଦେବି ପ୍ରଭୃତି କବିତା ଗ୍ରନ୍ଥ ଏବଂ ପୁଣି କେତେ ପ୍ରବନ୍ଧ, ସାହିତ୍ୟ ଆଲୋଚନା ଲେଖା ସବୁଠି ସାହିତ୍ୟିକ ଓ କବି ମୁରାରି ବାବୁଙ୍କର ଲେଖନୀ ମୁଖର ।

ଭାଷା, ସାହିତ୍ୟ, ସଂସ୍କୃତି ଓ କବି ସାହିତ୍ୟିକଙ୍କ ପାଇଁ ମୁରାରି ବାବୁ ସଦାସର୍ବଦା ଶତମୁଖ । ମୋର ମନେ ହୁଏ କବି ମୁରାରି ବାବୁଙ୍କୁ ସାହିତ୍ୟ ଓ ସାହିତ୍ୟିକଙ୍କ ପାଇଁ—ପୂଜ୍ୟ-ପୂଜା ପାଇଁ **କାଳସୀ** ଲାଗେ । ସାହିତ୍ୟ ଓ ସଂସ୍କୃତିର **କାଳସୀ** ତାଙ୍କୁ ଲାଗିଲେ ସେ ଉନ୍ମତ୍ତ ଓ ଉନ୍ମାଦିତ ହୋଇ ଉଠନ୍ତି—ଏଇ ଉନ୍ମାଦନା ମୁଁ ଦେଖିଛି--ଗଣକବି ବୈଷ୍ଣବ ପାଣି ଜୟନ୍ତୀରେ, ଡ଼କ୍ଟର ମାନସିଂହଙ୍କ ଶ୍ରାଦ୍ଧରେ, କବି ପ୍ରାଜ୍ଞ ପ୍ରାଣକୃଷ୍ଣ ଓ ସରଳା ଦେବୀଙ୍କ ଜୟନ୍ତୀରେ । ସର୍ବୋପରି ମହାନ ତଥା ପବିତ୍ର ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ସଂପାଦକ ଭାବରେ ଉତ୍କଳ ସାହିତ୍ୟ କାନନର ମନସ୍ୱୀ ସାଧକ ମାନଙ୍କର ତୈଳଚିତ୍ର ଉନ୍ମୋଚନ କରାଇ ପ୍ରତିଭା ପୂଜାର ଯେଉଁ ଅଭିନବ ଉଦ୍ୟମ କରିଥିଲେ, ତାହା ତାଙ୍କର **କାଳସୀ** ଅବସ୍ଥାର ମଞ୍ଜୁଳ ଅଭିବ୍ୟକ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରତିଭାପୂଜା-ପରିଷଦ'ର କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶଂସନୀୟ ।

ଧର୍ମପ୍ରେମୀ ଓ ଧର୍ମପ୍ରାଣ ଭାବରେ 'ରାମକୃଷ୍ଣ ପ୍ରଚାର ପରିଷଦ' ଆନୁକୂଲ୍ୟରେ ରସରାଜ କବି ମୁରାରି ବାବୁଙ୍କର କାର୍ଯ୍ୟକ୍ରମ ଉଲ୍ଲେଖନୀୟ । ଉତ୍କଳୀୟ କଳାକୃତି ତଥା ଲୀଳା, ଗୀତିନାଟ୍ୟ, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ ସର୍ବଦା ଉଦ୍ୟମ ରତ ।

'ସ୍ୱାଗତିକା' ଅନୁଷ୍ଠାନ ବିଶିଷ୍ଟ ସମାଲୋଚକ, ସୁ-କବି, ଦକ୍ଷ ସାହିତ୍ୟ ସଙ୍ଗଠକ, ଜନପ୍ରିୟ କବି ମୁରାରି ମୋହନ ଜେନାଙ୍କର ଜୟନ୍ତୀ ପାଳନ ଓ ତାଙ୍କ ସଂପର୍କରେ 'ଅଭିନନ୍ଦନ ଗ୍ରନ୍ଥ' ଉନ୍ମୋଚନ ପାଇଁ ନିଷ୍ପତ୍ତି ନେଇ ଏକ ସୁନ୍ଦର କାର୍ଯ୍ୟ କରିଛନ୍ତି । ଏହାର କର୍ମକର୍ତ୍ତାଙ୍କୁ ମୁଁ ଧନ୍ୟବାଦ ଅର୍ପଣ କରୁଛି । ୫୭ତମ ଜୟନ୍ତୀ ଅବସରରେ ସୁ-ସମୀକ୍ଷକ, ଜନପ୍ରିୟ କବି ମୁରାରି ମୋହନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି । ତାଙ୍କ ଲେଖନୀରେ ଫୁଲ ଚନ୍ଦନ ପଡ଼ୁ ଏବଂ ସୁସ୍ଥ କର୍ମମୟ ଦୀର୍ଘାୟୁ ଜୀବନ ଲାଭ କରନ୍ତୁ । ଭଗବାନଙ୍କ ଠାରେ ଏହାହିଁ ମୋର ପ୍ରାର୍ଥନା ।

ସେକ୍ ମତଲୁବ ଅଲ୍ଲୀ

Digitized by srujanika@gmail.com

ଭୁବନେଶ୍ୱର
ତା ୭।୧୦।୧୯୮୮

ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ
ମନ୍ତ୍ରୀ
ରାଜସ୍ୱ, ଆଇନ ଓ ଅର୍ଥ, ଓଡ଼ିଶା

ବାର୍ତ୍ତା

ଓଡ଼ିଶାର ସୁ-ପ୍ରତିଷ୍ଠିତ କବି, ସାହିତ୍ୟିକ, ସମାଲୋଚକ ଶ୍ରୀ ମୁରାରି ମୋହନ ଜେନାଙ୍କର ୧୯୮୮ ଅକ୍ଟୋବର ୧୫ ତାରିଖ ଦିନ ୭୫ତମ ସ୍ୱ-ନକ୍ଷତ୍ର ଦିବସ ଉପଲକ୍ଷେ ତାଙ୍କ ସଂପର୍କରେ ଯେଉଁ 'ଅଭିନନ୍ଦନ ଗ୍ରନ୍ଥ' ପ୍ରକାଶ ପାଉଛି, ତାହା ଅତ୍ୟନ୍ତ ଶ୍ଳାଘ୍ୟ ଓ ସ୍ୱାଗତ ଯୋଗ୍ୟ। କବି ଶ୍ରୀ ଜେନା ତାଙ୍କ ଜୀବନକୁ ଯେପରି ଓଡ଼ିଆ ସାହିତ୍ୟର ସେବାରେ ନିୟୋଜିତ କରି ଜଣେ ସଫଳ ସ୍ରଷ୍ଟାର ସକଳ ସିଦ୍ଧି ହାସଲ କରିଛନ୍ତି—ଏହା ଆମ ଓଡ଼ିଆ ସାହିତ୍ୟ ପକ୍ଷରେ ଯେ ନିଶ୍ଚିତ ଭାବେ ଏକ ସ୍ମରଣୀୟ ଓ ଐତିହାସିକ ଘଟଣା, ତାହା ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରିବି ।

ଶ୍ରୀ ଜେନାଙ୍କ ଆଗାମୀ ଦିନର ସାହିତ୍ୟିକ ଜୀବନ-ଯାତ୍ରା ଆହୁରି ସୁସ୍ଥ ସୁନ୍ଦର, ସବୁଜ ହେଉ ଓ ତାଙ୍କ ଲେଖନୀ ଆମ ସାହିତ୍ୟକୁ ବହୁମୁଖୀ ଭାବରେ ଆହୁରି ପୁଷ୍ଟିଳ ଓ ସମୃଦ୍ଧ କରୁ, ଏହାହିଁ ତାଙ୍କର ଜନ୍ମ-ଜୟନ୍ତୀ ଅବସରରେ କାମନା କରୁଛି ।

ଯୁଗଳ କିଶୋର ପଟ୍ଟନାୟକ

Digitized by srujanika@gmail.com

ମୁରାରି ମୋ ପୁଅ ବସୁସର ଓ ମୋ ପୁଅ ଶିଶିରର ପାଠ-ପଢ଼ୁଆ ସାଥୀ । ମୁଁ ତାକୁ ସବୁବେଳେ ସେଇ ପୁଅର ସ୍ନେହ ଦେଇ ଆସିଛି । ଆଜ ତା'ର ୫୭ତମ ଜୟନ୍ତୀ ପାଳନରେ ମୋ ପ୍ରାଣ ଆନନ୍ଦରେ ନାଚ ଉଠୁଛି ।

ମୁରାରି ଏ ଯାବତ୍ ତା' ଲେଖା ବିଶେଷ କରି କବିତା/ ସମାଲୋଚନା କ୍ଷେତ୍ରରେ ଖୁବ୍ ନାମଜାଦା । ଆମ ସାହିତ୍ୟ କ୍ଷେତ୍ରରେ ତା' ଲେଖଣୀର ନିର୍ଭୀକତା ଓ ସ୍ପଷ୍ଟବାଦିତା ତଥା ଭିତରର ଜ୍ଞାନ ଗମ୍ଭୀରତା କେବଳ ମୋତେ କାହିଁକି, ଯେ କୌଣସି ବ୍ୟକ୍ତିଙ୍କୁ ନିଶ୍ଚିତ ଭାବେ ମୁଗ୍ଧ କରିବହିଁ କରିବ ।। ଓଡ଼ିଆ ସାହିତ୍ୟର ସେବା ଓ ସାଧନାରେ ମୁରାରି ଯେଉଁ ସିଦ୍ଧିର ଅଧିକାରୀ ହୋଇଛି, ତାହାହିଁ ଯୁଗ ଯୁଗ ଲାଗି ଓଡ଼ିଆ ସାହିତ୍ୟର ଉତ୍ତର ସାଧକମାନଙ୍କୁ ପଦେ ପଦେ ପ୍ରେରଣା ପ୍ରଦାନ କରିବ ।

ମୋର ମୁରାରିକୁ ତା'ର ଆଜି ସୁ ନକ୍ଷତ୍ର ତିଥିରେ ଆଶୀର୍ବାଦ ଏତିକି ଯେ, ତା'ର ଦେହ ଓ ମନ ଆଜଠାରୁ ବହୁ ବର୍ଷଯାଏ ସୁସ୍ଥ ଓ ସବୁଜ ରହୁ ଓ ସେ ତା' ଲେଖଣୀରେ ଓଡ଼ିଆ ସାହିତ୍ୟକୁ ଆହୁରି ଆହୁରି ଅଗ୍ରଗତି କରାଉ ।

ପଦ୍ମଭୂଷଣ ଡକ୍ଟର **କାଳିନ୍ଦୀ ଚରଣ ପାଣିଗ୍ରାହୀ**

ସ୍ୱପ୍ନପୁରୀ, ପିଠାପୁର

କଟକ-୯

୩୦ । ୯ । ୧୯୮୮

Digitized by srujanika@gmail.com

କବି ଶ୍ରୀ ମୁରାରି ମୋହନ ଜେନାଙ୍କର ୫୭ତମ ଜୟନ୍ତୀ ଉତ୍ସବ ଚଳିତ ଅକ୍ଟୋବର ୧୫ ତାରିଖ ଦିନ 'ସ୍ୱାଗତିକା' ଅନୁଷ୍ଠାନ ପକ୍ଷରୁ ପାଳିତ ହେଉଥିବାର ଜାଣି ଅତ୍ୟନ୍ତ ଖୁସି ହେଲି ।

କବି ଶ୍ରୀ ଜେନା ଜଣେ ନିଷ୍ଠାପର ଓ ଅନଳସ କବି ପ୍ରତିଭା । ସେ ଆଧୁନିକ ଓଡ଼ିଆ ସାହିତ୍ୟକୁ ତାଙ୍କର ବଳିଷ୍ଠ ଅବଦାନ କାବ୍ୟ/କବିତା ତଥା ସମାଲୋଚନା ମାଧ୍ୟମରେ ଦେଇଛନ୍ତି । ତାଙ୍କ କବିତା ଗୁଡ଼ିକ ସାଂପ୍ରତିକ ଅବକ୍ଷୟୀ/ଅପ-ସଂସ୍କୃତି ଏବଂ ସାହିତ୍ୟ କ୍ଷେତ୍ରରେ ଦେଖା ଦେଉଥିବା ନାନା-ପ୍ରକାର ଦୁର୍ନୀତି ତଥା ଭ୍ରଷ୍ଟାଚାରର ତୀବ୍ର ପ୍ରତିବାଦ କରିଥାଏ । ଏହି ଦୃଷ୍ଟିରୁ ତାଙ୍କୁ ଜଣେ ନିର୍ଭୀକ ଏବଂ ସଚେତନ କବି ହିସାବରେ ଅଭିନନ୍ଦନ ଜଣାଉଛି ।

ସେ ଅନେକ ସମୟରେ ସମାଜର ଦୁର୍ବଳ ଶ୍ରେଣୀ ସପକ୍ଷରେ ତାଙ୍କର ବଳିଷ୍ଠ ସ୍ୱର ଶୁଣାଇଥାନ୍ତି । ମୁରାରି ଜେନା ଜଣେ ସମାଲୋଚକ ଭାବେ ପ୍ରସିଦ୍ଧ । ମୋର ଆଶା ଓ ବିଶ୍ୱାସ ସେ ସତାବନ ତମ ବର୍ଷ ପରେ ମଧ୍ୟ, ତାଙ୍କର କାବ୍ୟିକ ତାରୁଣ୍ୟ ବଜାୟ ରଖିବେ ଓ ଓଡ଼ିଆ ସାହିତ୍ୟକୁ ଆହୁରି ଋଦ୍ଧିମନ୍ତ କରିଯିବେ ।

ଡକ୍ଟର ସଚ୍ଚିଦାନନ୍ଦ ରାଉତରାୟ
ମିଶନରୋଡ଼, କଟକ
୧୩ । ୧୦ । ୮୮

Digitized by srujanika@gmail.com

ହେ କବି ମୁରାରି, ତୁମକୁ କ'ଣ ବା ତୁମ ଜନ୍ମତିଥିରେ ଆଶୀର୍ବାଦ ଦେବି ? ଏତିକି କହିବାର କଥା ଯେ, ଦୁର୍ନୀତି ଯେପରି ସାହିତ୍ୟିକ କବିମାନଙ୍କୁ କାବୁ କରିବାକୁ ବସିଲାଣି, ତୁମେ ତୁମ କଲମ ମୁନକୁ ଜାବୁଡ଼ି ଧର, ଯେପରିକି କଲମ ମୁନଟି ନାନା ଅଭାବ, ଅନଟନ ମଧ୍ୟରେ କାହାରି ଅକ୍ତିଆରକୁ ଟାଣି ହୋଇନ ଯାଉ । ମୋର ବିଶ୍ୱାସ ଏ ସାହିତ୍ୟ ଦୁର୍ନୀତିକୁ ଦୂରକୁ ହଟାଇ ତୁମେ ଏକା ସବୁ ସାବାଡ଼ି କରିପାରିବ । ସେତିକି ହିଁ ମୋର ଓ ସର୍ବୋପରି ଭଗବାନଙ୍କ ଆଶୀର୍ବାଦ ।

ଶ୍ରୀ ଅଦ୍ୱୈତ ବଲ୍ଲଭ ରାୟ

ସାମ୍ପାଦକ ତଥା ପ୍ରତିଷ୍ଠାତା ରାଜ୍ୟ
ସ୍ୱାଧୀନତା ସଂଗ୍ରାମୀ ସୈନିକ ସଙ୍ଘ
ମାଣିକଘୋଷ ବଜାର, କଟକ
୮।୧୦।୮୮

Digitized by srujanika@gmail.com

ଶ୍ରୀ ମୁରଲି ମୋହନ ଜେନା କବି, ସାହିତ୍ୟିକ, ପ୍ରାବନ୍ଧିକ ଓ ସାହିତ୍ୟ ସଂଗଠକ ହିସାବରେ ସୁପ୍ରତିଷ୍ଠିତ ହୋଇ ସାରିଛନ୍ତି । ସେ ବହୁକାଳ ଧରି 'ଉତ୍କଳ ସାହିତ୍ୟ ସମାଜ'ର ସମ୍ପାଦକ ରହି ଏଠାର ଆଲୋଚନାର ଗତି ଓ ପ୍ରକୃତିକୁ ବହୁ ପରିମାଣରେ ବଦଳାଇ ଦେଇ ପାରିଛନ୍ତି । ତାଙ୍କ କବିତା ଏକ ପକ୍ଷରେ ବୁଦ୍ଧିଜୀବି ଲୋକଙ୍କ ପାଇଁ ଉଦ୍ଦିଷ୍ଟ ; ଅପର ପକ୍ଷରେ ସେ ସାଧାରଣ ଜନତାର ବୋଧଗମ୍ୟ ହେଲା ଭଳି କବିତା ଓ ଗୀତାଭିନୟ ରଚନା କରି 'ଗଣକବି' ହିସାବରେ ଖ୍ୟାତି ଅର୍ଜନ କରିଛନ୍ତି । ବୃତ୍ତିଗତ ଦୃଷ୍ଟିକୋଣରୁ ସେ ଜଣେ ସରକାରୀ କର୍ମଚାରୀ ଓ ଶ୍ରମ କଲ୍ୟାଣ କ୍ଷେତ୍ରରେ ନିୟୋଜିତ । ଏହା ତାଙ୍କୁ ଶ୍ରମାଭିମୁଖୀ ମଧ୍ୟ କରିଛି ଓ ଶ୍ରମିକମାନଙ୍କ ସମ୍ବନ୍ଧରେ ସେ ବହୁ ଉପାଦେୟ ପ୍ରବନ୍ଧ ରଚନା କରିଛନ୍ତି ।

'ପ୍ରତିଭା ପୂଜା ପରିଷଦ' ଆନୁକୂଲ୍ୟରେ ସେ ବହୁ ବିସ୍ମୃତ ପ୍ରତିଭାର ସ୍ମୃତିର ପୁନଃରୁଦ୍ଧାର କରିଛନ୍ତି, ଯେଉଁମାନଙ୍କ ପାଇଁ କୌଣସି ଅନୁଷ୍ଠାନ ବା ସମ୍ବାଦପତ୍ର କିଛି କରୁନାହିଁ । ସେମାନଙ୍କ ପାଇଁ ସ୍ମୃତିସଭା ଓ ଆଲୋଚନା ବୈଠକ କରାଇ ଶ୍ରୀ ଜେନା ଦେଶର ମହୋପକାର ସାଧନ କରୁଛନ୍ତି ।

ମୁରଲି ମୋହନ ମୋର ଜଣେ ଶ୍ରଦ୍ଧେୟ ଛାତ୍ର । କଲେଜ ଜୀବନରେ ମୁଁ ତାଙ୍କ ସାହିତ୍ୟ ପ୍ରତିଭା ଓ ସଂଗଠନ ଶକ୍ତି ସହିତ ସୁପରିଚିତ । ସେ ୫୬ ବର୍ଷ ଅତିକ୍ରମ କରି ସାରି ଏବେ ୫୭ରେ ପଦାର୍ପଣ କରିବେ ଓ ଆଉ କିଛିଦିନ ପରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିବେ । ତାଙ୍କ ଅବସର ତାଙ୍କ ପାଇଁ ଯେତିକି କାମ୍ୟ, ଓଡ଼ିଆ ସାହିତ୍ୟ ଓ ସଙ୍ଗଠନ କ୍ଷେତ୍ର ପ୍ରତି ସେତିକି ଆବଶ୍ୟକ । ସରକାରୀ ବନ୍ଧନରୁ ମୁକ୍ତ ହେବା ପରେ ସେ ସମଗ୍ର ରାଜ୍ୟରେ ନିଜ ପ୍ରତିଭାର ଆହୁରି ବିକାଶ କରି ପାରିବେ ।

ମୁଁ ତାଙ୍କର ଦୀର୍ଘ ଜୀବନ କାମନା କରୁଛି ।

ଡ଼କ୍ଟର **ଶ୍ରୀରାମଚନ୍ଦ୍ର ଦାଶ**
ସଭାପତି, ନୀଳଶୈଳ
୧୨ । ୧୦ । ୮୮

Digitized by srujanika@gmail.com

ସ୍ଥାପନର ଛପନକୁ ପଛେଇ ପକାଇ ମୁକୁର ଆଜି ସତାବନର ପ୍ରାଚୀ ତପନର ଅରୁଣିମାରେ ଅବଗାହନ କରୁଅଛି । ଏଇ ଦୀର୍ଘ ସମୟ ଧରି ସେ ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟାନୁଷ୍ଠାନ ମନ୍ଥନରେ ନିଜର ସମୟକୁ ଅତିବାହିତ କରି ଆସିଅଛି । ଉତ୍ଥାନ ପତନ, ଅଭାବ ଅନଟନ ମଧ୍ୟ ଦେଇ ସେ ସତତ ଧାବମାନ । ସେ ସର୍ବଦା ବାଧାବିଘ୍ନକୁ ପାଦରେ ଦଳନ କରି ସ୍ୱୀୟ କର୍ତ୍ତବ୍ୟ ପାଳନରେ ଆତ୍ମ ନିୟୋଜନ କରି ଆସିଅଛି । ଆଶ୍ରୟ ହୀନ ସାହିତ୍ୟିକ ମାନଙ୍କର ଶ୍ମଶାନ ଗମନ ବେଳେ, ସେ ତାଙ୍କର ଶବବାହୀ ଭାବେ ପ୍ରଥମ ଉଦ୍ୟୋଗୀ ପୁରୁଷ ରୂପେ ଦଣ୍ଡାୟମାନ । ଆଜି ଏ ଶୁଭଦିନରେ ଭଗବାନ କରୁଣାପ୍ଲୁତ ନୟନରେ ତାକୁ ସର୍ବଦା ବିଲୋକନ ତଥା କୃପା ବାରି ବର୍ଷଣ କରୁଥାଆନ୍ତୁ । ତାହାହିଁ ମୋର ଏକମାତ୍ର କାମନା ।

ଫତୁରାନନ୍ଦ

ପୀଠାପୁର, କଟକ-୯
୧୮ । ୯ । ୮୮

Digitized by srujanika@gmail.com

ଆନନ୍ଦର କଥା ଯେ, ଶ୍ରୀ ମୁରାରି ମୋହନ ଜେନା ଙ୍କର ୫୭ତମ ଜୟନ୍ତୀ ଅବସରରେ ଏକ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ ପାଉଛି । ମୁରାରି ବାବୁ ଆମ ଦେଶର ଜଣେ ପ୍ରତିଷ୍ଠିତ କବି ଓ ସାହିତ୍ୟିକ । ତାଙ୍କର ଅଦମ୍ୟ ଉଦ୍ୟମ ଯୋଗୁଁ ଓଡ଼ିଆ ସାହିତ୍ୟ ଭଣ୍ଡାର ସମୃଦ୍ଧ ହେଉଛି । ଏ ଭଳି ବ୍ୟକ୍ତିତ୍ୱ ଖୁବ୍ କମ୍ ଦେଖିବାକୁ ମିଳନ୍ତି । ତାଙ୍କର ବଳିଷ୍ଠ ଲେଖା ପାଠକଙ୍କ ମନରେ ଚିରଦିନ ପାଇଁ ଲୋଖି ହୋଇଯାଏ ; ଯେହେତୁ ସେ ଯୁଗୋପଯୋଗୀ ବାସ୍ତବ ଧର୍ମୀ ଲେଖା ଲେଖନ୍ତି । ଯାହା ଠିକ୍ ଭାବନ୍ତି, ତାହା ସେ ରୋକ୍‌ଠୋକ୍ ଭାବେ କହି ଦିଅନ୍ତି ଓ ଲେଖି ଦିଅନ୍ତି । ସାଂସାରିକ ଜଞ୍ଜାଳ ମଧ୍ୟରେ ରହି ସେ ସାହିତ୍ୟ କ୍ଷେତ୍ରରେ ଯେଉଁ ପରାକାଷ୍ଠା ଦେଖାଇ ପାରିଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସାର୍ହ । ମୁରାରିବାବୁଙ୍କ ଦୀର୍ଘ ଜୀବନ କାମନା କରିବା ସଙ୍ଗେ ସଙ୍ଗେ ତାଙ୍କ ଲେଖମାରେ ପୁଷ୍ଟି ବୃଦ୍ଧି ହେଉ, ଏହାହିଁ କାମନା କରୁଛି ।

ପ୍ରଫେସର ହରିହର ପଟ୍ଟନାୟକ
ଅବସରପ୍ରାପ୍ତ କୁଳପତି,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବଙ୍ଗାଳି ସାହି, କଟକ-୯

୨୦ । ୯ । ୮୮

Digitized by srujanika@gmail.com

ମୁରାରି ମୋହନଙ୍କୁ ତାଙ୍କର ବାପା ମା' ମୁରାରି ମୋହନ ନାମ ଯଥାର୍ଥରେ ଦେଇଛନ୍ତି । ସେ ବଡ଼ ରାମ ଓ କୃଷ୍ଣ ଭକ୍ତ । ରାମକୃଷ୍ଣ ପ୍ରଚାର ପରିଷଦ ଗଢ଼ି ସେ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ଓ ଲୀଳା ପୁରୁଷୋତ୍ତମ କୃଷ୍ଣଙ୍କ ବାର୍ତ୍ତା ଓଡ଼ିଶାରେ ପ୍ରଚାର କରୁଛନ୍ତି ।

ବହୁଦିନ ତଳେ ଶ୍ରୀ ଦୁର୍ଗାମାଧବ ମିଶ୍ର ମତେ ମୁରାରି ବାବୁଙ୍କୁ ଚିହ୍ନାଇ ଥିଲେ ଓ କହିଥିଲେ ଇଏ ହେଉଛନ୍ତି କବି ମୁରାରି ମୋହନ ଜେନା । ତା'ର ପରେ ପରେ ଯେତେ ସଭାସମିତି କବି ମୁରାରି ମୋହନ ଆୟୋଜନ କରିଛନ୍ତି, ମୁଁ ସବୁବେଳେ ନିମନ୍ତ୍ରଣ ପାଏ ଓ ମୁଁ ତାଙ୍କ ଦ୍ୱାରା ଆକର୍ଷିତ ହୋଇ ସେ ସଭାକୁ ଯାଇ ବହୁ ଜ୍ଞାନ ଓ ଆନନ୍ଦ ଲାଭ କରେ ।

ତାଙ୍କର ବହୁ କବିତା ପଢ଼ି, ସେ ଯେ ଜଣେ ଜଣାଶୁଣା କବି ତାହା ମଧ୍ୟ ଜାଣିଥିଲି । ତାଙ୍କ ସହିତ ମୋର ପରିଚୟ ହେବାର ପ୍ରାୟ କୋଡ଼ିଏ ବର୍ଷ ବିତିଗଲାଣି । ସେ ଯେ ବର୍ତ୍ତମାନ ୫୭ ବର୍ଷ ହୋଇ ଯାଉଛନ୍ତି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମାତ୍ର ତାଙ୍କର ଉତ୍ସାହ ଓ ସାହାସୀ ସ୍ୱର ଟିକିଏ ହେଲେ କମି ନାହିଁ ।

ଓଡ଼ିଶାର ସାଂସ୍କୃତିକ କେନ୍ଦ୍ର କଟକରେ ସଂସ୍କୃତିର ଦୀପ ଯେଉଁମାନେ ଜଳେଇ ରଖିଛନ୍ତି, ତହିଁରେ ମୁରାରିବାବୁ ଅଦ୍ୱିତୀୟ ବୋଲି ମୁଁ ଭାବେ ।

ଯଦି ସେ ଏହି କାମ କରୁନଥାନ୍ତେ, ସାଂସ୍କୃତିକ ଚିନ୍ତାଧାରାର ନଦୀ ଗୋଟିଏ ଗନ୍ଧିଆ ପୋଖରୀରେ ପରିଣତ ହୋଇଥାନ୍ତା । ଏଣୁ ତାଙ୍କର ୫୭ ତମ ଜୟନ୍ତୀ ଦିନରେ ମୁଁ ତାଙ୍କୁ ପୂର୍ଣ୍ଣପ୍ରାଣରେ ଅଭିନନ୍ଦନ ଜଣାଉଛି ଓ ତାଙ୍କର ଦୀର୍ଘ ଓ ସ୍ୱାସ୍ଥ୍ୟମୟ ଜୀବନ କାମନା କରୁଛି । ସେ ଓଡ଼ିଶା ସାଂସ୍କୃତିକ ଜୀବନରେ ବହୁ ଶକ୍ତି ବରାବର ଦେଉ-ଥାଆନ୍ତୁ; ଏଇ ପ୍ରାର୍ଥନା ମଧ୍ୟ ମୁଁ ଭଗବାନଙ୍କ ପାଖରେ କରୁଛି ।

ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ
ପୂର୍ବତନ ପୋଲିସ ମହା ନିର୍ଦ୍ଦେଶକ
ଓଡ଼ିଶା, କଟକ
୨୨।୪।୮୮

Digitized by srujanika@gmail.com

ମୋର ବାଲ୍ୟବନ୍ଧୁ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶ୍ରେଣୀ ସାଥୀ ମୁରାରି ଜେନା ଆଜି ଆମ ଦେଶରେ ଜଣେ ପ୍ରତିଷ୍ଠିତ କବି ଓ ସମାଲୋଚକ ଭାବେ ପରିଚିତ । ତାଙ୍କ ଭଳି ଜଣେ ନମ୍ର, ନିଷ୍କପଟ ଓ ସ୍ପଷ୍ଟବାଦୀ ବନ୍ଧୁଙ୍କର ଏ ଗୌରବରେ ମୁଁ ବିଶେଷ ଗର୍ବିତ ଓ ପ୍ରହର୍ଷିତ । ବାଲ୍ୟକାଳୁ ତାଙ୍କ ଠାରେ ସାହିତ୍ୟ ପାଇଁ, ଯେଉଁ ଗଭୀର ଆତ୍ମପ୍ରତ୍ୟୟ ଓ ମମତ୍ୱବୋଧ ପ୍ରକାଶ ପାଇଥିଲା, ତାହା ମୁଁ ମର୍ମେମର୍ମେ ଅନୁଭବ କରିଛି । ପରବର୍ତ୍ତୀ ପର୍ଯ୍ୟାୟରେ ମହାବିଦ୍ୟାଳୟ ସ୍ତରରେ ଆମ ସହିତ ଶ୍ରେଣୀ ସାଥୀ ଥିବା ସମୟରେ ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ଅଧ୍ୟାପକ-ମାନଙ୍କ ସହିତ ସେ ଯେଉଁ ସାହିତ୍ୟ ଆଳାପ ଆଲୋଚନା ଓ ଶ୍ରେଣୀ ଗୃହରେ ତଥା ମହାବିଦ୍ୟାଳର ପାଠଚକ୍ରମାନଙ୍କରେ ଭାଷଣ ଦେଉଥିଲେ, ତାହା ତାଙ୍କ ଗଭୀର ସାହିତ୍ୟ ଜ୍ଞାନର ପରିଚୟ ପ୍ରଦାନ କରିଥାଏ । ସେଥିପାଇଁ ଆମର ତତ୍‌କାଳୀନ ଅଧ୍ୟାପକମାନେ ଆମକୁ ବାରମ୍ବାର କହୁଥିଲେ—'ଯଦି ସାହିତ୍ୟ ବିଷୟରେ କିଛି ନୂଆ କଥା ଶିଖିବାକୁ ଚାହଁ, ତେବେ ମୁରାରି ସହିତ ଆଲୋଚନା କର ଓ ଶିଖ ।'

ମୁରାରି ଲେଖାର ମୌଳିକତା ପଦେ ପଦେ ପରିସ୍ଫୁଟ ଓ ଏହାହିଁ ତାଙ୍କ କବି ଓ ସାହିତ୍ୟିକ ଜୀବନରେ ବୈଶିଷ୍ଟ୍ୟ । ମୁଁ ଜାଣେ ସାହିତ୍ୟ ସୃଷ୍ଟି ଯୋଗୁଁ, ସେ ଜୀବନର ସମସ୍ତ ଦୁଃଖ ଦୈନ୍ୟ ଓ ବାଧାବିଘ୍ନକୁ ହସି ହସି ଉଡ଼ାଇ ଦେଇଛନ୍ତି । ଏହା ହିଁ ତାଙ୍କ ଜୀବନର ଅନ୍ୟ ଏକ ଉଲ୍ଲେଖମୟ ଘଟଣା ।

ଯୁଗେ ଯୁଗେ ପ୍ରତିଭାଧରମାନେ ଜନ୍ମ ନିଅନ୍ତି—କିନ୍ତୁ ଚିହ୍ନା ହୁଅନ୍ତି ନାହିଁ କିନ୍ତୁ ଶ୍ରୀ ଜେନା ଏଇ ଭଳି ଏକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ।

ତାଙ୍କ ସାହିତ୍ୟ ସୃଷ୍ଟିର ଉତ୍ତରୋତ୍ତର ଉନ୍ନତି ଓ ତାଙ୍କର ଆଗାମୀ ସୁସ୍ଥ ଓ ସୁଖମୟ ଜୀବନ ପାଇଁ, ମୁଁ ତାଙ୍କର ଏଇ ଜୟନ୍ତୀ ଅବସରରେ ଭଗବାନଙ୍କ ନିକଟରେ ଗୁହାରି କରୁଛି ।

ଡକ୍ଟର ଘନଶ୍ୟାମ ଦାସ
ଡି.ପି.ଆଇ (ଉଚ୍ଚଶିକ୍ଷା)
ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ଶ୍ରୀ ମୁରାରି ମୋହନ ଜେନା ମୋର ବାନ୍ଧବ । ତାଙ୍କର ୫୭ତମ ଜନ୍ମ-ଦିବସ ଅବକାଶରେ 'ଅଭିନନ୍ଦନ ଗ୍ରନ୍ଥ' ପ୍ରକାଶ ପାଇବା ଅତି ଆନନ୍ଦର କଥା । ମୁରାରିବାବୁ ବହୁ ମଞ୍ଚରେ ମୋ ସପକ୍ଷରେ ଓ ସ୍ୱପକ୍ଷରେ କହିଛନ୍ତି । ଉଭୟ ମତେ ଆନ୍ତରିକତାର ସ୍ପର୍ଶ ଦେଇଛି । ସ୍ୱଚ୍ଛନ୍ଦ ବାବୁଙ୍କର ଅନୁଗାମୀ ଭାବେ ବହୁ ବର୍ଷ ହେଲା ସେ ମୋର ଅଧିକ ନିକଟକୁ ଆସିଛନ୍ତି ଓ ବହୁ ସମୟରେ ସୌଭାଗ୍ୟ ଓ ସଙ୍କଟର ସାଥୀ ହୋଇଛନ୍ତି । ଛନ୍ଦରେ କବିତା ଲେଖି ସେ ମୋତେ ଖୁସି କରିଛନ୍ତି ଓ ଛନ୍ଦହୀନ କବିତା ଲେଖି ଅନ୍ୟମାନଙ୍କୁ ଆନନ୍ଦ ଦେଇଛନ୍ତି । ଦୁଇ କୂଳରେ ହିତ ସାଧନ କରିବା ତାଙ୍କର ଏକ ବୈଶିଷ୍ଟ୍ୟ । ସେ ପ୍ରାଚୀନର ପୂଜାରୀ ଓ ନବୀନର ଆବାହକ ।

ମୋର ଗୁରୁ ଠାକୁର ଅନୁକୂଳଚନ୍ଦ୍ରଙ୍କର ସେ ଶିଷ୍ୟ । ଠାକୁରଙ୍କର ଲକ୍ଷ୍ୟ ଥିଲା—"ମଣିଷ ଭଲ ଭାବରେ ବଞ୍ଚୁ ଓ ବଢୁ । ବଞ୍ଚିବା ବଢ଼ିବା ତା'ର ସହଜ ହେଉ ।" ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ ମୁଁ କହିବି—

'ଜୀବନ ଥିଲେ ହୁଏ ସବୁ ପ୍ରାପତ,
ହୁଅଇ ସମ୍ଭାବିତ ଅସମ୍ଭାବିତ ।'

ମୁରାରିବାବୁଙ୍କ ସଫଳ ଓ ଦୀର୍ଘ ଜୀବନ ପ୍ରାପ୍ତି ହେଉ ଓ ତାଙ୍କ ବଳିଷ୍ଠ ଲେଖମାରେ ଓଡ଼ିଆ ସାହିତ୍ୟ ଆହୁରି ସମୃଦ୍ଧ ହେଉ । ଏଇ କାମନା କରି ରହୁଛି ।

ଶ୍ରୀ ରଜତ କୁମାର କର
ନିର୍ଦ୍ଦେଶକ (ଜନଶିକ୍ଷା) ଓ ରାଜ୍ୟ ଶିକ୍ଷା
ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଓଡ଼ିଶା
ଭୁବନେଶ୍ୱର
୧୩ । ୧୦ । ୮୮

Digitized by srujanika@gmail.com

ଜେନା କବି ମୁରଲି ମୋହନ

● ଡକ୍ଟର ବିନୋଦ ଚନ୍ଦ୍ର ନାୟକ

ସେ ଦିନ ଶାରଦ ସ୍ୱଚ୍ଛ ବିଳମ୍ବିତ ଏକ ସାୟାହ୍ନରେ,
ତୁମ ସାଥେ ଦେଖା ହେଲା ପଥପ୍ରାନ୍ତେ କଟକ ସହରରେ !

ସୌମ୍ୟ ଦରଶନ ମୁଖ ପ୍ରଶାନ୍ତ ଅନ୍ତତ ଅଦ୍ଭୁତ,
କଳ୍ପନା ଓ ସ୍ୱପ୍ନ ସ୍ନିଗ୍ଧ ଆଗାମୀର ନବୀନ ଉଦ୍ଭୂତ ।

ପରଥମ ପରିଚୟ କବିତାର ମୃଦୁ ଗୁଞ୍ଜରଣେ,
ଆଙ୍କି ଦେଲ ଛନ୍ଦେ ଛନ୍ଦେ ଆଲିମ୍ପନ ଜ୍ୟୋତ୍ସ୍ନାର ଚନ୍ଦନେ ।

ବିସ୍ମୟେ ଆବିଷ୍କାରିଲି ସହସା ମୁଁ ଏକ ଉଦୟନ,
ତନ୍ମୟ କବିର ନାମ ଜେନା କବି ମୁରଲି ମୋହନ ।

ଜାଣେ ବନ୍ଧୁ ସେଇ ଦିନୁ ବାରବାର ଦୁର୍ଜିତା ଧାରରେ,
ସଜାଇଛ ବାରବାର ଚକ୍ରାମିତ କବିତାର ହାରେ ।

ଅନ୍ୟାୟ ଅସତ୍ୟ ଯେତେ ଯେତେ କିଛି ଅତ୍ୟାଚାରର ପାପ,
କୁତ୍ସିତ କୁଟିଳ କ୍ରୂର ତାର ପରେ ତୁମ ଅଭିଶାପ ।

ବର୍ଷିଅଛ କ୍ଷିପ୍ର ବେଗେ ଅର୍ଜୁନର ଅଗ୍ନିବାଣ ସମ,
ତୁମେ ସତ୍ୟ ବୀର, ତୁମେ ସୁ-କଠୋର ନିର୍ମଳ ନିର୍ମମ ।

ସୌଖୀନ ବିପ୍ଳବ ବାଣୀ ପାଇଁ ବନ୍ଧୁ ନୁହେଁ ତୁମେ କବି,
ତୁମର କଣ୍ଠରେ ବାଜେ ଦୀପାନ୍ୱିତ ଦୀପକ ପୂରବୀ ।

ଯେ କବି ଲାଞ୍ଛିତ ସିଏ କଳାକାର ପିଇ କାଳକୂଟ,
ଯା' ଲାଗି ଏ ଚକ୍ରବ୍ୟୂହ ଶିରେ ବୋହେ କଣ୍ଟକ ମୁକୁଟ ।

ତା'ର ପୂଜା ପାଇଁ କଲ ନିତ୍ୟ ନବ ନବ ଆୟୋଜନ,
ତା'ର ପାଇଁ କଣ୍ଠେ ତବ ବନ୍ଦନାର କାକଳି ଗୁଞ୍ଜନ ।

ଯେ ତରୁଣ ଯାତ୍ରୀଦଳ ସାଥେ ତବ ଯାତ୍ରା କଲେ ସୁରୁ,
ଶୌର୍ଯ୍ୟର ତୋରଣ ତଳେ ଅଭ୍ୟର୍ଥନା କଲ ତାଙ୍କୁ ଦୂରୁ ।

Digitized by srujanika@gmail.com

ବହ୍ନିର ଆବେଗେ ରଚି ତାଙ୍କ ପାଇଁ ବନ୍ଦନାର ଗାନ,
ନବ ଜୀବନ ସନ୍ଧାନ ପାଇଁ ଦେଲ ନିଶଙ୍କ ଆହ୍ୱାନ ।

ନାନା ଉତ୍ସବରେ ପାତ୍ର ପୂର୍ଣ୍ଣ କର ଶ୍ରଦ୍ଧା ସୌଜନ୍ୟର,
ପ୍ରାଣ ତବ ଗାନ ତବ ପ୍ରେମ ତବ ଆନନ୍ଦ ଭାସ୍ୱର ।

ପଶ୍ଚିମ ପ୍ରାନ୍ତୀୟ ଏଇ କବି ପାଇଁ କାଶ ଶୁଭ୍ର ହାସ,
ଯେସନ ଭାଦ୍ରର ଏକ ପରିଚ୍ଛନ୍ନ ପବିତ୍ର ଆକାଶ ।

ସଂସାରର ବିଷମୟ ବିଷୟରେ ରଖି ପୃଷ୍ଠଭାଗେ,
ଦୁଇ ବାହୁ ମେଲି ବ୍ୟଗ୍ର ଆଲିଙ୍ଗନେ ଗାଢ଼ ଅନୁରାଗେ ।

ଚିରନ୍ତନ ହେଉ ତୁମ ଜୀବନର ପ୍ରଗାଢ଼ ସଙ୍ଗୀତ,
ଆନନ୍ଦର ପ୍ଲାବନରେ ବନ୍ୟା ବାହି ଚିର ମୁଖରିତ ।

ସହଜ ସତ୍ୟର ପ୍ରଭା ସତେଜ ଓ ସ୍ୱଚ୍ଛ ସରଳତା,
ନବତନ ଆରମ୍ଭର ନବ ଛନ୍ଦେ ଆନନ୍ଦ ବାରତା ।

ଉପ-ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

Digitized by srujanika@gmail.com

ସାନ ଭାଇ ମୁରାରି

● ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

୧୯୪୨ରେ ଜେଲରେ ଥିବା ସମୟରେ ମୋ' ଠାରୁ ଅଳ୍ପ ବୟସର ପିଲାମାନେ ଜେଲ ଭିତରେ ମୋତେ 'ନିତୁ ଭାଇ' ବୋଲି ଡାକୁଥିଲେ । ଜେଲରୁ ଫେରି ଆସିଲା ପରେ ସେ ଡାକରେ ମୋତେ ଯେ କେହି ସମ୍ବୋଧନ କରିବ, ଏ କଥା ମୁଁ କେବେହେଁ ଭାବି ନ ଥିଲି ।

କେତେକ କାରଣରୁ 'ଡଗର'କୁ ମୁଁ କଟକ ନେଇ ଆସିବା ପରେ, ଯେଉଁ ବିପର୍ଯ୍ୟୟ ଭିତର ଦେଇ 'ଡଗର'ର ପ୍ରତିଷ୍ଠା ସମ୍ଭବ ହୋଇଥିଲା, ସେଥିପାଇଁ ମୁଖ୍ୟତଃ ଫତୁରାନନ୍ଦଙ୍କୁ ହିଁ ଶ୍ରେଷ୍ଠ ସ୍ଥାନ ଦିଏ । ତାଙ୍କ ଛଡ଼ା ଆଉ କେତେକ ଅଳ୍ପ ବୟସର ଯୁବକମାନେ କାହିଁକି କେଜାଣି ମୋ ପ୍ରତି ଆକୃଷ୍ଟ ହୋଇ ମୋ ସଂପର୍କରେ ଆସିବାକୁ ପ୍ରେରଣା ପାଇଲେ, ତାହା ଠିକ୍ କହି ପାରିବି ନାହିଁ । ଯାହାହେଉ, ସେଇ ଯୁବକମାନଙ୍କ ମଧ୍ୟରୁ ଶ୍ରୀମାନ ମୁରାରି ମୋହନ ଜେନା ଜଣେ ।

ଦିନେ ଦୁଇଟି କଲେଜ ପଢ଼ା ଯୁବକ ପିଠାପୁରର ରାସ୍ତାକଡ଼ରେ ଥିବା 'ଡଗର' ଅଫିସକୁ ଆସିଲେ । ତାଙ୍କ ଭିତରୁ ଜଣେ ଏଇ ମୁରାରି ମୋହନ ଜେନା । ସେଇଦିନ ପାଖରୁ ଏ ଭଳି ଆତ୍ମୀୟତା ଜାତ ହେଲା ଯେ, ଆମେ ସମସ୍ତେ ଏକାଠି ବସି ସାହିତ୍ୟ, ଆଲୋଚନା କେବଳ ନୁହେଁ, ପାଖରେ ଥିବା ବରା ଗୁଲ୍‌ଗୁଲା ଦୋକାନରୁ ଗୃହ୍ ଆଣି ପରିବେଷଣ କରିବାର ସୌଭାଗ୍ୟ ମଧ୍ୟ ପ୍ରାୟ ପ୍ରତିଦିନ ହୋଇଥାଏ ।

କ୍ରମେ କ୍ରମେ ଯୁବକ ଗୁଡ଼ିକ କି ପ୍ରେରଣା ପାଇଲେ ମୋତେ ଜଣା ନାହିଁ । 'ଡ଼ଗର'ର କଳେବର ମଣ୍ଡନ କରିବାକୁ ଲାଗିଲେ । ସେମାନଙ୍କ ମଧ୍ୟରୁ ମୁରାରି ସହିତ ମୋର ଏକାନ୍ତ ଆତ୍ମୀୟତା ହୋଇଗଲା ।

ସେ ବର୍ଷ ବାପା (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର) ଆସିଥାଆନ୍ତି କଟକକୁ । ତାଙ୍କର ରହଣୀ ଜମିଥାଏ 'ଡଗର' ପ୍ରେସରେ । ମୋର ସୌଭାଗ୍ୟ କ୍ରମେ ବାପା ବୋଉ ଉଭୟଙ୍କର ସେବା କରିବାର ସୁଯୋଗ ମିଳିଥିଲା ମୋତେ ସେତେବେଳେ । ମୁଁ ମୁରାରିର ଲେଖା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଉ-ନାହିଁ । ତା'ର ବହୁ ଲେଖା 'ଡଗର'ରେ ପ୍ରକାଶିତ ହୋଇଛି । ସେ ସବୁ ସଂଗ୍ରହ କରି ଏବେ ପୁସ୍ତକ ଛପିଛି କି ନାହିଁ, ମୁ ଜାଣେ ନାହିଁ । କିନ୍ତୁ ତା' ଲେଖା ଭିତରେ

Digitized by srujanika@gmail.com

ମର୍ମର ଯେଉଁ ବାଣୀ ପ୍ରତିଫଳିତ ହୋଇଥାଏ, ତାହା ଅତି ସାଧାରଣ ସ୍ତରରୁ ଏପରି ଗଭୀର ରହସ୍ୟାତ୍ମକ ଠାଣି ଆହରଣ କରି ନେଇଥାଏ ଯେ, ତାହା ମୋତେ ବି ମୁଗ୍ଧ କରି ଦିଏ ।

ସେ ସବୁର ଆଲୋଚନା ବ୍ୟାଖ୍ୟାନ କରିବା ଠାରୁ, ତା'ର ବ୍ୟକ୍ତିଗତ ସଂପର୍କରେ ମୁଁ ଯେପରି ଆସିଛି, ସେ କଥା ମୁଁ ଜାଣିଥିବା ଯାଏ ଭୁଲି ପାରିବି ନାହିଁ ।

ବାପା, ପ୍ରାୟ ବିଛଣାରେ ଶୋଇଥାଆନ୍ତି କି ବସି ଥାଆନ୍ତି । ଲେଖିଲା-ବେଳେ ହାମୁଡ଼େଇ କରି ଲେଖନ୍ତି । କେହି ଜଣେ ଆସିଲେ, ତାଙ୍କ ଲେଖା ବନ୍ଦ ହୋଇଯାଏ । ସେଇ ବନ୍ଦ କଥା ମୋର ମନେ ପଡୁଛି । ମୁରାରି ଯେତେବେଳେ ଆସି ପହଞ୍ଚେ ବାପାଙ୍କ ନିକଟରେ, ସେତେବେଳେ ସ୍ୱଭାବଗତ ଭାବରେ ତାଙ୍କ ଲେଖା ବନ୍ଦ ହୋଇଯାଏ । ତା'ପରେ ଚାଲେ ମୁରାରି ସହିତ ସାହିତ୍ୟ ସଂପର୍କରେ ଆଲୋଚନା । ସେ ମୁରାରିକୁ ଉପଦେଶ ଦିଅନ୍ତି ଅନେକ । ତାଙ୍କର ରୋଗ ପ୍ରତି ଘୃଣା ନ କରି, ମୁରାରି ଯେପରି ଭାବରେ ତାଙ୍କର ସେବା କରେ, ସେ କଥା ଦେଖି ମୋତେ ଅଦ୍ଭୁତ ଲାଗେ । ସେ ତାଙ୍କର ଗୋଡ଼ ଘଷି ଦେଇଛି, ମୁଣ୍ଡ ପିଠି ଆଉଁସି ଦେଇଛି, ବିଡ଼ି ସିଗାରେଟ ଲଗେଇ ଦେଇଛି । ଏକଥା ମନେ ପଡିଲେ, ମୁରାରିକୁ ମୋ ସାନଭାଇ ଛଡା ଆଉ କିଛି କହିପାରିବି ନାହିଁ । ମୁଁ ତା'ର ବଡ଼ଭାଇ ଛଡ଼ା ଆଉ ବା କଅଣ ହୋଇ ପାରିବି ? 'ଡଗର' ସହିତ ତା'ର ଯେଉଁ ସଂପର୍କ, ସେ ସଂପର୍କରେ ଫତୁରାନନ୍ଦ ଯେପରି କହି ପାରିବେ, ମୁଁ ବୋଧହୁଏ କହି ପାରିବି ନାହିଁ ।

ଜଣେ ସାହିତ୍ୟିକ ଭାବରେ/ସାହିତ୍ୟ ସ୍ରଷ୍ଟା ଭାବରେ ମୁରାରି ସାହିତ୍ୟିକ-ମାନଙ୍କ ଜୀବନ୍ତାବରେ ଓ ଦେହତ୍ୟାଗ କଲା ପରେ ତାଙ୍କ ସଂପର୍କରେ ଯେଉଁ ସମ୍ମାନାସ୍ପଦ ଆଲୋଚନା ଚଳମାନ ନିସ୍ୱାର୍ଥପର ଭାବରେ ଆଲୋଚିତ କରାଇ ଥାଏ, ତାହା ଆମ ସାହିତ୍ୟର ପାଣି-ପାଗରେ ଏକ ଐତିହାସିକ ଘଟଣା ।

ମୁରାରିର ଏ ଜୟନ୍ତୀ ଉତ୍ସବ ମଧ୍ୟ ତା' ସାହିତ୍ୟିକ ଜୀବନର ଏକ ସ୍ମରଣୀୟ ଘଟଣା । ବଡ଼ଭାଇ ହିସାବରେ ତା'ର ସାହିତ୍ୟିକ ଜୀବନର ଅଭିବୃଦ୍ଧି କାମନା କରିବା ସଙ୍ଗେ ସଙ୍ଗେ ମୋର ଅଶେଷ ଆଶୀର୍ବାଦ ପ୍ରଦାନ କରୁଛି ।

●

ଡି/୪ ଲେବର କଲୋନି
ୟୁନିଟ୍ ତିନି/ଖାରବେଳ ନଗର
ଭୁବନେଶ୍ୱର

Digitized by srujanika@gmail.com

ମୋ ଦୃଷ୍ଟିରେ କବି ମୁରାରି ମୋହନ

● ମହାପାତ୍ର ନୀଳମଣି ସାହୁ

କବି ମୁରାରି ମୋହନଙ୍କ ସହିତ ମୋର ପରିଚୟ, ମୋ ରେଭେନ୍ସା କଲେଜରେ ପଢିବା ଦିନ ଠାରୁ। ଆଜକୁ ୪୦ ବର୍ଷରୁ ଅଧିକା ହୋଇଗଲା। ସେତେବେଳେ ଯୁବଲେଖକମାନଙ୍କ ଭିତରେ ମୋର କିଛି ଖ୍ୟାତି ମଧ୍ୟ ହୋଇଥାଏ। ସେତେବେଳେ ମୁରାରିଙ୍କର ସାହିତ୍ୟିକ ଜୀବନର ଊଷା କାଳ। କିନ୍ତୁ ସେଇ ଊଷା କାଳକୁ ସେ ନାନାବିଧ କଳି-କାକଳିରେ ମୁଖରିତ କରି ଆସୁଥିଲେ। କୌଣସି ସାହିତ୍ୟ ଆଲୋଚନାରେ, କବିତା ପାଠୋତ୍ସବରେ, ସଭା-ସମିତିରେ, ସାହିତ୍ୟିକ ବୈଠକ ବା ମଜଲିସ୍‌ରେ ମୁରାରିଙ୍କୁ କେହି ବାଦ ଦେଇ ପାରୁ ନ ଥିଲେ। ତାଙ୍କର ହୃଦୟ ଥିଲା ତରୁଣ କବିର ହୃଦୟ ଭଳି ସ୍ନିଗ୍ଧ ଅଥଚ ବିପ୍ଳବୀ କବିର ହୃଦୟ ଭଳି ଉଚ୍ଚକିତ, ଅହ୍ୱାନକାଙ୍କ୍ଷୀ।

ଯେତେବେଳେ ଭାରତବର୍ଷ ନୂଆ କରି ସ୍ୱାଧୀନତା ପାଇଥାଏ ଏବଂ ଭାରତର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ଆଧ୍ୟାତ୍ମିକ ଜୀବନଧାରା, ସତକୁ ସତ କେଉଁ ଆଡ଼କୁ ଗତି କରିବ; ତାହା ଆମକୁ ସ୍ପଷ୍ଟ ଦିଶି ନଥାଏ। ଆମ୍ଭମାନଙ୍କ ଭିତରୁ ଅନେକ ଥିଲେ ବାମପନ୍ଥୀ, ଆଉ କେତେକ ଥିଲେ ଦକ୍ଷିଣପନ୍ଥୀ ଓ ମୋ ଭଳି କେତେକ ଥିଲେ ମଧ୍ୟମ ପନ୍ଥୀ। ମୁଁ ଭାବୁଥିଲି ମୁରାରି ମୋର ପନ୍ଥାର କବି। ସତକୁ ସତ ବି ମୁରାରିଙ୍କର କବି ହୃଦୟ ମୁଁ ଯାହା ଜାଣେ, ଭାରତୀୟ ପରଂପରାରୁ ଭାବ ଓ ରସ ଶୋଷଣ କରୁଥିଲା କିନ୍ତୁ ତାଙ୍କ ଭିତରେ ଥିଲା ଏକ ପ୍ରଚଣ୍ଡ ବିପ୍ଳବୀର ବ୍ୟକ୍ତିତ୍ୱ; ଯେକି କୌଣସି ବାଧା-ବାଡ଼କୁ ମାନୁ ନଥିଲା। ଯେ କୌଣସି କୁ-ସଂସ୍କାର, ଅନ୍ଧ ବିଶ୍ୱାସ, ଅତ୍ୟାଚାର, ଶୋଷଣ, ଲୁଣ୍ଠନ, ଧପ୍ପାବାଜି ବିରୁଦ୍ଧରେ ସେ ସ୍ୱର ଓ ଲେଖନୀ ଉଭୟ ଉତ୍ତୋଳନ କରୁଥିଲେ। ତାଙ୍କ କବିତାର ସ୍ୱର ଥିଲା ଅଗ୍ନିବର୍ଷୀ, ଘୋର-ଦର୍ଷଣ ମୁଖର ଓ ଶାଣିତ ବିଦ୍ରୂପରେ ଝଲମଲ ଏବଂ ଆଜି ପର୍ଯ୍ୟନ୍ତ ବି ସେ ସ୍ୱରରୁ ସେ ଶକ୍ତି କମି ନାହିଁ। ତେଜ କମି ନାହିଁ।

ମୁରାରିଙ୍କ ସମ୍ବନ୍ଧରେ ସବୁଠାରୁ ବଡ଼ କଥା ହେଲା—ସେ ଅସ୍ୱୀକାରର ଭାବ ଦେଖାଇ, ସ୍ୱୀକୃତିର ଗଭୀରତା ଭିତରେ ନିଜକୁ ଲୁଚେଇ ରଖନ୍ତି। 'ଭଗବାନ

Digitized by srujanika@gmail.com

ମୁଁ ତୁମକୁ ଠିଆ ଫାଡ଼ି ଦେବି' ବୋଲି କ୍ରୋଧ ଜର୍ଜରିତ କଣ୍ଠରେ କହୁଥିବା ଲୋକଟି ସତକୁ ସତ ତା'ର ଅନ୍ତରର କୌଣସି ଏକ ନିଭୃତ କଣରେ ସେଇ ଭଗବାନଙ୍କ ପାଇଁ ଗୋପନରେ ବତି ଜାଳୁଥାଏ ବୋଲି କିଏ ସହଜରେ ବିଶ୍ୱାସ କରି ପାରିବ ?

ମୁରାରିଙ୍କ ସବୁ କବିତାର ବାହ୍ୟସ୍ୱର ଓ ଅନ୍ତଃସ୍ୱର ଏକ ନୁହେଁ ବରଂ ବିପରୀତ ।

ପ୍ରେମରେ କ୍ରୋଧ ଥାଇପାରେ କିନ୍ତୁ କ୍ରୋଧ ଭିତରେ ଯେ ପ୍ରେମ ରଖି ପାରେ, ସେ କବି ମୁରାରି ଜେନା ଛଡ଼ା ଆଉ କେହି ହୋଇ ପାରିବେ ନାହିଁ । ମୁରାରିଙ୍କର କବିତା ସରଳ, ତରଳ, ପ୍ରବହମାନ, ସ୍ପନ୍ଦନଶୀଳ ଓ ଏହା ପାଠକର ଅନ୍ତରକୁ କେବଳ ସ୍ପର୍ଶ କରେ ନାହିଁ, ବେଳେ ବେଳେ ବିଦୀର୍ଣ୍ଣ କରେ । ପାଠକକୁ ସ୍ଥିର କରି ବସାଇ ଦିଏ ନାହିଁ, ଉତ୍କ୍ଷିପ୍ତ କରେ କିନ୍ତୁ ମୁରାରିଙ୍କ ଭିତରର କାବ୍ୟ-ପୁରୁଷ ଅଲଗା । ସ୍ନେହ, ଭକ୍ତି, ଉଦାରତା, ସହିଷ୍ଣୁଶୀଳତା ଓ ଅନ୍ୟର ଦୁଃଖରେ ଅନୁକଂପାଶୀଳତା ମୁରାରିଙ୍କ କାବ୍ୟ ପୁରୁଷର ଅନ୍ୟତମ ବଳିଷ୍ଠ ବିଭବ ।

ଅସଂଖ୍ୟ କବିତା ସେ ଲେଖିଛନ୍ତି । ଅନ୍ୟମାନେ ଆପଣାର କବିତାକୁ ଯେପରି ମୂଲ୍ୟ ଦେଇ ସଂପାଦନ୍ତି, ମୁରାରି ସେପରି କରନ୍ତି ନାହିଁ । ଲିଆ କଉଡ଼ି ଭଳି ସେ କବିତାକୁ ବଜାରାଣ୍ଡରେ ବିଛାଡ଼ି ଦିଅନ୍ତି । ତା' ଉପରେ କିଏ ମାଡ଼ି ଯାଉ ବା ଯାହାର ଦରକାର ସେ ଗୋଟେଇ ନେଉ । ମୁରାରିଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ମଣିଷ ପାଇଁ, ତାର ସମାଜ ପାଇଁ, ସଂସ୍କୃତି ପାଇଁ, ତା'ର ଭଗବାନଙ୍କ ପାଇଁ ଓ ତା' ପ୍ରକୃତି ପାଇଁ ମୁରାରିର କବି ହୃଦୟ ସବୁବେଳେ ଆଉଟୁ ପାଉଟୁ— ତା'ର କବି ତୁଣ୍ଡ, ସବୁବେଳେ ବାଜୁରି, ମାଜୁରି । ଛଳନାରେ ତାକୁ ସଜେଇ କରି କଥା କହି ଆସେନି କି ବାଗେଇ କରି ବକ୍ତବ୍ୟ ଦେଇ ଆସେନି । ସ୍ୱାଭାବିକ ପ୍ରତିକ୍ରିୟାରୁ ହିଁ ସେ ତେଜି ଉଠେ, ଜଳି ଉଠେ, ଜାଳି ଦିଏ । ବେଳେ-ବେଳେ ନିଜ ଶରୀର ଯାକ, ସେଇ ଜ୍ୱଳନରେ ଫୋଟକା ହେଲେ ବି ତାର ଖାତିର ନଥାଏ ।

ମୁରାରିଙ୍କ କବିତାର ପାଠକ-ପାଠିକା ଅଗଣିତ । ଶିଶୁ ବାଳିକାଠାରୁ ଅଧ୍ୟାପକ ଯାଏ ସମସ୍ତଙ୍କ ହାତରେ ହ୍ୟାଣ୍ଡବିଲ୍ ଭଳି ମୁରାରି ତାଙ୍କର କବିତା ଗୁଞ୍ଜି ଦେଇଯାଆନ୍ତି ଏବଂ ଆଶ୍ଚର୍ଯ୍ୟ କଥା ଶିଶୁବାଳିକାଠାରୁ ଅଧ୍ୟାପକ ଯାଏ କେହି ତାଙ୍କର କବିତାକୁ ନ ପଢ଼ି ଫୋପାଡ଼ି ଦେଇ ପାରନ୍ତି ନାହିଁ ।

ମୁରାରି ମୋର ସାନ ଭାଇ । କିନ୍ତୁ ଏକାଠି ଆମେ ଏଇ ଓଡ଼ିଶା ମାଟିରେ କବିତାର ଚାଷ କରି ଆସିଛୁ । ଓଡ଼ିଶାକୁ ଆମେ ଭଲ ପାଉ । ଭଲ ପାଉ ତା'ର

Digitized by srujanika@gmail.com

ମଣିଷକୁ—ତା'ର ପ୍ରକୃତିକୁ । ତା'ର ସଂସ୍କୃତିକୁ, ତା'ର ଜଗନ୍ନାଥକୁ । ଓଡ଼ିଶାକୁ ଦେଖି ଆମେ ଭାରତକୁ ବୁଝୁ । ସେଇ ଓଡ଼ିଶାକୁ ଦେଖି ଆମେ ଜଗତକୁ ବି ବୁଝୁ । ମୁରାରି କବି ବୋଲି ନିଜକୁ ଅନ୍ୟଠାରୁ ଅଲଗା ଭାବେ ନାହିଁ ।

ଏଇ ମାଟିର କବି ସାରଳା ଦାସ, ଜଗନ୍ନାଥ ଦାସ ଓ ଭୀମଭୋଇଙ୍କ ଧାରାରେ ମୁରାରି ଗତି କରୁଥାଏ ଏବଂ ସେଇଥିପାଇଁ କେବଳ ମୁଁ ମୁରାରିକୁ ଖୁବ୍ ଭଲ ପାଏ ଏବଂ ସେ ବି ଜାଣେ ତା'ର ମୋ ଉପରେ କେତେ ଅଧିକାର ?

ଆଜି ମୋର ଏଇ ପଚଶେତ ବୟସରେ ମୁରାରିକୁ ଯେଉଁଠି ଦେଖେ, ଓଡ଼ିଆ ସାହିତ୍ୟ ଓ ସେଇ ସାହିତ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ କଥା ସ୍ମରଣ କରି ତାକୁ ସ୍ନେହରେ ଆଲିଙ୍ଗନ ନ କରି ରହିପାରେ ନାହିଁ । ଜଗନ୍ନାଥେ ତାକୁ ଶତାୟୁ କରନ୍ତୁ । ତା' ଭିତରର କାବ୍ୟ ପୁରୁଷ, ଏଇଭଳି ସଦାମୁଖର ରହିଥାନ୍ତୁ । ଏତିକି ମାତ୍ର ମୋର ଆନ୍ତରିକ କାମନା ।

●

ସଭାପତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ
ପ୍ଲଟ ନମ୍ବର ୭୮୭, ଶହୀଦ ନଗର
ଭୁବନେଶ୍ୱର-୭

Digitized by srujanika@gmail.com

ବାଇମୁଣ୍ଡିର ଘଟାନ୍ତର

● ଡକ୍ଟର ବଚଶାନନ୍ଦ ମହାନ୍ତି

ଅସି କୋଶି ଦୂର ନଈ ଧାର ପର
ମହାନଦୀ କାଠଯୋଡ଼ି ମଧ୍ୟେ ଥିଲା ଆଗେ ଟାପୁଟାଏ
ସେ ଟାପୁରେ—ବେଣା ବୂଦା ଗହଳରେ
ହସୁଥିଲା କାଶ ତଣ୍ଡି ଫୁଲ,
କାଣ୍ଡ ତା'ର ଦୋହଲାଇ ଶୂନ୍ୟ ଗଗନରେ ।

ଆସିଲେ ମଣିଷେ, ବସିଲେ ଭାଷିଲେ,
ଏ ଅରଣ୍ୟ—ଏ ବାଲି ପାହାଡ଼ ସଜଡ଼ା ସୁକୁଡ଼ି କରି
ଚଢ଼ିଦେବା ଇଟା ମାଟି ପଥରକୁ ଯୋଡ଼ି
ବରି ନଈ ପାଣିକୁ ଅଟକି
ଅଭିନବ ବାଣିଜ୍ୟ ନୂତନ କଟକ ।

ସେଇଠାରେ ରଚିଲେ ସମାଜ
ଝିଅ-ପିଅ ବଅ-ନଅ, ଭଚଯୋଇ, ମେତେଯେତେ ଭାବଲାବ
ସବୁକୁ ଏକାଠି କରି ମୁଣ୍ଡେଟେକ ଗ୍ରେଟିଆ ସହର,
ଠିକଣା ତା' ଲେଖାଗଲା କଟକ ନଗର ।

ସେ ନଗରେ ନଅର ସୃଜିଲେ—ଯେତେ ରାଜା ଭିକୁଢ଼ି କରିଲେ
କେଶରୀଙ୍କ ସ୍ମୃତି ମଞ୍ଚା, ସେ କେଶରପୁର
ଗଙ୍ଗଙ୍କର ସ୍ମୃତି ଚିହ୍ନ ଏ ଗଙ୍ଗାମନ୍ଦିର,
ଯେତେ ପିଏ ଯାଉଥାନ୍ତି, ଯେତେ ପିଏ ରହୁଥାନ୍ତି
ବାଇମୁଣ୍ଡି ମୁଣ୍ଡେ ସିନା କଟକର ଚିନ୍ତା
ତା' ବିନା କେ ରାଜା ଅଗେ କହି
ବଚି କବଳରୁ କଟକ ରକ୍ଷିତା ।

ଯେତେଥିଲେ ଶ୍ରମିକର ଦଳ, କରି ସଭିଙ୍କର ସଙ୍ଗଠନ
ମୁଣ୍ଡିଆଲ ବାଇମୁଣ୍ଡି, ନବଜନ୍ମେ ମୁରାର ମୋହନ ।

Digitized by srujanika@gmail.com

ଦେଶଟାକୁ ଯେ ଟେକି ଧରିବ—ଲୋକଙ୍କର ଦୁଃଖ ହଟାଇବ
ରାଜା ଆଗେ ଯେତେ ଯାଇଁ କହିଲା
ରାଜ୍ୟବାସୀ ଦୁଃଖ ଜଣାଇଲା,
ଯେତେ ବର୍ଣ୍ଣା କରିଲା ସଲାଖ
ବନ୍ଦ ନକେ ମିଥ୍ୟା ସୁନ୍ଦ ପାଲଟିଲା ଦ୍ରୁମ ସଙ୍ଗଠନ ।

ଭଲ ଭଲ ଲୋକ ଦେଖି
ଜୟନ୍ତୀରେ କରେ ସମ୍ବର୍ଦ୍ଧନା
ସ୍ମପତ୍ର ବିରାଟ ଅଭିନନ୍ଦନର ଗ୍ରନ୍ଥ,
ଶୁଦ୍ଧି ଅବା ଶ୍ରାଦ୍ଧ ବାପେ/ପୁରସ୍କାର ପରକାଶେ
ମୋଟା ଗୋଟା ଚକ୍‌ଚକିଆ ସର୍ବଜନାଦୃତ ।

ମିଟିଙ୍ଗରେ ଫିଟିଙ୍ଗ କରି ବତାଏ ଯେ ବାଟ୍
କରିଦିଏ ଚଟ୍‌ପଟାଙ୍ଗ ମାରିଦେଇ ନାଟ୍ ।

ସମ୍ମୁଖରେ ଆଗୁସାର, କିଏ ହେବ ସରି ତାର ?
ନାହିଁ କେହି ତାର ପଟାନ୍ତର,
ମୁହାଁରଟି ଭକ୍ତ ପୁରେ, କେତେକେତେ ଲୀଳା କରେ
ବାଇମୂର୍ତ୍ତିର ହନୁମନ୍ତ ନବ ପଟାନ୍ତର ।

●

ବଙ୍ଗାଳିସାହି,
କଟକ-୯

Digitized by srujanika@gmail.com

ମୁଗର ମୋହନ ଜେନା

● ଶ୍ରୀ ଗିରିଜାଭୂଷଣ ପଟ୍ଟନାୟକ

ସେ ଦିନର କଥା । ସମ୍ବଦ ଚେମିନାଶ୍ରରେ ମୁଗର ସ୍କୁଲ ଗ୍ରନ୍ଥଟିଏ । ବାମପନ୍ଥୀ ଆନ୍ଦୋଳନର ନିଶା ବି ଧରିଛି । ବୟସ କଞ୍ଚା । ମାଇ ପହଞ୍ଚିଲା ଲବ୍ଧ-ପ୍ରତିଷ୍ଠ ସାହିତ୍ୟିକ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ପାଖରେ । ମାଗିଲା କ୍ରିଷ୍ଟୋଫର କଡ଼ୱେଲଙ୍କ ପ୍ରଖ୍ୟାତ ବହି 'ଇଲୁଜନ ଏଣ୍ଡ ରିଏଲିଟି' ପଢ଼ିବା ପାଇଁ । କଡ଼ୱେଲ ଜଣେ ପ୍ରଖ୍ୟାତ ଲେଖକ, ସମାଲୋଚକ, ଖବର କାଗଜ ହକର୍ କରନ୍ତି ଆଉ ରାତିରେ ବସି ବହି ଲେଖନ୍ତି । ଖୁବ୍ ତରୁଣ ବୟସରେ ତାଙ୍କର ପରଲୋକ ହୋଇଯାଏ ସ୍ପେନରେ ପ୍ରସିଦ୍ଧ ଅନ୍ତର୍ଯୁଦ୍ଧ ଭିତରେ । ମରିବା ଆଗରୁ ସେ କିନ୍ତୁ ବେଶ୍ ଗୁଡ଼ିଏ ବହି ଲେଖି ଯାଇଥାନ୍ତି । ବହିଗୁଡ଼ିକ କିନ୍ତୁ ବେଶ୍ କଠିନ ଭାଷାରେ ଲେଖା । ଚିନ୍ତା ସବୁ ଓଜୋଜ୍ଜ୍ୱଳ ହୋଇ ପଡ଼ିଛି । ଧାର ମାନେ ନାହିଁ । ସେତେବେଳେ ବାମପନ୍ଥୀ ସାହିତ୍ୟିକ ବନ୍ଧୁମାନଙ୍କ ପାଖରେ ତାଙ୍କର ବହି ସବୁ ଥିଲା ଖୁବ୍ ପ୍ରିୟ । ବୁଝା ହେଉ ବା ନ ହେଉ । ଅ଼ଜିକାର ବାମପନ୍ଥୀମାନେ ତାଙ୍କର ନାଁ ବି ଶୁଣି ନ ଥିବେ । କାଳନ୍ଦୀବାବୁ ପିଲାଟିର ବୟସ କଳି ବସିଲେ । କ'ଣ ପଢ଼ୁଛୁ ବୋଲି ପଚାରିଲେ । ସ୍କୁଲରେ ପଢ଼ୁଛି ବୋଲି ଜାଣି ତା'ର ମୁଣ୍ଡ ଆଉଁସି କହିଲେ— ଏ ବହିଟି ଆଉ ଟିକିଏ ବୟସ ହେଲେ ପଢ଼ିବ । ବର୍ତ୍ତମାନ ଅନ୍ୟ ବହି ପଢ଼ । ପିଲାଟି ଗର୍ବିତ କଣ୍ଠରେ ଉତ୍ତର ଦେଲା, କଡ଼୍ୱେଲ ଅଳ୍ପ ବୟସରେ ବହି ଲେଖି ପାରିଲେ, ଆଉ ମୁଁ ପଢ଼ି ପାରିବି ନାହିଁ ? କାଳନ୍ଦୀ ବାବୁ ଆଶ୍ଚର୍ଯ୍ୟ ହେଲେ— କି ପ୍ରକାର ପିଲା ଏଇ ବାଳକଟି ? ଆଜିର ପ୍ରଖ୍ୟାତ ଜନନେତ୍ରୀ ନନ୍ଦିନୀ ଦେବୀ କିନ୍ତୁ ପିଲାଟିକୁ ବହି ଦେଇଥିଲେ ପଢ଼ିବା ପାଇଁ ।

ପିଲାଟି ବଡ଼ ହେଲା । କଲମ ଶାଣିତ ହେଲା କିନ୍ତୁ ବଢ଼ିଲା ବ୍ୟତିକ୍ରମ ହୋଇ । ପାଟି, କଲମ ସବୁ ତା'ର ହେଲା ବ୍ୟତିକ୍ରମ, ଶାଣିତ ବିଦ୍ରୂପ ଭରା । ଏକ ପତ୍ରିକା ବାହାର କଲା । ତା'ର ନାମ ହେଲା ସେଇ ଭଳି 'ଡେନ୍ଦୁଲି ଗ୍ରୁଟ' । କି ବିଚିତ୍ର ଯୁବକ !

ବଡ଼ବଡ଼ ଲୋକଙ୍କର ଜୟନ୍ତୀ ପାଳନ ହେଲା । ଅନ୍ୟମାନେ ସେ ଜୟନ୍ତୀ ପାଳନ କରନ୍ତୁ ବା ନ କରନ୍ତୁ । ଯା'ର ଜୟନ୍ତୀ ପାଳନ କରାଯାଉଛି, ସେମାନେ

Digitized by srujanika@gmail.com

ନିଜେ ତାଙ୍କର ଉଦ୍ଯୋକ୍ତା ହେଲେ, ନିଜ ପାଇଁ ବନ୍ଦନା ଗାଇଲେ । ନିଜ ପାଇଁ ଲେଖା ବା ସ୍ତୁତି ଯୋଗାଡ଼ କଲେ ଆଉ ଚାନ୍ଦା ବି ଆଦାୟ କଲେ । ବ୍ୟତିକ୍ରମର ନାଉଙ୍ଗୀ ମୁହଁର ତାଙ୍କୁ ସହ୍ୟ କରି ପାରିଲା ନାହିଁ । ଅପଟାର ବନ୍ଧୁମାନଙ୍କ ସହଯୋଗରେ ଏକ ସମିତି ଗଠନ କଲା । ମୋର ଠିକ୍ ନାଁ ମନେ ପଡ଼ୁ ନାହିଁ ସେ ସମିତିର; କିନ୍ତୁ ନିଜର ବନ୍ଦନା ପାଇଁ ସମିତି ଉଦ୍ଦିଷ୍ଟ ବୋଲି ଘୋଷଣା କରାହେଲା ଏବଂ ନିଜର ଜନ୍ମଦିନ ପାଳନ ଉତ୍ସବ ନାଁରେ ସେମାନେ ପ୍ରତିଷ୍ଠିତ କମ୍ୟୁନିଷ୍ଟ ଉତ୍ସବ ଓ ତାଙ୍କର ଆଧାରମାନଙ୍କ ବିରୁଦ୍ଧରେ 'ବିଷୋଦ୍‌ଗାର' କଲେ ।

ସେଇ ଯୁବକଟି ପରେ ଜୀବିକା ଅର୍ଜନ ପାଇଁ ଗୃହକର୍ମୀ କଲା । ଭଗବତ୍‌ପ୍ରୀତିରେ ଘରଟିଏ କଲା, ସଂସାର ପାତିଲା କିନ୍ତୁ ରହିଗଲା ସେଇପରି ବ୍ୟତିକ୍ରମୀ ହୋଇ । ପାଟିଟା ସେହିପରି ଖର, ଶାଣିତ ଓ ବିଦ୍ରୂପ ଭରା ଏବଂ ଚଳଣି ମଧ୍ୟ ସେଇପରି ବୋହେମିଆନ ।

ମୁଁ ତାଙ୍କୁ ଟିକାଦିନୁ ଦେଖି ଆସିଛି । ସେ ସେଇପରି ରହିଛନ୍ତି ସ୍ୱାଧୀନଚେତା ହୋଇ ମୋ ଆଖିରେ । ତାଙ୍କର ଯେଉଁ ବୟସ ହୋଇଛି, ସେ ବୟସକୁ ପାଳଟିଛନ୍ତି ମୁଁ ତାହା ଗ୍ରହଣ କରି ପାରୁ ନାହିଁ । ସେ ସେଇପରି ତରୁଣ ହୋଇ ରହିଥାଆନ୍ତୁ ।

●

ଦ’ ସୁନନ୍ଦଭର୍ସ,
କଟକ

Digitized by srujanika@gmail.com

ଜଣେ କୃତୀ ସନ୍ତାନ

● ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ

ଏଇ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଶାର ଯେତେ କବି, ଶିଳ୍ପୀ, ବାଗ୍ମୀ, ସମାଜସେବୀ, କଳାକାର ଜନ୍ମ ଲଭି କରି ନିଜ ନିଜର ଅନନ୍ୟ ସାଧାରଣ ପ୍ରତିଭାରେ ଦେଶକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ କବି ମୁରାରି ମୋହନ ଜେନା ଯେ ଜଣେ କୃତୀ ସନ୍ତାନ, ଏଥିରେ ଦ୍ୱିଧା କରିବାର କିଛି ନାହିଁ । ଏ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଜି ପ୍ରତିଭାଧର କବି ମୁରାରିମୋହନଙ୍କର ସମ୍ବର୍ଦ୍ଧନା ପାଇଁ ଯେଉଁ ଅଭୂତପୂର୍ବ ଆୟୋଜନ କରୁଛନ୍ତି, ସେଥିପାଇଁ ସେ ଯେ ନିଶ୍ଚିତ ରୂପେ ଯୋଗ୍ୟ, ଏହା ଯେ କୌଣସି ସଂସ୍କୃତି-ସଂପନ୍ନ ବ୍ୟକ୍ତି ମୁକ୍ତ କଣ୍ଠରେ ସ୍ୱୀକାର କରିବ ।

ନିଜର ପାରିବାରିକ ବା ବ୍ୟକ୍ତିଗତ ଜୀବନର ଶତ ଶତ ଝଡ଼ଝଞ୍ଜାର ଭିତର ଦେଇ କବି ମୁରାରିମୋହନ ତାଙ୍କର ନିରବଚ୍ଛିନ୍ନ ସାଧନା ବଳରେ, ଗତ ତ୍ରିଶ୍ ବର୍ଷ ଧରି ଓଡ଼ିଆ ସାହିତ୍ୟର ଯେଉଁଭଳି ସେବା କରି ଆସିଛନ୍ତି, ସେଥିଲାଗି ସେ ଯେ ଏ ଜାତିର ସକଳ ପ୍ରଶଂସାର ପାତ୍ର, ଏଥିରେ ମଧ୍ୟ ତିଳେ ମାତ୍ର ସନ୍ଦେହ ନାହିଁ ।

ମୋର ପ୍ରଥମ ପରିଚୟ ହୁଏ ତାଙ୍କ ସହିତ ୧୯୬୨ ମସିହାରେ ଯେତେବେଳେ ସେ 'ସ୍ୱଚ୍ଛନ୍ଦ ସ୍ମରଣିକା' ପ୍ରକାଶ ପାଇଁ ମୋତେ ଗୋଟିଏ କବିତା ମାଗିଥିଲେ । କବିତାଟିଏ ପଠାଇଲି ଏବଂ ତା' ସହିତ ଚିଠି ଖଣ୍ଡିଏ ମଧ୍ୟ ଦେଇଥିଲି । ସେ ଚିଠି ଓ ସେ କବିତା ପଢ଼ି ସେ ଏତେ ବିଭୋର ହୋଇ ପଡ଼ିଥିଲେ ଯେ, ମୋତେ କବିତାଟି ପାଇଁ କେବଳ ଅଭିନନ୍ଦନ ଜଣାଇ ନାହାନ୍ତି, କବିତାଟିର ଉପାଦେୟତା ବୁଝି ସ୍ମରଣିକାର ପ୍ରଥମ ପୃଷ୍ଠାରେ ପ୍ରକାଶ କରିଥିଲେ । ଜଣେ ଜନ୍ମିତ ପ୍ରତିଭା ସଂପନ୍ନ କବି ନ ହେଲେ, ଅନ୍ୟ ଜଣେ କବିର କବିତା ଏବଂ ତା'ର କାବ୍ୟିକ ବ୍ୟକ୍ତିତ୍ୱ ଅନୁଭବ କରି ପାରିବ ନାହିଁ ।

Digitized by srujanika@gmail.com

କବି ମୁରାରିମୋହନଙ୍କୁ ଦେଖିଲେ ମୋର ଅନେକ ସମୟରେ ମନେ ହୁଏ—ଏ ବୋଧହୁଏ ଏ ଯୁଗର ଭାରତ ସେବକ ସମିତିର ସଭ୍ୟ ଦ୍ୱିତୀୟ ଲକ୍ଷ୍ମୀନାରାୟଣ ସାହୁ ।

କବି ମୁରାରିମୋହନ ଏ ଦେଶର କେତେ କବି, ଶିଳ୍ପୀ ସାଧକ-ମାନଙ୍କର ଜୟନ୍ତୀ ଉତ୍ସବ ପାଳନରେ ଆନ୍ତରିକତା ସହିତ ଯୋଗ ଦେଇଛନ୍ତି । ଏ ଦେଶର କେତେ ପୁରପଲ୍ଲୀର ବହୁ ସଭା-ସମିତି-ମାନଙ୍କରେ କେତେ ପ୍ରାଣବନ୍ତ ଉଦ୍‌ବୋଧନ ଦେଇଛନ୍ତି, କେତେ ବୟୋଜ୍ୟେଷ୍ଠ ମନୀଷୀ, ଶିଳ୍ପୀ, କଳାକାର, କବିମାନଙ୍କର ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଛନ୍ତି ଏବଂ ଖବରକାଗଜ ମାନଙ୍କରେ ସେମାନଙ୍କ ସଂପର୍କରେ ଗବେଷଣା ମୂଳକ ପ୍ରବନ୍ଧ ପ୍ରକାଶ କରିଛନ୍ତି । କେତେ ଅପରିଚିତ ପ୍ରତିଭାକୁ ଲୋକଲୋଚନକୁ ଆଣିଛନ୍ତି ନିଜର ଲେଖନୀ ବଳରେ—ଏ ସବୁ ଲେଖି ବସିଲେ ବହୁତ ହେବ—କିନ୍ତୁ ଲକ୍ଷ୍ମୀନାରାୟଣ ସାହୁଙ୍କ ଭଳି ତାଙ୍କର ଲକ୍ଷ୍ୟ ଯେ ଏକ, ଏ ଜାତି ପ୍ରଗତି ପଥରେ ଠିଆ ହେଉ ଅନ୍ୟ ଜାତି ସହିତ କାନ୍ଧକୁ କାନ୍ଧ ମିଳାଇ—ଏହାକୁ ବା ଅସ୍ୱୀକାର କରିବ କିଏ ?

ଏ ଯୁଗରେ ପରଶ୍ରୀକାତରତା ଗୋଟାଏ ବିରାଟ ବ୍ୟାଧି, ଯାହା ସମାଜର ପ୍ରତି ସ୍ତରରେ ସଞ୍ଚରି ଯାଇଛି । ସାହିତ୍ୟ କ୍ଷେତ୍ରରେ, କବିତା କ୍ଷେତ୍ରରେ ଏ ବ୍ୟାଧିର ସୀମା ନାହିଁ । କିନ୍ତୁ ଯେ ପ୍ରକୃତ କବି, ସାହିତ୍ୟିକ ସେ ଅନ୍ୟର ମାନ ସମ୍ମାନ, ପୁରସ୍କାର ପ୍ରାପ୍ତିରେ କାତର ହୋଇ ପାରିବନି ବରଂ ଆନନ୍ଦ ଓ ଗୌରବ ଅନୁଭବ କରିବ । ଜଣେ ପ୍ରକୃତ ପ୍ରତିଭା-ଧରର ହୃଦୟ ଏତେ ସଂକୁଚିତ ନୁହେଁ । ତା'ର ବିସ୍ତାର କଳନା କରିବା ସମ୍ଭବପର ନୁହେଁ, ତେଣୁ ସେ କାତରତା ପରିବର୍ତ୍ତେ ଆତ୍ମୀୟତା ପ୍ରକାଶ କରିବ । କବି ମୁରାରିମୋହନ ଏଇ ଆତ୍ମୀୟତାର ଏକନିଷ୍ଠ ପୂଜାରୀ । ଏଥିରେ ଦ୍ୱିରୁକ୍ତିର ପ୍ରଶ୍ନ ହିଁ ନାହିଁ ।

କବି ମୁରାରିମୋହନଙ୍କର ଯେଉଁ ବଳିଷ୍ଠ କବି ପ୍ରତିଭା, ତା'ର ବିଶେଷ ଆଲୋଚନା କ୍ଷେତ୍ର ଏ ନ ହେଲେ ମଧ୍ୟ ଏତିକ କୁହାଯାଇପାରେ

Digitized by srujanika@gmail.com

ଯେ, ତାଙ୍କ କବିତା ଅତ୍ୟନ୍ତ ଓଜନଦାର । ଯେଉଁ କବିତାରେ ଓଜଃ ଶକ୍ତି ସନ୍ନିହିତ ଏବଂ ଥରେ ପଢ଼ିଲେ ପ୍ରାଣର ପ୍ରତି ତନ୍ତ୍ରୀରେ କମ୍ପନ, ବିକମ୍ପନ, ପ୍ରକମ୍ପନ ଆଣିପାରିବ, ସେ ହେଉଛି ପ୍ରକୃତ କବିତା ଏବଂ ତା'ର ସ୍ରଷ୍ଟା ହିଁ ପ୍ରକୃତ କବି ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ଆମେ ଦେଖୁ ମୁରଲି-ମୋହନ ପ୍ରକୃତରେ ଦେଶର ଜଣେ ବିପ୍ଳବୀ କବି । ତାଙ୍କର 'ଚୁପ୍‌କର' କବିତା ପୁସ୍ତକଟି କ୍ଷୀଣା-ବପୁର ହେଲେ ମଧ୍ୟ ତହିଁରେ କେତୋଟି କବିତା ଅଛି, ଯାହା ସମାଜର ଉତ୍କଟ ଦୋଷଦୁର୍ବଳତା ଓ ବିଷାକ୍ତତା ବଡ଼ ନିର୍ଭୀକ ଭାବରେ କବି ଜନୋଚିତ ଭାଷାରେ ଆତ୍ମପ୍ରକାଶ କରିଛି । ଭାବ ଭାଷା ସ୍ୱତଃସ୍ଫୂର୍ତ୍ତ ଭାବେ ଗିରି ନିର୍ଝରିଣୀ ପରି ନିଷ୍ୟନ୍ଦିତ ହୋଇ ଉଠିଛି । କେତୋଟି ଉଦାହରଣ ଦିଆ ଯାଇପାରେ—

'ନ୍ୟାୟମାନ୍ତ ଏଠି ସମାଧି ନେଲାଣି, ଅମାନ୍ତଠା ଖାଲି ମାଳକୁ ମାଳ
ମାନ୍ତରେ ରହିଲେ, ମାନ୍ତକ କହିଲେ, ତାହାର କପାଳେ ରାଜରାସ୍ତାରେ
ପାଡ଼ିବାକୁ ହୁଏ ଭିକ୍ଷାଥାଳ, କାଳକୁ-କାଳ ।

କମ୍ପା

ସହର ବଜାର ସାଇ ସାଇ ବୁଲି, ତୁମେ ଯେଉଁମାନେ ପ୍ରଚୁର କରିଚ
ପ୍ରସାର କରିଚ, ସତ୍ୟନାମରେ ଅଯଥା ଏ ଅପବାଦ
ଆପଣା ଭିତରେ ସୃଷ୍ଟି କରିଚ, ପରସ୍ପରର ଗୋଷ୍ଠି ଖୋଳାଖୋଳି ନାଦ
ଭୁଲିଯାଅ ନାହିଁ, ସତ୍ୟସିଂହ କବିଙ୍କୁ ତୁମେଇ, ପାଇଯିବ ଆଜି ସାହି
ବାପକୁ ମଉସା ଡାକିବାର ବେଳ, ଆସିଲାରେ ତୁମ ପାଇଁ ।

କମ୍ପା

ଯେଉଁମାନେ କାଲି ଏଠି,
ହାତ ଟେକ ଗଣ୍ଡା ଗଣ୍ଡା କରୁଥିଲେ ଖାଲି ନମସ୍କାର
ଆଜି ଆମର ଏ ବହୁଦିନ ହାତଗଢ଼ା,
ରେପିଲ୍ ବୃକ୍ଷର ଦଳ ସାଜଛନ୍ତି ଭସ୍ମାସୁର ଦଳ

Digitized by srujanika@gmail.com

କମ୍ପା

ତୁମେ ଆସୁଚ ବନ୍ଧୁ ଆସ, ଆମକୁ ଦଏନା ଏଠି ଖାଇବାକୁ
ଖାଲି ଘୋଡ଼ା ଘାସ

କମ୍ପା

ଭାଷଣର ମୂଲ୍ୟ ଏଠି ଅଳଆ ଟୋକେଇ

କମ୍ପା

ମାଳା ତିଳକରେ ରୂପ ଚକଣରେ, ଯଦିଚ ବୋଲାଅ ଧର୍ମର ବଡ଼ପଣ୍ଡା
ଧର୍ମ କି ଏଇ ଶିକ୍ଷା ଦେଇଚି, ମଣିଷ ପଛରେ ସ୍ଥାନ କୌଶଳ
ଛୁରୀ ମାରି ଦେଇ ବଂଶ କରିବ ଲଣ୍ଡା ?

କମ୍ପା

ପରିବା ଦରଠୁଁ ମଣିଷର ଦର, ଏଠାରେ ବନ୍ଧୁ ଶସ୍ତା ।

କମ୍ପା

ମଣିଷ ଖୋଳରେ ପଶୁର ପ୍ରକୃତି ଗୁଡ଼ିଲ ।

କମ୍ପା

ମଣିଷଟା ଏଠି କାନ୍ଦୁଛି ଅହରହ ।

ଉପର୍ଯ୍ୟୁକ୍ତ ପଂକ୍ତି ଗୁଡ଼ିକୁ ଟିକଏ ଅନୁଭବ କଲେ, ଯେ କେହି ବ୍ୟକ୍ତି ବୁଝି ପାରିବ କବି ମୁରାରିଙ୍କର ଅନ୍ତର୍ଦୃଷ୍ଟି କେତେ ସ୍ପଷ୍ଟ । ଅନ୍ତର୍ଦୃଷ୍ଟି ନ ଥିଲେ କବି ଭାବରେ ଠିଆ ହେବା ଏତେ ସହଜ ନୁହେଁ ।

ତାଙ୍କ ରଚିତ 'ଆଜି ମୋର ଅଷ୍ଟମରେ ଶନି' କବିତା ପୁସ୍ତିକାଟି ପଢ଼ୁଥିଲି । ଏଥର ଦୁଇଟି କବିତା ମୋତେ ଗଭୀର ଭାବେ ସ୍ପର୍ଶ କରିଛି । ଖାଲି ସ୍ପର୍ଶ କରିଛି ନୁହେଁ, ମୋ ଭଳି ଜଣେ ଅଠସ୍ତରୀ ବର୍ଷର କବିର ଆଖିରେ ବନ୍ଦ ବନ୍ଦ ଲୁହର ସଞ୍ଚାର କରିଛି । ସେ କବିତା ଦୁଇଟି ହେଲା—'ଦରପୋଡ଼ା କାଠ ହାଏ ହାଏ' 'ମୋ ଆଖିରୁ ପୋଛିଦିଅ ଲୁହ' । କବି ମୁରାରି ବିପ୍ଳବ କବିତା ଲେଖିବାରେ ଯେପରି ସିଦ୍ଧହସ୍ତ, ସେଇପରି ମାର୍ମିକ କବିତା ଲେଖିବାରେ ଖୁବ୍ ପାରଙ୍ଗମ । ଉପର୍ଯ୍ୟୁକ୍ତ ଦୁଇଟି କବିତାରେ କବିଙ୍କ ଦରଦୀ ପ୍ରାଣରେ

Digitized by srujanika@gmail.com

ସ୍ପର୍ଶ କ ଜୀବନ୍ତ ଭାବରେ ଅନୁରଞ୍ଜିତ, ଅନୁଭବ କଲି ପରେ ତାଙ୍କୁ ପ୍ରାଣର ସ୍ୱାଗତ ଜଣାଇବାକୁ ମୋର ମନେ ହେଲା । ଏ ମୋର ପ୍ରାଣର କଥା ।

ମୋର ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ୧୯୭୨ରେ ଅନୁଷ୍ଠିତ ହେଲାବେଳେ କବି ମୁରାରି ମୋହନ, ମୋର 'ଆହୂତ ଓ ଅଗ୍ନିଶଙ୍ଖ' ଦୁଇଟି କବିତା ପୁସ୍ତକକୁ ଏପରି ବଜ୍ର ନିର୍ଘୋଷ ବାଣୀରେ ପ୍ରଶଂସା କରି ଉଠିଲେ ଯେ, ସମଗ୍ର ରାମଚନ୍ଦ୍ର ଭବନ ବିକମ୍ପିତ ହୋଇ ଉଠିଲା ଏବଂ ବସିଥିବା ସଭାର ସାହିତ୍ୟିକଗଣ ମନେ ହେଉଥିଲା ନୟନରେ ଖାଲି ଚାହିଁ ଥାଆନ୍ତି । ମୋର ମନେ ହେଲା—କବି ମୁରାରିଙ୍କ କବିତା ପ୍ରୀତି ଓ କବି ପ୍ରାଣ କି ବିରାଟ ? କେଉଁଠି ଟିକିଏ ଶକ୍ତି ଦେଖିଲେ ତା'ର ପ୍ରଶଂସା କରିବା କେବଳ ନୁହେଁ, ସେ ଯେ ଜାତିର ପ୍ରାଣ କେନ୍ଦ୍ର ତାହା ସେ ଅନୁଭବ କରନ୍ତି ।

ମୋ ଗାଁ ରାମପୁରକୁ ୧୯୭୬ ମସିହାରେ ମୋର ଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ କବି ଜେନା ଆସିଥିଲେ । ସଭାରେ କହିଲେ—'କବି ନିପାଠୀଙ୍କ ପାଇଁ ରାମପୁର ମାଟି, ବାଣପୁର ମାଟି ଦିନେ ଏ ଜାତିର ମିଳନ ତୀର୍ଥରେ ପରିଣତ ହେବ । କିଏ କହିବ କବି ମୁରାରିଙ୍କର ଏ ବାଣୀ ଦିନେ ସାର୍ଥକତା ନ ପାଇବ ବୋଲି ? ସେ ଦିନ ତାଙ୍କ ଭାଷାରେ କି ଓଜସ୍ୱିତା, କି ଚମତ୍କାରିତା ?"

ଏ ଦେଶର ଜଣେ ବୟୋଜ୍ୟେଷ୍ଠ ପ୍ରବୀଣ କବି ଭାବରେ ମୁଁ ତାଙ୍କର ଏଇ ସତାବନତମ ଜୟନ୍ତୀ ଉତ୍ସବକୁ ଆଶୀର୍ବାଦ କରୁଛି—'ହେ କବି ତୁମେ ଶତ ଶତ କବିତା ପୁସ୍ତକ ଲେଖି ଚାଲ । ମୋ ଜାତିର ସାହିତ୍ୟ ତୁମରି ଅମର ଲେଖନୀରେ ସଂଜୀବିତ ହେଉ, ତୁମେ ଯଶସ୍ୱୀ ହୁଅ । ଶତ ସମ୍ୱତ୍ସର ବଞ୍ଚି ରହ । ଭଗବାନ ତୁମର ଏଇ କବିତା ଶକ୍ତିକି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତୁମରି ଭିତରେ ପରିପୂର୍ଣ୍ଣ ଭାବରେ ରଖିଥାନ୍ତୁ । ଉତ୍କଳ ମାଟି ତୁମ ଲେଖାରେ ଧନ୍ୟ ହେଉ ।'

●

କବିକୁଟୀର, ରାମପୁର
ବାଣପୁର, ପୁରୀ

Digitized by srujanika@gmail.com

ଜେନା କବି ହେ ବନ୍ଧୁ ମୁରାରି

● ଶ୍ରୀ ବ୍ରଜନାଥ ରଥ

ହେ ବନ୍ଧୁ ମୁରାରି !
ଶକ୍ତି ହାତେ ସାହିତ୍ୟର ଆଶା ବାଡ଼ି ଧରି
ଆସିଲଣି ଅତିକ୍ରମି ଜୀବନର ଦୀର୍ଘ ଯାତ୍ରା ପଥ,
ବନ୍ଧୁର-ମସୃଣ ପୁଣି,
କେବେ ବଙ୍କା, କେବେ ବା ସଳଖ ।

'କଳସଠା ଷାଠିଏ'କୁ କେତେ ଅବା ବାକି ?
ସମ୍ମୁଖରେ ମହାକାଳ,
ଯଦିଚ ବା ରହିଅଛି ଝାକି,
ତଥାପି ତମେ ତ କିନ୍ତୁ କଲମକୁ
କରିଅଛ ଶାଣିତ ବଲମ,
ଆଘାତ ହାଣିଛ କା'ରେ ନିର୍ଭୟରେ,
କାହା କ୍ଷତେ ବୋଳିଛ ମଲମ ।

ଜେନା କବି ହେ ବନ୍ଧୁ ମୁରାରି !
ହାତରେ 'ତେନ୍ତୁଳି ଗୁଣ୍ଠି' ଧରି ଦିନେ, ସିପାହୀର ପରି
ସାହିତ୍ୟ ରାଜ୍ୟର ଯେତେ, ଚୋର, ଡାକୁ, ଖଣ୍ଟ ଓ ତସ୍କର
ସମସ୍ତଙ୍କ ଚୁଟି ଧରି, କରୁଥିଲ ନିର୍ଭୀକ ପ୍ରହାର ।

ଗୁନ୍ଥି ପୁଣି କେତେ ଲେଖା, କେତେ ସ୍ମରଣିକା
ପୂଜ୍ୟ-ପୂଜା ପାଇଁ ତୁମେ, ଢାଳିଥିଲ ଶ୍ରଦ୍ଧାର ତଇଲ
ଜାଳିଥିଲ ଦୀପ୍ତ—ଦୀପଶିଖା ।

ଆଜି ପୁଣି ଧରି 'ବାଦସିଂହ'ର ବିକ୍ରମ
'ବାଣୀ-ବୀଣା' ଘଇଳରେ, ଦେଖାଉଛ ଭୀମ ପରାକ୍ରମ ।

ଅବଧାନ ପରି ତୁମେ, ଚଲାଉଛ ତୁମ ଶକ୍ତି ବେତ,
ଗୁଣୀର ପ୍ରଶସ୍ତି ଗାଇ, ନିର୍ଗୁଣରେ ବଜାଉଛ ଗୁଣ୍ଠ ।

Digitized by srujanika@gmail.com

ବିଦ୍ରୋହର ଆତ୍ମା ନେଇ, ଯୌବନର ପ୍ରଥମ ଲଗନେ
ତୁମେ ପଦ୍ୟ ଲେଖିଥିଲ ଦିନେ,
'ତୁମକୁ ମୁଁ ଠିଆ ଫାଡ଼ ଦେବି ଭଗବାନ'
ତା' ପରେ ହଠାତ୍ କିନ୍ତୁ ଏ କି ହେଲା କହ ?
'କବିକଣ୍ଠେ ଜଗନ୍ନାଥ' ଗାଇଲ ଭଜନ ?

କେତେ ବା ଗାଇବ ଆଉ 'ଶ୍ରମର ସଙ୍ଗୀତ'
ଘର୍ମ ପୋଛୁ କର୍ମମଗ୍ନ ଶ୍ରମର ଦପ୍ତରେ ?
ହାଲିଆ ହେଲଣି ଯଦି ପ୍ରିୟ ଜେନା କବି
ଏଥର ତ ଫେରିଆସ ଏକାନ୍ତରେ ଆପଣାର ପ୍ରଶାନ୍ତ କୁଟୀରେ
ଲେଖି ବସି କୋଟି କୋଟି, ମଣିଷର 'ଜୀବନ ସଂଗୀତ'
'ପ୍ରହାରେଣ ଧନଞ୍ଜୟଃ' ଏଇ କଥା ଚେତାଇବା ପାଇଁ
ଧରି ଥାଅ ଶକ୍ତ ହାତେ ଲେଖନୀର ବେତ ।

ନିର୍ଭୟରେ ଚର୍‌ଚର୍ ଚଲାଅ କଲମ
ବାଣୀର ସେବକ ଆହେ, ସାହିତ୍ୟର ଜାଗ୍ରତ ପ୍ରହରୀ,
ଜୀବନର ଯାତ୍ରା ତୁମ ହେଉ ହେ ସୁଗମ ।

●

ସୁନହଟ
ବାଲେଶ୍ୱର

Digitized by srujanika@gmail.com

କବି ମୁରାରି ମୋହନ ଜେନାଙ୍କ ନାଟ୍ୟ-ମାନସ

● ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ରଥ

ପ୍ରସିଦ୍ଧ ଇଂରେଜୀ କବି **T. S. Eliot** ଙ୍କ ଭାଷାରେ —"It will only be poetry when the dramatic situation has reached such a point of intensity that poetry becomes the natural utterance, because then it is the only language in which the emotions can be expressed at all"—ପ୍ରକୃତରେ ଯଥାର୍ଥବାଦୀ ନାଟକ ଭଳି ଗୀତିନାଟ୍ୟ କ୍ଷେତ୍ରରେ କିନ୍ତୁ ଜୀବନର ବିବିଧ ସୂକ୍ଷ୍ମ ଓ ସମସ୍ୟା ଗୁଡ଼ିକୁ ନାଟ୍ୟକାର ନିଜର ବ୍ୟକ୍ତିତ୍ୱ ମଧ୍ୟରେ ଏକନ୍ୱିତ କରି ପାରେ ନାହିଁ । ସେଇପରି ସେ ଜୀବନର ସଘନ ମୁହୂର୍ତ୍ତ ଗୁଡ଼ିକୁ ମଧ୍ୟ ଗଦ୍ୟ ମାଧ୍ୟମରେ ଅଭିବ୍ୟକ୍ତ ଦେଇ ପାରେ ନାହିଁ । ଏ ଭଳି ମୁହୂର୍ତ୍ତ ଗୁଡ଼ିକୁ କବିତାର ଭାଷାରେ ହିଁ ବାଣୀ ମିଳିପାରେ । ତେଣୁ କାବ୍ୟିକତା ହୋଇ ପଡ଼େ ଅଭିବ୍ୟକ୍ତିର ଆଧାର ।

କବି ମୁରାରିମୋହନ ଜେନାଙ୍କ ନାଟ୍ୟମାନସ ଏହି ଉକ୍ତିର ଆଖପାଖରେ ହିଁ ଅଙ୍କୁରିତ ହୋଇଛି । ତେଣୁ କବି ହୋଇଛନ୍ତି ନାଟ୍ୟକାର । ନାଟକ ହୋଇଛି ତାଙ୍କ କାବ୍ୟିକ ଚେତନାର ପାଞ୍ଚଜନ୍ୟ । ଏହି ନାଟକ ମଧ୍ୟରେ ସେ ଖୋଜି ପାଇଛନ୍ତି ତାଙ୍କ ଦୀର୍ଘ ବର୍ଷର ନିରବଚ୍ଛିନ୍ନ ସାରସ୍ୱତ ସାଧନାର ସିନ୍ଥେସିସ୍ । ମହାକବି କାଳିଦାସଙ୍କ ଅନୁପମ ନାଟ୍ୟ-ସମ୍ଭାର କିମ୍ବା ମହାନ କବି ସେକ୍ସପିଅରଙ୍କ ଅତୁଳନୀୟ ନାଟ୍ୟକୀର୍ତ୍ତି ଏଇ ସିନ୍ଥେସିସ୍‌ର ମହାଦ୍ରୁମ—ଅକ୍ଷୟ ଏବଂ କାଳଜୟୀ; ଯାହାର ଏକ ପାଦପ ମୁରାରି ମୋହନଙ୍କ ସଂକ୍ଷିପ୍ତ ଅଥଚ ସମୃଦ୍ଧ ନାଟ୍ୟ କୃତି ।

ମୁରାରିମୋହନ ଜେନା ଏକାଧାରରେ ଜଣେ ସାହିତ୍ୟିକ, କବି, ଅଭିନେତା, ଆଲୋଚକ, ନିର୍ଦ୍ଦେଶକ ଗବେଷକ, ବକ୍ତା, ସଙ୍ଗଠକ ତଥା

Digitized by srujanika@gmail.com

ସଂସ୍କୃତି ସେବା । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧିମନ୍ତ କରିବା କ୍ଷେତ୍ରରେ ସେ ସୁପ୍ରତିଷ୍ଠିତ । ଆଗାମୀ ଯୁଗ ପାଇଁ ମଧ୍ୟ ତାଙ୍କ ଲେଖା ଓ ଲେଖନୀ ଶକ୍ତି ଓ ପ୍ରସ୍ତୁତ ହୋଇ ରହିଛି । ବାସ୍ତବ ପକ୍ଷେ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱହିଁ ତାଙ୍କ ପ୍ରତିଭାର ସମୁଜ୍ଜ୍ୱଳ ଦର୍ପଣ-ଦୀର୍ଘସ୍ଥାୟୀ ଏବଂ ବୈଚିତ୍ର୍ୟମୟ ।

ନାଟ୍ୟକାର ମୁରାରି ମୋହନଙ୍କ ମତରେ—"ସାହିତ୍ୟର ସମସ୍ତ ବିଭବ ମଧ୍ୟରୁ ନାଟକହିଁ ସର୍ବଶ୍ରେଷ୍ଠ ।" ନାଟକର ଚମତ୍କାରିତା ସତ୍ତ୍ୱ ଅଗଣିତ ବିକ୍ଷିପ୍ତ ମନର ଦର୍ଶକଙ୍କୁ ଏକାଭୂତ କରି ଅସମ୍ଭବ ଭାବେ ପ୍ରଭାବିତ କରିଥାଏ-ଜୀବନ ଓ ସମାଜକୁ ଗଢ଼ି ତୋଳିବାରେ, ସତ୍ୟଂ ଶିବଂ ସୁନ୍ଦରର ପୃଷ୍ଠ ଦେଇ । ନାଟକ ଯେ ଜୀବନକୁ ପ୍ରକୃତ ଜୀବନ ଭାବେ ଦେଖିବା ପାଇଁ ଓ ବୁଝିବା ପାଇଁ ନିର୍ଦ୍ଦେଶ ଦିଏ, ତାହା ସେ ଅଙ୍ଗେ ଅଙ୍ଗେ ଅନୁଭବ କରିଛନ୍ତି । ସେ ମନେ କରନ୍ତି-ସାହିତ୍ୟର ସର୍ବବିଧ ସରଣୀ ମଧ୍ୟରେ ନାଟକର ସରଣୀ ହେଉଛି ସର୍ବାପେକ୍ଷା ପୁଷ୍ପିତ ଓ ସୁସ୍ପଷ୍ଟ । ଦେଶ ଓ ଜାତି, ନାଟକ ଓ ନାଟ୍ୟାଭିନୟ ଦ୍ୱାରା ପରିଚିତ ଓ ଆଦୃତ ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇଛି—'A Nation is known by its theatre'—ଏହି ସତ୍ୟ ଦୃଷ୍ଟିରୁ କବି ମୁରାରି ମୋହନ ନାଟକ ଓ ନାଟ୍ୟାଭିନୟ ପ୍ରତି ବିଶେଷ ଆଗ୍ରହୀ ହେଲେ । ପ୍ରଚଣ୍ଡ କବିତ୍ୱରେ ପରିଚିତ ତାଙ୍କର ଚିନ୍ତା ଓ ଚେତନା ଏକ ସଙ୍ଗେ ଏକା ସ୍ଥାନରେ, ଏକା ସମୟରେ ବିଦଗ୍ଧ ବହୁ ଦର୍ଶକଙ୍କ ମନପ୍ରାଣକୁ ସ୍ପର୍ଶ କରିବା ଲକ୍ଷ୍ୟରେ ଉଦ୍‌ବେଳିତ ହେଲ, ସେହି ଦର୍ଶକଙ୍କ ଆଗାମୀ ଜୀବନକୁ ସୁସ୍ଥ, ସୁନ୍ଦର ଓ ସବୁଜ ଭାବେ ଗଢ଼ିବା ପାଇଁ-ପ୍ରେରଣା ଦେବା ଉଦ୍ଦେଶ୍ୟରେ ଆନ୍ଦୋଳିତ ହେଲ । ସେହି ଉଦ୍‌ବେଳନ ଓ ଆନ୍ଦୋଳନର ପ୍ରଥମ ଅଙ୍କୁର ରୂପେ ଜନ୍ମନେଲା ୧୯୫୫ ମସିହାରେ 'ବ୍ୟାସ ସରୋବର' । ଏହି 'ବ୍ୟାସ ସରୋବର' ମହାଭାରତର ଏକ ଉତ୍କଣ୍ଠାପୂର୍ଣ୍ଣ ଅଧ୍ୟାୟକୁ ନେଇ ରୂପାୟିତ ଗୋଟିଏ ପୌରାଣିକ ନାଟକ । ଦୁର୍ଯ୍ୟୋଧନ ଅଭି-ମାନର ଅନ୍ତିମ ପରିଣତି ହେଉଛି ଏହାର କ୍ଲାଇମାକ୍ସ । ଦୁର୍ଯ୍ୟୋଧନର ଚକ୍ରନାଭି ସନ୍ତରଣ, ବ୍ୟାସ ସରୋବରରେ ଲୁକ୍‌କାୟନ, ଭୀମ ସହ ପ୍ରଚଣ୍ଡ ଲଢେଇ ଏବଂ ଶେଷରେ ଦୁର୍ଯ୍ୟୋଧନ ବଧ-ଏହାର ମୋଟ ବିଷୟବସ୍ତୁ ।

Digitized by srujanika@gmail.com

ନାଟକଟିରେ ଚରିତ୍ର ଚିତ୍ରଣରେ ଚମତ୍କାରିତା, ଦୃଶ୍ୟ ଅବ-ତାରଣାର ଶୈଳୀ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ସୃଷ୍ଟି ତଥା ଅମିତ୍ରାକ୍ଷର ଛନ୍ଦର ପ୍ରଭାବଶାଳୀ ସଂଳାପ ଅତ୍ୟନ୍ତ ଅଭିନନ୍ଦନୀୟ । ତେଣୁ ତାଙ୍କର ପ୍ରଥମ ନାଟ୍ୟ ଉଦ୍ୟମ ସଫଳତାର ସୋପାନ ଯେ ଆରୋହଣ କରିଛି, ଏହା ନିଶ୍ଚିତ କଥା ।

ମୁରଲୀ ମୋହନଙ୍କ ଦ୍ୱିତୀୟ ନାଟ୍ୟକୃତି ହେଉଛି ଗୀତ ଓ ଭଣିତାରେ ଛନ୍ଦାୟିତ ଏକ ଲୀଳା—'ଅହଲ୍ୟା ପରିଣୟ ଓ ବାଳୀ ସୁଗ୍ରୀବ ଜନ୍ମ' । ଏହାର ରଚନା କାଳ ୧୯୫୭ ଓ ପ୍ରକାଶନ କାଳ ୧୯୭୪ ମସିହା । ତ୍ରେତୟା ଯୁଗର ଗନ୍ଧର୍ବ ରାଜା ସୌଦାଶଙ୍କ କନ୍ୟା ଅପୂର୍ବ ସୁନ୍ଦରୀ ଅହଲ୍ୟାଙ୍କ ବିବାହ, ସ୍ୱାମୀ ତପସ୍ୱୀ ଗୌତମଙ୍କ ଦ୍ୱାରା ଅଭିଶାପ, ପାଷାଣୀ ରୂପ ଗ୍ରହଣ ତଥା ବାଳୀ ଓ ସୁଗ୍ରୀବଙ୍କ ଜନ୍ମ ଏବଂ କିସ୍କିନ୍ଧ୍ୟା ରାଜା ଋକ୍ଷରାଜଙ୍କ ସେ ଦୁହିଁଙ୍କୁ ପୁତ୍ର ରୂପେ ଗ୍ରହଣ-ନାଟକର ମୂଳପିଣ୍ଡ । ରଚନା କାଳରୁ ଏ ଯାବତ୍ ବହୁ ଅବସରରେ ବହୁବାର ଅଭିନୀତ ହୋଇ ଏଇ ଲୀଳା—ନାଟକଟି ଲୋକପ୍ରିୟତାର ଶୀର୍ଷ ଦେଶରେ ପହଞ୍ଚି ପାରିଛି । ବିଶେଷ ଭାବେ ଗ୍ରାମାଞ୍ଚଳରେ ଉତ୍କଳୀୟ ପ୍ରାଚୀନ ନାଟ୍ୟକଳା ଲୀଳାର ମର୍ଯ୍ୟାଦାକୁ ବଜାୟ ରଖି ଅଭିନବ ରୀତି ଓ ଶୈଳୀରେ ତାହାର ପରିବେଷଣ ପାଇଁ ନାଟ୍ୟକାର ଜେନାଙ୍କ କୃତିତ୍ୱ ପ୍ରକୃତରେ ଅପୂର୍ବ ଓ ଅନବଦ୍ୟ । ୧୯୫୮ ମସିହାରେ ରଚିତ ତାଙ୍କର ଅନ୍ୟତମ ଲୀଳା ନାଟକ 'ହନୁମାନ ଜନ୍ମ'ରେ ଶକ୍ତିଶାଳୀ କଥାବସ୍ତୁ ସହ ଚିତ୍ତାକର୍ଷକ ଶୈଳୀ ଓ ମଞ୍ଚ କୌଶଳର ପ୍ରୟୋଗ କରାଯାଇଛି । କଟକ ରାମଲୀଳା ପ୍ରଚାର ସମିତି ପକ୍ଷରୁ ପରିଚାଳିତ ମାରୁତି ମଣ୍ଡପରେ ଆୟୋଜିତ ବିରାଟ ସାଂସ୍କୃତିକ ସମାରୋହରେ କଟକ ଭଗତପୁର ରାମଲୀଳା ସମିତିର ଦକ୍ଷ ଓ କୁଶଳୀ କଳାକାରଙ୍କ ଦ୍ୱାରା ଏଇ ନାଟକର ପ୍ରଦର୍ଶନ ଅବସରରେ ମଞ୍ଚରେ ହନୁମାନ ଉଡ଼ିବା ଦୃଶ୍ୟ ଦେଖି ଉପସ୍ଥିତ ହଜାର ହଜାର ଦର୍ଶକ ଅଭିଭୂତ ହୋଇ ପଡ଼ିଥିଲେ ଓ ଭଗତପୁର ରାମଲୀଳା ସମିତିର କର୍ମକର୍ତ୍ତା ଓ କଳାକାର ମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

Digitized by srujanika@gmail.com

‘ଅଙ୍ଗଦ ଜନ୍ମ’ ନାଟ୍ୟକାର ଜେନାଙ୍କ ସଦ୍ୟ ଅଭିନୀତ ସଫଳ-ତମ ନାଟକ—ଶ୍ରୀରାମଲୀଳା । ରାମାୟଣର ସେହି ପୁଣ୍ୟଶ୍ଳୋକ ଅଙ୍ଗଦଙ୍କର ବିଚିତ୍ର ଜନ୍ମ ରହସ୍ୟ ଯେପରି ବିଚିତ୍ର ଭାବେ ଉଦ୍‌ଘାଟିତ ହୋଇଛି; ତାହା ହିଁ ଏଇ ଲୀଳାର ସାର୍ଥକ ସମ୍ବାଦ । ତ୍ରେତୟା ଯୁଗର ପ୍ରଥିତ ଯଶା ଏଇ ମହାନ୍ ପୌରାଣିକ ଚରିତ୍ର ଅଙ୍ଗଦ ପୁଣି କପରି ଦ୍ୱାପର ଯୁଗର ଜାରା ଶବର ରୂପେ ପ୍ରଖ୍ୟାତ—ତାହା ହିଁ ଏହାର ସମର୍ଥ ସୂଚନା । ଅଭିନୟ ଶୈଳୀରେ ନବୀନତା, ପରିବେଷଣ କ୍ଷେତ୍ରରେ ଅଭିନବତ୍ୱ, ସଙ୍ଗୀତ ରଚନାର ମହନୀୟ ମୂର୍ଚ୍ଛନା ହେଉଛି ଲୀଳାଟିର ପୁରସ୍କାର । ‘ପୁରୁଷୋତ୍ତମ’ ତାଙ୍କର ସର୍ବାପେକ୍ଷା ନୂତନ ନାଟକ । ରାବଣ ଚରିତ୍ରର ସମସ୍ତ ମହନୀୟ ଗୁଣ ଓ ଗାରିମା ଏଥିରେ ସୂଚିତ ହୋଇଛି । ରାବଣକୁ ନାଟ୍ୟକାର ଏକ ଭିନ୍ନ ଦୃଷ୍ଟିରେ ବିଶ୍ଳେଷଣ କରିଛନ୍ତି—ଏହି କୃତିଟିରେ ।

ନାଟ୍ୟକାର ମୁରାରି ମୋହନ ତାଙ୍କ ରଚିତ ସମସ୍ତ ଲୀଳା ଓ ନାଟକର ନିଜେ ହିଁ ହେଉଛନ୍ତି ଗୀତିକାର । ସଂପ୍ରତି ସେ ପୌରାଣିକ ତଥା ଲୀଳା ନାଟକ ରଚନା, ପରିବେଷଣ, ପ୍ରଚାର ଏବଂ ପ୍ରସାରରେ ନିୟୋଜିତ ।

ତାଙ୍କ ମତରେ ସାଂପ୍ରତିକ ଅବକ୍ଷୟୀ ସମାଜରେ ପୌରାଣିକ ନାଟକର ଏକ ପ୍ରମୁଖ ଭୂମିକା ରହିଛି । ସେ ଗଭୀର ଭାବେ ଉପଲବ୍ଧି କରିଛନ୍ତି—“ରାମଲୀଳା ଓ କୃଷ୍ଣଲୀଳା ଭଳି ପାରଂପରିକ ପୌରାଣିକ ନାଟକ ଗୁଡିକ ସାଂପ୍ରତିକ ସମାଜକୁ ସତ୍ୟ-ମିଥ୍ୟା, ନ୍ୟାୟ-ଅନ୍ୟାୟ, ଉଚିତ-ଅନୁଚିତ, କେଉଁଟା ବରଣୀୟ ଓ ବର୍ଜନୀୟ, ତାହାର ନିର୍ଦ୍ଦେଶ ଦେଇଥାଏ ।” ଏଥି ସହ ଏଇ ନାଟକର ସମସ୍ତ କଥା-ବସ୍ତୁ ଜନ-ଜୀବନରେ ଅତ୍ୟନ୍ତ ପ୍ରିୟ ଓ ଅନ୍ତରଙ୍ଗ ହୋଇଥିବାରୁ, ଆବାଳ-ବୃଦ୍ଧ ବନିତା ଘଣ୍ଟା ଘଣ୍ଟା ଧରି ବସି ରହି ନାଟ୍ୟାଭିନୟକୁ ଉପଭୋଗ କରନ୍ତି । ଏହାଛଡ଼ା ଆଧ୍ୟାତ୍ମିକତା ପୌରାଣିକ ନାଟକରେ ଆରୋପିତ ହୋଇ-ଥିବାରୁ, ଭକ୍ତିପୂତ ବିଦଗ୍ଧ ଦର୍ଶକ ଗଣ ଏହାକୁ ଭଗବାନଙ୍କ ମୁଖ-ନିସୃତ ବାଣୀ ବୋଲି ମଣି ନିଜକୁ ଧର୍ମ ମାର୍ଗରେ ଚଳାଇବାରେ ଅଗ୍ରସର ହୋଇଥାଆନ୍ତି ଏବଂ ଜୀବନକୁ ସୁଶୃଙ୍ଖଳ, ସୁସଂଯତ ଓ ସୁସଂହତ କରାଇ-ଥାଆନ୍ତି ।

Digitized by srujanika@gmail.com

କବି ମୁରାରି ମୋହନ ଜେନାଙ୍କ ନାଟ୍ୟ-ମାନସର ନେପଥ୍ୟରେ ଯେଉଁ ପ୍ରଚୁର ଓ ପ୍ରାଣବନ୍ତ ପ୍ରେରଣା ରହିଛି, ତାହା ମଧ୍ୟ ବିଶେଷ ଉଲ୍ଲେଖ ଯୋଗ୍ୟ । ଓଡ଼ିଆ ରାସଲୀଳାର ପ୍ରାଣ-ପ୍ରତିଷ୍ଠାତା, ଆଦ୍ୟକର୍ତ୍ତା ରଣପୁରର ବ୍ରଜବାସୀ ବାବାଜୀ ବୈଷ୍ଣବ ଚରଣ ଦାସ ଏବଂ ଗୀତି-ନାଟ୍ୟର ଅପ୍ରତିଦ୍ୱନ୍ଦୀ ନାଟ୍ୟକାର ବୈଷ୍ଣବ ପାଣିଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ମୁରାରି ମୋହନ ଲୀଳା ନାଟକ ପ୍ରତି ପ୍ରଥମେ ଆକୃଷ୍ଟ ହୋଇ-ଥିଲେ । ସେ ଦୁହେଁ ହିଁ ଥିଲେ ତାଙ୍କ ନାଟ୍ୟଚେତନାର ପଥ-ପ୍ରଦର୍ଶକ । ୧୯୫୬ ମସିହାରେ ଗଣକବି ବୈଷ୍ଣବ ପାଣିଙ୍କ ଇହଲୀଳା ସମ୍ବରଣ କାଳରେ ମୁରାରି ମୋହନ ସେହି ପୁଣ୍ୟାତ୍ମାଙ୍କ ଶବକୁ ନିଜେ କାନ୍ଧରେ ବହନ କରି କଟକ ଖାନ୍ନଗର ଶ୍ମଶାନରେ ସତ୍କାର କରିଥିଲେ ।

କଟକ ଭଗତପୁର ହିଁ ଥିଲି ବାବାଜୀ ବୈଷ୍ଣବ ଚରଣ ଦାସଙ୍କ ସାଧନା ପୀଠ ଓ ତାଙ୍କ ରଚିତ ଅସଂଖ୍ୟ ରାସଲୀଳା ଅଭିନୟର କର୍ମ-ପୀଠ । ଦୀର୍ଘଦିନ ଧରି ଏଇ ଭଗତପୁରରେ ସେ ଯେଉଁ ରାସଲୀଳାର ଅଭିନୟ କରି ତା'ର ମହତ୍ତ୍ୱ ମହାକାଇଛନ୍ତି, ତାହା ଏବେ ବି କେବଳ ଭଗତପୁରବାସୀ କାହିଁକି ସମଗ୍ର କଟକ ସହରରେ ଏକ ଐତିହାସିକ ଅଧ୍ୟାୟ । ବାବାଜୀ ମହାଶୟ, କଟକ ଭଗତପୁରରୁ ବିଦାୟ ନେଲି ପରେ ଚୌଦ୍ୱାର ନିକଟସ୍ଥ ଭଗତପୁର ଟାଙ୍ଗୀଠାରେ ରାଧାଗୋବିନ୍ଦ ମଠ ସ୍ଥାପନ କରି, ଜୀବନର ଶେଷ ନିଃଶ୍ୱାସ ତ୍ୟାଗ କଲି ପର୍ଯ୍ୟନ୍ତ ସେଠାରେ ବସବାସ କରୁଥିଲେ ହେଁ, ତାଙ୍କର ଗତ ଅତୀତର ସାଧନା ପୀଠ ଏଇ କଟକ ଭଗତପୁର, ତାହାର ପାଣି-ପବନ ଓ ଜନ-ଜୀବନକୁ ଭୁଲି ପାରି ନ ଥିଲେ । ପ୍ରତି ମାସରେ ସେ ଭଗତପୁର ଆସି ତାଙ୍କର ରାସଲୀଳା ଅଭିନୟକାରୀ ଶିଷ୍ୟମାନଙ୍କ ଗହଣରେ କେତୋଟି ଦିନ କଟାଉଥିଲେ । ତାଙ୍କ ଜୀବନର ସାୟାହ୍ନରେ ଆମର ଆଲୋଚ୍ୟ ନାଟ୍ୟକାର ଏଇ ଭଗତପୁର ନିବାସୀ ମୁରାରି ମୋହନ ତାଙ୍କ ଘନିଷ୍ଠ ସଂପର୍କରେ ଆସନ୍ତି ଓ ତାଙ୍କର କାଳଜୟୀ ପ୍ରତିଭାରେ ଲୁବ୍‌ଧ ଓ ମୁଗ୍‌ଧ ହୋଇ ବାବାଜୀଙ୍କ ସହିତ ବହୁ ସମୟ ଧରି ଓଡ଼ିଆ ପ୍ରାଚୀନ ସାହିତ୍ୟ ଓ ରାସଲୀଳା ସଂପର୍କୀୟ ଆଲୋଚନାରେ ବ୍ୟାପୃତ ହୁଅନ୍ତି ଓ ବାବାଜୀଙ୍କର ସାନିଧ୍ୟ ଲାଭରେ ଖୁବ୍ ନିକଟରୁ ନିକଟତର ହୋଇ ପଡ଼ନ୍ତି । ତେଣୁ ବାବାଜୀ

Digitized by srujanika@gmail.com

ବୈଷ୍ଣବ ଚରଣଙ୍କ ପବିତ୍ର ସାନିଧ୍ୟ, ମୁରଲୀଧର ମୋହନଙ୍କୁ ଅଧ୍ୟାତ୍ମିକ ଲୀଳା ନାଟକମାନ ରଚନା କରିବାରେ ବହୁଭାବେ ମଧ୍ୟ ପ୍ରେରଣା ସୃଷ୍ଟି କରିଛି ।

ନାଟ୍ୟକାର ମୁରଲୀଧର ମୋହନ ଜେନା ଅଳ୍ପ କେତୋଟି ଲୀଳା ଓ ନାଟକ ରଚନା କରିଥିଲେ ହେଁ, ନାଟକ ପ୍ରତି ତାଙ୍କର ଅନୁରକ୍ତି, ନାଟକ ମାଧ୍ୟମରେ ସମାଜ ସଂସ୍କାର ପାଇଁ ତାଙ୍କର ଅଙ୍ଗୀକାର, ସର୍ବୋ-ପରି ତାଙ୍କ ନାଟ୍ୟ ସୃଷ୍ଟିରେ ସାର୍ବଜନୀନ ଓ ସାର୍ବଜନୀକ ଆବେଦନ—Approach ଏବଂ Appeal ଆଜି ତାଙ୍କୁ ଯଥେଷ୍ଟ ଯଶସ୍ୱୀ କରାଇ ପାରିଛି । ତେଣୁ ତାଙ୍କ ରଚିତ ଓ ଭଗତପୁର ରାମଲୀଳା ସମିତି ଅଭିନୀତ ଭଗତପୁର ରାମଲୀଳା ମଞ୍ଚରେ "ଅହଲ୍ୟା ପରିତ୍ରାଣ"ର ପ୍ରଦର୍ଶନ ଦେଖି ଏସିଆନ୍ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ଥିଏଟର ଶିକ୍ଷା ଓ ପ୍ରଯୋଜନା ବିଭାଗର ବିଶେଷଜ୍ଞ ଆଲେକ୍‌ସ ଏଲ୍‌ମୋର ଯଥାର୍ଥରେ କହିଥିଲେ—"I saw enough to convince me that here was an activity of great value to the Community instilling devotion to the Indian ideals of life and ennabling the individuals in a positive and creative activities."

●

ଅର୍ଥନୀତି ବିଭାଗ,
ସାଲେପୁର କଲେଜ
କଟକ

Digitized by srujanika@gmail.com

ବାଘସିଂହର ସାହିତ୍ୟ ଅରଣ୍ୟରେ ଜବରଦସ୍ତ ଗିର

● ଶ୍ରୀ ଶରତ ମିଶ୍ର

ସାହିତ୍ୟକୁ କେନ୍ଦ୍ର କରି ଆଜିକି ସତେଇଶି ବର୍ଷ ତଳର କଥା ମନେ ପଡ଼ିଗଲେ, ଏଇ କଟକ ସହରର ବହୁ କଥା କିଛି ମନେ ପଡ଼ିଯାଏ । ମନେ ପଡ଼ିଯାଏ କଟକ ଶ୍ରୀରାମଚନ୍ଦ୍ର ଭବନ ଏବଂ ଟାଉନ ହଲ କଥା । ଏମିତ ଦିନ ଯାଇନି, ଯେଉଁଦିନ ସାହିତ୍ୟକୁ କେନ୍ଦ୍ର କରି କିଛିନା କିଛି ସଭା-ସମିତି, ଆଲୋଚନା ତର୍କ-ବିତର୍କ, କବିତା ଆସର, ସ୍ୱୟଂ ସମ୍ବର୍ଦ୍ଧନା ସଭା, ଶ୍ରାଦ୍ଧ ସଭା ନ ହୋଇଛି । ମୁଁ କଟକିଆ ହେଲେ ମଧ୍ୟ, କଟକର ଏଇ ସାହିତ୍ୟ ଅରଣ୍ୟ ମଧ୍ୟରେ ମୋର ପ୍ରବେଶ ହୁଏ ୧୯୬୦-୬୧ ବେଳକୁ ।

କେବଳ କିଛି ଶୁଣିବି । ଏଇ ସେଇ ଅରଣ୍ୟର ଅନୁପମ ଦୃଶ୍ୟ ଦେଖିବି; ପୁଣି ମୁକ୍ତ ବାୟୁ ସେବନ କରିବି, ଏଇ ଭାବନାଟି ଥିଲା ମୋର ମନର ଏକାନ୍ତ ଆକର୍ଷଣ । ଅବଶ୍ୟ ରେଭେନ୍‌ସା କଲେଜରେ ପଢ଼ିବା ବେଳେ ପୁଣି ତା' ଆଗରୁ ରାଣୀହାଟ ହାଇସ୍କୁଲରେ ପଢ଼ିବା ସମୟରେ, ପୁଣି ତା' ଆଗରୁ ପୁରୀହାଟ ମଡ଼େଲ ସ୍କୁଲରେ ମୋର ବର୍ଣ୍ଣ ଶିକ୍ଷା ସମୟରୁ, ଧରି ନଅନ୍ତୁ ମୋର ଶୈଶବ ସମୟରୁ ମୁଁ ଏଇ କଟକର ଗଳିକନ୍ଧିକୁ ଖୁବ୍ ଆପଣାର ଜାଣିଥିଲି ଏବଂ ମୋର ପରବର୍ତ୍ତୀ ଜୀବନରେ ଯେତେବେଳେ ଗ୍ରାସାଚ୍ଛାଦନ ପାଇଁ ଏଇ ସହରରେ ପହଞ୍ଚିଲି, ସେତେବେଳକୁ ଏଇ ସହର ମୋର ଖୁବ୍ ଆପଣାର ହୋଇଗଲା । ଏଇ ସହରର ସାହିତ୍ୟ ଅରଣ୍ୟ ବି ମୋର ଅତି ଆପଣାର ହୋଇଗଲା । ସାହିତ୍ୟ ଅରଣ୍ୟଟା ଏବେ ସାହିତ୍ୟ ସହର ପାଲଟି ଗଲାଣି । କାରଣ ସାହିତ୍ୟ ଅରଣ୍ୟରୁ ସୁନ୍ଦର ସୁନ୍ଦର ବୃକ୍ଷଗୁଡ଼ିକ କାଟି ଲୋକମାନେ ସେ ଗୁଡ଼ିକ ନିଜର ହୋଟେଇ-ଶାଳରେ ଗୃହା-ଜଳଖିଆ କରିବାରେ ଶେଷ କରି ଦେଲେଣି । ଅରଣ୍ୟରୁ ବାଘ-ସିଂହର ବଂଶ ଲୋପ ହେଲା ପରେ, ଯେପରି ଅରଣ୍ୟ ଲୋପ ହୋଇଯାଏ, ଏବେ ସାହିତ୍ୟ ଅରଣ୍ୟର ଅବସ୍ଥା ସେଇଆ ।

ଏଇ ପରିପ୍ରେକ୍ଷୀରେ ସେ ଦିନ ଓଡ଼ିଶାର ସାହିତ୍ୟ ଅରଣ୍ୟରେ ବାଘସିଂହ ମୁରାରି ଜେନାଙ୍କ ସହିତ ସାକ୍ଷାତ୍‌କାର । ରେଭେନ୍‌ସା କଲେଜରେ ମୁଁ ତାଙ୍କ ଅଗ୍ରଜ । ଦେଖା ହେଲା ପରେ ଆମେ ଆମର କିଛି ପୁରୁଣା ସ୍ମୃତି ସ୍ମରଣ କରୁ ।

Digitized by srujanika@gmail.com

ସମସ୍ୟ ଗଡ଼ି ଚାଲେ । ସାହିତ୍ୟ ଅରଣ୍ୟ ମଧ୍ୟରୁ ମୁଁ କିଛି ଦିନ ପାଇଁ ବିଦାୟ ନେଇ କାର୍ଯ୍ୟ କ୍ଷେତ୍ରରେ ଅନ୍ୟତ୍ର ଚାଲିଗଲି । କିନ୍ତୁ କଟକ ସହରରେ ବିଭିନ୍ନ ସମୟରେ ସାହିତ୍ୟକୁ କେନ୍ଦ୍ର କରି ହେଉଥିବା ସଭାଗୁଡ଼ିକର ଧାରା ବିବରଣୀ ମୁଁ ଖବର କାଗଜରୁ ପଢ଼ୁଥିଲି, ଜାଣୁଥିଲି ଏବଂ ପ୍ରଜାତନ୍ତ୍ର ପ୍ରଚାର ସମିତିର ବାର୍ଷିକ ଅଧିବେଶନ ଗୁଡ଼ିକରେ ସାହିତ୍ୟ ଅରଣ୍ୟର ବିଭିନ୍ନ ବାଘସିଂହ ମାନଙ୍କ ସଙ୍ଗରେ ଦେଖାହେଲା ବେଳେ ସର୍ବ ପ୍ରଥମେ ମୋର ସାନଭାଇ କେନାକବି ମୁରାରି ମୋହନଙ୍କ ସହିତ ଦେଖା ହୁଏ ।

ପୂର୍ଣ୍ଣ ଅବସ୍ଥାଚକ୍ରରେ ମୁଁ ଲାଲବାଗ ଥାନାର ଭାରପ୍ରାପ୍ତ ଇନସ୍ପେକ୍ଟର ହିସାବରେ ୧୯୭୦ ମସିହାରେ ଯୋଗ ଦେଲି । ସେତେବେଳେ ମୁଁ ସାହିତ୍ୟକୁ ଭିନ୍ନ ଦୃଷ୍ଟି କୋଣରୁ ଦେଖିବାକୁ ଆରମ୍ଭ କଲି । କାରଣ ସାହିତ୍ୟ ଅରଣ୍ୟକୁ ଆସ୍ତେ ଆସ୍ତେ ଲୋକମାନେ କାଟିବାକୁ ଆରମ୍ଭ କରି ଦେଲେଣି; କିନ୍ତୁ ବାଘସିଂହ ମୁରାରି ମୋହନ ବିପୁଳ ବଳ ଓ ସାହସିକ ମନୋବୃତ୍ତି ନେଇ ଏହି ଅରଣ୍ୟକୁ ରକ୍ଷା କରିବାରେ ଲାଗିଛନ୍ତି ।

ସେ ଦିନ କଟକ ସହରର ସାହିତ୍ୟ ଅରଣ୍ୟରେ ଗତାଗତ ଏକାଧିପତ୍ୟ ନ ଥିଲେ ମଧ୍ୟ ତାଙ୍କ ହାବ ଭାବ ପ୍ରତି ମୋର ଥିଲା ଗୋଟାଏ ବାଧିତ ଆକର୍ଷଣ । ଏଇଥି ପାଇଁ କଟକ ସହରରେ ଯେତେବେଳେ ସେ ଯେଉଁଠାରେ ସଭା କରନ୍ତି, ମୋତେ ଡାକନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ଡାକନ୍ତି । ନ ଡ଼ାକିଲେ ମଧ୍ୟ ଖବର କାଗଜରୁ ସମ୍ବାଦଟି ପଢ଼ି ଦେଇ ମୁଁ ସେଇ ସଭାକୁ ଚାଲିଯାଏ, କେବଳ ଜବରଦସ୍ତ ମନୋଭାବ ନେଇ କିଛି ସମୟ ପାଇଁ ସେତେବେଳକାର ସାହିତ୍ୟ ଅରଣ୍ୟ ବୁଲାବୁଲି କରି ସେହି ସାହିତ୍ୟ କାନନର ବାଘସିଂହମାନଙ୍କ ମେଳରେ କିଛି ସମୟ କଟାଇ ଦେବା ପାଇଁ ।

୧୯୭୩ ମସିହାର ଫେବୃଆରୀ ମାସ ଘଟଣା । ମୋର ବଡ଼ ଝିଅର ବିଭାଘର ଘଟଣାର ରଥଚକ୍ର ତଳେ ମୋତେ ଛୁଟି ନେବାକୁ ପଡ଼ିଥିଲା । ବନ୍ଧୁ ଲୋକଙ୍କୁ ନିମନ୍ତ୍ରଣ କରିଥିଲି, ଝିଅ ଜ୍ୱାଇଁଙ୍କୁ ଆଶୀର୍ବାଦ କରିବା ପାଇଁ । ଭୋଜି-ଭାତ କରି ନ ଥିଲି । ସାଧାରଣ ଏକ ବନ୍ଧୁ-ମିଳନ—ଚାହା ଜଳଖିଆର ବନ୍ଦୋବସ୍ତ । ସନ୍ଧ୍ୟା ସାଢ଼େ ପାଞ୍ଚଟାରୁ ଅବାରିତ ଗତିରେ ଚାଲିଥାଏ ।

ସାହିତ୍ୟ ଅରଣ୍ୟ କ୍ଷେତ୍ରରେ ଏକ ବୁଲି-ଚାଲି, ପାର୍କରେ ବୁଲିବାର ମଜ୍ଜା ବନ୍ଧୁମାନେ ଅନୁଭବ କରୁଥାଆନ୍ତି । କିଛି ବାଧବାଧକତା ନାହିଁ ବରଂ ବନ୍ଧୁ ଲୋକଙ୍କର ଜବରଦସ୍ତ ଗିରି ସେଠାରେ ଜାହିର୍ ହୋଇଥାଏ । ପ୍ରାୟ ରାତି ୯।୧୦ ଟା ହେବ । ସେଇଦିନ ସେଇ ବନ୍ଧୁମାନଙ୍କର ସମାଗମର ଅରଣ୍ୟ ମଧ୍ୟକୁ

Digitized by srujanika@gmail.com

ଜବରଦସ୍ତ ମନୋବୃତ୍ତି ନେଇ ପଶି ଆସିଥିଲେ ବାଘସିଂହ କବି ମୁରାରି ମୋହନ । ହାତରେ କେତୋଟି ବହି, ମୋତେ ଆଶୀର୍ବାଦ କରିବା ପାଇଁ । ମୁରାରିର ଅଭ୍ୟାଗତ ଜବରଦସ୍ତ ଗିରି ଭାଷା । ମୁଁ ଆସିଛି ବେଗର ନିମନ୍ତ୍ରଣରେ । ମନକୁ ଯାହା ଆସିଲା, ଅବଶ୍ୟ ଶ୍ଳୀଳ ଭାଷାରେ ବନ୍ଧି ଦେଇ ଚାଲି ଯାଉଥିଲେ । ମୋର ମଧ୍ୟ ଜବରଦସ୍ତ ଗିରି । ପଞ୍ଜାବୀକୁ ଟାଣି ଧରିଲି ଓ କହିଲି ପାନଭାଇ ହାତ ଓଦା କରିଯାଅ । ମୋ ଅନୁରୋଧରେ ସେ ଗୃହ୍ଣା ଜଳଖିଆ ଖାଇଲେ । ସେ ଦିନର ଘଟଣା ମୋର ଅପାସୋର, କାହିଁକିନା ମୁଁ ତାଙ୍କର ଏତିକି ନିଜର ବୋଲି ସେ ବିନା ନିମନ୍ତ୍ରଣରେ ମୋ ଝୁଅ ବାହାଘରେ ପାଦ ପକେଇ ଥିଲେ । ତାଙ୍କ ଭଳି ଆପଣାର କରିବା ଲୋକ ମୁଁ ଖୁବ୍ କମ୍ ଦେଖିଛି ।

ଆଜି ସେଇ ଭାଇ । ଗଳି-କନ୍ଦର ସମସ୍ୟା ଅରଣ୍ୟ ମଧ୍ୟରେ ନିଜକୁ ଅବଚଳିତ ରଖି ସାମାଜିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସହାବସ୍ଥାନର ବାତାବରଣ ସୃଷ୍ଟି କରୁଥିବା ଜବରଦସ୍ତ କବି ବାଘସିଂହ ହିସାବରେ କେନା ଗିରି କଥାବାର୍ତ୍ତାରେ ଯେଉଁ ଭୂମିକା ଧୃତି ଗ୍ରହଣ କରିଛନ୍ତି, ସେ ହେଉଛନ୍ତି ମୋର ଅନୁଜ, ଆଉ ମୁଁ ତାଙ୍କୁ ଆଦରରେ ଡାକେ ହନୁମନ୍ତ ଭାଇ ।

ସେଇ ହନୁମନ୍ତ ଭାଇର ଦୀର୍ଘ ଜୀବନ କାମନା କରି ମୁଁ ମୋର ଅଭିନନ୍ଦନ ଜଣାଉଛି ।

ସତରେ ଜବରଦସ୍ତ କବି, ତୁମେ ତୁମର ସେହି ଦିନର ଜବରଦସ୍ତ ଗୁଣ ଜାହିର କର । ନ ହେଲେ ଆଜି ଯେପରି ବାଘସିଂହଙ୍କ ଅଭାବରୁ ଲୋକମାନେ ଜଙ୍ଗଲକୁ ସାଫ କରିଦେଇ ସାମାଜିକ ସନ୍ତୁଳନକୁ ଦୋହଲାଇ ଦେଲେଣି; ସେଇପରି ତୁମର ବାଘସିଂହ ଗୁଣର ଜବରଦସ୍ତ ଗିରିକୁ ଜାହିର ନ ରଖିଲେ ସାହିତ୍ୟ ଅରଣ୍ୟ ସଫା ହୋଇଯାଇ ସାମାଜିକ ପ୍ରଦୂଷଣତା ଆହୁରି ବଢ଼ିଯିବ । ତୁମେ ବଞ୍ଚି ରୁହ— ଆଉ ବଞ୍ଚି ରୁହ ତୁମର ଜବରଦସ୍ତି ଗୁଣ ନେଇ ସାହିତ୍ୟ ଅରଣ୍ୟର ଏଇ ସହରର ଗଳି ଉପଗଳିରେ ମଫେଇତ କାମ କରିବା ପାଇଁ, ସାହିତ୍ୟ ରଥୀଙ୍କ ନାଭି ପାଇଁ, ତାଙ୍କର ମଲାଚଣ୍ଡିଆ ଭାଇ ହେବାପାଇଁ, ତାଙ୍କର ଜନ୍ମ-ଜାତକ ସୃଷ୍ଟି କରି ନବାନ୍ନ ଭକ୍ଷଣର ବାତାବରଣ ସୃଷ୍ଟି ପାଇଁ । ପୁଣି ସାହିତ୍ୟର ଅରଣ୍ୟରେ ମୃତ୍ତିକା ସଂରକ୍ଷଣ କରି ଏହାର ପୁନର୍ବନୀକରଣ କରିବା ପାଇଁ । ସେ ଯାହା ଯାହା କରିଯାଉଛ, ସେ ଯେପରି ଅଭିନନ୍ଦନର ଏକ ବିରାଟ ଯୋଜନାମଣ୍ଡି । ସେ ହିସାବ ପରେ ହେବ । ଏଣୁ ଅଭିନବ ଅଭିନନ୍ଦନର ବାତାବରଣ ପାଇଁ ଏକ ବିରାଟ ଜବରଦସ୍ତ ଗିରି ଦରକାର; କେବଳ ସାହିତ୍ୟ ଅରଣ୍ୟ ସୃଷ୍ଟି ପାଇଁ ।

●

ତଳତେଲେଙ୍ଗା ବଜାର,
କଟକ - ୯

Digitized by srujanika@gmail.com

ସେ ଏକ ବିଦ୍ରୋହୀ କବିତା

● ଡକ୍ଟର ରତ୍ନାକର ଚଇନି

ବନ୍ଧନହୀନ
ବନ୍ଧୁ ବର୍ଷି ଚଳେ,
ମନେ ନାହିଁ ସନ ବା ତାରିଖ ।

ସେ ଏକ ପ୍ରଗଲ୍‌ଭ ଝିଅଣ୍ଟୀ
ଭେଟି ଥିଲି —
ଅଦମ୍ୟ ଆବେଗ
ଜ୍ୱାଳାମୟ ବାଣୀ
ସାଲିସହୀନ ପୌରୁଷଟିଏ ବା
ରୁକ୍ଷ ବାସ୍ତବତା,
କିମ୍ବା ହୋଇପାରେ
ଅନାମିକା ଆଗ୍ନେୟ ଗିରିଟେ ।

ଭସ୍ମ କଲି ଦିନା କେତେ, ଭକ୍ତ କଲି ପୂର୍ଣ୍ଣ
ଆପଣାର ଜଗତରେ
ପରିଚିତ ନାନାବାଦ୍ୟା ଗାଇ
ଡାକିଲି ମୁଁ ବାରମ୍ବାର
ହେ। ମୁହାର ଭଇ !

ଆହୁରି ଆଶ୍ଚର୍ଯ୍ୟ ହେଲି,
ଅନନ୍ତ ନୀଳ-ଆକାଶ
ଗମ୍ଭୀର ଉଦାସ ଭୁଲି
ଭୁଲି ତା'ର ସ୍ୱାଭାବିକ
ସ୍ୱର ଓ ସ୍ୱୀକୃତ
ଭୈରବ ରାଗିଣୀ ଭୁଲି
ଅକସ୍ମାତ୍ ସ୍ନେହଶୀଳା ନଈଟିଏ
ହୋଇ ବହିଗଲା,
ସିକ୍ତ କଲା ମନ-ବନ

Digitized by srujanika@gmail.com

ଆହ୍ଲାଦରେ/ଆନନ୍ଦରେ/ଆବେଗରେ
ଗାଇ ଉଠି ମନ୍ତ୍ର ଆଶାବରୀ ।

ଏମିତ ମଣିଷଟିଏ
(ଏମିତ ଉପମାଟିଏ
ଦେବ କିଏ ମୋତେ ?
'ସୁଧା ପରି ସୁଧା
ସିନାରେ ସଙ୍ଗୀତ')
ସେହି ସିନା ତାହାର ଉପମା;
ସ୍ନେହ, ପ୍ରେମ, କ୍ରୋଧ, ଅନୁକଂପା
ଭୀମକାନ୍ତ—ସାହିତ୍ୟ-ସଂସାରେ
ସବୁର ଦୁଆରେ ଉଭା
ସାଂସ୍କୃତିକ ଉତ୍କଣ୍ଠି,
କେତେ ବ୍ୟାକୁଳତା ।

ହେ ଅଗ୍ରଜ !
ହେ ମୋର ବିଦ୍ରୋହୀ କବିତା !
ତୁମେ କି ନେଇଛ ଠିକା
ଉଦ୍ଧାରିବାକୁ
ବନ୍ଦିନୀ ମୋ ସଂସ୍କୃତିର ସୀତା !

ବସ୍ତୁସ ପାରନ ଦେଇ
ଭସ୍ମ-କ୍ଳାନ୍ତ କିବା ଅକ୍ଷମତା,
ଇଚ୍ଛା ହୁଏ ତେଣୁ ଆଜି
ପଢ଼ିବାକୁ ବାରଂବାର
ମୁଗ୍ଧର ମୋହନ
ତୁମକୁ ହେ ବିଦ୍ରୋହୀ କବିତା ।

●

ଅଧ୍ୟାପକ, ରେଭେନ୍‌ସା କଲେଜ
କଟକ-୩

Digitized by srujanika@gmail.com

ତୁଳସୀ ଭୁଇଁ ପତ୍ରରୁ

● ଶ୍ରୀମତୀ ବସନ୍ତ ଦେବୀ

ବହୁଦିନ ତଳର କଥା ହେଲେ ବି ମନେ ଅଛି ଓ ସେ ଭଦ୍ର-ଲୋକଙ୍କୁ ଦେଖିଲେଇ ମନେ ପଡ଼େ ।

ସେଦିନ ସନ୍ଧ୍ୟାବେଳେ ଘରକାମ କରୁଥିବା ମୂଲିଆ ମିସ୍ତ୍ରୀଙ୍କ ମଜୁରୀ ହିସାବ କରୁଥିଲି । ହିସାବକୁ ନେଇ ମୁଁ ମଧ୍ୟ ଖୁବ୍ ବ୍ୟସ୍ତ ଥିଲି ।

ଆମ ଘର କାମ ସୁପରଭାଇଜ୍ କରିବା ଦାୟିତ୍ୱ ଜେନାଙ୍କ ଉପରେ ଥିଲି । ସେ ଜଣେ ଦାୟିତ୍ୱ ସମ୍ପନ୍ନ ଅଭିଜ୍ଞ ବ୍ୟକ୍ତି ରୂପେ ଆମ ଘରେ ବିଶ୍ୱାସଭାଜନ ବ୍ୟକ୍ତି ଥିଲେ । ତାଙ୍କ ବ୍ୟବହାର ଓ ବୟସ ଦୃଷ୍ଟିରୁ ମୋ ପାଇଁ ସେ ମଧ୍ୟ ସମ୍ମାନମୟ ବ୍ୟକ୍ତି ଥିଲେ । ସେଦିନ ସେତିକବେଳେ ଗୋଟିଏ ଖର-ଖରିଆ ପିଲା ଆମ ମଝିରେ ପଶି ଆସିଥିଲା; ଗୋଟାଏ ହାଫ୍ ପ୍ୟାଣ୍ଟ ଓ ହାଫ୍ ସାର୍ଟ ଖଣ୍ଡେ ପିନ୍ଧି କରି ।

ମଜୁରୀ ହିସାବ କଲାବେଳେ ମୁଣ୍ଡ ମାଡି ଦେଖୁ ଦେଖୁ ସେ ପିଲା କହି ଉଠିଲା—'ସେଥିରେ ଭୁଲ ରହିଲା, ଏମିତି ସବୁଦିନେ ତ ଭୁଲ ହଉଥିବ, ହା, ହା । ସେ ପିଲା କିଏ ମୁଁ ସେତେବେଳ ଯାଏ ଜାଣି ନ ଥିଲେ ବି ପିଲାଟା ବୋଲି ମୁଁ ତାକୁ ବେଶି ଧ୍ୟାନ ଦେଉ ନ ଥିଲି । କିନ୍ତୁ ମୋ ପ୍ରତି ତା'ର ସିଧାସିଧି ଦୋଷ ଦେବାର ଢଙ୍ଗ ଦେଖି ତାକୁ ଅନେଇଲି ।

ସେ କିନ୍ତୁ ନିର୍ଭୀକ ଭାବରେ ମୋର ଭୁଲଟି ଦେଖାଇ ଦେଇ କହିଲା—'ଆଗରୁ ବି ଏମିତି କେତେ ଭୁଲ ଥାଇପାରେ ତ ? ଜେନାଏ ତାକୁ ଠେଲି ଦେଇ କହିଲେ—'ଏଠୁଁ ପଳା, ଗୋଳମାଳ କରନା' । ସେଇଠୁଁ ମୁଁ ଜାଣିଲି ସେ ଜେନାଙ୍କର କେହି ।

ପଚାରିଥିଲି— ପିଲା କିଏ ?

Digitized by srujanika@gmail.com

ଚୈନାଏ ବ୍ୟସ୍ତ ହୋଇ ପଡ଼ି କହିଲେ—'ସେ ମୋ ପୁଅ।'

ପଚାରିଥିଲି—ପଡ଼ୁଛି ନା ?

କହିଲେ—ହିଁ ଅଷ୍ଟମ ଶ୍ରେଣୀରେ। ମୁଁ କେବଳ ଜେନାଙ୍କ ପୁଅ ବୋଲି ତାକୁ ଘରେ କିଛି କହି ପାରିଲି ନାହିଁ। ତା' ଖରଖରିଆ କଥାରେ ମତେ ରାଗ ମାଡ଼ୁଥାଏ। ତା'ପରେ ମୁଁ ତା' କଥା ଭୁଲିଯାଇ ନାହିଁ। ହରିଜେନାଙ୍କ ପୁଅ ମୁରାରି କଥା ମୁଁ କେବେ ଭୁଲି ପାରେନି କାରଣ ସେ ମତେ ସେଦିନ ବେଶ୍ ଗୁରୁପଦ ଶୁଣେଇ ଦେଲା। ଏତେ ଛୋଟିକେ ପିଲା ମନରେ ଏମିତି କହିବା—ମୁଁ ପ୍ରଥମେ ଯାହା ଭାବିଥିଲି : ପରେ ସେଇ ପିଲା ବିଷୟରେ ଜାଣିବାକୁ ମୋର ଆଗ୍ରହ କାହିଁକି ସଜାଗ ହୋଇ ଉଠିଥିଲା।

ଆଜିର ମୁରାରି ଜେନା ମହାଶୟଙ୍କୁ ଆଉ ସେ ପୁରୁଣା କଥା କହିବାକୁ କୁଣ୍ଠାବୋଧ ହେଲେ ବି ମୁଁ ଭୁଲି ନ ପାରିଥିବା କଥା କହି ପକେଇଲି। ତାଙ୍କ ଜୀବନର କ୍ରମୋନ୍ନତି ପ୍ରତି ମୋର ଯେ ଲକ୍ଷ୍ୟ ରଖି ମୁଁ ତାଙ୍କ କଥା ଜାଣିବାରେ ଏତେ ଆଗ୍ରହୀ ହୋଇ ଉଠିଥିଲି, ତା' ମୂଳରେ ଥିଲା ସେ ଦିନର ଅସ୍ୱସ୍ତିକର ଘଟଣା ସତ କିନ୍ତୁ ପରେ ମୁରାରିବାବୁଙ୍କ ପ୍ରତି ଶ୍ରଦ୍ଧା କେମିତି କେଜାଣି ଜାଗି ଉଠିଥିଲା, ବୁଝି ହୁଏ ନାହିଁ।

ମୁରାରିବାବୁ ଏକାବେଳେ ସାହିତ୍ୟ କ୍ଷେତ୍ରରେ, ସାମାଜିକ ସ୍ତରରେ ଜଣେ ସୁନାମଧନ୍ୟ ବ୍ୟକ୍ତି। ବହୁ ଲୋକଙ୍କୁ ମିଳେଇ ସଙ୍ଗଠନ କରିବାରେ ଖୁବ୍ ଦକ୍ଷ ସଂପର୍କକ। ସାମାଜିକ ଜୀବନରେ ବ୍ୟାପକତା, ସହୃଦୟତା ଲାଭ କରି ବ୍ୟକ୍ତିତ୍ୱର ଯେଉଁ ବିକାଶ ବଢ଼ାଇବାର ଦକ୍ଷତା ତାଙ୍କ ଠାରେ ମୁଁ ଦେଖେ, ମତେ ଖୁବ୍ ଭଲ ଲାଗେ।

ଯୋଉ ମୁରାରିବାବୁଙ୍କ ନାକ ଟେକ ବାଳକର ସହ ପ୍ରଥମ ପରିଚୟ ପାଇଥିଲି—ସେ ପିଲାର ବି ଗୋଟାଏ ଆକର୍ଷଣ ମୁଁ ଅନୁଭବ କରିଥିଲି। ଦେଖିଲି ତାଙ୍କ ଠାରେ ମୌଳିକତା ଭରପୂର— ସେଥିପାଇଁ ମୁରାରିବାବୁ ନିର୍ଭୀକତା ଓ ସ୍ପଷ୍ଟବାଦୀତା ଗୁଣରେ ବହୁଗୁଣୀ ସାହିତ୍ୟିକ, ବ୍ୟଙ୍ଗକାର, ଧର୍ମ ଆଲୋଚକ ଓ ସଙ୍ଗଠକ ରୂପେ ସବୁ-

Digitized by srujanika@gmail.com

କ୍ଷେତ୍ରରେ ଦକ୍ଷ ଓ ବିଶେଷ ଲୋକପ୍ରିୟ ହୋଇ ପାରିଛନ୍ତି । ସେ ଜଣେ ସରକାରୀ ଉଚ୍ଚ ଅଫିସର ହେବାର ସୁଯୋଗ ଲଭ ପରେ, ଗୃହକର୍ମ ସହିତ ନିଜକୁ ସଙ୍କୁଚିତ ସୀମିତ ନ ରଖି, ତାଙ୍କ ସାହିତ୍ୟିକ କର୍ମ-କ୍ଷେତ୍ରକୁ ଯେପରି ଉନ୍ନତ ଓ ବ୍ୟାପକ କରି ପାରିଲେ ତାହା ଅତୀବ ପ୍ରଶଂସନୀୟ ।

ପ୍ରକୃତି ପର୍ଯ୍ୟାୟରେ ଏମିତି ଦୃଷ୍ଟାନ୍ତ ଥାଏ । ମେଥି ବୋଲି ଭାବି ବୁଣିଦେଲା ପରେ ଦେଖାଯାଏ ସୋରିଷ ଗଛ ଗୁଡିକ ଉଠିଛି । ପରେ ଦେଖାଯାଏ ତହିଁରେ କନ୍ଦମୂଳ ପରି ଫଳ ଫଳିଲା । କିନ୍ତୁ ପ୍ରଥମରୁ ସେ ଯେ ମୂଳା ମଞ୍ଜି ଥିଲା, ଯାହାକୁ ଭ୍ରମରେ ଆମେ ଚିହ୍ନିବାକୁ ଡେରି ହେଲା । ଏ କଥା ବୁଝିବାକୁ ବିଳମ୍ବ ହୁଏ । ସେମିତି ମୁରାରିବାବୁଙ୍କ ଭିତରେ ଯେଉଁ ମୌଳିକତା ପିଲାଦିନୁ ଦେଖିଥିଲି, ପରେ ତା'ର ପ୍ରକୃତ ପରିଚୟ ପାଇ ମୁଁ ଆନନ୍ଦିତ । ମୋର ବିଶ୍ୱାସ ତାଙ୍କ ପାଇଁ ବିକାଶର ପଥ ବହୁ ଆଗକୁ ଉନ୍ମୁକ୍ତ ।

ଆଜି ତାଙ୍କର ଶୁଭ ଜନ୍ମଦିନରେ ତାଙ୍କ ଜୀବନର ଉତ୍ତରୋତ୍ତର ସୁକୃତି, ସ୍ୱୀକୃତି ଓ ଦୀର୍ଘାୟୁ କାମନା କରୁଛି ।

●

ଝାଞ୍ଜିରୀ ମଙ୍ଗଳା,
କଟକ-୯

Digitized by srujanika@gmail.com

ସମର୍ଥ ସଙ୍ଗଠକ ମୁରଲୀ ବାବୁ

● ଶ୍ରୀ କ୍ଷୀରୋଦ ଚନ୍ଦ୍ର ଗୋଛାଳ

ମୁରଲୀବାବୁ କହିଲେ ସମସ୍ତେ କବି ମୁରଲୀ ମୋହନ ଜେନାଙ୍କୁ ବୁଝନ୍ତି । ମୁରଲୀବାବୁଙ୍କ ସହିତ ମୋର ପରିଚୟ ୧୯୫୭ ମସିହାରୁ । ସେତେବେଳେ ସେ 'ସାମନ୍ତ ସିଂହାର ସାହିତ୍ୟ ସଂସଦ' ନାମରେ ଏକ ଅନୁଷ୍ଠାନ ଗଢ଼ି, ସାମନ୍ତସିଂହାର ଜୟନ୍ତୀ ପାଳନର ଆୟୋଜନ କରିଥାନ୍ତି । କଟକର ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ସେଇ ସାମନ୍ତ-ସିଂହାର ଜୟନ୍ତୀ ଉତ୍ସବରେ ମୁଁ ମୁରଲୀବାବୁଙ୍କ ସହିତ କାନ୍ଧକୁ ସହଯୋଗ କରିଥିଲି । ସେଇଦିନୁ ମୁରଲୀବାବୁ ମୋର ଜଣେ ସାହିତ୍ୟିକ ବନ୍ଧୁ ।

ମୁରଲୀବାବୁ କେବଳ ଜଣେ ସାହିତ୍ୟିକ ନୁହନ୍ତି; ସେ ଜଣେ ସମର୍ଥ ଓ ସୁଦକ୍ଷ ସଙ୍ଗଠକ । ମୁରଲୀବାବୁ ତାଙ୍କ ଛାତ୍ର ଜୀବନରୁ ସଙ୍ଗଠନ କରିଛନ୍ତି । ତେଣୁ ତାଙ୍କର ବୟସ ଓ ଅଭିଜ୍ଞତା ବୃଦ୍ଧି ସାଙ୍ଗକୁ ସାଙ୍ଗଠନିକ ଦକ୍ଷତା ମଧ୍ୟ ବୃଦ୍ଧି ପାଇଛି । ବହୁ ଅନୁଷ୍ଠାନର ସେ ହର୍ତ୍ତା, କର୍ତ୍ତା ଓ ବିଧାତା ।

ଉତ୍କଳର ଅନ୍ୟତମ ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ସେ ବହୁବର୍ଷ ଧରି ସମ୍ପାଦକ ହେବାର ସୌଭାଗ୍ୟ ଲାଭ କରିଛନ୍ତି ଓ 'କଟକ ରାମଲୀଳା ପ୍ରଚାର ସମିତି'ର ବହୁ ବର୍ଷ ଧରି ସଭାପତି ଥିଲେ । ତେଣୁ ସେ ସେହି ସେହି ଅନୁଷ୍ଠାନର ସଂପାଦକ ଓ ସଭାପତି ରହି ବହୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ । ଏହାଛଡ଼ା 'କାଳକଲମ' 'ସ୍ୱାଗତିକା' 'ଚଳନ୍ତିକା' 'ଅର୍ଘ୍ୟ ଅର୍ଚ୍ଚନା' 'ସାଂଧ୍ୟ ସାହିତ୍ୟ ସଂସଦ' 'ପ୍ରତିଭା ପୂଜା ପରିଷଦ' ପ୍ରଭୃତି ତାଙ୍କ ସୃଷ୍ଟ ଅନେକ ଅନେକ ସଙ୍ଗଠନ ଜରିଆରେ, ସେ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ଏକ ନବଜାଗରଣର ସୂତ୍ରପାତ କରିଛନ୍ତି ।

ସାହିତ୍ୟ କ୍ଷେତ୍ରରେ ସେ ପୂର୍ବସୂରୀମାନଙ୍କୁ ବିଶେଷ ଭାବେ ସ୍ମରଣ କରି ସେମାନଙ୍କର ଜୟନ୍ତୀ, ଶ୍ରାଦ୍ଧ ଦିବସ ପ୍ରଭୃତି ଉତ୍ସବ ପାଳନ କରନ୍ତି । କାହାର ଜୟନ୍ତୀ, କାହାର ଶ୍ରାଦ୍ଧ କେଉଁଦିନ ପଡ଼ିବ, ସେ ସବୁ ମୁରଲୀବାବୁଙ୍କର ତୁଣ୍ଡେ ତୁଣ୍ଡେ ।

Digitized by srujanika@gmail.com

ସଙ୍ଗଠନ କ୍ଷେତ୍ରରେ ମୁରାରିବାବୁ ଜଣେ ଏକକ ଅଭିନେତା । ନିମନ୍ତ୍ରଣ ପତ୍ର ବାଣ୍ଟିବା ପରି ଯେ କୌଣସି ଛୋଟବଡ଼ ସବୁକାମ ସେ ନିଜେ କରନ୍ତି । ସେଥିପାଇଁ ତାଙ୍କର ଆଦୌ ସଙ୍କୋଚ ନ ଥାଏ ।

ଏ ସବୁ ସତ୍ତ୍ୱେ ମୁରାରିବାବୁ ମଧ୍ୟ ଜଣେ ସୁବକ୍ତା । ତାଙ୍କ ଭାଷଣର ଗୋଟାଏ ସ୍ୱତନ୍ତ୍ର ଶୈଳୀ ଓ ଆକର୍ଷଣ ଅଛି । ତାଙ୍କର ଦୀର୍ଘ ସମୟ ଧରି ଭାଷଣରେ ସେ ବହୁ ତଥ୍ୟ ଗର୍ଭିତ ନୂତନ କଥା କହି ପାରନ୍ତି । ଏହାର କାରଣ, ସେ ଗୁଡାଏ ପଢନ୍ତି, ଗୁଡାଏ ସଂଗ୍ରହ କରନ୍ତି ଓ ବହୁତ ମନେ ରଖି ପାରନ୍ତି । ସବୁଠୁଁ ଆଶ୍ଚର୍ଯ୍ୟ ଓ ଆନନ୍ଦର କଥା ଏଇ-ଯେ କୌଣସି ଘଟଣାର ସାଲ, ମାସ, ତାରିଖ ସୁଦ୍ଧା ତାଙ୍କ ଜିଭ ଅଗରେ । ସ୍ୱଲିଖିତ ବହୁ ପୁସ୍ତକ ଗୁଡିକ ବ୍ୟତୀତ ତାଙ୍କ ଦ୍ୱାରା ସଙ୍କଳିତ କେତୋଟି ଉପାଦେୟ ପୁସ୍ତକ ଆମ ସାରସ୍ୱତ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ସେ ଗୁଡିକ ମଧ୍ୟରେ 'କବି କଣ୍ଠେ ଶ୍ରୀଜଗନ୍ନାଥ' ଏକ ଶ୍ରାନ୍ତିକାରୀ ସଂକଳନ ।

ଏବେ କେତେ ବର୍ଷ ହେଲା ଶ୍ରୀ ବଂଶୀଧର ମିଶ୍ର କଟକରେ ଅନୁଷ୍ଠିତ ବିଭିନ୍ନ ସଭାର ବିବରଣୀ ଲିପିବଦ୍ଧ କରି ରଖୁଛନ୍ତି । କିନ୍ତୁ ତାଙ୍କ ପୂର୍ବରୁ ଏ କାର୍ଯ୍ୟ ପ୍ରଥମେ ମୁରାରିବାବୁ ହିଁ ଆରମ୍ଭ କରିଥିଲେ ଓ ଏ ଯାବତ୍ ତାହା ଅବ୍ୟାହତ ରଖିଛନ୍ତି । କେବଳ ସଭାର ବିବରଣୀ ନୁହେଁ; ସମ୍ବାଦପତ୍ର, ପତ୍ରପତ୍ରିକା ଓ ଫଟୋ ପ୍ରଭୃତି ସାଇତି ରଖିବାରେ ମୁରାରିବାବୁଙ୍କର ସ୍ୱତନ୍ତ୍ର ରୁଚି ରହିଛି । ସୁତରାଂ ତାଙ୍କ ଘର ଗୋଟିଏ ସଂଗ୍ରହାଳୟରେ ପରିଣତ ହେବାକୁ ବସିଲାଣି ।

ମୁରାରିବାବୁ ଜଣେ ବନ୍ଧୁବତ୍ସଳ, ଶ୍ରଦ୍ଧାଳୁ, ମିଷ୍ଟାଳାପି ଓ ହାସ୍ୟରସ ପ୍ରିୟ ମଣିଷ । ଅଧୁନା ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ମୁରାରିବାବୁଙ୍କ ପରି 'କର୍ମୀ'ଙ୍କର ଅଭାବ ରହିଛି ।

ଏହିପରି ଜଣେ ସୁ-ସାହିତ୍ୟିକ, ସୁ-ସଙ୍ଗଠକ, ସୁ-ବକ୍ତା ଓ ବନ୍ଧୁ ଜନପ୍ରେମୀ ବନ୍ଧୁ ମୁରାରିବାବୁଙ୍କର ଜୟନ୍ତୀ ଉତ୍ସବ ଅବକାଶରେ ମୁଁ ତାଙ୍କର ସୁଦୀର୍ଘ, ନିରାମୟ ଓ କର୍ମକ୍ଷମ ଜୀବନ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

●

କାଠଗଡ଼ା ସାହି, କଟକ-୨

Digitized by srujanika@gmail.com

ସ୍ୱପ୍ନର ସାଥୀ ତୁମେ ମୁରାର ମୋହନ

● ଶ୍ରୀମତୀ ଶୈଳବାଳା ପୃଜାଙ୍କ

॥ ଏକ ॥

'ଭଗବାନ ମୁଁ ତୁମକୁ ଠିଆ ଫାଣ୍ଡ ଦେବ'
ଏ କଥା ଧରିବ ତୁମ୍ଭେ ଶକତି କା' ଅଛି ?
ଲେଖିବ କାହା କଲମ ଏ ଶବଦ ବାଛି,
ଯେ' ଲେଖିଛି ଆଜି ତା'ରେ ପ୍ରଣାମ କରୁଛି ।

॥ ଦୁଇ ॥

ସ୍ୱପ୍ନର ସାଥୀ ସେ ତ ମୁରାରିମୋହନ—
ଜେନା କବି ଆଜି ତୁମ ଶୁଭ ଜନ୍ମ ଦିନ ।
କି ଅବା ବଧାଇ ଦେବି ଏ ବୟସରେ ସାନ,
ପ୍ରଭୁଙ୍କର ପାଦେ ଆଜି ଏ ମୋର ଜଣାଣ ।
ଯଶ ଆୟୁଷ ତୁମ୍ଭର ବଢୁ, ଆମ ଅଳି;
ସ୍ୱପ୍ନର ଗୀତ ଗାଉଥାଅ ଭଳି ଭଳି ।

॥ ତିନି ॥

ଗରିବ ଜନର ସାଥୀ ତୁମ ଲେଖା ଯେତେ,
ସେଇ ସିନା ବଡ଼ ଧନ ଆମ ପାଇଁ ସତେ ।
ସାଇତି ରଖିବୁ ଜାଣ ବାଗ୍‌ଦେବୀ ଭଣ୍ଡାରେ
ସବୁହରି ପାଇଁ ଖୋଲୁଥିବୁ କାଳେ କାଳେ ।
ମନ ପ୍ରାଣ ଅନ୍ତରରେ ଦଳିତର କଥା,
ରଖିଅଛ, ଲେଖିଅଛ ତାଙ୍କର କବିତା ।

Digitized by srujanika@gmail.com

॥ ଚାରି ॥

ବୃତ୍ତି ତୁମ କେଡ଼େ ବଡ ତଥାପି କି ଭଲ ?
ଆନ ଦୁଃଖେ ଦେଇପାର ଆଖି ଲୁହ ଢାଳି ।
ସୁଖ ଦେବା ଲଗି ଯେତେ କଥା ରଖ ଖାଳି,
ଦୁଃଖର କାରଣ ପ୍ରଭୁ ବୋଲି ଦିଅ ଗାଳି ।
ସାନ ବଡ଼ ଭେଦ-ଭାବ କରିବାକୁ ଦୂର,
ଭଗବାନେ ପୁଣି ତୁମେ ସାବଧାନ କର ।

॥ ପାଞ୍ଚ ॥

ଯେତେ ଯେତେ ଅହମିକା ବୃଥା ଆଡମ୍ବର,
ସ୍ପର୍ଶ କରି ପାରି ନାହିଁ ତୁମର ଅନ୍ତର ।
ଜୀବନରେ ଥିବା ଯାଏ ରହୁ ସେହି ଭାବ,
ନୂଆ ନୂଆ ସ୍ୱପ୍ନର ବାର୍ତ୍ତା ବାଢୁଥିବ ।
ସେଥିରୁ ପ୍ରେରଣା ପାଇ ଧନ୍ୟ ହେବୁ ଆମେ,
ଏଇ ଆଶା, ଆଜି ତୁମ ଶୁଭ ଜନ୍ମ ଦିନେ ।

●

ଆଡ୍‌ଭୋକେଟ୍,
ଏ/ଏଲ୍-୧ ବାସନ୍ତୀକଲୋନୀ
ଉଦିତ୍ ନଗର, ରାଉରକେଲା-୧୨

Digitized by srujanika@gmail.com

ଜେନା କବିଙ୍କୁ ଘେନା କର

● ଶ୍ରୀ ଚନ୍ଦ୍ରମଣି ପଣ୍ଡା

୧୯୫୧ ମସିହାରେ ମୁଁ ରେଭେନ୍ସା କଲେଜକୁ ଗଲି ବି.ଏ. ପଢ଼ିବା ପାଇଁ । ସେଇଠି ମୁରାରି ମିଳିଲା ମତେ । ଯାହାକୁ କେତେବେଳେ ଜେନା କବି, ଆଉ କେତେବେଳେ ମୁରାରି ମୋହନ ଜେନା ଏବଂ ସବୁକାଳେ ମୁରାରି ଜେନା କୁହାଯାଉଛି । ୧୯୪୮-୪୯ ମସିହାରୁ ମୁଁ 'ଡଗର' ପୃଷ୍ଠାରେ ଭଗତପୁରିଆ ମୁରାରି ମୋହନ ଜେନାଙ୍କୁ ତ ଦେଖେଁ ଲେଖକ ଭାବେ । କଟକ ରହଣି ଓ ପଢ଼ଣି କାଳରେ ମୁରାରି ସାଙ୍ଗରେ ସଦ୍‌ଭାବ, ସଖ୍ୟ ଆଉ ସହୋଦରୀ ଭାବ—'ସତ କଥା'ର ରଘୁ ରାଉତ ଭଳି । ଥରେ କ'ଣ ଗୋଟେ କାମରେ ମୋର ପୂର୍ବତନ ପ୍ରଧାନ ଶିକ୍ଷକ ଥିବା ସିନସୂର ଆଡ଼ଭୋକେଟ ଶ୍ରୀନିବାସ ମିଶ୍ରଙ୍କ ଘରେ ବସିଛି, ରଘୁ ରାଉତ ସେଠି ହାଜର ହୋଇଗଲେ । ସାର୍‌ଙ୍କ ସାଙ୍ଗରେ ତାଙ୍କର 'ସତ କଥା' ନାମରେ ହୋଇଥିବା ଗୋଟେ ଫୌଜଦାରୀ ମାମଲାର ଆର୍ଗୁମେଣ୍ଟ ବିଷୟରେ କଥାବାର୍ତ୍ତା କଲେ । ମୁଁ ସେତେବେଳକୁ 'ଗ୍ଲୁରପୋକ' ପତ୍ରିକା କାଢୁଥାଏ । ସେ କଥା ସାର୍ ରଘୁ ରାଉତଙ୍କୁ କହି ଦେବାରୁ ସେ ଭାରି ଖୁସି ହୋଇ ମତେ କୁଣ୍ଢେଇ ପକେଇଲେ । ମୁରାରି ବି 'ତେନ୍ତୁଳି ଗୁଠ' ପତ୍ରିକା କାଢୁଥିଲା । ଓଡ଼ିଆ ପତ୍ରିକା କେତେଦିନ ବା ବାହାରି ପାରେ ? ମୋର ହାସ୍ୟ-କବିତା 'ବୃଷଭ ମିଳନ' ଡଗର ପତ୍ରିକାରେ ନିୟମିତ ପ୍ରକାଶ ପାଉଥିଲା । ମୁରାରି ତ ନଚ୍ଛୋଡ଼ ବନ୍ଧା ସାହିତ୍ୟ-ସମାଲୋଚକ । 'ଓଡ଼ିଆ ସାହିତ୍ୟରେ ସାବୁନ ଫେଣ" ଶୀର୍ଷକ ଏକ ହାସ୍ୟ-ଲାସ୍ୟ କବିତାରେ— "ଆରେ ଚନ୍ଦ୍ରମଣି ପଣ୍ଡା, ବୃଷଭ ମିଳନ ଷଣ୍ଢା" ଲେଖିଥିଲା ।

କଟକ ସହର ଧନ୍ୟ । ପଠୂ ମାଟି ଉପରେ ଥୁଆ ହୋଇ ପଥରବନ୍ଧା ଘେରା ଏହି କଟକରେ କିଏ ନାହିଁ ଓ କ'ଣ ନ ହୋଉଛି ? କିନ୍ତୁ ସବୁରି ମନକୁ ନେଇ କଲମ ଚଳେଇ ପାରିବା ଭଳି ମୁରାରି ଜେନା—ମାତ୍ର ଗୋଟିଏ ଆଖିଦୃଶିଆ ମଣିଷ ।

କବିତା, କଥା, ଆଲୋଚନା, ସମାଲୋଚନା, ହାସ୍ୟ ଓ ବ୍ୟଙ୍ଗ ସବୁଥିରେ ମୁରାରି ହାସଲିତ ଗୁଣ ଆଣିଛି । ତା'ର ଗୋଟେ

Digitized by srujanika@gmail.com

ବିଶେଷତ୍ୱ ହେଉଛି, ସବୁ ମଣିଷକୁ ଭଲ ପାଇବା ଓ ସେମାନଙ୍କର ହାନିଲାଭ ସହ ଜଡ଼ି ଯିବା । ସେଥିପାଇଁ ତାକୁ ବି ବେଶ୍ ମୂଲ୍ୟ ଦେବାକୁ ପଡ଼ିଛି । ତା’ ଜୀବନରେ ସେ ଯାହା ପାଇଛି, ସେ କଥା ସେ ଜାଣେ ଓ ତା’ ପାଖ ଲୋକେ ଜାଣନ୍ତି । ଯାହା କହି ହେବ ନାହିଁ କି ସହି ହେବ ନାହିଁ । କାରଣ ଈର୍ଷ୍ୟା ଓ ଅସୂୟା ଏ ଜାତିକୁ ପଛେଇ ଦେଇଛି । ଏମାନେ ଅନ୍ୟର ପ୍ରଶଂସା କରିବେ, ତାକୁ ଠାକୁର ଭଳି ମୁଣ୍ଡେଇବେ । ଫୁଲ ଚନ୍ଦନ ଦେବେ । କିନ୍ତୁ ଜାତି ପୁଅକୁ କଳଙ୍କ ପ୍ରହାର ଦେବେ ।

ଅନେକ ବର୍ଷ ଧରି ରେଲ ଗାଡ଼ିରେ ଯେଉଁ ଗୀତ ଗାଇଲାବାଲା ଗୀତ ବୋଲି ଶ୍ରେଷ୍ଠ ବହି ବିକନ୍ତି, ସେଇ ଅଧିକାଂଶ ବହିର ଲେଖକ ଏଇ ମୁରାରି ଜେନା । ପ୍ରାୟ ଦଶବର୍ଷ ତଳେ କଟକ ବକ୍ସିବଜାର ଛକ ପୁରୁଣା ଗଭର୍ଣ୍ଣମେଣ୍ଟ ପ୍ରେସ ପାଖରେ ଦିନ ନଅଟା ବେଳେ ନଜରରେ ପଡ଼ିଗଲା ମୁରାରି । ତା’ ସାଇକେଲଟାକୁ ଦେଖି ମୁଁ ଭାବିଲି ଊନବିଂଶ ଶତାବ୍ଦୀର ଏକ ମଡ଼େଲ । ମୁଁ ଖାଲି ଭାବୁଥାଏ, ଏ ଲୋକଟା ସମସ୍ତ ଅଭାବ ଓ ଅସନ୍ତୋଷକୁ ଥାପଡ଼ ମାରି ଏପରି ଏକ ଅଚଳ ସାଇକେଲ ସହ ଚଳପ୍ରଚଳ ହେଉଛି କିପରି ? ଧନ୍ୟ ତା’ର ଧୈର୍ଯ୍ୟ ଓ ଧନ୍ୟ ତା’ର ମୁକାବିଲା ଶକ୍ତି ।

ଲେଖିଲେ ଲେଖି ଚାଲିଥିବ । ଡଗର ପ୍ରେସରେ ଫକୁରାନନ୍ଦଙ୍କ ପାଖରେ ମୁରାରି, ଶ୍ରୀରାମଚନ୍ଦ୍ର ଭବନରେ ମୁରାରି, ସାର୍ ଶ୍ରୀରାମ ଦାସଙ୍କ ପାଖରେ ବି ମୁରାରି । ସାହିତ୍ୟ, ସଂସ୍କୃତି, ସମାଜସେବା ଓ ସ୍ୱାଧ୍ୟାୟ ତଥା ସାଂସ୍କୃତିକ ପୁନରୁତ୍ଥାନ ଓ ପୂଜ୍ୟପୂଜା—ସବୁଠି ସିଏ ଅଛି । ଜୀଇଁଥିବା ଯାଏ ଥିବ ।

ତା’ର ଜନ୍ମ ଜୟନ୍ତୀ—ଆଉ ତା’ର ସମ୍ବର୍ଦ୍ଧନା କିଏ କରିବ ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଗୋଟିଏ ପଦ—“ଗୋଲାପ କଣ୍ଟକ ବନବାସୀ ବୋଲି ବାସଙ୍ଗି କି ତା’ ସମାନ ?

ମୁରାରି ଗୋଲାପଟିଏ ହୋଇ ଆମ ସମସ୍ତଙ୍କୁ ସୁରଭିତ କରିଛି ଓ କରି ଚାଲିଥିବ । ମାଆ ବିରଜାଙ୍କ ଠାରେ ତା’ର ଦୀର୍ଘ ଜୀବନ କାମନା କରୁଛି । ତା’ର ଜୀବନାଦର୍ଶର ଜୟ ହେଉ ।

●

ଆଡ୍‌ଭୋକେଟ୍, ଯାଜପୁର, କଟକ

Digitized by srujanika@gmail.com

ମୁରାରୀଙ୍କ ତୃତୀୟ ପନ୍ଥା

● ଡାକ୍ତର ବଙ୍କିମ ଦାସ

କଥାରେ ଅଛି 'ମୁରାରି'ଙ୍କର ତୃତୀୟ ପନ୍ଥା । ଗତାନୁଗତିକ ପନ୍ଥା ଓ ସାଧାରଣ ପନ୍ଥା ଛାଡି ସେ ଅନ୍ୟ ଏକ ପନ୍ଥାରେ ଗତି କରନ୍ତି । ଫୁଲ୍‌କା ଉପରକୁ ଆହ୍ୱାନ କରିବା କାର୍ଯ୍ୟ ଖୁବ୍ କମ ଲୋକ କରିବାକୁ ସାହସ କରି ଥାଆନ୍ତି । ସେ ବକ୍ତୃତା ଦେଲାବେଳେ ମହାଦେବଙ୍କ ଅମାନିଆ ଷଣ୍ଢ ନାଚୁଛି ବୋଲି କୁହାଯାଏ ।

ମୁରାରି ଖୋର୍ଦ୍ଧାର ପ୍ରସିଦ୍ଧ ବୀର ପାଇକ 'ବାଘସିଂହ' ବଂଶର ଦାୟାଦ । ସେ ସମାଲୋଚନା କଲାବେଳେ ତାଙ୍କର ପାତର-ଅନ୍ତର ବା ନିଜ ପର ଭାବ ନଥାଏ । ତାଙ୍କ ପାଟି ଫିଟିବା କ୍ଷଣି ସେଠାରେ ଥିବା ତାଙ୍କ ବନ୍ଧୁମାନେ ମଧ୍ୟ ଆତଙ୍କିତ ହୋଇ ପଡନ୍ତି । କାହା ଉପରକୁ କେତେବେଳେ କେତେବଡ ଟାଣୁଆ କଠୋକ୍ତିର ଶର ପେଶନ୍ତି, ତା'ର ଠିକ ଠିକଣା ନ ଥାଏ ।

ପିଲାଦିନେ ପୃଥିବୀର ସପ୍ତାଶ୍ଚର୍ଯ୍ୟ କଥା ଶୁଣିଥିଲି; କିନ୍ତୁ ଏବେ ପରିଣତ ବୟସରେ ମୁରାରିଙ୍କୁ ଅଷ୍ଟମ ଆଶ୍ଚର୍ଯ୍ୟ ଭାବରେ ଦେଖିଲି । ମୁରାରିବାବୁ ଏ ପର୍ଯ୍ୟନ୍ତ ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ, କିନ୍ତୁ ସେ ନିର୍ଭୟରେ ଅଦରକାରୀ ବା ଅବାଞ୍ଛନୀୟ ନିୟମର ପ୍ରତିବାଦ କରି ଚାଲି-ଛନ୍ତି । ସାମାଜିକ ଓ ସାହିତ୍ୟ କ୍ଷେତ୍ରରେ ଅନ୍ୟାୟ ଦେଖିଲେ ତାଙ୍କ ଲୋମ ଟାଙ୍କୁରି ଉଠେ । ଅନ୍ୟାୟ ଦେଖିଲେ ସେ କାହା ସଙ୍ଗେ ଯୁଦ୍ଧ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ସହକର୍ମୀ, ବନ୍ଧୁ ବା ଶୁଭାକାଂକ୍ଷୀଙ୍କ କଥା ଛାଡ଼, ତାଙ୍କ ଲେଖାରେ ସେ ଭଗବାନଙ୍କୁ ମଧ୍ୟ ଫାଡି ଦେବାର ସାହସ ଦେଖାଇଛନ୍ତି । ଏ ସବୁକୁ ସେ ସମ୍ଭବ କରି ପାରୁଛନ୍ତି ଦେଖି, ମୁଁ ତାଙ୍କୁ ଅଷ୍ଟମ ଆଶ୍ଚର୍ଯ୍ୟ ଆଖ୍ୟା ଦେଇଛି ।

ନିଜର ଦୃଢ ଉକ୍ତି ନିର୍ଭୟରେ ପ୍ରକାଶ କରି ପାରୁଥିବା ଲୋକ ଏବେ ବିରଳ । ତେଣୁ ଏ ସମାଜରେ ମୁରାରିବାବୁଙ୍କ ଭଳି ଲୋକଙ୍କର

Digitized by srujanika@gmail.com

ନିତାନ୍ତ ପ୍ରୟୋଜନ । ସେ ନିର୍ଭୟରେ ଦୁର୍ନୀତିକୁ ଅପସରେଇ ଦେବା ପାଇଁ ପ୍ରାଣ ପଣେ ଉଦ୍ୟମ କରି ଆସୁଛନ୍ତି । ସେଇ ଉଦ୍ୟମର ପ୍ରକାଶ ପାଇଁ ସେ ଅବହେଳିତ ପ୍ରତିଭାର ପୂଜା ମଧ୍ୟ କରି ଚାଲିଛନ୍ତି ।

ମୁରାରିଙ୍କ ଆଖି ପଡ଼ୁଥିବାବେଳେ ବଣମଲ୍ଲୀ ପ୍ରତିଭାଧରଙ୍କ ଉପରେ । ସେମାନଙ୍କୁ ଲୋକଲୋଚନକୁ ଆଣିବାର ବ୍ୟାକୁଳତା ମୁରାରିବାବୁଙ୍କ ଠାରୁ ଆଉ କାହାର ବେଶୀ ଅଛି ବୋଲି ମୁଁ ମନେ କରେ ନାହିଁ । ବୈଷ୍ଣବ ପାଣିଙ୍କ ଠାରୁ ସତ୍ୟବାଦୀ ମୁସଲମାନ ପଡ଼ା 'ଅମୃତପୁର'ର ଅବଦୁସ୍ ସମଦ୍ ପ୍ରେମୀଙ୍କ ପର୍ଯ୍ୟନ୍ତ କେହି ତାଙ୍କ ଆଖି ଆଡ଼େଇ ଯାଇ ପାରି ନାହାନ୍ତି । ସତ୍ୟବାଦୀର ଗୋପବନ୍ଧୁ କଲେଜକୁ ଲାଗି ଅମୃତପୁର ଗାଁ । ସେ ଗାଁର ଲୋକେ ଗରିବ ହେଲେହେଁ, ସେମାନେ ଅତି-ମାତ୍ରାରେ ସ୍ୱାଧୀନତା ସଂଗ୍ରାମରେ ଉଦ୍‌ବୁଦ୍ଧ ଥିଲେ । ସେମାନଙ୍କ ଭିତରୁ ଶ୍ରୀମାନ୍ ଅବଦୁସ୍ ସମଦ ଜଣେ ଜାତୀୟତାବାଦୀ କବି ଭାବରେ ପରିଚିତ । ସେ ନିଜ ଚେଷ୍ଟାରେ ମାଟ୍ରିକ ପାଶ୍ କରି ହିନ୍ଦୀରେ ଉଚ୍ଚ ଉପାଧି ଧରି ସେମିନାରି ସ୍କୁଲରେ ଶିକ୍ଷକତା କଲେ । ଉର୍ଦ୍ଦୁ ଭାଷାରେ ମଧ୍ୟ ସେ ଦକ୍ଷତା ହାସଲ କରିଥିଲେ ।

ସେଇ ସରଳ ନିରାଡ଼ମ୍ବର ଧୋତି ପିନ୍ଧା ମୁସଲମାନ ଯୁବକଟି ସମଦ୍ ପ୍ରେମୀ ଭାବରେ କଟକରେ ପରିଚିତ । ସେ ସେମିନାରି ସ୍କୁଲ ତଥା କଟକ ରେଲଓଏ ସ୍କୁଲରେ ହିନ୍ଦୀ ଶିକ୍ଷକ ଭାବରେ ବହୁବର୍ଷ ଧରି କାର୍ଯ୍ୟ କରୁଥିଲେ । ଏଇ ସମୟ ମଧ୍ୟରେ ସେ ଅନେକ କବି ସମ୍ମିଳନୀରେ ଯୋଗ ଦେଇ ହିନ୍ଦୀ, ଓଡ଼ିଆ ଓ ଉର୍ଦ୍ଦୁ କବିତା ପାଠ କରି ବିଶେଷ ସୁନାମ ଅର୍ଜନ କରିଥିଲେ । ସେହି ତିନୋଟି ଭାଷାରେ ତାଙ୍କର ବହୁ କବିତା ସଙ୍କଳନ ଅପ୍ରକାଶିତ ରହିଛି । ଦାରିଦ୍ର୍ୟ ଯୋଗୁଁ ସେ କଟକ ସହରର ବହୁ ବସାଘର ବଦଳାଇଛନ୍ତି; କିନ୍ତୁ ଯେଉଁଠାରେ ସେ ରହୁଥିଲେ ସେ ସାହିର ଲୋକେ ତାଙ୍କୁ ଅତି ନିଜର ବୋଲି ଭାବୁଥିଲେ । ଯାହାର କିଛି ଅଭାବ ହେଲେ ସେ ତାହା ପୂରଣ କରିବା ପାଇଁ ଆଗଭର ହୋଇ ବାହାରି ପଡ଼ୁଥିଲେ । ସମସ୍ତଙ୍କ ପ୍ରତି ତାଙ୍କର ପ୍ରେମମୟ ବ୍ୟବହାର ଯୋଗୁଁ ତାଙ୍କୁ ଲୋକେ ସମଦ ପ୍ରେମୀ ବୋଲି ଡ଼ାକୁଥିଲେ ।

Digitized by srujanika@gmail.com

ତାଙ୍କର ବୟସ ହୋଇ ନ ଥିଲା । ଶୁଣିଲି ଆଉ ବହୁତ ଦିନ ଥିଲା । ତାଙ୍କଠାରେ କୌଣସି ରୋଗର ଲକ୍ଷଣ ମଧ୍ୟ ଦେଖା ଯାଉ ନଥିଲା । ତାଙ୍କର ବହୁତ ଗୁଡ଼ିଏ ପିଲା ଓ ଗୋଟିଏ ଗୋଟିଏ ପିଲା । ସେଥିରୁ ଗୋଟିଏ ପିଲା ମାତ୍ର, ମାଆ ଓ ଅଣ୍ଡା ଲୁଚି ନଥିଲା । ତାକୁ ମୁଁ ବୁଝାଇଦେବା ବୋଲି ଭାବୁଥିଲି ।

ହଠାତ୍ ସମାଜରୁ ଦେଖିଲି ମୁରାରିବାବୁଙ୍କର 'ସ୍ୱାଗତିକା' ସଂସ୍ଥା ପକ୍ଷରୁ ତାଙ୍କ ମୃତ୍ୟୁରେ ଶୋକ ସମ୍ବାଦ ପ୍ରକାଶ ପାଇଛି । ତାଙ୍କୁ ମୁରାରିବାବୁ ଚିହ୍ନିଥିବେ ବା ତାଙ୍କ ପ୍ରତିଭା ସହିତ ପରିଚିତ ଥିବେ ବୋଲି ମୋର କୌଣସି ଧାରଣା ନଥିଲା । ତେଣୁ ମୃତ ବ୍ୟକ୍ତି ହେଲେ ସମଦ ପ୍ରେମୀ ହୋଇଥିବେ ବୋଲି ମୋର ବିଶ୍ୱାସ ନ ହେବାରୁ ମୁଁ ମୁରାରିବାବୁଙ୍କୁ ଫୋନରେ ପଚାରିଲି ।

ମୁରାରିବାବୁ ମୋତେ କହିଲେ—'ସମଦ ପ୍ରେମୀଙ୍କ ପରି ଜଣେ ନୀରବ ସାହିତ୍ୟିକ ସାଧକ ହଠାତ୍ ଚାଲିଗଲେ । ତାଙ୍କର ବହୁ କାର୍ଯ୍ୟ ଅପୂରଣ ରହିଗଲା । ସେ ଆପଣଙ୍କ ଅଞ୍ଚଳର ଲୋକ ହୋଇଥିବାରୁ ସେ ପ୍ରତିଭା ବିଷୟରେ ଆପଣ କିଛି ଲେଖନ୍ତୁ ।

ମୁରାରିବାବୁଙ୍କ ହୃଦୟବତ୍ତା ଓ ଅନ୍ୟର ପ୍ରତିଭା ପୂଜା ପାଇଁ ବ୍ୟାକୁଳତାରେ ମୁଁ ଆଶ୍ଚର୍ଯ୍ୟ ହେଲି । ଏବେ ବି ଆମ ସମାଜରେ ମୁରାରିବାବୁଙ୍କ ପରି ଉଦାର ଓ ପରପ୍ରାଣ ବ୍ୟକ୍ତି ଅଛନ୍ତି ଜାଣି, ମୁଁ ମଧ୍ୟ ଆଶ୍ୱସ୍ତ ହେଲି । ମନେ ମନେ ତାଙ୍କୁ ଧନ୍ୟବାଦ ଜଣାଇଲି ।

ତାଙ୍କ କଲମ ଚାଲୁ ରହୁ । ତାଙ୍କର ସାଧନା ଆହୁରି ସମୃଦ୍ଧିବାନ ହେଉ । ସେ ଦୀର୍ଘଜୀବୀ ହୋଇ ତାଙ୍କର ସାହିତ୍ୟିକ କାର୍ଯ୍ୟରେ ଆହୁରି ଆହୁରି ଅଗ୍ରସର ହୁଅନ୍ତୁ । ଏହା ହିଁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

●

ଦରଘାବଜାର,
କଟକ ।

Digitized by srujanika@gmail.com

ପରିଚୟ

● ଶ୍ରୀ ରାଜେନ୍ଦ୍ର କିଶୋର ହରିଚନ୍ଦନ

ହେ ବନ୍ଧୁ ମୁରାରି
ତୁମ ସଙ୍ଗେ ନ ଥିଲା ମୋ ପରିଚୟ
ବନ୍ଧୁତା ତ ବହୁ ଦୂର କଥା
ଶୁଣିଥିଲି ତୁମ୍ଭ ନାମ ବାରବାର ବନ୍ଧୁ ସମ୍ପୁଟରେ
ଦେଖିଥିଲି ତୁମ୍ଭ ନାମ ବହୁ ପତ୍ରିକାରେ
ଯେଉଁଦିନ ପଢ଼ିଲି କବିତା
'ଭଗବାନ ଫାଡ଼ି ଦେବି ତୁମକୁ ମୁଁ
ଦୁଇ ହାତେ, ଯେଉଁପରି ଫାଡ଼ିଥିଲା
ଜରାସନ୍ଧେ ମଧ୍ୟମ ପାଣ୍ଡବ ।

ସେଇ ହେଲା ତୁମ ସଙ୍ଗେ/ତୁମ ସାଥେ ମୋର
ପ୍ରଥମରେ ମାତ୍ର ପରିଚୟ
ଶିହରଣ ଲାଗିଲା ମୋ ପରାଣ-ତଳରେ
କେଉଁ ଭକ୍ତ ଲେଖିଲା ଏପରି
ସେ ନୁହଁଇ ସାଲବେଗ/ଅବା ସେ ଦାସିଆ
ଶ୍ରୀବକ୍ଷ ତ ରହିଗଲା ପାଦ-ପ୍ରହାରରେ
କିନ୍ତୁ କିଏ ସେ ଭକତ ?
ଧରି ଦୁଇପାଦ କିପରି ସେ କରିଲା ସାହସ ?
ଭକତ ନ ହେଲେ କିନ୍ତୁ ନ ପାରିବ କରି
କେହି ପୁଣି ଏମନ୍ତ ପ୍ରୟାସ ।

ପୁଣି ମନେ ପଡ଼େ ସେ ଦିନର କଥା
ଶ୍ରୀରାମଚନ୍ଦ୍ର ଭବନରେ ଦେଲ ଯେବେ ଗାଳି
ଅଶ୍ଳୀଳ ସଙ୍ଗୀତ ଲେଖା ଗାୟନ ଉପରେ
ଅନର୍ଗଳ ଗଳୁଥିଲା ତବ କଣ୍ଠୁ ସେଇ ସେ ଭାଷଣ
ନ ମାନି ସେ କାହାରି ବନ୍ଧନ ଆଉ କାହାରି ବାରଣ
ତୁମେଇ ତ ସେଇ କବି ଦଣ୍ଡୀ କବି ମୁରାରି ମୋହନ ।

Digitized by srujanika@gmail.com

ଯେଉଁ ଦିନ ବାଣୀକଣ୍ଠ ନିମାଇଁ ଚରଣ
କାଳିଆର ପାଦପଦ୍ମେ ହୋଇଗଲେ ଲୀନ
ସେଇ ଦିନ ଦୃଢ଼ କଣ୍ଠେ କରିଲି ଘୋଷଣା
ତାଙ୍କ ନାମେ 'ସ୍ମାରକୀ'ର ଗ୍ରନ୍ଥ ଏକ ହେବ ସଂପାଦନା ।

ପ୍ରଥମ ପ୍ରକାର ତୁମେ ହେ ଶ୍ରେଷ୍ଠ ପ୍ରକାଶ,
ଯାହା କୁହ କାର୍ଯ୍ୟେ ତାକୁ କରିଅ ପ୍ରମାଣ
ଏହି ତୁମ ଜୀବନର ଶ୍ରେଷ୍ଠ ବାହାଦୁରି ।

ଯେଉଁ ଦିନ ବାଣୀକଣ୍ଠ ସେ ସ୍ମାରକୀ ଗ୍ରନ୍ଥ
ହେଲା ଉନ୍ମୋଚନ/ଅବା ସୁଝିଁ ଦେଲି ଋଣ
କେଉଁ ଜନ୍ମେ ପୁତ୍ର ହୋଇ ତୁମେ
ତାଙ୍କ ଠାରୁ ହୋଇଥିଲି ଜନ୍ମ ?

ମଣିଷ ତ ଆସେ ଯାଏ
କେତେ ଏ ଜଗତେ
କିନ୍ତୁ କହିବା କି ତାକୁ ଆମେ ସେ ଏକ ମଣିଷ ?
ସେ ନ କରି ପାରେ ଆଜି ଅନ୍ୟକୁ ମଣିଷ ।

ତୁମେ କିନ୍ତୁ ସେହି କବି
ଅକବିକୁ କରି ଏଠି କବି
ଅଲେଖକକୁ କରିଅ ଲେଖକ
ଅବକ୍ତାକୁ କରି ବକ୍ତା
ବିତରୁଛ ପ୍ରାଣେ ପ୍ରାଣେ
ସ୍ନେହ ଶ୍ରଦ୍ଧା ମମତାର ମହିମ୍ନ ନିଚୟ
ବନ୍ଧୁ ରୂପେ ଏଇ ତୁମ
ଜୀବନର ଶ୍ରେଷ୍ଠ ପରିଚୟ ।

●

ଆଡ୍ଭୋକେଟ
ସୂର୍ଯ୍ୟ ବିହାର, କଟକ-୧୨

Digitized by srujanika@gmail.com

ତାଙ୍କ ଲେଖନୀ ସତେଜ ରହୁ

● ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

'ସ୍ୱାଗତିକା' ଅନୁକୂଲ୍ୟରେ କବି, ସାହିତ୍ୟିକ, ସମାଲୋଚକ ମୁରାରି ବାବୁଙ୍କ ୫୭ତମ ଜୟନ୍ତୀ ଉତ୍ସବ ପାଳିତ ହେଉଥିବା ଜାଣି ଆନନ୍ଦିତ ହେଲି । ମୁଁ କେବଳ ନୁହେଁ, ଓଡ଼ିଶାର ଅଗଣିତ ସାହିତ୍ୟାନୁରାଗୀ ଆନନ୍ଦିତ ହେଉଥିବେ ।

ମୁରାରି ବାବୁଙ୍କ ସଙ୍ଗେ ମୋର ସଂପର୍କ ଦୀର୍ଘ ତ୍ରିଶ ବର୍ଷର । ଏଥି ଭିତରେ ଆମର ସାକ୍ଷାତ ଆଳାପ ଖୁବ୍ କମ୍ ଘଟିଥିଲେ ମଧ୍ୟ ପରସ୍ପର ପରିଚିତି ଦିଗରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନି । ମୁରାରି ବାବୁଙ୍କୁ ମୁଁ ସ୍ନେହ ଓ ସମ୍ମାନ ଦୃଷ୍ଟିରେ ଦେଖିବାର ଦୁଇଟି କାରଣ—

(୧) ସେ ନିଜର ବିଶ୍ୱାସକୁ ସବୁବେଳେ ସବୁ କିଛିର ଊର୍ଦ୍ଧ୍ୱରେ ରଖି ଆସିଛନ୍ତି । ଜୀବନକୁ ନେଇ ଯେ ବଞ୍ଚିଛନ୍ତି; ଅଭିନୟ କରି ନାହାନ୍ତି ।

(୨) ସରକାରୀ ପୃଷ୍ଠ-ପୋଷକତାରେ ନିଜର ସାହିତ୍ୟ ସାଧନାର ସ୍ୱୀକୃତି ଲଭି କରିବା ପାଇଁ ସେ ଆଗ୍ରହ କରି ନାହାନ୍ତି କିମ୍ବା ସମ୍ବିଧାନ ବହିର୍ଭୂତ କୌଣସି ପ୍ରଭାବ କେନ୍ଦ୍ରର ଚାରିପଟେ ଉପଗ୍ରହ ଭଳି ଘୂରିବାର ଆବଶ୍ୟକତା ଅନୁଭବ କରି ନାହାନ୍ତି । ସେ ଧାତୁର ସେ ନୁହନ୍ତି ।

ମୁରାରି ବାବୁଙ୍କ ଠାରୁ ମୁଁ ଏଗାର ବର୍ଷରେ ବଡ଼ । ଏ ଶତକର ଚତୁର୍ଥ-ପଞ୍ଚମ ଦଶକରେ ତାଙ୍କର 'ତେନ୍ତୁଳି ଗ୍ରୁପ୍'ର ପ୍ରହାର ଅଧିକତଃ ମୋ ଉପରେ ପଡ଼ିଛି; କିନ୍ତୁ ଆମେ ଉଭୟେ ଆମୋଦିତ ହେଉଥିଲୁ; ପରସ୍ପରକୁ ପ୍ରଭାବିତ କରି ପାରିନୁ ଯଦିଓ ଭୁଲ୍ ବୁଝିନୁ । ସେ ଦିନର କଥା ମନେ ପଡ଼ିଲେ, ଆଜି ଚନ୍ଦ୍ରାକୁ ଆଗେଇ ନେଇ ହେଉନି । ମୁଁ କିନ୍ତୁ ନୈରାଶ୍ୟ-ବାଦୀ ନୁହେଁ । ଏହା ଯେପରି ଝଡ଼ ଉଠିବା ପୂର୍ବର ସ୍ତବ୍ଧତା । ସାହିତ୍ୟ କେବଳ ନୁହେଁ । ସବୁ କ୍ଷେତ୍ରରେ ମର୍ଯ୍ୟାଦା-ବୋଧର ପ୍ରତିଷ୍ଠା ଅବଶ୍ୟମ୍ଭାବୀ । ମୁରାରି ବାବୁ ଜ୍ୱାଳାମୁଖୀ ନୁହନ୍ତି; ଅଗ୍ନି ଗର୍ଭ । ଆଉ ସେ ଅଗ୍ନି ବନାଗ୍ନି ନୁହେଁ, ହୋମାଗ୍ନି ।

ମୁରାରି ବାବୁ ଦୀର୍ଘାୟୁ ହୁଅନ୍ତୁ, ନିରାମୟ ଓ ନିଃଶଙ୍କ ରହନ୍ତୁ । ତାଙ୍କର ଲେଖନୀ ସତେଜ ରହୁ—ଆଜି ଏତିକି ମାତ୍ର ତାଙ୍କର ଜନ୍ମ ଦିନରେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

●

ମିଡ଼୍‌ମ ଏ—୧୨୨, ଶହୀଦ ନଗର
ଭୁବନେଶ୍ୱର

Digitized by srujanika@gmail.com

ବନ୍ଧୁତା ଏକ ଅସରନ୍ତି ପଥ

● ଡକ୍ଟର ଶ୍ୟାମସୁନ୍ଦର ମିଶ୍ର

ମୁରାରି ମୋର ସମବୟସ୍କ, ସହପାଠୀ ଓ ବାଲ୍ୟବନ୍ଧୁ । ତଥାପି ସେ ଯେ ମୋତେ 'କକେଇ' ବୋଲି ସମ୍ବୋଧନ କରନ୍ତି, ତାହା ସମାଜ ତନ୍ତ୍ରର ଏକ କ୍ଷୁଦ୍ର ଅଧ୍ୟାୟ । ମୁରାରି ଓ ଆମ ପରିବାର କଟକ ସହରର ପାଖାପାଖି ପଡ଼ୋଶୀ ସାହିର ଅଧିବାସୀ । ପଚାଶ ବର୍ଷ ତଳେ କଟକର ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ମୁଷ୍ଟିମେୟ ବ୍ରାହ୍ମଣ ପରିବାର ଥିଲେ ଏବଂ ବ୍ରାହ୍ମଣ ପରିବାରର ବ୍ୟକ୍ତିମାନଙ୍କୁ ଅନ୍ୟ ସମସ୍ତେ ନନା, କକେଇ, ଦଦେଇ, ନାନୀ, ଖୁଡ଼ି, ବୋଲି ସମ୍ବୋଧନ କରିବା ସେ ସମୟର ଏକ ସାମାଜିକ ଚଳଣୀ ବା ପରମ୍ପରା ଥିଲା । ପଦବୀ, ବୃତ୍ତିପତ୍ତି ବା ସାମାଜିକ ବୈଷମ୍ୟ ଏ ଧରଣ ଆନ୍ତରିକ ଓ ଘନିଷ୍ଠ ସମ୍ବୋଧନରେ କୌଣସି ବାଧା ସୃଷ୍ଟି କରୁ ନଥିଲା । ମୁରାରିଙ୍କ ଘର ଭଗତପୁରରେ । କିନ୍ତୁ ଆଜିର ସମାଜରେ ଏବଂ କଟକର ବସ୍ତି ଜୀବନରେ ଆଉ ସେ ଆନ୍ତରିକତାର ଛବି ଦେଖିବାକୁ ମିଳୁ ନାହିଁ ।

ବି. ଏ. ପଢ଼ିବା ସମୟରୁ ମୁରାରିର ଏବଂ ମୋର ବନ୍ଧୁତା ଘନିଷ୍ଠତର ହୋଇଥିଲା । ଆମ ଦୁହିଁଙ୍କ ସ୍ୱଭାବ ସମ୍ପୂର୍ଣ୍ଣ ବିପରୀତ । ତରୁଣ ବୟସରେ ମୁଁ ଥିଲି ଖୁବ୍ ନୀରବ ଓ ସେ ଥିଲେ ଅତ୍ୟନ୍ତ ବାବଦୂକ ଓ କର୍ମ ଚଞ୍ଚଳ । ଏଇ ବିପରୀତମୁଖୀ ଦୁଇ ଚରିତ୍ର ଯେ ଘନିଷ୍ଠତମ ହୋଇ ପାରିଥିଲୁ, ତାହା ସମ୍ଭବତଃ ଏକ ବୈଜ୍ଞାନିକ ସତ୍ୟତା ।

୧୯୫୧ରେ ମୁଁ ରେଭେନ୍ସା କଲେଜରୁ ଆଇ. ଏ. ପାଶ୍ କଲି । ସେହିବର୍ଷ ସେ ଖ୍ରୀଷ୍ଟ କଲେଜରୁ ଆଇ. ଏ. ପାଶ୍ କରି ରେଭେନ୍ସାରେ ନାମ ଲେଖାଇଲେ । ତା'ପରେ ଦୁଇବର୍ଷ କାଳ ଆମେ ଦୁହେଁ ଆମ ଘରୁ ଗୋଟିଏ ସାଇକେଲରେ କଲେଜ ଯାଉ ଏବଂ ଜଣାକର କ୍ଲାସ ନ ସରିବା ଯାଏ, ଫେରିବା ପାଇଁ ଅପେକ୍ଷା କରୁ ।

Digitized by srujanika@gmail.com

ସେତେବେଳେ କଲେଜର ଏବଂ କଟକ ସହରର ସାହିତ୍ୟିକ ଓ ସାଂସ୍କୃତିକ ସଭାମାନଙ୍କରେ ଆମେ ଏକାଠି ଯୋଗ ଦେଉଥିଲୁ ଏବଂ ଭାଷଣ ମଧ୍ୟ ପ୍ରଦାନ କରୁଥିଲୁ ।

ଛାତ୍ରାବସ୍ଥାରେ ଆମର କାର୍ଯ୍ୟ-କଳାପର ଚରମ ପରିପ୍ରକାଶ ହେଲା—'ତେନ୍ତୁଳି ଗଛ' 'ଓଲୁଅ ଡାଙ୍ଗ' ପ୍ରଭୃତି ସାହିତ୍ୟ ସମାଲୋଚନା-ମୂଳକ ପତ୍ରିକା ପ୍ରକାଶନରେ । ସେଥିରେ ମୁରାରି ଓ ମୁଁ ଦୁହେଁ ଥିଲୁ ସମ୍ପାଦକ ଓ ମୁଁ ଥିଲି ମଧ୍ୟ ଏହାର ପ୍ରକାଶକ । ପରବର୍ତ୍ତୀ ଜୀବନରେ ଏଥିପାଇଁ ଆମକୁ ବହୁ ଜଞ୍ଜାଳିଆ ହେବାକୁ ପଡିଥିଲା; କିନ୍ତୁ ତାରୁଣ୍ୟର ଉତ୍ସାହ ଭିତରେ ଆମେ ତା'ର ହିସାବ-ନିକାଶ କରୁ ନଥିଲୁ କେହି ମଧ୍ୟ କରନ୍ତି ନାହିଁ ।

ଛାତ୍ର ଜୀବନ ପରେ ବୃତ୍ତି କ୍ଷେତ୍ରରେ ଆମେ ଭିନ୍ନ ଭିନ୍ନ ଦିଗରେ ଚାଲିଗଲୁ, ଅଦୃଷ୍ଟ ଯୁଆଡ଼େ ଟାଣିଲା ସେଇଆଡ଼େ । ଚାକିରି ନ କରି କୌଣସି ସ୍ୱାଧୀନ ଜୀବନଯାପନ କରିବୁ ବୋଲି ବହୁ ଉଦ୍ୟମ କରି ମଧ୍ୟ ସେଥିରେ ଅସଫଳ ହୋଇ ବହୁ ବିଳମ୍ବରେ ମୁଁ ଚାକିରି କଲି ଅଧ୍ୟାପକ ରୂପେ । ଜଣେ ଅଧ୍ୟାପକ ହେବାର ବହୁ ଆଶା ଓ ଉଦ୍ୟମକୁ ଜଳାଞ୍ଜଳି ଦେଇ ଶେଷକୁ ମୁରାରି ଜଣେ ଅଫିସର ଭାବେ ଶ୍ରମ ନିର୍ଦ୍ଦେଶାଳୟରେ ଯୋଗ ଦେଲେ । ବୃତ୍ତି ପାଇଁ ଭିନ୍ନ ଦିଗକୁ ଯାଇଥିଲେ ମଧ୍ୟ ଆମେ ପରସ୍ପରର ଖୁବ୍ ନିକଟରେ ଅଛୁ । ସମାନ ପରିବେଶରେ, ଏକ ମଞ୍ଚରେ ଏକା ଉଦ୍ଦେଶ୍ୟ ନେଇ କାମ କରି ଆସିଛୁ, ଦୁଃଖ ଓ ସୁଖରେ ପରସ୍ପରକୁ ସ୍ମରଣ କରିବାକୁ ଏବେ ମଧ୍ୟ ଭୁଲି ଯାଇନାହୁଁ । ଏ ବୟସରେ ତାଙ୍କର ସାହିତ୍ୟ ସୃଷ୍ଟି / ସଙ୍ଗଠନ ଶକ୍ତି ଓ ଉତ୍ସାହ ଦେଖି ମୁଁ ବିଶେଷ ଆନନ୍ଦିତ ହୁଏ ଓ ସେ ଦୀର୍ଘାୟୁ ହୋଇ ଓଡ଼ିଆ ସାହିତ୍ୟର ଖୁବ୍ ଉନ୍ନତି କରନ୍ତୁ ବୋଲି କାମନା କରେ ।

●

ଅଧ୍ୟାପକ, ରେଭେନ୍ସା କଲେଜ
ମିଶ୍ର ଲେନ୍
ଝାଞ୍ଜିରିମଙ୍ଗଳା, କଟକ-୯

Digitized by srujanika@gmail.com

କେନା କବ ମୁରାର ମୋହନ

● ଡକ୍ଟର ବୈଷ୍ଣବ ଚରଣ ସାମଲ

ଅଣ୍ଡାଳ ଅଣ୍ଡାଳ ଖୋଜୁଛ ବନ୍ଧୁଟିଏ,
ପାଉନାହଁ; ଖୋଜ ଅନ୍ଧାରୁଆ ରାଜ-ରାସ୍ତାରେ
ପାଉଁଶିଆ ଗଳି ଆଉ ଉପଗଳିରେ
ମିଞ୍ଜି ମିଞ୍ଜି ଜଳୁଥିବା ବତି ଖୁଣ୍ଟ ତଳେ
କଟକରୁ ରାଜଧାନୀ ଧାଉଁଥିବା
ମଣିଷ ମାନଙ୍କ ସୁଅରେ ।

ଖୋଜ, ପାଇଯିବ ପୁରୁଣା ସାଇକେଲରେ
ଅଥବା ଝୁଲା ବ୍ୟାଗ ଖଣ୍ଡେ ଧରି
ଅଧା ଚିଣା ବିଡ଼ି ଖଣ୍ଡେ ମୁହଁରେ ଲଗାଇ
ଯାଉଥିବ, ଆଉ ଗପୁଥିବ ଅଣ୍ଟୁଣ୍ଡା ଗପ
ସେ କେନା କବ ମୁରାରି ମୋହନ ।

ଖୋଜୁଛ ମଣିଷ ପରି ମଣିଷଟିଏ
ମଣିଷ ଜଙ୍ଗଲ ଭିତରେ ମଣିଷଟିଏ
ମୁରାସୁର ମାନଙ୍କର କୋଳାହଳ ଭିତରେ
ଓଠରେ ହସ ଫୁଟାଇ ଭିତରେ ଛୁରି ପଜାଉଥିବା
କଂସେଇ ମାନଙ୍କ ଗହଣରେ
ଆଖିରୁ ଲୁହ ଝରେଇ ଲୁହ ଶୁଖଉଥିବା
ଦାନବମାନଙ୍କ ମେଳରେ
ମଣିଷଟିଏ ମିଳିବ କିମିତି ଯେ ?

ମୁରାସୁର ମାନଙ୍କ ଛାତି ଉପରେ ଚଢ଼ି
ଥପ ଥପ ଲାଳ ବହୁଥିବା ଜିଭକୁ
ଉପାଡ଼ି ଆଣୁଥିବା ମଣିଷଟିଏ

Digitized by srujanika@gmail.com

ସବୁ ଆତ୍ମମରିତାକୁ ଆପୋଡ ମାରି
ନବୁଜ କରି ଦେଉଥିବା ମଣିଷଟିଏ
ପାଇଯିବ, କଟକର ଗଳି ଉପଗଳିରେ
ସ୍ୱାଭିମାନରେ ଚାଲୁଥିବା ମଣିଷଟିଏ
ସେ ଜେନା କବି ମୁରାରି ମୋହନ ।

ପ୍ରେତଲୋକରେ ହାତ ପତେଇ ଅପେକ୍ଷା କରିଥିବା
ଏ ଜାତିର କବି ଓ ଲେଖକମାନେ
ପିତୃ ପୁରୁଷମାନଙ୍କ ମେଳରେ ବସିବା ପାଇଁ
ପିଣ୍ଡପାଣି ଟିକେ ଚାହୁଁଥିବା ସେମାନଙ୍କ ପ୍ରେତାତ୍ମାମାନେ
ବିକଳ ହୋଇ ଚାହିଁଛନ୍ତି ପୁଅଟିଏ
ସେ ଜେନାକବି ମୁରାରି ମୋହନ ।

ଖୋଜୁଛ କବିଟିଏ, ଦରପା କବିଟିଏ
ବଙ୍କେଇ ଟଙ୍କେଇ ନୁହେଁ, ସିଧା ସଳଖ କରି
କବିତା ଲେଖୁଥିବା କବିଟିଏ
ମନ ଓ ହୃଦୟର ସହିତ ସରଳ ଭାବକୁ
ମନ ଛୁଆଁ କରି ପ୍ରକାଶ କରୁଥିବା କବିଟିଏ
କଥାରେ କଥାରେ ଚ୍ୟାଲେଞ୍ଜ କରୁଥିବା ଭଗବାନଙ୍କୁ
ସମାଜର ବଡ଼-ବଡ଼ ପଣ୍ଡାମାନଙ୍କୁ
ସେ ଜେନାକବି ମୁରାରି ମୋହନ ।

●

ଅଧ୍ୟାପକ, ଉତ୍କଳ ବିଶ୍ୱବିଦ୍ୟାଳୟ
ଚାଉଳିଆ ଗଞ୍ଜ,
କଟକ-୪

Digitized by srujanika@gmail.com

ସେ ବ୍ୟକ୍ତି ନୁହେଁ : ଏକ ଅନୁଷ୍ଠାନ

● ଶ୍ରୀ ଅଭୟ ସାମନ୍ତରାୟ

କର୍ମ ମୁଖର ଜୀବନର ଘାତ-ପ୍ରତିଘାତ ଭିତରେ ଯେଉଁ ଅବିନଶ୍ୱର ପ୍ରତିଭାଟି ଏ ପର୍ଯ୍ୟନ୍ତ ଦେଦୀପ୍ୟମାନ । ବୟସର ଦାଗ ତା'ର ସମଗ୍ର ଶରୀର ଉପରେ କାୟା ବିସ୍ତାର କରିବାକୁ ଚେଷ୍ଟିତ ଥିଲେ ବି, ସାହିତ୍ୟ-ସଂସାରର ମାୟା ଏବେ ବି ତାକୁ ଚିର ସବୁଜ କରି ରଖିଛି । ସେ କେବେ କୌଣସି ସମାଲୋଚନାକୁ ଖାତିର କରି ନାହିଁ । ଚିର ପ୍ରବହମାନା କଳ-କଲ୍ଲୋଳମୟୀ ଭଳି ତା'ର ସ୍ୱର ବିଭିନ୍ନ କ୍ଷେତ୍ରରେ ଝଂକୃତ, ଅନୁରଣିତ । ତା'ର ଲେଖନୀ ସତତ ରସାଣିତ । ସମୟ ତାକୁ ଅପେକ୍ଷା ରଖି ନାହିଁ, ସେ ମଧ୍ୟ ସମୟକୁ ଅପେକ୍ଷା କରି ନାହିଁ ।

ସମାଜ ବ୍ୟକ୍ତିମାନଙ୍କର ଏକ ସମାବେଶ । ଏଇ ସମାଜରେ ବହୁ ଚରିତର, ବିଭିନ୍ନ ରୁଚିର ଭିନ୍ନ ଭିନ୍ନ ବ୍ୟକ୍ତି ବାସ କରିବା ସହିତ ଖୁବ୍ କମ୍ କ୍ଷେତ୍ରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂହତି ତଥା ସଦ୍ଭାବସ୍ଥାନ ଥିବାର ପରିଲକ୍ଷିତ ହୁଏ । ଏପରିକି ଗୋଟିଏ ପରିବାରରେ ସହୋଦର ଭାଇମାନଙ୍କ ମଧ୍ୟରେ ମତାନୈକ୍ୟ, ମତାନ୍ତର ଓ ଶେଷକୁ ମନାନ୍ତର ଘଟି ପରିବାରଟି ବିପର୍ଯ୍ୟୟ ଭିତରକୁ ଟାଣି ହୋଇ ଯାଉଥିବା ବେଳେ ଏଇ ବ୍ୟକ୍ତିଟି ତା' ପରିଚୟର ପରିସର ଭିତରେ ଥିବା ଅନ୍ୟ ବ୍ୟକ୍ତିମାନଙ୍କୁ 'ବସୁଧୈବ କୁଟୁମ୍ବକମ୍' ରୀତିରେ ଅତି ଆପଣାର କରି ରଖିବା କମ୍ ସାଧନା ନୁହେଁ । ମୁଁ ସେଥିପାଇଁ ଏହି କରିତକର୍ମା ବ୍ୟକ୍ତିଟିକୁ ମୋର ଅପାରଗତା ଜନିତ ଦୁର୍ବଳତା ହେତୁ ପ୍ରକୃତରେ ଈର୍ଷା କରୁଥିଲେ ବି ତା'ର ଏଇ ଅସାମାନ୍ୟ କଳା ପାଇଁ ତା' ପାଖରେ ହାର୍ ମାନି ଥାଏ ।

ତାକୁ କେବେ ଥକା ପଡିବାର ମୁଁ ଦେଖି ନାହିଁ । ସେ କେବେ କାହାକୁ ନିନ୍ଦା କରିବାର ମଧ୍ୟ ଶୁଣି ନାହିଁ ବା କେଉଁଠି ଆଶ୍ରମ କରି ବାଜେ ଗପ ଗପିବାର ମୁଁ ଲକ୍ଷ୍ୟ କରି ନାହିଁ ବରଂ ଯେତେବେଳେ ମୋ ସହିତ ତା'ର ଦେଖା ହୋଇଛି, ସେହି ଗୋଟିଏ ଅନୁଯୋଗ— 'କ'ଣ ସବୁ ମିଟିଂ କଲୁ, ମୋତେ କହିଲୁ ନାହିଁ ତ ? ହଉ ନ କହ ।'

Digitized by srujanika@gmail.com

ବାସ୍ତବକ୍ ମୁଁ ଭାରି ଲଜ୍ଜିତ ହୁଏ । ଆସନ୍ତା ଥର କୌଣସି ସମାବେଶରେ ନିଷ୍ଟୟ ଡ଼ାକିବାକୁ ମନେ ମନେ ଶପଥ ନିଏ ।

ପ୍ରକୃତରେ ଯେ ସେ ବସି ରହିଛନ୍ତି, ତା'ର କିଛି କାମ ନାହିଁ, ଏ କଥା କେବେ ନୁହେଁ । ସେ କେବଳ ମୋତେ ଆପଣେଇବାକୁ ଏଇ ଅସ୍ତ୍ରଟି ପ୍ରୟୋଗ କରେ । ଉଚ୍ଚ ସରକାରୀ ଚାକିରୀରେ ଅଧିଷ୍ଠିତ ଏଇ ମହାନ୍ ପ୍ରତିଭାଟି ପ୍ରତ୍ୟେକ ମୁହୂର୍ତ୍ତର ସଦୁପଯୋଗ ପାଇଁ ଅହରହ ଯତ୍ନବାନ । ଓଡ଼ିଆ ଜାତିର ସାହିତ୍ୟିକ ପୁନରୁତ୍‌ଥାନ ପାଇଁ ସେ ସଦା ସର୍ବଦା ଚେଷ୍ଟିତ । ସେଥିପାଇଁ 'ଉତ୍କଳ ସାହିତ୍ୟ ସମାଜ' ଠାରୁ ଆରମ୍ଭ କରି ପ୍ରତିଭା ପୂଜା ପରିଷଦ, କାଳକଲମ, ରାମକୃଷ୍ଣ ପ୍ରଚାର ପରିଷଦ, ସରସ ସାହିତ୍ୟ ସମିତି, ଚଳନ୍ତିକା, ସାମନ୍ତ ସିଂହାର ସାହିତ୍ୟ ସଂସଦ, ସ୍ୱାଗତିକା, ସାନ୍ଧ୍ୟ ସାହିତ୍ୟ ସଂସଦ, ଅର୍ଘ୍ୟ ଅର୍ଚ୍ଚନା, ଲେଖା ଓ ଲେଖକ ଆଦି ଅନେକ ଅନେକ ଅନୁଷ୍ଠାନ ସହିତ ସେ ଓତଃପ୍ରୋତ ଭାବେ ଜଡ଼ିତ । ଓଡ଼ିଆ ପତ୍ର ପତ୍ରିକା ଓ ଦୈନିକ ସମ୍ବାଦ ପତ୍ର ଗୁଡ଼ିକରେ ସାହିତ୍ୟର ନାନା ବିଷୟରେ ତା'ର ଲେଖନୀ ନୂତନ ସୃଷ୍ଟିରେ ଶତମୁଖ ।

ସୃଷ୍ଟିରେ ତା'ର ଆନନ୍ଦ । ତା'ର ଗତି ଅବାରିତ । ଧାରା ଅବ୍ୟାହତ । ଜୀବନକୁ ଯଥାର୍ଥରେ ସେ ଉପଯୋଗ କରି ଚାଲିଛି ଓ ଉପଭୋଗ କରିଛି ତା'ର ସୃଷ୍ଟି ସମ୍ଭାର ।

ସମୟ ଚାଲିଛି । ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ । ଯେଉଁ ମୁହୂର୍ତ୍ତଟି ଚାଲି ଯାଉଛି ସେ ଆଉ ଆସିବ ନାହିଁ ବା ଆସିବାର ନାହିଁ । ସେଥିପାଇଁ ସେ ଅତ୍ୟନ୍ତ ସଚେତନ । ଚିନ୍ତା ଚେତନାରେ ସରସ, ସୁନ୍ଦର ସଜାଗ ସେହି ସାରସ୍ୱତ ସାଧକ ସାହିତ୍ୟିକ ବନ୍ଧୁ, ମୋ ଦୃଷ୍ଟିରେ ସେ ବ୍ୟକ୍ତି ନୁହନ୍ତି, ଏକ ଅନୁଷ୍ଠାନ । ବନ୍ଧୁ ମୁରାରି ମୋହନ ଜେନାଙ୍କୁ ତାଙ୍କର ୫୭-ତମ ଜୟନ୍ତୀ ଅବସରରେ ମୁଁ ଜଣେ ସାହିତ୍ୟ ପ୍ରେମୀ ଭାବରେ ଅଶେଷ ଅଭିନନ୍ଦନ ଜଣାଇବା ସହିତ, ସେହି ପରମ କାରୁଣିକ ଜଗନ୍ନାଥ ମହାପ୍ରଭୁ ତାଙ୍କୁ ଅଧିକ କର୍ମମୁଖର ରଖି ଅଧିକ ସୃଷ୍ଟିରେ ସହାୟକ ହୁଅନ୍ତୁ; ଏହି କାମନା କରୁଅଛି ।

●

ସୂର୍ଯ୍ୟ ବିହାର, କଟକ-୧୨

Digitized by srujanika@gmail.com

ମୁରଲୀ ଜେନା : ଏକ ନିର୍ଭୀକ ବ୍ୟକ୍ତିତ୍ୱ

● ଶ୍ରୀ ଦୁର୍ଗାମାଧବ ମିଶ୍ର

ଜେନା କବି ମୁରଲୀ ମୋହନ ଓଡ଼ିଆ ସାହିତ୍ୟ ରାଜ୍ୟାକାଶରେ ଏକ ଗତିଶୀଳ ଓ ଚଳମାନ ନକ୍ଷତ୍ର । ସେ ଚିର ଚଞ୍ଚଳ, ଚିର ସବୁଜ । ନିଜେ ଏକ ନିର୍ଭୀକ କବି, ପୂଜ୍ୟ-ପୂଜା ଅନୁଷ୍ଠାନ ମାନଙ୍କରେ ସର୍ବାଗ୍ରେ ଉପସ୍ଥିତ ଓ ଏକ ସୁଗୃହୁ ସଙ୍ଗଠକ । ଏହାଛଡ଼ା, ସେ ସାହିତ୍ୟ ଜଗତର ପୂର୍ବସୁରୀମାନଙ୍କ ସଂପର୍କରେ ଅହରହ ଗବେଷଣାରତ । ସେମାନଙ୍କ ସଂପର୍କରେ ସେ ବହୁ ତଥ୍ୟମୂଳକ ପ୍ରବନ୍ଧମାନ ପତ୍ର-ପତ୍ରିକା ମାନଙ୍କରେ ପ୍ରକାଶ କରି ଗ୍ଲଲିଛନ୍ତି—ତାହା ବିଶିଷ୍ଟ ସାହିତ୍ୟିକ ମାନଙ୍କର ଜୟନ୍ତୀ ଉତ୍ସବରେ ହେଉ କମ୍ବା ଗ୍ରାମ୍ୟୋତ୍ସବ ମାନଙ୍କରେ ହେଉ । ସେ ଲେଖା ମାନଙ୍କରେ ଯ୍ରାବକତା ନାହିଁ । ଅଛି ନିଚ୍ଛକ ସତ କଥା । ପୁଚ-ଦିଆ ଭାଷା ତାଙ୍କ ତୁଣ୍ଡରେ ପଶେନି ନାହିଁ । ଯାହାକୁ ଇଂରାଜୀରେ କୁହନ୍ତି—"To call the Spade a Spade" କ୍ୱଚିତ୍ ଏପରି ନିର୍ଭୀକ ବ୍ୟକ୍ତି ଦେଖିବାକୁ ମିଳନ୍ତି ।

ଯେତେବେଳେ ସେ ଅନ୍ୟାୟର ସମ୍ମୁଖୀନ ହୁଅନ୍ତି, ସେ ସ୍ମରଣ କରନ୍ତି ଭଗବାନଙ୍କୁ । କୌଣସି କାରଣ ନ ଥାଇ ଜଣେ ଲୋକ ଦଣ୍ଡିତ ହେଉଛି । ଭଗବାନଙ୍କର ଉଦ୍ଦେଶ୍ୟ କଅଣ ? ଅନ୍ୟ କେହି ହୋଇଥିଲେ, ଭଗବାନଙ୍କୁ ପ୍ରାର୍ଥନା କରନ୍ତା, ଏ ଅନ୍ୟାୟ ଦୂର କରନ୍ତୁ ମହାପ୍ରଭୋ । କିନ୍ତୁ ନା , ମୁରଲୀ ବାବୁ ବିଚଳିତ ହୋଇ କୋପାନଳରେ ଜର୍ଜରିତ ହୋଇ କୁହନ୍ତି—"ଭଗବାନ ମୁଁ ତୁମକୁ ଠିଆ ଫାଡ଼ି ଦେବି ।" ଅନେକଙ୍କର ମନ ଭିତରେ ସେହି ପ୍ରକାର ଅନୁଭୂତି ଓ ଇଚ୍ଛା ଜାଗ୍ରତ ହେଉଥିଲେ ମଧ୍ୟ ସେମାନେ ଅପ୍ରିୟ ସତ୍ୟ କହିବାକୁ ପଶ୍ଚାତ୍‌ପଦ । କାରଣ ଶାସ୍ତ୍ରରେ ଲେଖା ହୋଇଛି—'ସତ୍ୟଂ ବ୍ରୁୟାତ୍,ପ୍ରିୟଂ ବ୍ରୁୟାତ୍,ମା ବ୍ରୁୟାତ୍ ସତ୍ୟମ୍ ପ୍ରିୟଂ' ଅର୍ଥାତ୍ ସତ୍ୟ କୁହ, ପ୍ରିୟ ବଚନ କୁହ, କିନ୍ତୁ ଅପ୍ରିୟ ସତ୍ୟ କୁହ ନାହିଁ । ଆମର ସଭ୍ୟତାର ତାଡ଼ନାରେ ଆମେ ଅପ୍ରିୟ ସତ୍ୟ କହୁ ନାହିଁ । ଫଳରେ ଆମେ ସବୁ ହିପୋକ୍ରିଟ୍ ଦଳ କେବଳ ଗୃହଚ୍ଛିଦ୍ରକାରୀ ମାନଙ୍କର ସଂଖ୍ୟା ବୃଦ୍ଧି କରୁଁ—କାଳେ ଭଗବାନ ବିରକ୍ତ ହୋଇ କିଛି ଅମଙ୍ଗଳ କରି ଦେବେ । ଆମେ ଭୁଲିଯାଉଁ ଭଗବାନ ବିରକ୍ତ ହୁଅନ୍ତି ନାହିଁ । ସେ ଶାନ୍ତା କାରଂ, ଗଗନ

Digitized by srujanika@gmail.com

ସଦୃଶଂ । ବିରକ୍ତି ତାଙ୍କ ଭିତରେ ଆସିବ କୁଆଡୁ ? ଯିଏ ବିରକ୍ତି ଓ କ୍ରୋଧରେ ଯେ ବଶବର୍ତ୍ତୀ ହୋଇଥାଆନ୍ତି, ତେବେ ସେ ଭଗବାନ ହୋଇ ପାରନ୍ତି ନାହିଁ । ଯେ ଯେ କିନ୍ତୁ କାହାରି ପ୍ରାର୍ଥନା ଶୁଣି ସନ୍ତୁଷ୍ଟ ହୁଅନ୍ତି, ତାହା ନୁହେଁ । ଦୁଃଖୀର ଦୁଃଖ ଯେ କୌଣସି ଭାଷାରେ ତାଙ୍କ କାନରେ ପଡିଲେ ସେ ଶୁଣନ୍ତି ଓ ହୃଦୟଙ୍ଗମ କରନ୍ତି— ସେ କିନ୍ତୁ ଭାଷାର ଉଦ୍ଦେଶ୍ୟ । ତେଣୁ ସେ ମଧ୍ୟ ଶୁଣିଛନ୍ତି—"ବାଧିଲି ଜାଣି କ୍ଷମା, କରି ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି, ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ, ଭରିଦ କରି ଦେବି ଗାଳି ।" ଭକ୍ତ କବି ଗାଳି ଦେଇଛନ୍ତି, ମନବୋଧ କରି ଗାଳି ଦେଇଛନ୍ତି । ଭଗବାନ ବିରକ୍ତ ହୋଇ ନାହାନ୍ତି । ଅଦ୍ୟାବଧି ସେ କବିତାର କବି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଜ ପାଇଁ ଏକ ସୁଦୃଢ଼ ଆସନ ତିଆରି କରି ଭକ୍ତକବି ହିସାବରେ ପୂଜା ପାଉଛନ୍ତି ।

ହସ ମାଡିଲେ ନ ହସି, କାନ୍ଦ ମାଡିଲେ ନ କାନ୍ଦି, ରାଗ ଲାଗିଲେ ନ ରାଗି ରହିବା ପାଇଁ, ଶାସ୍ତ୍ର ପ୍ରବଚନ ଆମେ ପଢ଼ିଛୁଁ । କରି ପାରିଲେ ଭଲ; କିନ୍ତୁ ଯେ ନ କରି ପାରୁଛି (ସଂଯତ ହେବା ଏତେ ସହଜ ନୁହେଁ) ସେ ତ ପୁଣି ତା'ର ଦୁଃଖ କହିବ । ଭଗବାନଙ୍କ ରାଜତ୍ୱରେ ସଂଯମୀ ବ୍ରହ୍ମଚାରୀ ଯୋଗାରୂଢ଼ ମୁନି ଅଛନ୍ତି, ଅଛନ୍ତି ମଧ୍ୟ ଆମ ପରି ବହୁ ବ୍ୟକ୍ତି ଯାହାଙ୍କର ଏତେ ସାଧନା ନାହିଁ । ସେମାନେ ପ୍ରପଞ୍ଚ ଚକ୍ରରେ ନିଷ୍ପେଷିତ । ଅନ୍ନ ସଂସ୍ଥାନ କରିବା ଦୁଷ୍କର । "ବୁଭୁକ୍ଷିତଃ କିଂ ନ କରୋତି ପାପଂ ।" ସେମାନଙ୍କୁ ଯିଏ ବୁଭୁକ୍ଷା ଦେଲେ, ଦି'ଓଳି ମୁଠେ ଖାଇବାକୁ ଦେଲେ ନାହିଁ, ବୁଦ୍ଧି ଦେଲେ ନାହିଁ—ଫନ୍ଦି ଫିକର କରିବାକୁ, ବଡ ଘରେ ଜନ୍ମ ଦେଲେ ନାହିଁ । ଉପରକୁ ଏସ୍କାଲେଟରରେ ବିନା ଆୟାସରେ ଉଠି ଯିବାକୁ । ସେମାନେ ଅହରହ ସନ୍ତାପିତ । ସେମାନଙ୍କ ଭିତରେ ଟଗବଗ ହୋଇ ଫୁଟୁଛି—କୋହ, ହତାଶା ଓ କ୍ରୋଧ ।

ସେହି ମାନଙ୍କର ମୁଖପାତ୍ର ହେଉଛନ୍ତି ମୁରାରି ବାବୁ । ସେଇମାନଙ୍କୁ ନିରୀକ୍ଷଣ କରି କରି ସେ ଦେଇଛନ୍ତି, ସେମାନଙ୍କର ମୁଖରେ ଭାଷା । ସେଇମାନଙ୍କ ତରଫରୁ ସେ ଭଗବାନଙ୍କୁ ଠିଆ ଫାଡି ଦେବାକୁ ତିଆରି । ସେ ଅପ୍ରିୟ ହେଉ କି ପ୍ରିୟ ହେଉ, ଉଚିତ ହେଉ କି ଅନୁଚିତ ହେଉ, ଶ୍ରେୟସ୍କର ହେଉ କି ନିନ୍ଦନୀୟ ହେଉ । ପ୍ରକୃତରେ ଏପରି ନିର୍ଭୀକ ଅଭିବ୍ୟକ୍ତି ସଚରାଚର ଦୁର୍ଲଭ । ସେଇ ଦୃଷ୍ଟିରୁ ମୁରାରି ବାବୁ ଅଭିନନ୍ଦନୀୟ ।

ଯେତେ ସାହିତ୍ୟ,ଅନୁଷ୍ଠାନ:ମୁରାରି ବାବୁ କରନ୍ତି, ସେ ଗୁଡିକ ସୁପରିକଳ୍ପିତ । ସେଥିରେ ଭାବଗମ୍ଭୀର ଆଲୋଚନା ହୁଏ । ପଦ-ପଦବୀକୁ ଦେଖି, ସେ ବକ୍ତା,

Digitized by srujanika@gmail.com

ମୁଖ୍ୟ-ଅତିଥି ବାଛନ୍ତି ନାହିଁ । ସାଧାରଣ ଶ୍ରୋତା ସେଇମାନଙ୍କ ଦ୍ୱାରା ଲାଭବାନ ହେବେ, ସେମାନଙ୍କର ବ୍ୟକ୍ତିତ୍ୱ ବିକଶିତ ହେବ, ସେହିମାନେ ଆସନ୍ତୁ ଯେ ସଭା-ମାନଙ୍କୁ । ତେଣୁ ତାହାର ଉଦ୍ଦେଶ୍ୟ ସାଧିତ ହୁଏ । ଦୀର୍ଘଦିନ ଧରି କଟକ ରାମଲୀଳା ପ୍ରଚାର ସମିତିର ସଭାପତି ଥିଲା ବେଳେ କଟକ ଟାଉନହଲ ପାର୍କ ଚନ୍ଦନ ପୋଖରୀ କୂଳରେ ମାସ ମାସ ଧରି ସାରା ରାତି ଉଜାଗର ରହି ଶ୍ରୀରାମଙ୍କ ଉତ୍ସବ ପାଳନ କରିଥାନ୍ତି ମୁରାରି ବାବୁ । ଶ୍ରୀରାମଙ୍କ ଏଇ ଉତ୍ସବ ସଂପାଦନ ତାଙ୍କର ଏକ ଅମଳିନ ଓ ଅଭିନବ କୀର୍ତ୍ତି । ସେତେବେଳେ ତାଙ୍କର ଏ କ୍ରିୟା କଳାପ ଦେଖିଲେ କିଏ ବିଶ୍ୱାସ କରିବ ଯେ, ସେ କାଲେ ଭଗବାନଙ୍କୁ ଠିଆ ଫାଡି ଦେବେ ? ଆନନ୍ଦର କଥା ତାଙ୍କର ୫୭ତମ ଜୟନ୍ତୀ ପାଳିତ ହେଉଛି । ତାଙ୍କର ୯୭ତମ ଜୟନ୍ତୀ ପାଳିତ ହେଉ, ଏହା ହିଁ ମୋର କାମନା ।

●

ଡି/୯, ବି.ଜେ.ବି. ନଗର
ଭୁବନେଶ୍ୱର

Digitized by srujanika@gmail.com

ହିସାବ-ନିକାଶ

● ଶ୍ରୀ ପରମାନନ୍ଦ ଅଧିକାରୀ

ତୋତେ କେ ଡ଼ାକଇ ବଡ଼ କବି ବୋଲି
ପ୍ରାବନ୍ଧିକ କେ କହେ,
ସଙ୍ଗଠକର ଅଗ୍ରଣୀ ବୋଲି
ପ୍ରଶଂସା-ସ୍ରୋତ ବହେ ।
ସମାଲୋଚନାର ସୁଖ୍ୟାତି ତୋର
ସ୍ୱଳ୍ପ ବି ନୁହେଁ କେବେ,
'ହମିଦ୍' ପରିଏ ଶ୍ରେଷ୍ଠ ବହି ଲେଖୁ
ଭୁଲି କି ଗଲୁଣି ଏବେ ?
ଲେଖିଛୁ ନାଟକ, ସାମ୍ବାଦିକ ବି
କେତେ ଦିନ ତୁହି ହେଲୁ ?
ଯାତ୍ରାରେ ପୁଣି ହନୁମନ୍ତର
ଭୂମିକାରେ ତୁହି ନେଲୁ ??
ସିଏ ଯାହା ତୋତେ କହୁରେ ମୂର୍ଖର
କିଛି ଯାଏ ଆସେ ନାହିଁ,
ମୁହିଁ ଜାଣିଛି ରେ ତୁହି ଯେ ମୋହର
ଅତି ଆଦରର ଭାଇ ।
ଦିନ ପରେ ଦିନ, ମାସ ପରେ ମାସ
ଛପନ ବରଷ ଗଲା,
କହି ପାରିବୁ କି ? ଆଉ ଆପଣାର
କିଏ ଯେ ତୋହର ଭଲା ?
ବାନ୍ଧ-ଜମିତ ହଳ କରି ଆମେ
ଶସ୍ୟ-ଶ୍ୟାମଳା କଲେ,
ଲକ୍ଷେ ଟଙ୍କାର ଫୁଲ ହାର ଦେଲେ
କେତେ ଯେ କାହାର ଗଲେ ?
ଅନ୍ଧକାରରେ ଥିଲେ ଯେଉଁମାନେ
ଆଣିଲେ ଆଲୋକେ ଆମେ,
ସତ କରି କହ ? ଆଜିରେ ସେମାନେ
ଲାଗିଲେଣି କେଉଁ କାମେ ??

Digitized by srujanika@gmail.com

ଉକୁଡ଼ା-ପ୍ରତଭି ଉଦ୍ଧର କେତେ
ତୋଳି ଧଇଲେ ରେ ମାଥେ,
କେତେ ଅକବି ଯେ କବି ବୋଲାଇଲେ
ଆଜି କେହି ନାହିଁ ସାଥେ ।
ଖବ ନ ପଢ଼ୁଣୁ ଗ୍ରନ୍ଥ ଘର
ତଗ ବୁଡ଼ଲେ ଫେରଲେ ଘରେ ?
ନନ୍ଦା-ପ୍ରଶଂସା ନ କଲେ ଝାତର ?
ଆଜି କିଏ ନାଆଁ ଧରେ ?
ପାଳଲେ ଯେ କେତେ ଜୟନ୍ତୀ, ଶ୍ରାଦ୍ଧ
ସାହିତ୍ୟ-ସଭା କଲେ,
ଝଡ଼-ବର୍ଷାରେ ଝାନନଗର ଓ
ସତୀ ଚଉରାକୁ ଗଲେ ।
ଶ୍ରଦ୍ଧାରେ କଲେ ତଳ ତର୍ପଣ
ଗଡଗଡ଼ିଆରେ ଯାଇ,
ଆମର ଶ୍ରମର, ଆମ ଦୁଃଖର
ମୂଲ ବୁଝିଲା କେ କାହିଁ ?
କଳାର ପୂଜାରୀ ସାଜି ହେଲେ ଦୀନ
ଭରସା ଆଜିରେ କିଏ ?
କଳଙ୍କ ବୋଲେ ଏବେ ଯେ କଳାରେ
ବଡ଼ କଳାକାର ସିଏ ।
କେତେ ଅମଣିଷ ମଣିଷ କଲେ ରେ
ଫୁଲ-ଚନ୍ଦନ ଦେଇ ।
ପରିବାରକୁ ତ ପରମଣି ସଦା
ନାଚଲେ ରେ ଥେଇ ଥେଇ ।

ହିସାବ-ନିକାଶ ବେଳ ଆସି କ୍ଷଣ
ହୋଇଗଲା ଉପଗତ ?
ଆଉ କେତେ ଦିନେ ଅଣଲେଉଟାରେ
ହୋଇବ ରୁକୁଣା ରଥ ?
ରହିସିବେ ଆମ ପ୍ରାଣର ପ୍ରତିମା
ଶ୍ରଦ୍ଧା ଓ କଳାବନ୍ତୀ,
କ୍ଷମାଶୀଳା କ୍ଷମା ଦେବେ, ଅବହେଳା
ହୋଇ ଯାଇଛୁରେ ଅତି ?

Digitized by srujanika@gmail.com

ସୁନ୍ଦର ବନ୍ଧୁ ଦୁର୍ଦ୍ଦିନର ବେଳେ
କେବେ ନ ହୋଇବେ ସାହା ?
ସାହା କରିବେ ରେ ଦୀନ-ବାନ୍ଧବ
ଲକ୍ଷ୍ମୀର ପ୍ରାଣ-ନାହା ?
କେତେ ଲାଭ କ୍ଷତି ହୋଇଛି କାହାର
ବିଚାର କରିବ କାଲି,
ସାନ୍ତ୍ୱନା ଆମ, କର୍ମ କରିଛୁ
ଟେକି ଜଞ୍ଜାଳ-ଜାଲି ?
ଘର-ସଂସାର ଉଜୁଡ଼ି ଯାଇଛି
କଳା ଚର୍ଚ୍ଚାର ପାଇଁ,
ଗଲା ଯାହା ଆଉ ଫେରିକି ଆସିବ ?
କହ କିଛି ଲାଭ ନାହିଁ ।
ଅତୀତଟା ଆଜି ନାଚି ନାଚି ଯାଏ
ଆଖି ଆଗେ ସିନା ଆସି,
କାଳର କରାଳ ସ୍ରୋତ ପରବଳ
କେତେ କେ ଗଲେଣି ଭାସି ।
ଭଗତପୁରର 'ବାଣୀ ମନ୍ଦିର'
ଛଣ-ଛପରର ଗୃହ,
କେତେ ସ୍ମୃତି ଧରି ହଜି ତ ଗଲାଣି
ମନେ ଥିବ କାଲି କାଲି ?
କେତେ ମାଡ଼-ଗୋଳ ମନ ଫଟା ଫଟି
ହୋଇ ଯାଇଛି ରେ ସିନା,
ଏକଇ ମଞ୍ଚେ ପୁଣି ଏକ-ହୋଇ
ନାଚିଛେ ତାଧିନ ଧିନା ।
ଗୋଟିଏ ବୃନ୍ତେ ଦୁଇ ଫୁଲ ଆମେ
ଅଭିନ୍ନ ଅଭିଳେଖ,
ମହିଁମି ସିଂଘ ଫଟା ସିନା ଆରେ
ଯୁଝିଲି ବେଳକୁ ଏକ ।

●

ସଂପାଦକ 'କଳା ବିନୋଦ'
କଳାଶ୍ରୀ କୁଟୀର, ଜୋବ୍ରା
କଟକ

Digitized by srujanika@gmail.com

ଜେନା କବି ନା ଜନ କବି

● ଶ୍ରୀ ଭିକାରୀ ଚରଣ ମିଶ୍ର

ଉତ୍କଳ ଜନନୀର ଯେଉଁ କେତୋଟି ବରପୁତ୍ର ସାହିତ୍ୟ-ସାଧନାରେ ମାତୃଭାଷାକୁ ଶ୍ରୀବୃଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ କବି ମୁରାରି ମୋହନ ଅନ୍ୟତମ । କେବଳ ଲେଖନୀ ଚାଳନା ମାଧ୍ୟମରେ ଉତ୍କଳ ସାରସ୍ୱତ ଭଣ୍ଡାରକୁ ପରିପୂର୍ଣ୍ଣ କରିବାରେ ଯେ ନିଜର ସାଧନାକୁ ସୀମିତ କରିଛନ୍ତି, ତାହା ନୁହେଁ, ସାହିତ୍ୟ ସୃଷ୍ଟି ସାଙ୍ଗକୁ ତାହାର ପ୍ରସାର ଓ ପ୍ରଚାର ଦିଗରେ ମଧ୍ୟ ତାଙ୍କର ଉଦ୍ୟମ ଅବ୍ୟାହତ ରହିଛି । ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଧର୍ମଧାରା ତଥା ସାମ୍ପ୍ରତିକ ଘଟଣା ପ୍ରବାହ ସଂପର୍କରେ ତାଙ୍କର ବିଶ୍ଳେଷଣାତ୍ମକ ରଚନା ଓ ଆଲୋଚନା ପାଠକ ତଥା ଶ୍ରୋତା ଗୋଷ୍ଠୀଙ୍କ ମଧ୍ୟରେ ବିଶେଷ ଭାବେ ଆଦୃତ ହୋଇ ପାରିଛି । ତେଣୁ କେତେକ ପ୍ରଖ୍ୟାତ ସାହିତ୍ୟିକ ତାଙ୍କୁ 'ଜେନା କବି' ନାମରେ ଅଭିହିତ କରିଛନ୍ତି ମାତ୍ର ବାସ୍ତବ ପକ୍ଷେ ଜନସାଧାରଣ ତାଙ୍କୁ ଜଣେ ଜନତାର ପ୍ରିୟ କବି ବା 'ଜନ କବି' ଭାବରେ ଗ୍ରହଣ କରିଛନ୍ତି ।

କବି ମୁରାରି କୌଣସି ପଦ-ପଦବୀ ବା ଉପାଧିର ଗୌରବ ପାଇଁ ଲାଳାୟିତ ନ ହୋଇ ମାତୃଭାଷାର ସର୍ବବିଧ ବିକାଶ କ୍ଷେତ୍ରରେ ନିଜକୁ ନିୟୋଜିତ କରିଛନ୍ତି । ପାରିବାରିକ ବନ୍ଧନ, ସାମାଜିକ ବାଧାବିଘ୍ନ ତାଙ୍କ ଚଲାପଥରେ ଏ ପର୍ଯ୍ୟନ୍ତ କୌଣସି ଅନ୍ତରାୟ ସୃଷ୍ଟି କରି ପାରି ନାହିଁ । ଅବିଚଳିତ ଭାବରେ ଓଡ଼ିଆ ସାହିତ୍ୟର ଜଣେ ନୀରବ ସାଧକ ରୂପେ ସାହିତ୍ୟାନୁରାଗୀ ଗୋଷ୍ଠୀଗଠନ, ନୂଆ ନୂଆ ଲେଖକଙ୍କୁ ପ୍ରୋତ୍ସାହନ ଓ ପ୍ରବୀଣ ଲେଖକମାନଙ୍କୁ ସମ୍ମାନିତ ଆଦି କରିବା କାର୍ଯ୍ୟରେ ରତ ରହିଛନ୍ତି । ସ୍ୱଭାବ ସୁଲଭ ସ୍ପଷ୍ଟବାଦିତା ଯୋଗୁଁ ବେଳେବେଳେ ଅପ୍ରିୟ ସତ୍ୟ କହିବାରେ କିମ୍ବା ନିଜ ରଚନା ମାଧ୍ୟମରେ ପ୍ରକାଶ କରିବାକୁ ସେ କେବେହେଁ ଦ୍ୱିଧା ବୋଧ କରି ନାହାନ୍ତି । ଫଳରେ କେତେକ ତାଙ୍କୁ ବିରୋଧ କଲେ ହେଁ ତାଙ୍କ ଠାରେ ଥିବା "ବଜ୍ରେଷିବ କୁଣ୍ଠମୃକ*" ଗୁଣ ପାଇଁ ଅନେକ ଲୋକ ଆକୃଷ୍ଟ ହୋଇ ଥାଆନ୍ତି । ସଳିତା ଭଳି ନିଜେ ଜଳି ଅନ୍ୟକୁ ଆଲୋକିତ କରିବା ହେଉଛି, ତାଙ୍କ ଜୀବନ ଦର୍ଶନର ଏକ ବିଶିଷ୍ଟ ବିଭବ ।

ନ୍ୟୁନତମ ଆବଶ୍ୟକତା ପରିପୂରଣ ପାଇଁ ଯେତିକି ଲୋଡ଼ା ତା'ଠାରୁ ଅଧିକ ଆୟୋଜନ କରିବା ତାଙ୍କ ଜୀବନ-ଦର୍ଶନର ପରିପନ୍ଥୀ । ଏଥିପାଇଁ ଚାକିରି

Digitized by srujanika@gmail.com

କ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ କର୍ମୀ ହେବା ବ୍ୟତୀତ ଅନ୍ୟ ଦିଗରେ ସେ କୌଣସି ଦକ୍ଷତା ପ୍ରଦର୍ଶନ କରିପାରି ନାହାନ୍ତି ।

ମୁରାରି ବାବୁ ବାସ୍ତବିକ୍ ବହୁମୁଖୀ ପ୍ରତିଭାର ଅଧିକାରୀ । ଗଳ୍ପ, ରମ୍ୟ-ରଚନା, ଏକାଙ୍କିକା, ଭ୍ରମଣିକା, ପ୍ରବନ୍ଧ, ନାଟକ, କବିତା, ସମାଲୋଚନା ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କର ଅମ୍ଳାନ ସ୍ୱାକ୍ଷର ରହିଛି ଓ ଯୁଗ ଯୁଗ ପାଇଁ ପାଇଁ ମଧ୍ୟ ରହିଥିବ । ସେ ଏ ଯାବତ୍ ୭୦/୭୫ ଖଣ୍ଡ ପୁସ୍ତକ ରଚନା କରି, ଆମ ସାହିତ୍ୟକୁ ଯେପରି ସମୃଦ୍ଧ କରିଛନ୍ତି, ତାହା ମଧ୍ୟ ଏକ ଉଲ୍ଲେଖନୀୟ ଘଟଣା ।

ସାହିତ୍ୟ ସଂଗଠନ ଓ ପୂଜ୍ୟ-ପୂଜା କ୍ଷେତ୍ରରେ ତାଙ୍କର ଅନୁପମ ଓ ଅମଳିନ ଅବଦାନ ପାଇଁ ତାଙ୍କୁ 'ଜେନା କବି' ଅଭିହିତ ନ କରି ଯଥାର୍ଥରେ 'ଜନ କବି' ଆଖ୍ୟା ଦେବା ବରଂ ଉଚିତ ହେବ । ସାହିତ୍ୟ, ସଂସ୍କୃତି ଓ ସାମାଜିକ ଉତ୍‌ଥାନ ନିମନ୍ତେ ତାଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟା ଅବ୍ୟାହତ ରହୁ, ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା । ଜନତା ଜନାର୍ଦ୍ଦନର ପ୍ରିୟ କବି ମୁରାରି ମୋହନ 'ଜନ କବି' ରୂପେ ନିଜର ନିରବଚ୍ଛିନ୍ନ ସାଧନା ଦ୍ୱାରା ମାତୃଭାଷାର ମୁଖ ଯେ ଅଧିକ ଉଜ୍ଜ୍ୱଳ କରିବେ, ଏ ଆଶା ଭରସା ସମସ୍ତଙ୍କର ରହିଛି । ମୁରାରି ମୋହନ କେବଳ ଜଣେ ବ୍ୟକ୍ତି ବିଶେଷ ନୁହନ୍ତି—ଏକ ସ୍ୱୟଂ ସଂପୂର୍ଣ୍ଣ ଅନୁଷ୍ଠାନ ।

●

ଶ୍ରୀରାମ ନିବାସ, ବାଦାମବାଡି
କଟକ-୯

Digitized by srujanika@gmail.com

ଜ୍ୟୋତିଷ କବି ମୁରାରି ଜେନା

● ଜ୍ୟୋତିର୍ବିଦ୍ ଡ଼ଃ. ନିମାଇଁ ବାନାର୍ଜୀ

'କୁଆଡ଼େ ମୋ ଜ୍ୟେଷ୍ଠା ବିଛା ରାଶି
ମୋ' ରାଶିରେ ଅଷ୍ଟମରେ ଶନି,
କି ଦୁର୍ଯୋଗ ଘଟୁଛି ଜୀବନେ,
ବନ୍ଧୁ ଆଉ ସେ କଥା କହନି ।'

(—ମୁରାରି ଜେନା)

ଇଏ ସେତେବେଳର କଥା, ଯେତେବେଳେ କବି ମୁରାରି ବାବୁଙ୍କ ବିଛା ରାଶିକୁ ଶନି ଅଷ୍ଟମ ହୋଇଥା'ନ୍ତି ଅର୍ଥାତ୍ ୧୯୭୪-୭୫ ମସିହାର କଥା ।

ସାହିତ୍ୟ ମନ କଥା କହେ । କବିତା ଭିତରେ ମଣିଷ ନିଜକୁ ଖୋଜି ପାଏ । ଏଣୁ ସାହିତ୍ୟ ତଥା କବିତା ଆମର ଅତି ପ୍ରିୟ । ସେତେବେଳେ ମୁଁ ନୂଆ କରି ଜ୍ୟୋତିଷରେ 'ଭାଗ୍ୟଲିପି' ନାମକ ପତ୍ରିକାର ମାସିକ ପ୍ରକାଶନ ଆରମ୍ଭ କରିଥାଏ । ମୋର ଚିରନ୍ତନ ସାହିତ୍ୟ-ପ୍ରୀତି ମୋତେ ସତତ ବିବ୍ରତ କରୁଥାଏ, କିପରି ଜ୍ୟୋତିଷ ଭଳି କଷ୍ଟକର ବିଦ୍ୟାକୁ ସାଧାରଣ ପାଠକମାନଙ୍କ ନିକଟରେ ପହଞ୍ଚାଇ ପାରିବି ଓ ଏହାକୁ ଲୋକପ୍ରିୟ କରିପାରିବି ? ଏଇଭଳି ଏକ ଘଡିସନ୍ଧି ସମୟରେ ହଠାତ୍ ମୋର ସାକ୍ଷାତ ହୁଏ, ଓଡ଼ିଶାର ପ୍ରତିଷ୍ଠିତ କବି ମୁରାରିବାବୁଙ୍କ ସହିତ । କ୍ରମେ ପରିଚୟରୁ ଘନିଷ୍ଠତା ଏବଂ ଘନିଷ୍ଠତାରୁ ଆତ୍ମୀୟତା । ପରିଚୟ ପୁରୁଣା ହୁଏ । ସମୟର ପ୍ରବାହରେ ବନ୍ଧୁ ମୁରାରିବାବୁ ମୋର ଅନୁରୋଧ ରକ୍ଷା କରି ଏକ ନୂତନ ଢଗରେ ଜ୍ୟୋତିଷର ରୂପାୟନ କରି ଚାଲନ୍ତି । ପ୍ରତି ମାସରେ ତାଙ୍କର ଗୋଟିଏ ଗୋଟିଏ ଜ୍ୟୋତିଷ କବିତା 'ଭାଗ୍ୟଲିପି'ରେ ସ୍ଥାନ ପାଏ । ଖୁବ୍ ଲୋକାଦୃତ ହୁଏ । କୌଣସି ଗୋଟିଏ ସଂଖ୍ୟାରେ ମୁରାରିବାବୁଙ୍କ ଜ୍ୟୋତିଷ

Digitized by srujanika@gmail.com

କବିତା ନ ଥିଲେ, ବହୁ ଚିଠିର ଉତ୍ତର ଦେବାକୁ ପଡ଼େ ପାଠକମାନଙ୍କୁ । ଶେଷକୁ କବିତା ଗୁଡିକ ଲୋକମୁଖରେ ଅତ୍ୟନ୍ତ ଆଲୋଚିତ ଓ ପ୍ରଶଂସିତ ହୋଇ ଉଠିଲା ଓ ସେଇ ସମସ୍ତ କବିତାର ସମାହାରରେ ୧୯୮୦ ମସିହାରେ 'ଆଜି ମୋର ଅଷ୍ଟମରେ ଶନି' ଶିରୋନାମାରେ ମୁରାରିବାବୁ କବିତା ସଞ୍ଚୟନ ପ୍ରକାଶ କଲେ ।

ଏ ସଂକ୍ରାନ୍ତରେ ମୋର **ଆଜି** ପରିଷ୍କାର ମନେ ପଡ଼ୁଛି—ମୋର ମାମୁଁ ଓଡିଶାର ସବୁଜ ଯୁଗର ପ୍ରଖ୍ୟାତ ସାହିତ୍ୟିକ ଶରତ୍ ମୁଖାର୍ଜୀଙ୍କ କଥା । ସେ ବରାବର 'ଭାଗ୍ୟଲିପି' ପଢନ୍ତି ଓ ମୁରାରିବାବୁଙ୍କ କବିତାର ବହୁ ତାରିଫ କରନ୍ତି । ମାମୁଁ ଥରେ ତାଙ୍କ କବିତା 'ଭାଗ୍ୟଲିପି'ରେ ଦେଖିବାକୁ ନ ପାଇ ମୋତେ କହିଲେ—'ମାନୁ, (ମୋର ଡାକ ନାଁ) ମୁରାରିକୁ, ତୋ ପାଖରେ କୌଣସି ମତେ ବସେଇ, ମୁରାରିଠୁଁ କବିତା ଲେଖେଇ ନେ । ଯେପରି ଭାଗ୍ୟଲିପିର ପ୍ରତି ସଂଖ୍ୟାରେ ତା' କବିତା ସ୍ଥାନ ପାଏ, କାରଣ ତା'ଭଳି ଜ୍ୟୋତିଷ କବିତା କେହି ଲେଖି ପାରିବେ ନାହିଁ ।' ସେତେବେଳେ ମୁଁ ଯାଇଁ ବୁଝିଲି ମୁରାରିବାବୁଙ୍କ ରଚିତ ଜ୍ୟୋତିଷ କବିତା ସାଧାରଣ ପାଠକ ଠାରୁ ଆରମ୍ଭ କରି ବିଶିଷ୍ଟ ସାହିତ୍ୟିକଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ମନକୁ କିପରି ଗଭୀର ଭାବେ ସ୍ପର୍ଶ କରି ପାରିଛି ।

ମୋ ଜାଣିବାରେ ଅନ୍ୟ କୌଣସି ଭାଷାରେ ଜ୍ୟୋତିଷକୁ ଏପରି ସରଳ/ସହଜ ଭାବେ କବିତା ମାଧ୍ୟମରେ ପରିବେଷଣ କରାଯାଇ ପାରି ନାହିଁ, ଯାହା ମୁରାରିବାବୁ ଓଡିଆ ସାହିତ୍ୟରେ କରି ପାରିଛନ୍ତି । ତେଣୁ ତାଙ୍କର ଏ କବିତା ସଞ୍ଚୟନ 'ଆଜି ମୋର ଅଷ୍ଟମରେ ଶନି' ଓଡିଆ ଜ୍ୟୋତିଷ ସାହିତ୍ୟର ଏକ 'ମାଇଲ୍ ଖୁଣ୍ଟି' କହିଲେ ଅତ୍ୟୁକ୍ତି ହେବ ନାହିଁ ।

●

ସମ୍ପାଦକ 'ଭାଗ୍ୟଲିପି'
ପିଠାପୁର, କଟକ-୧

Digitized by srujanika@gmail.com

ଜାଗ୍ରତ ପ୍ରହରୀ

[ରାଗ-ଶଙ୍କରା ଭରଣ]

● ଶ୍ରୀ ବଂଶୀଧର ମିଶ୍ର

ଓଡ଼ିଆ ଭାଷାର ତୁମେ ଜାଗ୍ରତ-ପ୍ରହରୀ
ବନ୍ଧୁକ ଗୁଳିରୁ ବଳି କଲମ ତୁମରି
ତୁମ ଉଗ୍ର ବାକ୍ୟ-ବାଣ
ଶବ କାନେ ବାଜିଗଲେ ପାଇବ ସେ ପ୍ରାଣ ॥ ୧ ॥

କବି, ସଂଗଠକ, ପୁଣି ହେ ସମାଲୋଚକ
ନାଟ୍ୟକାର, ପ୍ରାବନ୍ଧିକ, ବାଗ୍ମୀ, ସୁଲେଖକ
ଧନ୍ୟ ହେ ସମାଜସେବୀ
ତୁମ ନିଷ୍ଠା ସାଧନାର କି ଉପମା ଦେବି ? ॥ ୨ ॥

କେତେ କବିଙ୍କର ଶବ ନିଜ କାନ୍ଧେ ବହି
ଖାନନଗର ବା ସତୀ ଚଉରାକୁ ନେଇ
ନିଜେ କରିଛ ସଂସ୍କାର
ତାଙ୍କ ପାଇଁ ଶୋକସଭା ଆୟୋଜନ କର ॥ ୩ ॥

ଶୋକ ସଭା, ଶ୍ରାଦ୍ଧ ସଭା କରିବାରେ ଦକ୍ଷ
ନିଜେ ରହି ଆନେ ରହାଇବାର ଯେ ଲକ୍ଷ୍ୟ
ତାଙ୍କୁ ଦେବାକୁ ସମ୍ମାନ
ଆଉ କେହି ତୁମ ସମ ନ ହେବେ ସୁଜନ ॥ ୪ ॥

ଆଜ ଏଇ ଶୁଭ ସନ୍ଧ୍ୟା ଶୁଭ ଅବସରେ
ହୁଅ ଦୀର୍ଘଜୀବୀ ଏଇ ଅଳ୍ପ ବନ୍ଧୁ ଠାରେ
ଧନ୍ୟ ମୁରଲି ମୋହନ
ତୁମର ସାହିତ୍ୟାଦର୍ଶେ ଏ ଜୀବନ ଧନ୍ୟ ॥ ୫ ॥

●

ସାଧନା କୁଟୀର
ଘଣ୍ଟାପୋଲ, କଟକ-୧

Digitized by srujanika@gmail.com

ନିର୍ଭୀକ ପୁରୁଷ

● ଶ୍ରୀ ସୁରେଶ ଚନ୍ଦ୍ର ମହାରଣା

ଜଣେ ବକ୍ତା, ସମାଲୋଚକ, ନାଟ୍ୟକାର, ସଂସ୍କାରକ, ଗୀତିକାର, କବି ଏବଂ ସଂଗଠକ ହିସାବରେ ମୋର ଅଗ୍ରଜ ପ୍ରତିମ ଶ୍ରୀ ମୁରଲୀଧର ମୋହନ ଜେନା ଓରଫ ମୁରଲୀ ଜେନା ଓଡ଼ିଶା ଭିତରେ ଓ ବାହାରେ ଯେ, ଅନ୍ୟୁନ ଗତ ତ୍ରିଶ ଦଶନ୍ଧି ଧରି ପରିଚିତ ଓ ପ୍ରତିଷ୍ଠିତ, ଏହା କହିବା ନିଷ୍ପ୍ରୟୋଜନ । ବିଦ୍ୟାଳୟରେ ଛାତ୍ର ଥିବା ଅବସ୍ଥାରୁ ଆରମ୍ଭ ହୋଇଥିବା ଲେଖାଲେଖିର ଅଭ୍ୟାସ, ବକ୍ତୃତା ଦେବାର ଅଭ୍ୟାସ, ସମାଲୋଚନା କରିବାର ଅଭ୍ୟାସ ତଥା ସଙ୍ଗଠନ କରିବାର ଅଭ୍ୟାସ ଏ ପର୍ଯ୍ୟନ୍ତ ଅତୁଟ ରହିଛି ତ ନିଶ୍ଚୟ, ତା'ଛଡ଼ା ବୟସ ବଢିବା ସଙ୍ଗେ ସଙ୍ଗେ ସେ ସବୁ ଅଭ୍ୟାସ ଆହୁରି ମାର୍ଜିତ ଓ ସୁନ୍ଦର ହେବାରେ ଲାଗିଛି । ଫଳରେ ସେ ଜନ-ମାନସରେ ବେଶ୍ ସ୍ମରଣୀୟ ଓ ଆଦରଣୀୟ ହୋଇ ରହିଛନ୍ତି ।

ତାଙ୍କ ଛାତ୍ର ଜୀବନରେ ସଙ୍ଗଠନର ସୂତ୍ରପାତ ହେବା କଥା ମୋର ପରିଷ୍କାର ମନେ ଅଛି । ତାଙ୍କ ଜନ୍ମମାଟି ଏଇ ଭଗତପୁରରେ । ସେ ଅନ୍ୟ ଉତ୍ସାହୀମାନ ସ୍ଥାନୀୟ ଯୁବକମାନଙ୍କୁ ଏକଯୁଟ୍ କରି, ପ୍ରଥମେ ଏକ ନୈଶ ବିଦ୍ୟାଳୟ ସ୍ଥାପନ ଓ ପ୍ରୌଢ଼ ଶିକ୍ଷାର ପ୍ରବର୍ତ୍ତନ କରାଇ-ଥିଲେ । ଗ୍ରାମର ଯୁବକମାନେ ସେଥିପ୍ରତି ଆକୃଷ୍ଟ ହେବା ଲାଗି ସେ ଏଇ ବିଦ୍ୟାଳୟର ପ୍ରୟୋଜନୀୟତା ଓ ଉପଯୋଗୀତା ସମ୍ପର୍କରେ ସମସ୍ତଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇଲେ । ଫଳରେ, ଯୁବକମାନେ ବହୁଭାବରେ ଅନୁପ୍ରାଣିତ ହେଲେ । ଏପରି ଏକ ନୈଶ ବିଦ୍ୟାଳୟର ଶିକ୍ଷାଦାନ ଯେ କେବଳ ଅବୈତନିକ ଥିଲା, ତା ନୁହେଁ, ଏହା ଏକ ଆଦର୍ଶ ନାଗରିକ ଗଢିବାର ପୀଠସ୍ଥଳୀ ଥିଲା । ଆଖପାଖରେ ସେ କାଳରେ ଏପରି ନୈଶ ବିଦ୍ୟାଳୟ ଆଦୌ ନ ଥିଲା । ଏହା ଛଡ଼ା 'ମାତୃ ମଙ୍ଗଳ ଯୁବକ ସଙ୍ଘ ଓ ଜନକଲ୍ୟାଣ ପାଠାଗାର' ସ୍ଥାପନ କରି କିପରି ସମୃଦ୍ଧ

Digitized by srujanika@gmail.com

ଉନ୍ନତିରେ ସମସ୍ତେ ସହଯୋଗ କରିବେ, ତା'ର ବାର୍ତ୍ତା ମଧ୍ୟ ସମସ୍ତଙ୍କର ନିକଟରେ ପହଞ୍ଚାଇ ଥିଲେ ।

ଭଗତପୁର ନିମ୍ନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ କିପରି ସଫଳତାର ସହ ପାଳନ କରାଯିବ, ତା' ମୂଳରେ ମଧ୍ୟ ମୁରାରି ଭାଇଙ୍କ ଅଦମ୍ୟ ଉଦ୍ୟମ । ସେ କାଳରେ ତାଙ୍କ ରଚିତ ଗୋଟିଏ ଗୀତର କେତେ ଧାଡ଼ି ଏଠି ଉଦ୍ଧାର କରୁଛି—

'ବଡ଼ ଦୁରୁଦମ କାଳ ବଇଷମ, ଦେଶେ ଦେଖା ଦେଲା ଆସି
ଶିକ୍ଷକ ରହିଲେ ଭୋକ ଉପାସରେ, ପାଠ କୁଳ ଯିବ ଏବେ ଭାସିରେ
ଶୁଣ ଶୁଣ ମୋ ଭାଇ
ପାଠପଢ଼ା ହେଳା କର ନାହିଁ ।

ଏଇ ଗୀତଟି ଜଣେ ଛାତ୍ର ଯେତେବେଳେ ପୁରସ୍କାର ବିତରଣୀ ଉତ୍ସବରେ ତା'ର ସୁଲଳିତ କଣ୍ଠରେ ଗାନ କଲା, ତାହା ଉପସ୍ଥିତ ଅଗଣିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେଇପରି ପିଲାମାନଙ୍କୁ ଗୁଡ଼ି ଉଡ଼ା ଦୁର୍ଘଟଣାରୁ ରକ୍ଷା କରିବା ପାଇଁ, ସେ ଯେଉଁ ଗୀତ ଲେଖିଥିଲେ ତାହାର କେତେକାଂଶ ହେଲା—

ଯେପରି ଗାଆଁର ବାର ବାବୁ ପୁଅ, ଉଡ଼ାଇଲା ଦିନେ ଗୁଡ଼ି,
ପଛେଇ ପଛେଇ ଗୁଲୁଗୁଲୁ ଦାଣ୍ଡେ, ଭଙ୍ଗା କୂପେ ଗଲା ସେହୁ ପଡ଼ି ରେ
ଶୁଣ ଶୁଣ ମୋ ଭାଇ
ଗୁଡ଼ି ଉଡ଼ା ଖେଳ ଖେଳ ନାହିଁ ରେ ।

ଏଇ ଗୀତକୁ ପ୍ରାୟ ପଚିଶ ଜଣ ଛାତ୍ର ବୋଲି ବୋଲି କଟକ ସହରର ସାହି ବସ୍ତି ପରିକ୍ରମା କରୁଥିଲେ ଏବଂ ଏଇ ଗୁଡ଼ି ଉଡ଼ାଇବାର ମାରା-ତ୍ମକତା ବୁଝାଇବା ଲାଗି ବିଭିନ୍ନ ସାହି ବସ୍ତିମାନଙ୍କରେ ସେ ସାଧାରଣ ସଭା ମାନ ଅନୁଷ୍ଠିତ କରାଉଥିଲେ । ଏହା ଫଳରେ ଗୁଡ଼ି ଉଡ଼ା ଯୁବକ-ମାନେ, ଆଉ ଗୁଡ଼ି ନ ଉଡ଼ାଇବା ପାଇଁ ନିଜେ ନିଜେ ଶପଥ ମଧ୍ୟ ଗ୍ରହଣ କରିଥିଲେ । ଏଇପରି ଶ୍ରେଷ୍ଠ ଶ୍ରେଷ୍ଠ ଘଟଣା ଗୁଡ଼ିକ ନିଜ ନେତୃତ୍ୱରେ ସୁସଂପାଦନ କରିବା ଯୋଗୁଁ ସେ ସାହି ବସ୍ତିମାନଙ୍କରେ ବିଶେଷ ପ୍ରଶଂସା ଭାଜନ ହୋଇପାରିଥିଲେ । ଏଣୁ ତାଙ୍କ ସାଙ୍ଗଠନିକତାର

Digitized by srujanika@gmail.com

କର୍ମ କୌଶଳ କପରି ତାଙ୍କର ଛାତ୍ର ଜୀବନରୁ ଫୁଟି ଉକୁଟି ଉଠିଥିଲା; ତାହା ସ୍ପଷ୍ଟ ଅନୁମେୟ ।

ଗୋଟିଏ ପୌରାଣିକ ନାଟକ ମଞ୍ଚସ୍ଥ ହେଉଥାଏ ସ୍ଥାନୀୟ ଝାଞ୍ଜିରିମଙ୍ଗଳା ଠାରେ । ସେତେବେଳେ ମୁରାରି ଭାଇ ସମ୍ଭବତଃ ଖ୍ରୀଷ୍ଟ କଲେଜରେ ପଢୁଥାନ୍ତି । ଯଦିଓ ସେ ନାଟକରେ ରଚୟିତା ନ ଥିଲେ, ତଥାପି ସେହି ନାଟକ ଅଭିନୟ କାଳରେ ନାଟକର ବିଷୟ ବସ୍ତୁକୁ ଖାପଖୁଆଇ ତାଙ୍କ ରଚିତ ସଙ୍ଗୀତଟିଏ ଯେତେବେଳେ ଜଣେ କଣ୍ଠଶିଳ୍ପୀ ଗାଇ ଦେଲେ, ତାହା ଉପସ୍ଥିତ ଦର୍ଶକ-ଦର୍ଶିକାଙ୍କୁ ଯଥେଷ୍ଟ ଭାବରେ ଆନନ୍ଦ ମୁଖର ଓ ଭାବ-ବିହ୍ୱଳ କରାଇ ପାରିଥିଲା । ଗୀତଟିର ପ୍ରଥମ କେଇଟି ଧାଡି ହେଲା—

‘ଯଉବନ କୁଞ୍ଜ ନିଶା ମଉଳି ପଡ଼ୁଛି ଆଜି,
ଲଭୁଛି ଜୀବନ ଧାପ, ସେନେହ ସୋହାଗ ରାଜି ।’

ପୁଣି ଏଇ ଉଚ୍ଚମାନର ଓ ସାରଗର୍ଭକ ସଙ୍ଗୀତ ରଚନା ଶୈଳୀ ତାଙ୍କୁ ତାଙ୍କର ଶ୍ରୋତା ମାନଙ୍କ ଠାରୁ ବହୁ କରତାଳି ଆଣି ଦେଇଥିଲା । ସ୍ନାତକ ଛାତ୍ର ଥିବା ବେଳୁଁ ତାଙ୍କର ବହୁ କବିତା ଓ ତଥ୍ୟ ସମ୍ବଳିତ ଲେଖା ବିଭିନ୍ନ ଦୈନିକ ଓଡିଆ ସମ୍ବାଦପତ୍ର ଓ ମାସିକ ସାହିତ୍ୟ ପତ୍ରିକାରେ ସ୍ଥାନିତ ହେବାରେ ଲାଗିଲା; ଯାହା ଫଳରେ କି ସେ ପାଠକ-ପାଠିକାଙ୍କ ମହଲରେ ବେଶ୍ ଆଦୃତ ହେବାର ଗୌରବ ଅର୍ଜନ କଲେ ।

ତାଙ୍କର ସେତେବେଳକାର ସଂସ୍କାର ଧର୍ମୀ ଗୁରି ପଇସିକିଆ ବହୁ ପୁସ୍ତିକାର ବିକ୍ରୀ, ବେଶ୍ କିଛି ବଜାରକୁ ସରଗରମ କରି ରଖିଥିଲା । ସହର, ବଜାର, ରାସ୍ତା ଘାଟରେ ମୁରାରି ଭାଇଙ୍କ ସେଇ ସବୁ ବହିର ବିକ୍ରୀ ପାଇଁ ଯେଉଁ ଗହଳି, ତା’ ଏବେ ଆଉ ଦେଖିବାକୁ ମିଳେନା ଏବଂ ସେହି ସେହି ଶ୍ରେଷ୍ଠ ଶ୍ରେଷ୍ଠ ପୁସ୍ତିକା ବିକ୍ରୀରୁ ସେ ଯେଉଁ ପଇସା ପାଉଥିଲେ, ଆଜିକାଲି ତାଙ୍କ ରଚିତ ବଡ଼ ବଡ଼ ପୁସ୍ତକମାନଙ୍କରୁ ରୟାଲଟି ପାଇବା ତାଙ୍କ ଜୀବନରେ ସ୍ୱପ୍ନ ବୋଲି ସେ ଦିନ ସେ କଥା ପ୍ରସଙ୍ଗରେ ଆଲୋଚନା କରିବା କଥା ମୋ କାନକୁ ଆସିଛି ।

Digitized by srujanika@gmail.com

ବିଶେଷ କରି ତାଙ୍କର 'ବାବୁଆଣୀ' ଓ 'ଝର୍ ନାଲି ବଳୁଆ' ପୁସ୍ତିକା ଦୁଇଟିରେ ଯଥାକ୍ରମେ ଫେସନପ୍ରିୟ ନାରୀମାନଙ୍କୁ ସମାଲୋଚନା ଏବଂ ଓଡ଼ିଆ ଜାତିର ଐତିହ୍ୟକୁ ସ୍ମରଣ କରିବାରେ, ସେ ଯେଉଁ ପ୍ରୟାସ କରିଛନ୍ତି, ତାହା ତାଙ୍କର ସମାଲୋଚନା ପାଟବତାର ପୂର୍ଣ୍ଣ ପରିଚୟ ପ୍ରଦାନ କରିଥାଏ ।

ମୁରାରିହରି ସ୍ୱାଧୀନତାର ପୂର୍ବ ଅବସ୍ଥାରେ ସବୁକ୍ଷେତ୍ରରେ ପ୍ରଗତିର ଅନ୍ତରାୟ ସୃଷ୍ଟି କରୁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କୁ ତାଙ୍କ ସମ୍ପାଦିତ 'ତେନ୍ତୁଳି ଗୁଣ୍ଡ' ଓ 'ଓଲୁଅ ଡାଙ୍ଗ' ପତ୍ରିକାରେ ନିର୍ଭୀକ ସମାଲୋଚନା କରି ମୁଖା ଖୋଲିଲେ ଓ ସେମାନେ ଏଇ ସମାଲୋଚନା ଫଳରେ ନିଜ ନିଜର କୁକର୍ମ କ୍ରିୟାରୁ ଓହରି ଆସିବା ମଧ୍ୟ ଦେଖାଗଲା । ତାଙ୍କ ଶାଣିତ ସମାଲୋଚନା ଧର୍ମୀ ବ୍ୟଙ୍ଗୋକ୍ତିର କିଞ୍ଚିତ ନମୁନା ନିମ୍ନରେ ବାଢୁଛି—

'ଆଜି ଏ ଦେଶରେ ଅନ୍ଧ ବୋଲାଏ, ପଦ୍ମଲୋଚନ ନାମ
ଖଞ୍ଜ କହୁଛି କରୁଛି ସେ ବସି, ଶତ ଶାର୍ଦ୍ଦୁଳ କାମ'

ଏତିକି କହିଲେ ଯଥେଷ୍ଟ ହେବ ଯେ, ସେ ସେହି ସମାଲୋଚନା ମୂଳକ ପତ୍ରିକା ଦୁଇଟିରେ ତାଙ୍କର ଅତି ପରିଚିତ ଓ ନିକଟତମ ତଥା ପଦାରୂଢ଼ ବ୍ୟକ୍ତିଙ୍କ ତ୍ରୁଟି ବିଚ୍ୟୁତିରେ ସମାଲୋଚନା କରିବାକୁ ପଛାଇ ନାହାନ୍ତି । ବିଶେଷ କରି ସମାଜର ଅନିଷ୍ଟକାରୀ ଓ ଭ୍ରଷ୍ଟାଚାରୀ ବ୍ୟକ୍ତି; ତାଙ୍କ ସମାଲୋଚନାରେ ବାରମ୍ବାର ଶରବ୍ୟ ହୋଇଛନ୍ତି । 'ମା ବ୍ରୁୟାତ୍ ସତ୍ୟ ଅପ୍ରିୟଂ'—ଶାସ୍ତ୍ର କହୁଛି ଅପ୍ରିୟ ସତ୍ୟ କୁହ ନାହିଁ । ଅପ୍ରିୟ ସତ୍ୟ କହିବା ଓ ଲେଖିବା ଫଳରେ ତାଙ୍କୁ ବହୁ ଅଭାବ ଅନଟନ ଓ ଅସୁବିଧାର ମୁକାବିଲା କରିବାକୁ ପଡିଲା ଓ ଶେଷରେ କାଗଜର ପ୍ରକାଶନ ମଧ୍ୟ ବନ୍ଦ ହେଲା ।

ମୋ ଆଗରେ ସେ ଜଣେ ନିର୍ଭୀକ ପୁରୁଷ ଭାବେ ଏ ଅବଧି ରହିଛନ୍ତି । ତାଙ୍କ ସାହିତ୍ୟିକ ଅଭିବ୍ୟକ୍ତିରେ ବିଶ୍ଳେଷଣ ଓ ସମାଲୋଚନାରେ ଉଗ୍ରତା ପଦେପଦେ ପରିସ୍ଫୁଟ । ମୁଣ୍ଡାଏ ସୁନାକୁ ଧୂଳି କରିଦେଲେ ବି ତା'ର ପ୍ରତିଟି ଧୂଳିକଣା ସୁନା । ସେହିପରି ଜଣେ ଆଜନ୍ମ

Digitized by srujanika@gmail.com

ବିପ୍ଳବୀ ଓ ପ୍ରଣ୍ଟବାଦୀ ତା' ମୃତ୍ୟୁ ପର୍ଯ୍ୟନ୍ତ ବିପ୍ଳବୀ ଓ ପ୍ରଷ୍ଟବାଦୀ ଭୂମିକା ହିଁ ଗ୍ରହଣ କରିଥାଏ । ସେମାନଙ୍କ ସଂଖ୍ୟା ସ୍ୱଳ୍ପ ହେଲେ ହେଁ, ସେହି ସ୍ୱଳ୍ପ ସଂଖ୍ୟକ ସାଲସ ଓ ମାଲସ୍ ବିହୀନ ସାହିତ୍ୟକମାନଙ୍କ ମଧ୍ୟରେ ମୁରାରି ଭାଇ ଅନ୍ୟତମ । ଏକୁଟିଆ କଣ୍ଟକିତ ପଥରେ ଗତି କରି ସହଯାତ୍ରୀ-ମାନଙ୍କୁ କୁସୁମିତ ପଥରେ ପଥିକ କରାଇବା, ଏଇ ଦରଦୀ ସାହିତ୍ୟିକଙ୍କର ପରମ ଓ ଚରମ ଧର୍ମ ।

ଏଇ ବିପ୍ଳବୀ ମଣିଷଟିର ଲେଖଣୀରୁ ବହୁ କାବ୍ୟ କବିତା ସମାଲୋଚନା ଜନ୍ମ ନେଇଛି । ତାଙ୍କ ରଚିତ କବିତା ସଞ୍ଚୟନ ମୁରାରି ଜେନାଙ୍କ ଶ୍ରେଷ୍ଠ କବିତା, ମୁରାରି ଜେନାଙ୍କ ଶହେ ଏକ କବିତା, ହେ ଡାକ୍ତର କୋରାମିନ ବନ୍ଦ କର ଓ ସମାଲୋଚନା ଗ୍ରନ୍ଥ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ, ସାହିତ୍ୟିକ ସିଂହାବଲୋକନ ଓ ତାଙ୍କ ସମ୍ପାଦିତ 'କବି କଣ୍ଠେ ଶ୍ରୀ ଜଗନ୍ନାଥ ଓ ସାମନ୍ତ ସିଂହାର ସମୀକ୍ଷା' ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟି । ପୁଣି ତାଙ୍କ ରଚିତ ପୌରାଣିକ ନାଟକ 'ବ୍ୟାସ ସରୋବର, ପୁରୁଷୋତ୍ତମ, ହନୁମାନ ଜନ୍ମ, ଅହଲ୍ୟା ପରିଣୟ ଏବଂ ଅଙ୍ଗଦ ଜନ୍ମ' ଜନମାନସକୁ ତାହାର ମଞ୍ଚସ୍ଥ ମଞ୍ଜୁମାପୂ, କଥାବସ୍ତୁର ଚମତ୍କାରିତା, ଲେଖଣୀ ଶୈଳୀର ମାର୍ମିକତା ଓ ହାର୍ଦ୍ଦିକତାରେ ଯେପରି ମନମୁଗ୍ଧ କରିଛି, ତାହା ବର୍ଣ୍ଣନାତୀତ ।

ନିର୍ବିବାଦ ଓ ନିଃସଙ୍କୋଚରେ ମୁରାରି ଭାଇଙ୍କ ବନ୍ଧୁବତ୍ସଳତା, ପରୋପକାରିତା, ସମ୍ବେଦନଶୀଳତା, ଓ ମହାନୁଭବତା ସର୍ବଦା ଓ ସର୍ବଥା ସର୍ବଶେଷରେ ସ୍ୱୀକାର କରିବାର କଥା । ତାଙ୍କୁ ଯେ, ଶତ୍ରୁ ଭାବରେ ଦେଖେ, ମୁରାରି ଭାଇ ତାହାଙ୍କୁ ବନ୍ଧୁର ଆସନରେ ଆସୀନ କରାଇଥାନ୍ତି । ଏହା ତାଙ୍କ ଜୀବନର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ । ସେ ନାଲି ଗୁହା, ଲେମ୍ବୁ ଗୁହା, ଖଇ,ମୁଢ଼ି, ସେଉଗାଣ୍ଠିଆ, ପଖାଳ ଓ ଶାଗଭଜାରେ ଯେ ଭଳି ସ୍ନେହ ସୌଜନ୍ୟ ଓ ଆନ୍ତରିକତାର ଆତିଥ୍ୟ ଦିଅନ୍ତି, ତାହା ପଞ୍ଚତାରକା ହୋଟେଲର ମହାର୍ଘ ଖାଦ୍ୟ ଓ ପାନୀୟରେ ମିଳେନା ।

Digitized by srujanika@gmail.com

ମୁରଲୀଭାଇଙ୍କ ପାରିବାରିକ ଜୀବନ ଅତ୍ୟନ୍ତ ସୁନ୍ଦର । ତାଙ୍କର ଧର୍ମ ପତ୍ନୀ ପୂଜ୍ୟା ଶ୍ରଦ୍ଧାମଣି ଭାଉଜ ବାସ୍ତବରେ ଶ୍ରଦ୍ଧାର ମଣି । ତାଙ୍କର ସ୍ନେହ ଓ ଶ୍ରଦ୍ଧା ଏ ଜୀବନରେ ଅପାଶୋର । ଶ୍ରଦ୍ଧାମଣି ଭାଉଜଙ୍କ ସଶ୍ରଦ୍ଧ ସହଯୋଗ ଓ ଆନ୍ତରିକ ପ୍ରେରଣା, ମୁରଲୀଭାଇଙ୍କୁ ଆହୁରି ବଳି କରି ଗଢ଼ି ତୋଳିଛି । ଏଣୁ ପରିବାରରେ ମୁରଲୀ ଭାଇ ଯେପରି ଜଣେ ଆଦର୍ଶ ପୁତ୍ର, ଆଦର୍ଶ ପତି, ସେହିପରି ଜଣେ ଆଦର୍ଶ ପିତା ଓ ଆଦର୍ଶ ଭ୍ରାତା । ସରକାରୀ ଦପ୍ତରରେ ସେ ଜଣେ ଆଦର୍ଶ ପ୍ରଶାସକ । ସଙ୍ଗଠନ କ୍ଷେତ୍ରରେ ସେ ଜଣେ ଆଦର୍ଶ ସଙ୍ଗଠକ । ସାମାଜିକ ଜୀବନରେ ସେ ଜଣେ ଆଦର୍ଶ ପୁରୁଷ ।

କଟକ ରାମଲୀଳା ପ୍ରଚାର ସମିତିର ସଭାପତି ଭାବରେ, ରାମକୃଷ୍ଣ ପ୍ରଚାର ପରିଷଦର କାର୍ଯ୍ୟକାରୀ ସଭାପତି ଓ ସଭାପତି ଭାବରେ, ଘ୍ରଣ୍ଡଭା ପୂଜା ପରିଷଦ, 'କାଳିକଲମ'ର ପ୍ରତିଷ୍ଠାତା ଓ ମୁଖ୍ୟ ସଙ୍ଗଠକ ଭାବରେ ତାଙ୍କର ଖ୍ୟାତି ସର୍ବଜନ ବିଦିତ । ସେ ସମ୍ପଦ କାଳରେ ସଖା ନ ହୋଇ, ବିପଦ ବେଳର ସଖା ଭାବରେ ରାଜଦ୍ୱାର ଓ ଶ୍ମଶାନ ଘାଟରେ ନିଜର ସକ୍ରିୟ ସାହାଯ୍ୟ ଓ ସଶ୍ରଦ୍ଧ ସହଯୋଗ ଦେଇଥାନ୍ତି ।

ଜଗନ୍ନାଥ ତାଙ୍କୁ ଅମୃତ ଦୃଷ୍ଟିରେ ଚାହିଁଥାନ୍ତୁ । ସେ ସୁଖୀ, ନିରାମୟ ଓ ଦୀର୍ଘ ଜୀବନ ଲାଭ କରନ୍ତୁ । ଏହାହିଁ ଆଜି ଜଗନ୍ନାଥଙ୍କ ପାଖରେ ନିବେଦନ ।

●

ଆଡ୍‌ଭୋକେଟ୍
ଭଗତପୁର, କଟକ-୯

Digitized by srujanika@gmail.com

ବାବୁ ମୁରାରି ଜେନା

● ଜଷ୍ଟିସ୍ ନବକୁମାର ଦାସ

କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କୌଣସି ଅନୁଷ୍ଠାନର ପ୍ରକୃତ ସଙ୍ଗଠକ ଓ ସକ୍ରିୟ ବ୍ୟକ୍ତିଙ୍କ ଆଶ୍ରୟରେ ସୁନାମ ଅର୍ଜନ କରିବାକୁ ଚାହାଁନ୍ତି । କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସଙ୍ଗଠନ କ୍ଷମତା ସମ୍ପନ୍ନ ଓ ଦକ୍ଷ କିନ୍ତୁ ତାଙ୍କୁ କେହି ଡାକିଲେ ସେ ଯାଇଁ କାମ କରନ୍ତି । ଆଉ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ବହୁ ଅନୁଷ୍ଠାନ ସଙ୍ଗଠନ କରିବାର ବିଶେଷ ଦକ୍ଷତା ଅଛି, ଆଉ ସେମାନେ ସେହି କାର୍ଯ୍ୟ କରିବାକୁ ଏକପ୍ରକାର ପାଗଳ ବା ବାଇ ପରିକର ଜଣାଯାଇ ଚଳେ । କବି ମୁରାରି ଜେନା ହେଲେ ଏଇ ଶେଷୋକ୍ତ ଧରଣର ଲୋକ । ସାଇକେଲ, ବ୍ୟାଗ ଓ ସିଗାରେଟ—ଏଇ ତିନୋଟି ଜିନିଷକୁ ସାଥୀ କରି ସେ ଲାଗି ଯାଆନ୍ତି ସଙ୍ଗଠନ କାର୍ଯ୍ୟରେ । ଗୋଟିଏ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ କଲେ ଜବରଦସ୍ତ କରିବେ; କିନ୍ତୁ ଯେଉଁ ସଙ୍ଗଠନମାନ ସେ ଗଢିଛନ୍ତି ସେ ସବୁ ସାହିତ୍ୟ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ।

ଓଡ଼ିଆ ସାହିତ୍ୟର ଅବିସ୍ମରଣୀୟ କର୍ଣ୍ଣଧାର—ଯେଉଁମାନଙ୍କ ସାଧନାରେ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ସାଧନ ହୋଇଛି—ସେମାନେ ଯେପରି ଏଇ ଜାତିର ସ୍ମୃତି-ପଟରେ ଚିରଦିନ ରହିବେ, ସେଥିଲାଗି ମୁରାରି ବାବୁ କର୍ମ ଯୋଜନା କରି ଲାଗି ପଡ଼ିଥାନ୍ତି । ସେମାନଙ୍କ ସ୍ମୃତି ସଭା, ସେମାନଙ୍କ ଲେଖା ବିଷୟରେ ଆଲୋଚନା ସଭାମାନ କରି ଏଇ ଚିର ବରେଣ୍ୟ ସାହିତ୍ୟିକମାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଏ ଦିଗରେ ତାଙ୍କ ସ୍ୱରଚିତ ତଥା ସଂକଳିତ ପୁସ୍ତିକାବାଳୀ ଯେ ଓଡ଼ିଆ ସାହିତ୍ୟକୁ ମୂଲ୍ୟବାନ ଅବଦାନ, ଏଥିରେ ସନ୍ଦେହ ନାହିଁ ।

ଏହା ଛଡ଼ା ଆମ ସାହିତ୍ୟର ବିଶିଷ୍ଟ କବି ବା ଲେଖକଙ୍କ ଜୟନ୍ତୀ ବା ଶ୍ରାଦ୍ଧ ଦିନ ସେ ଲେଖାମାନ ଦୈନିକ ଖବର କାଗଜରେ ଛପାଇ, ଏ ଜାତିକୁ ସେଇ ପୁଣ୍ୟାତ୍ମାଙ୍କ ବିଷୟରେ ସଚେତନ ମଧ୍ୟ କରାଇ ଥାଆନ୍ତି । ଉତ୍କଳ ସାହିତ୍ୟ ସମାଜର ସେ ବହୁ ବର୍ଷ ଧରି କର୍ମକର୍ତ୍ତା ରହି ଏହି ଅନୁଷ୍ଠାନର ଉନ୍ନତି କଲେ, ତାଙ୍କର ଅବଦାନ ଯେତିକି ଉଲ୍ଲେଖନୀୟ, ସେତିକି ପ୍ରଶଂସନୀୟ ।

Digitized by srujanika@gmail.com

ଯେ କୌଣସି ସାହିତ୍ୟ ସଭା ହେଲେ ମୁରାରି ବାବୁଙ୍କୁ ସେଠି ଯେ ଖାଲି ଦେଖିବାକୁ ମିଳେ, ତା' ନୁହେଁ, ସେ ସଭାରେ ସେ ବକ୍ତୃତା ଦିଅନ୍ତି କିମ୍ବା ସ୍ୱରଚିତ କବିତା ଆବୃତ୍ତି କରନ୍ତି । ବିଶେଷ କରି ଓଡ଼ିଆ ସାହିତ୍ୟର ଉନ୍ନତି ସକାଶେ ତାଙ୍କର ଭାବ ପ୍ରବଣତା ତାଙ୍କର ପ୍ରତ୍ୟେକ ବକ୍ତୃତାରେ ପରିସ୍ଫୁଟ ହୋଇଥାଏ । ବର୍ତ୍ତମାନ ତାଙ୍କର ଲେଖା ଓ ଭାଷଣ ସମାଲୋଚନା ଧର୍ମୀ । ପ୍ରକୃତରେ ସମାଲୋଚନା ନ ହେଲେ, ସାହିତ୍ୟର ପ୍ରକୃତ ମୂଲ୍ୟାୟନ ହୋଇ ପାରିବ ନାହିଁ ।

ମୁରାରି ବାବୁଙ୍କ ପାଖରେ କବି ଓ ଲେଖକମାନଙ୍କ ବିଷୟରେ 'ପାଞ୍ଜି' ରହିଛି । ଯେତେବେଳେ ଦରକାର ସେ ସବୁ ବିଷୟ ସେ ଯୋଗାଇ ଦେବାକୁ ସମର୍ଥ ।

ମୁରାରି ବାବୁ ସାହିତ୍ୟର ଉନ୍ନତି କଳ୍ପେ ତାଙ୍କର ସମସ୍ତ ଚେଷ୍ଟା ଓ ସଙ୍ଗଠନ ଯୁବକ ଗୋଷ୍ଠୀଙ୍କ ସାହାଯ୍ୟରେ ସେ କରି ଆସିଛନ୍ତି ଏବଂ ଏ ପର୍ଯ୍ୟନ୍ତ ଯୁବ-ଗୋଷ୍ଠୀଙ୍କ ସହିତ ସଂପର୍କ ଅତୁଟ ରଖିଛନ୍ତି । ତାଙ୍କର ଏଇ ଭଳି ପ୍ରଚେଷ୍ଟା ଯୁବ-ଗୋଷ୍ଠୀଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରୁଛି । ସାହିତ୍ୟ ସାଧନାରେ ଓ ଏହାର ଉନ୍ନତିରେ ସହାୟକ ହେବ ବୋଲି ଭବିଷ୍ୟତର ଏକ ପନ୍ଥା ଖୋଲି ଦେଉଛି ।

ଆଜି ମୁରାରି ବାବୁଙ୍କ ଜୟନ୍ତୀ ଅବସରରେ ତାଙ୍କର ଦୀର୍ଘ ଜୀବନ ଓ ସୁଖମୟ ସ୍ୱାସ୍ଥ୍ୟ କାମନା କରୁଛି ।

●

ସଭାପତି, ଉତ୍କଳ ସାହିତ୍ୟ ସମାଜ
ଶ୍ରୀରାମଚନ୍ଦ୍ର ଭବନ, କଟକ-୧

Digitized by srujanika@gmail.com

ତୁମେ ଏକ ଦିଗ୍‌ବାରେଣୀ ଖୁମ୍ବ

● ଶ୍ରୀ ଶଙ୍କର୍ଷଣ ମଙ୍ଗରାଜ

ତୁମେ ଏକ ଦିଗ୍‌ବାରେଣୀ ଖୁମ୍ବ / ଯାହାର ଆଲୋକରେ ମୋ ଭଳି
ଅଗଣିତ ଦିଗହଜା ନାବିକ, ପୋତର ସନ୍ଧାନ ପାଆନ୍ତି ।
ଅନେକ କୋକିଳ କବିତା, ଶାଖାରେ ବସି
କୁହୁ ତାନରେ ଜନ-ମନ ହରଣ କରନ୍ତି ।

ତୁମ ଆଲୋକର ସମୁଦ୍ରରେ, ଉତ୍ତାଳ ତରଙ୍ଗର ସୃଷ୍ଟି ହୁଏ ।
ତୁମ ଛାତିରେ ବଡ଼ ଭାଇର ମମତା ଭରି ରହିଥାଏ
ତୁମେ ସେଇ ଦିଗ୍‌ବାରେଣୀ ଖୁମ୍ବ ନା !!

ପଛକୁ ଚାହିଁଲେ ଦିଶିଯାଏ ବିରାଟ ନଣ୍ଡା ପାହାଡ଼ ମାଳା
ଖୋରଧା ଗଡ଼, ଠାକୁରାଣୀ ଥାନ ଜାଗୁଲେଇ ପୀଠ ।

ଆଉ ମୁଣ୍ଡରେ ଦାଉ ଦାଉ ସିନ୍ଦୂର କଳି
ହାତରେ ଅଭେଦ୍ୟ ଗଣ୍ଡା ଚମଡ଼ାର ଢାଲ
ଓ ଦୁଇପାଖ ଧାରୁଆ ତଲୁଆରର ଝଣତ୍କାର ।
ମୁଣ୍ଡରେ ଝିଙ୍‌କ ଆଗର ଜ୍ୟୋତ୍ସ୍ନା-ଦୁଆର ।

ସେ କଙ୍କରିଳ ପଥରୁ ଉତୁରି ଆସି
ତୁମେ ପୁଣି କୁହାଟ ଛାଡ କଟକ ନଗରେ
ଆଗକୁ ଚାହିଁଲେ ଦିଶି ଯାଏ
ନବରତ୍ନ ଝଟିତ ନୀଳଚକ୍ରର ଚକ୍ ଚକ୍ ଧାର
ନବାରୁଣ ରଂଜିତ ଶରଧା ବାଲିରେ / ନନ୍ଦୀଘୋଷର ଘର୍ଘର ଶବ୍ଦ
ଏ ସବୁ ମୋ ଜାତିର, ମୋ ସଂସ୍କୃତିର ପଟୁଆର ।

ତୁମେ ଦିଗବାରେଣୀ ଖୁମ୍ବ / ଅନେକ ମାଇଲ ଖୁଣ୍ଟର
ଶୋଭାଯାତ୍ରାର ସୂତ୍ରଧର / ଏ ଶୁଭ ଲଗ୍ନରେ
ଫଦଡଲେ, କୋଟିଏ ଜୁହାର ।

●

ବିବୁଧ ଭାରତୀ
କଟକ-୭୫୩୦୦୧

Digitized by srujanika@gmail.com

ଶୈଶବ ମୋତେ ନଖେଳା ଲଗନେ
ଡାକୁଛି ରେ ଆଜି ଡାକୁଛିରେ

● ଶ୍ରୀ ନଗେନ୍ ବେଉରିଆ

ସେ ଆଜକୁ ବହୁ ଦିନ ତଳର କଥା । ମୋର ଆଜି ପଶ୍ଚାର ମନେ ଅଛି, ତା'ର ସେ ବେଳର ସେଇ ମନଛୁଆଁ କବିତାର ପ୍ରଥମ ଧାଡି—'ଶୈଶବ ମୋତେ ନଖେଳା ଲଗନେ ଡାକୁଛି ରେ ଆଜି ଡାକୁଛିରେ'—ଏବେ ବି ଏଇ କବିତା ପଂକ୍ତି, ମୋର ମନକୁ ଆସେ ଓ ମୋତେ ଖୁବ୍ ଆନନ୍ଦ ଦିଏ ।

ଏଠାରେ ଆମ ସ୍କୁଲ ପଢା ବେଳର ଆଉ ଗୋଟିଏ ଘଟଣା କହୁଛି । ସେଇ ପିଲା ବୟସରୁ ହିଁ ସାହିତ୍ୟ ପାଇଁ ଆମର ଝୁଙ୍କ । ଦୁହେଁ ଦିନେ ଖୁବ୍ ସକାଳୁ ହାଜର ହୋଇଗଲୁ ସ୍ୱର୍ଗୀୟ ଶଶୀଭୂଷଣ ରାୟଙ୍କ କଟକ କାଳୀଗଳିସ୍ଥ ବାସଭବନରେ । ସେତେବେଳେ ଶଶୀ ଭୂଷଣ ରାୟ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ । ଦାଣ୍ଡଘରେ ଶଶୀ-ବାବୁ ସତରଞ୍ଜି ଉପରେ ବସି ଡେକ୍ସେଟିଏ ଉପରେ କାଗଜ ଧରି କ'ଣ ଲେଖୁଥାନ୍ତି । ଆମକୁ ବସିବାକୁ କହିଲେ । ମୁରାରି ଓ ମୁଁ ନ ବସି ଠିଆ ହୋଇ ରହିଲୁ । ମୁରାରି କହିଲା—'ଆଜ୍ଞା, ସାହିତ୍ୟ ପତ୍ରିକାଟିଏ ବାହାର କରୁଛୁ । ଲେଖାଟିଏ ଦେବେ ।' ମୁଁ କହିଲି—'ଆଜ୍ଞା, ଆମ ପତ୍ରିକା ନାଁ ବିଦ୍ୟୁତ୍ ।' ଶଶୀବାବୁ ହସି ହସି ଉତ୍ତର ଦେଲେ—'ତୁମେ ସ୍କୁଲ ପିଲା, ତୁମ ମନରେ କଷ୍ଟ ଦେବି ନାହିଁ । ଲେଖାଟିଏ ଅଛି, ନିଅ ।' ଖୁବ୍ ଖୁସିରେ ଆମେ ଲେଖା ଧରି ଫେରିଲୁ ।

ଆଉ ଦିନେ ପହଞ୍ଚିଲୁ ସ୍ୱର୍ଗୀୟ ଡକ୍ଟର ମାୟାଧର ମାନସିଂହଙ୍କ ଅଫିସରେ । ସେତେବେଳେ ସେ ଥିଲେ ସ୍କୁଲ ଇନସ୍ପେକ୍ଟର । କଟକ କାଠଯୋଡି ନଦୀକୂଳରେ ତାଙ୍କ ଅଫିସ । ମୁରାରି ଓ ମୁଁ ତାଙ୍କ ପାଖରେ ପହଞ୍ଚି ଆମ 'ବିଦ୍ୟୁତ୍' ପତ୍ରିକା କଥା କହିଲୁ । ମାନସିଂ

Digitized by srujanika@gmail.com

ଆମ କଥା ଶୁଣି ଠୋ ଠୋ ହୋଇ ହସିଲେ ଓ କହିଲେ—'ତୁମେ ପିଲା ଲୋକ ! ପତ୍ରିକା ବାହାର ପାରିବ ?' ମୁରାରି ଓ ମୁଁ ଖୁବ୍ ଜୋରରେ କହିଲୁ—'ନିଶ୍ଚୟ ବାହାରିବୁ, ଆପଣ ଲେଖା ଦିଅନ୍ତୁ ।' ଡକ୍ଟର ମାନସିଂ ଲେଖା ଦେବାକୁ ରାଜି ହେଲେ । କିନ୍ତୁ ଆମେ ତା' ପରଦିନ ଯାଇ ପାରିଲୁ ନାହିଁ । 'ବିଦ୍ୟୁତ୍' ପ୍ରକାଶ ପାଇଲା । ମରିଗଲା ଗୋଟିଏ ସଂଖ୍ୟା ପରେ ।

ଆଉ ଏକ ଅଭୁଲା ସ୍ମୃତିର ସନ୍ଧ୍ୟା । ଶ୍ରୀରାମଚନ୍ଦ୍ର ଭବନ ଉତ୍କଳ ସାହିତ୍ୟ ସମାଜର କର୍ମପୀଠ । ଖାଲି କଟକ ସହର ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଏ ପୀଠ ଅତି ପବିତ୍ର । ଓଡ଼ିଆ ସାହିତ୍ୟର ବଡ଼ ବଡ଼ ରଥୀଙ୍କୁ ନେଇ ଉତ୍କଳ ସାହିତ୍ୟ ସମାଜ ଗଠିତ । ସେ ଦିନ ସନ୍ଧ୍ୟାରେ ମୁରାରି ଓ ମୁଁ କାହିଁକି କେଜାଣି ଶ୍ରୀରାମଚନ୍ଦ୍ର ଭବନର ସାହିତ୍ୟ ସଭାକୁ ଗଲୁ । ସେତେବେଳେ ଶ୍ରୀରାମଚନ୍ଦ୍ର ଭବନରେ ଚୌକି ପରିବର୍ତ୍ତେ ପଡ଼ିଥାଏ ଲମ୍ବା ଲମ୍ବା କାଠ ବେଞ୍ଚ । ମୁରାରି ଓ ମୁଁ ବସି-ପଡ଼ିଲୁ ସବା ଆଗ ବେଞ୍ଚରେ । ଆସ୍ତେ ଆସ୍ତେ ଗଡ଼ିଲେ ସାହିତ୍ୟ ରଥୀ ଶଶୀଭୂଷଣ ରାୟ, ରାୟ ବାହାଦୁର ଲକ୍ଷ୍ମୀ ଚରଣ ପଟ୍ଟନାୟକ, ବାଞ୍ଛାନିଧି ଚରଣ ପଟ୍ଟନାୟକ ଓ ସରଳା ଦେବୀ ପ୍ରମୁଖ । ଆଗ ବେଞ୍ଚରେ ଆମେ ଦୁଇଟି ପିଲା ବସିଥିବା ଦେଖି ପାଟି କରି ଉଠିଲେ ସାହିତ୍ୟ ରଥୀ କେଉଁ ଜଣେ । କହିଲେ—'ପଛ ବେଞ୍ଚରେ ବସ, ଆଗରେ ବସିବେ ବଡ଼ ବଡ଼ ସାହିତ୍ୟିକମାନେ, ତୁମର ଏଠି ବସିବାର ସାହସ ହେଲା କପରି ?' ଏ କଥା ଶୁଣି ଅତି ଦୁଃଖରେ ଆମେ ଆଗ ବେଞ୍ଚରୁ ଉଠି ଆସିଲୁ । ମନ ଖରାପ । ସଭା କ'ଣ ଦେଖିବୁ ? ପଛ ବେଞ୍ଚରେ ବସିବାକୁ ଇଚ୍ଛା ହେଲା ନାହିଁ । ଶ୍ରୀରାମଚନ୍ଦ୍ର ଭବନ ଛାଡ଼ି ଚାଲି ଆସିଲୁ ଆମେ । ତା'ପରେ ଯାଇଁ ବସିଲୁ କାଠଯୋଡ଼ି କୂଳ ବଡ଼ ବୁରୁଜର ସିମେଣ୍ଟ ବେଞ୍ଚରେ । ଜହ୍ନ ରାତି, ଜୋଛ୍ନା ବିଛୁଡ଼ିଲା ପଡ଼ିଥାଏ । ନଈରେ କତି ପାଣି । ଦୃଶ୍ୟ ଅତି ମନୋରମ । କିନ୍ତୁ ଆମେ ଉପଭୋଗ କରି ପାରିଲୁ ନାହିଁ । ମନ ଭିତରେ ଖାଲି ଶ୍ରୀରାମଚନ୍ଦ୍ର ଭବନର ଅପମାନ ଉଙ୍କି ମାରୁଥାଏ । ମୁରାରି କହିଲା—'ନବ ! (ମୋ ଡାକ ନାମ) ଆମେ କ'ଣ ବଡ଼ ସାହିତ୍ୟିକ ହୋଇ ପାରିବା ନାହିଁ ?' ମୁଁ କହିଲି—'ରହିଥା, ଆମେ ବି ଦିନେ ସେହି

Digitized by srujanika@gmail.com

ଶ୍ରୀରାମଚନ୍ଦ୍ର ଭବନକୁ ଦଖଲ କରିବା ।' ନକ୍ଷତ୍ରରେ ସାହିତ୍ୟ, ସାହିତ୍ୟିକ ଗଳ୍ପ ଓ କବିତା ଉପରେ ବହୁ ସମୟ କଥାବାର୍ତ୍ତା କରିଥିଲୁ ସେଇ ସନ୍ଧ୍ୟାରେ । ସରସ୍ୱତୀଙ୍କ ଦୟା । ମୁରାରି ଓ ମୁଁ ଉତ୍କଳ ସାହିତ୍ୟ ସମାଜର ଦୁଇ ଦୁଇଥର ସମ୍ପାଦକ ହୋଇ ଶ୍ରୀରାମଚନ୍ଦ୍ର ଭବନର ବଡ଼ ପଣ୍ଡା ହୋଇଥିଲୁ । ଏବେ ବି ଆମେ ଆଜୀବନ ସଭ୍ୟ । ମୁରାରି ବି ଏ ପର୍ଯ୍ୟନ୍ତ ସାହିତ୍ୟ ସମାଜର ଜଣେ ଠାଣୁଆ କାର୍ଯ୍ୟକାରୀ ସମିତି ସଭ୍ୟ ।

ମୁରାରି ମୋର ବାଲ୍ୟ ସାଥୀ । ଏବେ ସେ ଆମ ଦେଶର ସୁନାମଧନ୍ୟ କବି । ସାହିତ୍ୟ ଜଗତରେ ଏକ ସୁପରିଚିତ ନାମ 'ମୁରାରି ଜେନା ।' ସାହିତ୍ୟ ସଂଗ୍ରାମରେ ସେ ବିଜୟୀ । ମୁଁ ହାରିଗଲି । ସାମ୍ବାଦିକତା ମୋ ସାହିତ୍ୟ ଜୀବନକୁ ଖାଇଗଲା । ମୋର ତ ମାତ୍ର ଦୁଇ ତିନିଖଣ୍ଡ ବହି । ମୁରାରିର ପଚାଶରୁ ଊର୍ଦ୍ଧ୍ୱ କେତେ ବହି, କେତେ କବିତା, କେତେ ସମାଲୋଚନା, କେତେ ନାଟକ । ବେଳେବେଳେ ହିଂସା ହୁଏ । କିନ୍ତୁ ସେ ଯେ ମୋର ଆପଣାର ଅନ୍ତରଙ୍ଗ ବନ୍ଧୁ । ପୁଣି ତା'ର ଯେଉଁ କବିତା ପଂକ୍ତି ମୋ ମନରେ ସବୁବେଳେ ନାଚେ, ସେଇ କବିତା ପଂକ୍ତିଟି ପୁଣି ଗାଉଛି—'ଶୈଶବ ମୋତେ ନିରୋଳା ଲାଗେନେ ଡାକୁଛି ରେ ଆଜି ଡାକୁଛି ରେ ।'

●

ମୁଖ୍ୟ ସମ୍ପାଦକ 'ଜନଭାଷା'
ଗୃହ ଆର/ଗୃହ
ସତ୍ୟନଗର, ଭୁବନେଶ୍ୱର

Digitized by srujanika@gmail.com

ତା'ର ଜୟ ହେଉ

● ଅଧ୍ୟାପକ ନରସିଂହ ସାହୁ

ଓଡ଼ିଆରେ କଥାଏ ଅଛି--

'ଦୁଧ ଯଦି ଖାଇ ବସିବୁ ଘରେ ଥିବ ଗାଈ
କଳି ଯଦି କରି ବସିବୁ ସଙ୍ଗେ ଥିବ ଭାଇ ।'

କିନ୍ତୁ ସେ ଯିଏ ସିଏ ଭାଇ ହେଲେ ହବ ନାହିଁ, ସିଏ ହେଇଥିବ ସମର୍ଥ, ଶକ୍ତିବନ୍ତ, ବପୁବନ୍ତ, କୁହାଳିଆ, କୁହାଟିଆ ମୁରାରି ଭାଇ, କଥା ଯା'ର ଭଡ଼୍ ଭଡ଼୍ ହୋଇ ବାହାରୁଥିବ, ତତଲା ବାଲି ହାଣ୍ଡିରେ ଧାନ ଭଡ଼୍ ଭଡ଼୍ ହୋଇ ଖଇ ଫୁଟିଲା ଭଳି । ଖୋସାମତ୍ ନାହିଁ, ପଛପେଲା ନାହିଁ, ପଛରେ ଫୁସୁଫୁସୁ ନାହିଁ, ପିଠିଆଡ଼୍ ଛୁରାଭୁଷା ନାହିଁ । ସାବାସ୍ ଖଣ୍ଡେଇତ ଟୋକା—ଖୋର୍ଦ୍ଧାର ଗାଳମୁଣ୍ଡଧାରୀ, ଲାଲ ଚହ ଚହ ରକ୍ତଧାରୀ ଖଣ୍ଡେଇତ ଟୋକା ସେ—ଫଲ୍‌କନ ଡେଇଁ ପଡ଼ିବ ଯୁଦ୍ଧକୁ—ଯାବଡ଼ା ମାରିଲା ଭଳି ଜବାବ୍ ଦେବ ଶତ୍ରୁକୁ । କଟିଯିବ ପଛେ ହଟିବ ନାହିଁ । ବାଘସିଂହ ବଂଶ ଛୁଆ—ଯୁଝାର ସିଂହ, ବଳିଆର ସିଂହ, ଗୁମାନ ସିଂହ, ପାହାଡ଼ ସିଂହ, ଦକ୍ଷିଣ କବାଟ ବାହୁ ବଳେନ୍ଦ୍ର ବଂଶର ଛୁଆ—ସେ ହଟିବ ? ସେ ରକ୍ତରେ ଗାଧୋଇବ, ରକ୍ତରେ କୁଳୁକୁଳୁ କରିବ । ହଟିବ ? ମୁରାରି ଜେନା କେବେ ହଟିବ ନାହିଁ, ଜୀବନ ଯୁଦ୍ଧରୁ ବଳମରେ ନୁହେଁ କି କଳମରେ ନୁହେଁ । କାମରେ ନୁହେଁ କି କଥାରେ ନୁହେଁ । ସେ ସିଂହ ଗର୍ଜନରେ ସୃଷ୍ଟି ଫଟେଇ ଡ଼ାକିବ—

'ତମକୁ ଗୋଡ଼େଇ ଗୋଡ଼େଇ ଗୋଗଚ୍ଛ ବାଉଆ କରାଯିବ
ଯା' ଯଦି ନ ହୁଏ, ମୋ ନାଁରେ କୁକୁର ପାଳିବ ।'

ସ୍ୱୟଂ ସୃଷ୍ଟି କର୍ତ୍ତାଙ୍କୁ ବି ଡ଼ରିବ ନାହିଁ ମୁରାରି । ମଧୁ କୈଟଭ ପରି ଅଟ୍ଟହାସ୍ୟ କରି, ପ୍ରଳୟଙ୍କରୀ ଅଗ୍ନି ବର୍ଷଣ କରି ଅନନ୍ତ ଶୟନରେ ଶୋଇଥିବା ବିଷ୍ଣୁଙ୍କ ଉପରେ ବଜ୍ର ପ୍ରହାର କରିବ—"ଭଗବାନ ମୁଁ ତମକୁ ଠିଆ ଫାଡ଼ି ଦେବି ।"

ମଣିଷକୁ ଡ଼ରିବ ମୁରାରି ??

ପୁରୀର ମୁରାରି ଭାଇନା, କଟକର ମୁରାରି ଭାଇ, ସମ୍ବଲପୁରର ମୁରାରି ମିଶ୍ର ଯେମିତି କାମିକା, ସେମିତି ଯୋଦ୍ଧା । ସେମିତି ପ୍ରାଣବନ୍ତ, ପର ଦୁଃଖ ମୋଚନ ତତ୍ପର ।

ଏଇ ଅଧମର ଭାଗ୍ୟ ନିଜ କାନରେ ଶୁଣିଛି—ଥରେ ଶ୍ରୀରାମଚନ୍ଦ୍ର ଭବନ ବାରଣ୍ଡାରେ ଶଶୀଭୂଷଣ ରାୟ ଗୋପାଳ ପ୍ରହରାଜଙ୍କୁ ଥଟ୍ଟାରେ

Digitized by srujanika@gmail.com

କହିଲେ—'ଗୋପାଳଆ ! ତୁ ମତେ ଠେକ୍, ମୁଁ ତୋତେ ଠେକିବି ।
ନହେଲେ ଇଏ ଓଡ଼ିଶା, ଏଠି କେହି କାହାକୁ ପଚାରିବେ ନାହିଁ ।'

ଓଡ଼ିଶାର ଅବସ୍ଥା, ଓଡ଼ିଆଙ୍କ ଅବସ୍ଥା ଏବେ ସେଇଆ ନୁହେଁ ?
ଏଠି କିଏ କାହାକୁ ଠେକେ ? କିଏ କାହାକୁ ପଚାରି ପାରେ ? ଟିକିଏ
ଯଦି କିଏ ଉଠିଲେ ଅନ୍ୟର ଗୁଣ୍ଡ ଫାଟି ଯାଏ । ପ୍ରଶଂସା କରିବେ
ଏଠି ଲୋକ ? ମୂର୍ଚ୍ଛନା ଫାଟିଯିବ ନାହିଁ ?

ଯଷ୍ଠଚତ୍ୱର ଠାରେ ଲକ୍ଷ୍ମୀନାରାୟଣ ସାହୁଙ୍କ ଶବ ପାଖରେ ଧନବନ୍ଧୁ ସାହୁ କହିଥିଲେ—"ଆମେ ସବୁ ଅଳିଆ କାଗଜ ଟେବୁଲ ଉପରୁ ନେଇ ତଳେ ଅଳିଆ ଟୋକେଇରେ ରଖୁ । ଲକ୍ଷ୍ମୀନାରାୟଣ ସାହୁ ଖାଲି ଗୋଟିଏ ଲୋକ ଥିଲେ, ଯିଏ ଅଳିଆ ଟୋକେଇରୁ କାଗଜ ନେଇ ଟେବୁଲ୍ ଉପରେ ରଖନ୍ତି ।"

ଛାତିରେ ହାତ ରଖି ସତ କହିଲେ—ଲକ୍ଷ୍ମୀନାରାୟଣ ସାହୁଙ୍କ ଅନ୍ତେ ଏଇ ଅଳିଆ କାଗଜକୁ ନେଇ ଟେବୁଲ୍ ଉପରେ ରଖିବା ପାଇଁ ଟୋକାଟାଏ ବାହାରିଛି ଓଡ଼ିଆ ମୁଲକରେ । ସେ ହେଉଛି—ଏଇ ମୁରାରି ଜେନା, ମୋର ଆଦରର, ଆପଣଙ୍କର ମୁରାରି ଭାଇ । ଯୋଉମାନେ ମରି ଯାଇଛନ୍ତି, ହଜି ଯାଉଛନ୍ତି ବା ଯେଉଁମାନେ କଣ୍ଟିଫୁଲ ଭଳି, ଗଙ୍ଗଶିଉଳି ଫୁଲ ଭଳି ସଞ୍ଜେ ଫୁଟି ସକାଳେ ଝଡ଼ି ଯାଉଛନ୍ତି, ଅପାଣିଆ ଦେବତା ହୋଇ ରହି ଯାଉଛନ୍ତି—ଲୋକଲୋଚନକୁ ଆସିପାରୁ ନାହାଁନ୍ତି ପ୍ରାଚୁର୍ଯ୍ୟର ଅଭାବରୁ, ଚଖାସାମନ୍ତରୁ ଅଭାବରୁ, ଧରାଧରିର ଅଭାବରୁ, ସେମାନଙ୍କ ପାଇଁ ମୁରାରି ଭାଇର କେତେ ଦରଦ, କେତେ ଅଶ୍ରୁ । ପୁଣି ସେମାନଙ୍କୁ ଆଲୋକକୁ ଆଣିବାକୁ ତା'ର ଅହରହ ସାଧନା, ଆନ୍ତରିକ ଉଦ୍ୟମ । ତା'ଭଳି ଏ କାମ କରିବ କିଏ ? ମୁରାରି ସତରେ ମୁରାରି । ପ୍ରବଳ ପ୍ରତାପୀ ମୁରାସୁରକୁ ହତ୍ୟା କରିବା ପାଇଁ ଯେମିତି ବେଳେବେଳେ ସେ ନୃସିଂହ ଅବତାର—

'ମନେ ରଖ ଆଜ ଟାଣ ପର୍ବତ
ଏଇ ମଣିଷଟା ଯେବେବେଳେ ଉଠିବ,
ନର୍ଘାତିଆ ସେ ତୋତେଇ କୁଟିବ
ଚିତ୍ କରି ତୋତେ, ତୋହରି ଛାତିରେ ଦିବ ଚଟି

Digitized by srujanika@gmail.com

ତୋହରି କଲିଜା ଖିନ୍‌ଭିନ୍‌ କରି, ଚୋଟେଇ ଦଳିବ
ଦଳିତ ଯେସନେ ଫୁଲ୍‌ କଢ଼ି ।'

ଧାନ, ଦୁଗ୍ଧ, କଳାକାରର ଦୁଃଖରେ ସେ ସେମିତି ବେଳେ ବେଳେ ଉଦ୍‌ବେଳ—ହୃଦୟ, ଅଶ୍ରୁ ବିଗଳିତ ।

'ମଲା ପରେ ତାକୁ ଫୁଲମାଳ ଦେବୁ,
ଜିଅନ୍ତାରେ ତାକୁ ଗୋଇଠା ମାରିବୁ ।
ଏଇ ପନ୍ଥ ହେଲା ଏଠି ବାଣୀ ସେବା
ମଲା ପରେ ପାଇବା ସ୍ୱୀକୃତି,
କୁହ କୁହ କୁହ ମୋତେ ହେ ବୈଷ୍ଣବପାଣି ?
କବା ଲାଭ, କବା ଲୋଭ
ପଛ ପଡ଼ି ଗାଇବାରେ ସାହିତ୍ୟ ପ୍ରଶସ୍ତି ?'

କୃଷ୍ଣ ପାଣ୍ଡେଙ୍କ ପାଇଁ—

'ଏଇଟା ପରା ପ୍ରତିଭାର ମରୁଭୂମି
ଯିଏ ପ୍ରତିଭା ନେଇ ମୁଣ୍ଡ ଟେକିଲା
ତା' ମୁଣ୍ଡକୁ ଯେ କୌଣସି ମତେ
କଳ କଦରରେ ଫଟାଇବା ଯେଉଁଠି
ଘୃତ ଅଧିଆ ମସୁଧା ଗୃହେ ।'

ବିମ୍ବାଧର ବର୍ମାଙ୍କ ପାଇଁ—

'ଆମେ ସବୁ ବର୍ମାଙ୍କୁ ମାରିନ୍ତୁ
ତାଙ୍କୁ ମୁଠିଏ ଗୃଉଳ ଭିକ୍ଷା ଦେଇନୁ,
ତାଙ୍କ ଥାଳ ଭାଙ୍ଗିନ୍ତୁ ।'

ଶୋଷକର ଅତ୍ୟାଚାର ପାଇଁ ଓ ଶୋଷିତର ନିର୍ଯ୍ୟାତନା ପାଇଁ ଯା' ନୟନରେ ସବୁଦିନେ ଅଶ୍ରୁ ଓ ଅନ୍ତରରେ ସବୁଦିନେ ଭିସୁଭିଏସ୍‌ର ଅଗ୍ନି, ତା'ର ଜୟ ହେଉ । ସେ ସବୁବେଳେ ଚିର ଜୀବନ୍ତ, ଚିର ଜାଗ୍ରତ ହୋଇ ରହୁ—ଗୋଟିଏ ଦଳିତ ଆତ୍ମାର ଏଇ ପ୍ରାର୍ଥନା ।

●

ଶାନ୍ତ ଆଶ୍ରମ
ପିଠାପୁର, କଟକ-୧

Digitized by srujanika@gmail.com

ଅଭିନନ୍ଦିତ ମୁହୂର୍ତ୍ତ

● ଡକ୍ଟର ମନୋରମା ମହାପାତ୍ର [କଣ୍ଢାଳ]

ଫୁଲ କୁଣ୍ଡରେ ନୂଆ ଫୁଲ
ସ୍ମୃତି ପରି ସୁନ୍ଦର
ପ୍ରେମ ପରି ପବିତ୍ର
ପ୍ରସ୍ଫୁଟିତ ପାଖୁଡ଼ାରେ
ବନ୍ଦିଛି ମୁହୂର୍ତ୍ତ
ସଦା ଆଲିଙ୍ଗିତ ।

କାନ ଡେରି ଶୁଣ
କଣ କହୁଛି ଫୁଲଟି
ବନ୍ଦନୀୟ ମୁହୂର୍ତ୍ତର ଜୟଗାନ କରୁଛି ସେ
ଖାସ୍ ଆଜକ ପାଇଁ
ସମସ୍ତ ଅଟକ ଯାଉ ନିର୍ଦ୍ଦିଷ୍ଟ ବନ୍ଧରେ
ସୁବାସିତ ପାଖୁଡ଼ାରେ ।

ଏ ମୁହୂର୍ତ୍ତ ଅଭିନନ୍ଦିତ
ଶ୍ରଦ୍ଧା ଆଲିଙ୍ଗିତ ।

●

ଅଧ୍ୟାପିକା, ରମାଦେବୀ ମହିଳା ମହାବିଦ୍ୟାଳୟ
ପ୍ରୀତମ୍ ପୁରୀ, ୧୨୫ ଆଚାର୍ଯ୍ୟ ବିହାର
ଭୁବନେଶ୍ୱର

Digitized by srujanika@gmail.com

ସେଇ ପ୍ରତଷ୍ଠାର ଅନ୍ୟ ଏକ ଦଗ

● ଶ୍ରୀ ମନୋରଞ୍ଜନ ଦାସ

ଅନେକ ଦନ ତଳର କଥା । ପ୍ରାୟ ଉଣେଇଶ ଶ କୋଡ଼ଏ ବର୍ଷ ତଳର କଥା ହେବ । କନ୍ତୁ ସେ ଦନ ସେଇ ଛୋଟ ଘଟଣାଟି ଏବେ ବ ମୋର ସ୍ପଷ୍ଟ ମନେ ଅଛ ।

ସେ ଦନ ସକାଳେ ଏକ ମୁହାଁ ହୋଇ ମୁଁ ଯାଇ ପହଞ୍ଚଥିଲ ଜଣେ ବନ୍ଧୁଙ୍କ ଘରେ । ତାଙ୍କ ଘରକୁ ଯିବା ଆସିବା ମୋର ପ୍ରାୟ ନ ଥାଏ । ତେଣୁ ଏତେ ସକାଳୁ ବନ୍ଧୁ ମୋତେ ଦେଖି ବସ୍ମିତ ହେଲେ । ସକାଳର ସେଇ ଅବସ୍ମିତ ସାକ୍ଷାତରେ ତାଙ୍କର ଦୁଇ ହାତକୁ ମୋ ହାତ ଭତରେ ଗୁଡ଼ି ରଖି କହଥିଲ—'କାଲ ନାଟକ ଦେଖିଲ । ଆପଣଙ୍କ ଅଭନସ୍ତ ମୋତେ ଆତ୍ମ ବଭୋର କରଦେଲ । ସକାଳୁ ସକାଳୁ ସେଇଥିପାଇଁ ଆସିଛ ଅଭନନ୍ଦନ ଜଣାଇବାକୁ' ।

ମୋ ନାଟକ ଗୁଡ଼ିକର ବହୁ ଅଭନସ୍ତ ମୁଁ ରଙ୍ଗମଞ୍ଚରେ ଦେଖିଛ । ବଶେଷ କର କୌଣସି ଆମେଚର ଗ୍ରୁପ୍ ଦ୍ୱାରା ମୋ ନାଟକ ଅଭନୀତ ହେଲେ, ତାକୁ ଦେଖିବାର ସୁଯୋଗ ମୁଁ ଛାଡ଼େନା । ଏଇ ଦେଖିବା ଭତରେ ମୁଁ ବହବର ତୁଳନା କରେ ମୋ କଳ୍ପନାର ଚରତ୍ରଗୁଡ଼ିକ କଣ ଥିଲେ ଏବଂ ମଞ୍ଚରେ ଶିଳ୍ପୀ ତାହା କପର ରୂପାସ୍ତିତ କରନ୍ତ ।

ପୂର୍ବଦନ ରାତରେ ଯେଉଁ ନାଟକଟି ମୁଁ ଦେଖିଥିଲ, ତା'ଥିଲ ମୋର ଅଳ୍ପ ପ୍ରସାରତ ଅଥଚ ବହୁ ଆଲୋଚତ ନାଟକ 'ଅବରୋଧ' । ମୁଖ୍ୟ ନାୟକ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦାସ ଥିଲେ ନାଟକର କେନ୍ଦ୍ରବନ୍ଦୁ । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦାସଙ୍କ ଚରତ୍ରର ବଶେଷତ୍ୱ ଥିଲ ଯେ, ତାଙ୍କ ଚାରପାଖେ ବହୁଥିଲ ଅଶାନ୍ତ—ଆନ୍ଦୋଳନର ବଭନ୍ନ ରାଜନୈତକ ମତବାଦର ତୀବ୍ରତା ଓ ଆଲୋଡ଼ନର ଝଡ଼ । ଏ ସବୁ ଭତରେ କନ୍ତୁ ସେ ରହୁଥିଲେ ଶାନ୍ତ, ଅବଚଳତ, ଦୃଢ଼ ଓ ଅପେକ୍ଷାକୃତ ଅଳ୍ପଭାଷୀ । ତାଙ୍କର ଏଇ ଗୁଣଗୁଡ଼ିକ ବଶେଷତ୍ୱ ନାଟକକୁ ଶାନ୍ତ, ନରମ ଓ ସାଧାରଣ କରବା ପରବର୍ତ୍ତେ କରୁଥିଲ ବେଗବାନ, ଆବେଗମୟ ଓ ସଂଘାତମୟ । ଚରତ୍ରର ଅନ୍ତର୍ନିହିତ ଏଇ ବଶେଷତ୍ୱକୁ ରଙ୍ଗ ମଞ୍ଚରେ ଫୁଟାଇବା ଅତ୍ୟନ୍ତ କଷ୍ଟକର କଥା । କନ୍ତୁ ସେଦନ ଯିଏ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦାସଙ୍କ ଭୂମିକାରେ ଅଭନସ୍ତ କରଥିଲେ,

Digitized by srujanika@gmail.com

ଯେ ଅଦ୍ଭୂତ ଭାବେ ଚରିତ୍ରର ଏହି ବିଶେଷତ୍ୱ ଟିକୁ ତାଙ୍କ ଅଭିନୟ ମାଧ୍ୟମରେ ଫୁଟାଇ ପାରିଥିଲେ । ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ଯେ, ତାଙ୍କର ଏହି ଅଭିନୟ ମଞ୍ଚରେ ନାଟକର ସାଫଲ୍ୟର ପ୍ରଧାନ କାରଣ ଥିଲା ।

ଦୁଇଟି ଉପାୟ ଦ୍ୱାରା ଅଭିନୟ ବାସ୍ତବ ସଫଳତା ଲାଭ କରିପାରେ । ପ୍ରଥମ ହେଲା ଚରିତ୍ରର ଅଭିନେତା ନିଜକୁ ବିଚ୍ଛିନ୍ନ (allineate) କରି ନେବା । ଅନ୍ୟଟି ହେଲା ଚରିତ୍ର ସହିତ ଶିଳ୍ପୀ ନିଜକୁ ସଂପୂର୍ଣ୍ଣ ରୂପେ ଏକୀଭୂତ କରି ଦେବା । ସେଦିନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦାସଙ୍କ ଚରିତ୍ର ସହିତ ଅଭିନେତା ନିଜକୁ ସଂପୂର୍ଣ୍ଣ ଏକୀଭୂତ କରି ପାରିଥିଲେ ।

କିଏ ଥିଲେ ସେ ଶିଳ୍ପୀ ? ଯାହାଙ୍କର ଅଭିନୟ ମୋତେ ଅଭିଭୂତ କରିଥିଲା ଏବଂ ମୁଁ ତାଙ୍କ ଘରକୁ ପରଦିନ ସକାଳେ ଦୌଡ଼ି ଯାଇଥିଲି ସଂବର୍ଦ୍ଧନା ଜଣାଇବାକୁ । ସେଇ ସେ'ବନ୍ଧୁ ମୁରାରିବାବୁ—ଶ୍ରୀ ମୁରାରି ମୋହନ ଜେନା । ନାଟକ ଅଭିନୀତ ହୋଇଥିଲା କଟକ ଧୂଆଁପଣିଆ ଗଳିଠାରେ ନ୍ରମ ନିର୍ଦ୍ଦେଶାଳୟ ରିକ୍ରିଏସନ କ୍ଲବ ଦ୍ୱାରା । ମୁରାରି ବାବୁ ପ୍ରତିଷ୍ଠିତ କବି, ଲେଖକ ଓ ନିଷ୍ଠାବାନ୍ ସଙ୍ଗଠକ । କିନ୍ତୁ ସେଇଦିନ ଠାରୁ ମୁଁ ଯେବେ ତାଙ୍କୁ ଦେଖେ, ତାଙ୍କ ପ୍ରତିଭାର ଏଇ ସୂକ୍ଷ୍ମ ଦିଗଟି ବହୁବାର ମୋର ମନେ ପଡ଼ିଯାଏ ।

ଟାଉନ୍ ହଲରେ ହେଉ, ଶ୍ରୀରାମଚନ୍ଦ୍ର ଭବନରେ ହେଉ, ଅନ୍ୟ କେଉଁଠି ସଭା ସମିତିରେ ହେଉ, ଯେତେବେଳେ ମୁରାରି ବାବୁଙ୍କ ଭାବପ୍ରବଣ, ଅନର୍ଗଳ ଉଦ୍ଦୀପନା ମୂଳକ ଭାଷଣ ଶ୍ରୋତାମାନଙ୍କ ଭିତରେ ଆବେଗର ତରଙ୍ଗ ସୃଷ୍ଟି କରେ, ସେତେବେଳେ ମୋର ମନେ ହୁଏ—ଆମ ରଙ୍ଗମଞ୍ଚ ଏଇପରି ଯେବେ ଏକ ଭଦ୍ର-ଲୋକଙ୍କୁ ତା'ପରିସର ଭିତରେ ପାଇବାର ସୁଯୋଗ ପାଇଥାନ୍ତା, ତେବେ ଓଡ଼ିଶାର ଅସହାୟ ରଙ୍ଗମଞ୍ଚ ସତେ କେତେ ଲାଭବାନ ହୋଇ ନ ଥାନ୍ତା ।

●

ପଥପ୍ରଗ୍ରସ୍ଥ।
ବର୍ଦ୍ଧମାନ କମ୍ପାଉଣ୍ଡ, କଟକ-୩

Digitized by srujanika@gmail.com

ଗୋଟିଏ ବୃତ୍ତ

● ଶ୍ରୀ ବିଷ୍ଣୁଚରଣ ଜେନା

ଶିକ୍ଷକ ଯେ କୌଣସି ପାଠ୍ୟକୁ ପିଲମାନେ ବୁଝିଲା ଭଳି ନ ବୁଝାଇଲେ ତା' ମନ ତୃପ୍ତି ହୁଏନା—ପିଲାଏ ବୁଝି ଗଲେ ଆତ୍ମ ସଂତୋଷ ଲଭ କରେ । ବୃତ୍ତର ଗୋଟିଏ କେନ୍ଦ୍ରବିନ୍ଦୁ ଥାଏ । ଏଇ ବିନ୍ଦୁଠାରୁ ସମାନ ଦୂରରେ ଥିବା ଅସଂଖ୍ୟ ବିନ୍ଦୁମାନଙ୍କର ସମାହାରରେ ବୃତ୍ତଟିଏ ଗଠିତ ହୁଏ । କବି ମୁରାରି ବାବୁ ମୋ ବୃତ୍ତର କେନ୍ଦ୍ର । ତାଙ୍କ ଗୁଣାବଳୀମାନ କେନ୍ଦ୍ରଠାରୁ ସମଦୂରବର୍ତ୍ତୀ ବିନ୍ଦୁମାନ । ବୃତ୍ତର ଯେ କୌଣସି ବିନ୍ଦୁଠାରୁ ବଡ଼ ରାସ୍ତାରେ ସିଧା ଅନ୍ୟବିନ୍ଦୁ ପାଖକୁ ଯିବାକୁ ହେଲେ, କେନ୍ଦ୍ର ମଧ୍ୟ ଦେଇ ନିଶ୍ଚିତ ଭାବେ ଯିବାକୁ ହେବ । ତେଣୁ ଆମ ଦେଶର ଯୁବକ-ଯୁବତୀ, ଛାତ୍ର-ଛାତ୍ରୀ, ଯେଉଁମାନେ ବିଭିନ୍ନଗୁଣରେ ମହୀୟାନ ହେବାକୁ ଚାହୁଁଛ, ସେମାନେ ଏହି ବୃତ୍ତର ବିନ୍ଦୁଗୁଡ଼ିକ ଲକ୍ଷ୍ୟ କର ଏବଂ ମୁରାରି ବାବୁଙ୍କ ଜୀବନ ମଧ୍ୟ ଦେଇ ଯିବାକୁ ଚେଷ୍ଟା କର । ଜୀବନରେ ବଡ଼ ହେବ ଓ ଦେଶ ମାତୃକାର ସେବା କରି ପାରିବ ।

ସରଳ, ନିରାଡ଼ମ୍ବର, ସାଧୁ, ସଚ୍ଚୋଟ, ସଙ୍ଗଠକ, ସୁବକ୍ତା, କବି, ସମାଲୋଚକ, ସ୍ପଷ୍ଟବାଦୀ, ନିର୍ଭୀକ, ପ୍ରତିଭା-ପୂଜାରୀ, ତପସ୍ୱୀ, ଆଶାବାଦୀ, ମିଷ୍ଟାଳାପୀ, କଷ୍ଟସହିଷ୍ଣୁ ପ୍ରଭୃତି ଶ୍ରୀ ଜେନା ରୂପୀ ବୃତ୍ତର ଏକ ଏକ ବିନ୍ଦୁ । ଏଇପରି ବହୁ ଗୁଣର ସମାହାରରେ 'ମୋ ବୃତ୍ତ'ର କେନ୍ଦ୍ରରେ ପ୍ରିୟ ମୁରାରିବାବୁ । ଜଣେ ବ୍ୟକ୍ତି ଅସଂଖ୍ୟ ଗୁଣର ପରିପୂର୍ଣ୍ଣ ଏକ ବ୍ୟାପକ ବୃତ୍ତ । ଏହା ସହଜରେ କଳ୍ପନା କରି ହେବନି । ଏ ଜୀବନୀ ଆଗନ୍ତୁକ ବଂଶଧରମାନଙ୍କ ପାଖରେ ଯେତେବେଳେ ପହଞ୍ଚିବ, ସେମାନେ ମୁଗ୍ଧ ହେବେ ଓ ଅନ୍ୟକୁ ମୁଗ୍ଧ କରାଇବେ ।

ଏଇ ସମାଜରେ ଜୀବନ ସାଧନା ପଥରେ ବହୁ ଘାତ ପ୍ରତିଘାତ ଦେଇ ଗତି କରିବାକୁ ହୁଏ ।

ସରଳ, ନିରାଡ଼ମ୍ବର, ସାଧୁ, ସଚ୍ଚୋଟ ହୋଇ ରହିବାର ଆତ୍ମପ୍ରତ୍ୟୟ ହାସଲ କରି ନ ଥିଲେ, ସିଦ୍ଧିଲଭ କରି ହୁଏ ନାହିଁ । ହେ ସାଧକ ମୁରାରି ବାବୁ, ତୁମେ ସିଦ୍ଧ ପୁରୁଷ, ସିଦ୍ଧି ଲଭ କରିଛ—ଏ ଜାତିକୁ, ବହୁ ପ୍ରତିଭାକୁ, ଜାଜ୍ୱଲ୍ୟମାନ କରୁଛ, କରୁଥିବ ।

'ଭଗବାନ ମୁଁ ତୁମକୁ ଚିଠି ଲେଖିବି'—ହେ କବି ! ଏଇ ବାକ୍ୟଟିରେ ତୁମେ କେତେ ଭଗବାନ ପ୍ରେମୀ, ଆଉ ଏ ସମାଜ ପ୍ରତି ତୁମର ଆନ୍ତରିକତା

Digitized by srujanika@gmail.com

କେତେ, ତୁମେ କିପରି ସ୍ପଷ୍ଟବାଦୀ, ନିର୍ଭୀକ ଏହା ସହଜରେ ଅନୁମେୟ । 'ହେ ଡାକ୍ତର ଜୋର୍ମିନ୍ ବନ୍ଦ କର' ଯେଉଁମାନେ ପଢିଛନ୍ତି, ସେମାନେ କହିବେ—ହେ କବି ! ତୁମେ ଅନ୍ୟାୟ, ଦୁର୍ନୀତି ଓ ଛଦ୍ମତାର ବିରୁଦ୍ଧରେ କିପରି ବଜ୍ର ଘୋଷଣାରେ ଫୁତ୍କାର କରି ଗଭୀର ନିଦ୍ରାରେ ନିମ୍ନପ୍ରାଣ ନହୋଇ କିପରି ହୃଦୟ ଉନ୍ମାଦନା ସୃଷ୍ଟି କରି ଆଶା ଆକାଙ୍କ୍ଷାକୁ ଜାଗ୍ରତ କରି ଦିଅ । ପୁଣି ସୁପ୍ତ ଆଶାକୁ ଅଙ୍କୁରଣ କରିବା ପାଇଁ ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ସୃଷ୍ଟି କରିପାର ।

'ଡାକ ମୁଁ କହୁଛି ମୁରାରି ଜେନା' କବିତାର ନାଁ ଶୁଣିଲେ ଲୋକ ଉଦ୍‌ବୁଦ୍ଧ ହୋଇ ଯାଆନ୍ତି । କିନ୍ତୁ ତା' ଭିତରକୁ ପ୍ରବେଶ କଲେ ଅନୁଭବ କରିବାକୁ ହୁଏ—ହେ କବି ! ତୁମେ କେତେ ସ୍ୱଜାତି ପ୍ରିୟ, ଚିରନ୍ତନ ପରଂପରାକୁ ଭାଙ୍ଗି ଆଗେଇ ଯିବାର ତୁମ ଅନ୍ତରରେ କେତେ ଅଦମ୍ୟ ପିପାସା ରହିଛି; ଯାହାର ପରିପ୍ରକାଶ ତୁମ କବିତା ହିଁ ପ୍ରମାଣ ଦେଇଛି ।

ବିଙ୍କେଇ କହିବା ତୁମ ଜୀବନର ସ୍ୱପ୍ନ—'ମୋ ନାଁରେ କୁକୁର ପାଳିବି' ପୁସ୍ତକ ପାଠ କଲେ ତୁମର ମନୋଜ୍ଞ ପଣିଆ, ସାଧୁତା, ମନ୍ତ୍ର ସାହସ, ନିଜସ୍ୱ ବଳିଷ୍ଠ ଚିନ୍ତାଧାରା ଓ ସ୍ପଷ୍ଟବାଦୀତା ପ୍ରଭୃତି ଗୁଣର ପ୍ରମାଣ ମିଳିଥାଏ ।

ସେଇ ଗୁଣ ଗୁଡ଼ିକୁ ମୁଁ ତୁମକୁ କେନ୍ଦ୍ର କରି ଚାରିପାଖର ବୃତ୍ତ ଭିତରେ ରଖିଛି । ତୀବ୍ର ବ୍ୟଙ୍ଗୋକ୍ତି ଛଳରେ ଏ ସମାଜକୁ ସୁସ୍ଥ ସବଳ କରିବାରେ ଯେଉଁ ନୂତନ ପ୍ରେରଣା ମିଳୁଛି, ତାହା ଆଗାମୀ ବଂଶଧରଙ୍କର ଯେ ଦୀପ୍ତ ମନ୍ତ୍ର ଶିଖା ରୂପେ ଜାଜୁଲ୍ୟମାନ ହୋଇ ରହିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ହେ ମୋର ପ୍ରିୟ ତରୁଣ ତରୁଣୀ, ଆଗାମୀ ବଂଶଧର ଓ ଛାତ୍ରଛାତ୍ରୀ-ମାନେ ! ତୁମେମାନେ କବି ମୁରାରି ଜେନାଙ୍କର ଗୁଣାବଳୀ ଅନୁଧ୍ୟାନ କର । ତାଙ୍କ କର୍ମମୟ ଜୀବନକୁ ପର୍ଯ୍ୟାଲୋଚନା କର । ତାଙ୍କ ଭାଷଣ ଶୁଣ, ତାଙ୍କ ସହ ମିଶ—କେତେ କଥା ଶିଖିବ, କେତେ କଥା ଜାଣିବ । ଆଉ ମଧ୍ୟ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ନିଜ ଜୀବନକୁ ସୁ-ମାର୍ଗରେ ପରିଚାଳିତ କରି ଜୀବନକୁ ଧନ୍ୟ ମଣିବ ।

ଏଣୁ ମୋର 'ଗୋଟିଏ ବୃତ୍ତ'ର ଅର୍ଥ ଯଦି ବୁଝି ପାରିବ, ମୋର ସାମାନ୍ୟ ଶ୍ରମ ସାର୍ଥକ ହେବ ଓ ମୁରାରି ବାବୁଙ୍କ ଆଦର୍ଶ ଜୀବନୀ ମୋ ପରି ପାଥେୟ ହୋଇ ମୋର ଅଗଣିତ ଛାତ୍ର-ଛାତ୍ରୀଙ୍କୁ ସେମାନଙ୍କର ଆଦର୍ଶମୟ ଜୀବନ ଗଢି ତୋଳିବାରେ ବିଶେଷ ସହାୟକ ହେବ ।

●

ଶିକ୍ଷକ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ
ତତ୍ତ୍ୱାବଧାରକ, ରାମକୃଷ୍ଣ କୁଟୀର
ବଙ୍ଗାଳୀ ସାହି, କଟକ-୧

Digitized by srujanika@gmail.com

ଲେଖକରତ୍ନ ମୁରାରି ଜେନାଙ୍କୁ

● ଡାକ୍ତର ଯୋଗମାୟା ପଟ୍ଟନାୟକ

ଜୀବନ ସମୁଦ୍ର ମଧ୍ୟେ କେତେ ପ୍ରଶ୍ନ କେତେ ଯେ ଜିଜ୍ଞାସା
କିନ୍ତୁ ଯିଏ ତଥ୍ୟ ବାହେ, ନିରାସକ୍ତ ସଂସାରର ଆହ୍ଲାଦକୁ ଧରି
ଯିଏ କ'ଣ ହୁଏ ଆତଙ୍କିତ ?
କଣ୍ଟକର ଗଳାବନ୍ଧ ଯାହା ପାଇଁ ସ୍ୱର୍ଗର ଝଲକ ।

ଗୃହେଁ ନ ସେ ଗୃହଚକ୍ୟ, ନିତିଳ ପ୍ରାସାଦ ମଧ୍ୟେ
ବଂଚିବାର ସ୍ୱାଦ, ପଞ୍ଚ ତାରକା ଆଶ୍ରମ
ଅବାନ୍ତର ସବୁ କିଛି ତା' ଆଖିରେ ତୁଚ୍ଛ ।

ସେ କବି, ସେ କରେ ଚିରନ୍ତନ ସତ୍ୟର ସନ୍ଧାନ
ସେ ବୁଝେ ତା' ବଞ୍ଚିବାର ମୂଲ, ମନ ତଳ ଇଲାକାରେ
ସିଏ ଦେଖେ ସମସ୍ୟା ପାହାଡ଼ ।

ତା' ସମାଜ ଚଉପାଶେ ଅନ୍ୟାୟର ଜାଲ
ମନର କଥାକୁ ସିଏ ଫୁଟାଉଛି, ଫୁଟାଇଛି କଲମ ମୂନରେ ।

ଅନ୍ୟାୟ ଅରଣ୍ୟ ମଧ୍ୟୁଁ ସେ ଖୋଜୁଛି ସାଧନାର ସିଦ୍ଧି ଚଲାପଥ ।
ଅନ୍ୟାୟ ନର୍କର ପଙ୍କୁ ଯା' କଲମେ ପଙ୍କଜ ଫୁଟାଇ ।

ପ୍ରଖର ଶୂନ୍ୟତା ମଧ୍ୟୁଁ ଯେ ଖୋଜେ ପୂର୍ଣ୍ଣତା
ସ୍ୱର୍ଗୀୟ ପ୍ରତିଭା ଭରି ଯା' ଜନ୍ମ-ଜାତକ
ଧନ୍ୟ ସେଇ ବରପୁତ୍ର
କଲମ ମୂନରେ ଯା'ର ସୃଷ୍ଟି ଚିରନ୍ତନ ।
କବିତାରେ ଫୁଟି ଉଠେ ଜୀବନର ପ୍ରତିବିମ୍ବ
ସୃଷ୍ଟିରେ ଅଣ୍ଡାଳି ବସେ ମଣିଷତା ସତ୍ତ୍ୱ
କବିତା ସୃଷ୍ଟିରେ ଯା'ର ସତ୍ୟ ପାଇଁ ବିଦଗ୍ଧ ବିଳାପ
ଜୀବନର କବିତା ଗ୍ରନ୍ଥରେ, ସେ ଗୁନ୍ଥଇ ସମାଜର ଅଜସ୍ର ସମସ୍ୟା
ଶୂନ୍ୟ ଆଉ ମହାଶୂନ୍ୟ ଗୁଳ୍ମଲତା ମଧ୍ୟୁଁ

Digitized by srujanika@gmail.com

କଳ୍ପନାରେ ସୃଷ୍ଟି କଲ ଅସଂଖ୍ୟ ଗୋଲାପ
ନ୍ୟାୟ ପାଇଁ ଲେଖମାରେ ବହ୍ନିଶିଖା ଧରି
ଜଳାଇଛନ୍ତି, ଜଳାଉଛନ୍ତି ସହସ୍ର ଆଖିରେ—
କେତେକେତେ ଧପ୍ପାବାଜି, ଗୁଲବାଜ ଦୁର୍ନୀତିର ଗଦା ।

ଉଦ୍ଧବର ବୋଝ ବୋହି ଦୋହି
ବଂଚିବାର ସବୁ କ୍ଷୁଧା, ସବୁ ତୃଷ୍ଣା, ସବୁ ପ୍ରଲୋଭନ
ସମର୍ପି ଦେଇଛନ୍ତି ଯିଏ ରାମକୃଷ୍ଣ ପଦ ପଙ୍କଜରେ ।

ଏ କାଠ ପିନ୍ଧାଇ ଦେଲ ହୀରା, ନୀଳା ମୋତି ଆଉ ମାଣିକର ଝନ୍ତା
ଉପାଧିଟି 'ଲୋକରତ୍ନ' ମୁରାରି ମୋହନ
ଏ ଶୁଭ ଜୟନ୍ତୀ ତୁମ, ହେଉ ପୁଷ୍ଟ, ହେଉ ଶୁଭଙ୍କର
ତମର ଲେଖନୀ ହେଉ ଶକ୍ତିଶାଳୀ
ନେଇ ବିଶ୍ୱ ସତ୍ୟ, ପ୍ରେମ, ବାଣୀ
ସମସ୍ତ ହୃଦୟ ଛୁଇଁ
ପୋଛୁ ତାଙ୍କ ଅପାଶୋରା କୋହ ।

●

ମହତାବ ରୋଡ଼, କଟକ-୧୨

Digitized by srujanika@gmail.com

ମୋର କବିମିତ୍ର କଥା

● ଶ୍ରୀ ସାରଦା ପ୍ରସନ୍ନ ନାୟକ

ଲୋକରତ୍ନ କବି ମୁରାରିମୋହନଙ୍କୁ ମୁଁ ତିରିଶ୍ ବର୍ଷରୁ ଅଧିକ ହେବ ଜାଣେ । ସେ ମୋତେ ସାରଦା ଭାଇ ବୋଲି ସମ୍ବୋଧନ କରନ୍ତି । ତେଣୁ ମୁଁ ତାଙ୍କୁ ସ୍ନେହରେ ମୁରାରି ବୋଲି ଡାକେ । ସେ ଜଣେ ଅତି ପ୍ରତିଭାବାନ ନିର୍ଭୀକ କବି, ଲେଖକ, ସମାଲୋଚକ ଓ ସାହିତ୍ୟ ସଙ୍ଗଠକ । ଯାହା ତାଙ୍କ ମନରେ ଆସେ ଅଗ୍ନି ସ୍ଫୁଲିଙ୍ଗ ପରି ସେ ତାହା ଉଦ୍‌ଗୀରଣ କରନ୍ତି । ଭାଷାରେ, ଭାବରେ, ରଚନାରେ ଓ ଅଭିବ୍ୟକ୍ତିରେ । କୌଣସି ସ୍ଥଳରେ ସେ ସାହିତ୍ୟ ପ୍ରତି ଓ ସାହିତ୍ୟିକଙ୍କ ପ୍ରତି ଅବହେଳା ଦେଖିଲେ ଅସହ୍ୟ ହୋଇ ଉଠନ୍ତି ଓ ସ୍ପଷ୍ଟ ଭାବରେ, ଅପ୍ରିୟ ସତ୍ୟ ଭାବରେ ତାହା ପ୍ରକାଶ କରନ୍ତି । ଏପରିକି ଭଗବାନଙ୍କୁ ମଧ୍ୟ ସେ କ୍ଷମା ଦିଅନ୍ତି ନାହିଁ । "ଭଗବାନ ମୁଁ ତୁମକୁ ଠିଆ ଫାଡି ଦେବି"—ଏ ହେଉଛି ତାଙ୍କ ଆତୁର ଅଭିମାନର ଏକ ଅଭିବ୍ୟକ୍ତି ।

ମୁରାରି ମୋହନ ମନରେ ଯାହା ଭାବନ୍ତି, ଭାଷାରେ ତାହା ହିଁ ପ୍ରକାଶ କରନ୍ତି । ମନ ଭିତରେ ଗୋଟିଏ କଥା ଭାବି ମୁହଁରେ ଲହୁଣୀ ମଖା କହିବା ବ୍ୟକ୍ତି ସେ ନୁହଁନ୍ତି । ଏଇ ଗୁଣଟା ତାଙ୍କର ମୋତେ ଖୁବ୍ ଭଲ ଲାଗେ । ତାଙ୍କର ଉଗ୍ର ଭାବ ପ୍ରକାଶରୁ ଅନେକ ଭାବୁଥିବେ ସେ ଜଣେ କ୍ରୋଧୀ, କିନ୍ତୁ ସେ ଭାରି କୋମଳ ଓ ସ୍ନେହଶୀଳ ।

ତାଙ୍କ ସାଙ୍ଗରେ ଅନେକ ସଭା-ସମିତିକୁ ଯିବାର ମୋର ସୁଯୋଗ ଓ ସୁବିଧା ହୋଇଛି ।

ଅନେକ ଦିନ ତଳେ ବର୍ତ୍ତମାନର ସେଚ ଓ ଶକ୍ତି ମନ୍ତ୍ରୀ ଶ୍ରୀ ମତ୍‌ଲୁବ୍ ଅଲ୍ଲୀ ଆମ ଦୁହିଁଙ୍କୁ ଗଡକବି ବୈଷ୍ଣବପାଣି ଜୟନ୍ତୀରେ ଯୋଗ ଦେବା ପାଇଁ କୋଠପଦା ନେଇଥିଲେ । ସେଠି ସେହି ସଭାରେ

Digitized by srujanika@gmail.com

ମୁରାରି 'କାର୍ମୁକ ଟଙ୍କାର ଅମ୍ବର ଝଙ୍କାର' ଗୀତ ତ ଗାଇଲେ, ତା'ପରେ ସ୍ୱର୍ଗତଃ ବୈଷ୍ଣବ ପାଣିଙ୍କର ମୃତ୍ୟୁ ସମୟର ଏକ ମର୍ମସ୍ପର୍ଶୀ କଥା ମଧ୍ୟ କହିଲେ । କହିଲେନି ନାହିଁ, ଆହ୍ୱାନ ଦେଇ ପଚାରିଲେ—'ବୈଷ୍ଣବପାଣି ମଲାବେଳେ ତାଙ୍କ ପାଖରେ ଦଶ-ପଇସା ବି ନ ଥିଲା । ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ତାଙ୍କର ଜୀବନ ଦୀପ ଲିଭିଗଲା । ଯେତେ-ବେଳେ ତାଙ୍କ ପାଇଁ କିଏ କଅଣ କଲେ ? ଏଠି ପ୍ରତିଭା ଏକ ଅଭି-ଶାପ ।' ଏ ହେଲା ତାଙ୍କର ଅଭିମାନର ଉଦ୍‌ଗୀରଣ । ଏଇପରି ବହୁ ସ୍ଥାନରେ ତାଙ୍କର ପ୍ରତିକ୍ରିୟା ମୁଁ ଶୁଣିଛି ଓ ତାଙ୍କୁ ତାରିଫ କରିଛି ।

କବି ପ୍ରତିଭା ଓ କବିତାଗୁଡ଼ିକ ସଂକଳନ ବିଷୟରେ ସେ ଜଣେ ପାରଙ୍ଗମ ବ୍ୟକ୍ତି । ତାଙ୍କ ଦ୍ୱାରା ସଂଗୃହୀତ ଓ ସଂକଳିତ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ପୃଷ୍ଠାର 'କବି କଣ୍ଠେ ଶ୍ରୀଜଗନ୍ନାଥ' ଓଡ଼ିଆ ସାହିତ୍ୟ ଗନ୍ତାଘରେ ଏକ ଉଜ୍ଜ୍ୱଳ ରତ୍ନ ଓ ଅମୂଲ୍ୟ ସଂପଦ ଭାବେ ଚିରକାଳ ଉଦ୍‌ଭାସିତ ହୋଇ ରହିବ । ମୋର ସୌଭାଗ୍ୟ ଯେ, ଏଥିରେ ମୋ ରଚିତ କେତୋଟି ଗୀତକୁ ସେ ସ୍ଥାନ ଦେଇଛନ୍ତି ।

ଓଡ଼ିଶାର ପ୍ରତ୍ୟେକ 'ପ୍ରତିଭାବାନ ସାହିତ୍ୟିକ ଓ କଳାକାରଙ୍କର ସେ ପୂଜକ । ସେମାନଙ୍କ ସ୍ମୃତିକୁ ଚିର ଜୀବନ୍ତ କରିବାକୁ ଯେ ଉଦ୍ୟମ କରି ଆସୁଛନ୍ତି ଓ ଯେଉଁ କେତେକଙ୍କ ସଂପର୍କରେ ସେ 'ସ୍ମରଣିକା ବା ସ୍ମାରକୀ ଗ୍ରନ୍ଥ' ସଂକଳନ ଓ ପ୍ରକାଶନ କରିଛନ୍ତି, ତାହା ଓଡ଼ିଆ ସାହି-ତ୍ୟରେ ତାଙ୍କର ଅନନ୍ୟ ସାଧାରଣ ଓ ଅବିସ୍ମରଣୀୟ କୃତି ।

ମୁଁ ଜଣେ ନାଟ୍ୟକାର ଓ ଗୀତିକାର । ସମୟ ସମୟରେ ମୁଁ ଗୀତ ଗାଏ, କାରଣ ଅତୀତରେ ଗାଉଥିଲି । ଆଶ୍ଚର୍ଯ୍ୟର କଥା, କେଜାଣି କାହିଁକି ମୋ ଗୀତ ତାଙ୍କୁ ଭାରି ଭଲ ଲାଗେ । ବିଶେଷ କରି ଗୀତି-ନାଟ୍ୟର ଗୀତ ।

ସେ ମୋତେ ଖୁବ୍ ଶ୍ରଦ୍ଧା, ଭକ୍ତି ଓ ଆଦର କରନ୍ତି । ସେଥିପାଇଁ ମୁରାରିଙ୍କ ନିକଟରେ ମୁଁ କୃତଜ୍ଞ । ମୁଁ ମୁରାରିଙ୍କର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘଜୀବନ କାମନା କରୁଛି ।

•

ରତ୍ନଗିରି, ସଂଯୋଗ ସରଣୀ
ବାଦାମବାଡ଼ି, କଟକ-୧୨

Digitized by srujanika@gmail.com

ସେଇ ପରିଚିତ କଣ୍ଠସ୍ୱର

● ଶ୍ରୀ ଶୁକଦେବ ସାହୁ

ସଭା ସମିତି, କଟକ ସହରର ଗଳି ଉପଗଳି, ରାଜରାସ୍ତା ଅବା ବାଲୁବଜାରରେ ବେଳେବେଳେ ସେଇ ପରିଚିତ କଣ୍ଠ ସ୍ୱର ଶୁଣିବାକୁ ମିଳେ । ତାହା ଅନ୍ୟ କାହାର ନୁହେଁ । ମୁରାରି ଜେନାଙ୍କ ଏକାନ୍ତ ନିଜସ୍ୱ । ଗୁଳିଗଲା ଲୋକ ବାରି ପାରେ । କାହାର ଦୋଷତ୍ରୁଟି ଦେଖିଲେ ନିର୍ଭୟରେ ସେ ସମସ୍ତଙ୍କୁ ସମାଲୋଚନା କରନ୍ତି । କଥାଗୁଡ଼ାକ ଠୋ-ଠା, ଖୁବ୍ ମର୍ମଭେଦୀ । ତଥାପି ତା'ର ଭିତରେ ଭରି ରହିଛି ବନ୍ଧୁଙ୍କୁ କୋଳେଇ ନେବାକୁ କେତେ ଆନ୍ତରିକତାର ସ୍ପର୍ଶ—କେତେ ଆବେଗର ଉତ୍ସ । ଏହା ହିଁ ମୁରାରି ଜେନାଙ୍କ ବୈଶିଷ୍ଟ୍ୟ ।

ସାହିତ୍ୟ, ସଂସ୍କୃତିର ଅଭ୍ୟୁଦୟ ପାଇଁ ଚିରଦିନ ସେ ପାଗଳ । କବି, ସାହିତ୍ୟିକ, ଶିଳ୍ପୀ, କଳାକାରମାନଙ୍କୁ ଆପଣାର କରି ଜୀବନ ବିନିମୟ କରିବା ତାଙ୍କର ଧର୍ମ । ମୁଁ ତାଙ୍କୁ ଦୀର୍ଘ ତିରିଶ ବର୍ଷ ତଳୁ ଜାଣିଛି । ଓଡ଼ିଆ ଭାଷା ସାହିତ୍ୟରେ ଏମ୍.ଏ. ପାଶ୍ କରିବା ପରେ ସେ ଧର୍ମ, ସାହିତ୍ୟ ଓ ସଂସ୍କୃତିର ଜୀବନଧାରାରେ ନିଜକୁ ମିଶାଇ ଦେଇଛନ୍ତି । କଟକ ସହରର ସାହିତ୍ୟ ସଙ୍ଗଠନର ଅଗ୍ରଭାଗରେ ସେ ଚଳନ୍ତି-ପ୍ରତିମା । ଏକ ଅଭିନବ ମୂଲ୍ୟକର ଉତ୍ସ—ମୁରାରି ଜେନା । ଅନେକ ତାଙ୍କୁ ଜାଣିବି ଜାଣି ପାରନ୍ତି ନାହିଁ । ମୁରାରି ଜେନା କ'ଣ ? ସେ ଶିଳା ଖଣ୍ଡଗୁଡିକ ଭିତରେ ବେଗବାନ ସ୍ୱଚ୍ଛ ସଲିଳ ଝରଣାର ଧାରା ।

ତାଙ୍କର ଜନ୍ମ-ଜୟନ୍ତୀରେ କି ଅଭିନନ୍ଦନ ଦେବି ? ପ୍ରୀତି, ସଂପ୍ରୀତି ଓ ଆନ୍ତରିକତାର ପୁଷ୍ପଗୁଚ୍ଛ ତାଙ୍କୁ ତ ସବୁବେଳେ ଦେଇ ଆସିଛି । ଆଜି ପୁଣି ଦେବି କ'ଣ ? ତଥାପି ଜୀବନରେ ସଂଧ୍ୟା ଆସିବା ପୂର୍ବରୁ ଆଉ ଥରେ ବନ୍ଧୁଙ୍କୁ ପ୍ରାଣଭରି କୋଳେଇ/କାଖେଇ ନିଏ ।

Digitized by srujanika@gmail.com

ଏହା ହିଁ ମୋ ପାଇଁ ଶେଷ ସୁଯୋଗ । ବଂଧୁ ମୁରଲି ଜେନା ଶତାୟୁ ହୁଅନ୍ତୁ । ହଜି ଯାଉଥିବା କବି, ସାହିତ୍ୟିକ, କଳାକାରମାନଙ୍କ ପ୍ରତିଭାକୁ ଆଲୋକକୁ ଆଣନ୍ତୁ । ପଛରୁ ଘୋଷରି ଓଟାରି ଓ ଗୋଡ଼ ଟାଣୁଥିବା ସେହି ନିର୍ବୋଧ ବ୍ୟକ୍ତିମାନଙ୍କୁ କବିତାର ଶାଣିତ ଅସ୍ତ୍ରରେ ଆଘାତ କରନ୍ତୁ । ଦେଶ ଓ ସମାଜରୁ ଜଡ଼ତା ଦୂର ହେଉ ।

ଆଜି ମୁଁ ଜୀବନର ଗୋଧୂଳିରେ ସମାଗତ । ତଥାପି ବ୍ୟଥା-ବେଦନା ଭରି ଦିନଗୁଡିକ ଭିତରେ ମୁରଲି ବାବୁଙ୍କ ଜନ୍ମ-ଜୟନ୍ତୀ ଉତ୍ସବ ମୋତେ ଅଶେଷ ଆନନ୍ଦ ଦେଉଛି । ମୋର ଗଭୀର ଆଶା ଓ ବିଶ୍ୱାସ ମୁରଲିବାବୁ ସମସ୍ତଙ୍କ ଆଶୀର୍ବାଦ ଲାଭ କରି ଜୀବନ ସଂଗ୍ରାମରେ ଯେ ଅଧିକରୁ ଅଧିକ ଆଗେଇ ଯିବେ, ଏହା ନିଶ୍ଚିତ କଥା । ତାଙ୍କର ଜୀବନ ହେଉ, ମହିମା ମଣ୍ଡିତ ଏକ ସାର୍ଥକ ସୁରଭିତ ଜୀବନ ।

●

ଉପ-ସଭାପତି, ଉତ୍କଳ ସାହିତ୍ୟ ସମାଜ,
କବିତା ଭବନ, ଯୋବ୍ରା
କଟକ-୭୫୩୦୦୩

Digitized by srujanika@gmail.com

କବିଙ୍କ ପାଇଁ କବିତାଟିଏ

● ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତି

ମୋର ଏ ଅଭିନନ୍ଦନ କବି ମୁରାରି ମୋହନଙ୍କୁ
ମୋର ଏ ଅଭିନନ୍ଦନ ବନ୍ଧୁ ମୁରାରି ବାବୁଙ୍କୁ
ହେ କବି ! କ୍ରାନ୍ତଦର୍ଶୀ !
ଅନ୍ଧାରରେ ହଜୁଥିବା ଓ ହତାଶାରେ ବୁଡ଼ୁଥିବା
ଏଇ ମଣିଷ ମାନଙ୍କୁ, ତୁମେ ଆଶାର ସୂର୍ଯ୍ୟ ଦେଖାଇଛ
ଏଣୁ ତୁମେ ଅଭିନନ୍ଦନୀୟ ।

ତୁମେ କବି, ସୃଜନୀ ଶକ୍ତିର ମୋହନ ବଂଶୀରେ
ତୁମେ ଚାଟୁକାର ନୁହଁ ନିଜର ସ୍ୱାର୍ଥରେ
ଅଥବା ଦୁନିଆର ଚାପରେ
ସେ ନେଇ ତୁମେ ମାନନୀୟ, ଜାତିର ମାନସରେ ବନ୍ଦନୀୟ ।

ହେ ସ୍ୱାଭିମାନୀ କବି ! ଭଲ ପାଇବାକୁ ପୁଂଜି କରି
ତୁମେ ଘୁରି ବୁଲ ଗ୍ରାହକତା ସୁଖ ଆଶାରେ
ସେଥିଯୋଗୁଁ ତୁମକୁ ଅନ୍ତରରେ ଗ୍ରହଣ କରିନେବା ପାଇଁ
ମୋର ଶ୍ରଦ୍ଧା ଓ ସମ୍ମାନ ।
ତୁମେ ବାଙ୍ମୟ ହୁଅ କବି ଅଧିକରୁ ଅଧିକ,
କ୍ରମଶଃ ଜରାଜୀର୍ଣ୍ଣ ହୋଇ ଯାଉଥିବା ଶାନ୍ତି, ମୈତ୍ରୀ, ପ୍ରୀତି
ତୁମରି ଲେଖନୀରେ ସୁସ୍ଥ ଓ ଶୁଭଙ୍କର ହୋଇ ଉଠୁ ।
ତୁମେ ଦୀର୍ଘାୟୁ ହୁଅ, ତୁମେ ଶତାୟୁ ହୁଅ କବି ।

●

ବଙ୍ଗାଳି ସାହି
କଟକ-୯

Digitized by srujanika@gmail.com

ମୋର ତାଙ୍କୁ ବାଘର ଭୟ

● ଶ୍ରୀ ସୁରେନ୍ଦ୍ର ନାଥ ବିଦ୍ୟାଧର

ମୋର ଚପଳ ଚଞ୍ଚଳ ବୟସରେ ଚପଳାଚଞ୍ଚଳ ଲେଖା ପତ୍ର-ପତ୍ରିକାରେ ପ୍ରକାଶ ପାଉଥାଏ । ସେଥିଲାଗି ମୁରାରି ବାବୁଙ୍କ ସମାଲୋଚନାର ଚାବୁକ୍ ମୋ ପିଠିରେ ବହୁବାର ବାଜିଛି । ସେତିକି ବେଳର ଘଟଣା । ମୁଁ ତାଙ୍କୁ ପ୍ରଥମେ ରେଳ ଷ୍ଟେସନରେ ଦେଖିଲି ଓ ଚିହ୍ନିଲି । କୌଣସି ଏକ ମାସିକ ପତ୍ରିକାରେ ମୋର ସଦ୍ୟ ପ୍ରକାଶିତ ଲେଖା, ପ୍ଲାଟଫର୍ମର ଏକ ବହି ଦୋକାନରୁ ପଢ଼ି ଖୁବ୍ ବଡ଼ ପାଟିରେ କହି ଉଠିଲେ—"ଏ କବିଙ୍କୁ ଆଣି ରେଳଲାଇନ ଉପରେ ଶୁଆଇ ଗାଡ଼ି ମଡ଼େଇ ଦିଆଯିବା ଉଚିତ । ମୁରାରି ବାବୁଙ୍କ ନିକଟରେ ଯେଉଁମାନେ ଥିଲେ, ସେମାନେ ତାଙ୍କ ମନ୍ତବ୍ୟକୁ ବେଶ୍ ଆମୋଦ୍ ଦାୟକ ଭାବେ ଗ୍ରହଣ କରୁଥାଆନ୍ତି । ମୁଁ ସେମାନଙ୍କ ଠାରୁ କିଛି ଦୂରରେ ଠିଆ ହୋଇ ସବୁ କଥା ଶୁଣୁଥାଏ । ଭାଗ୍ୟ ଭଲ, ମୁରାରି ବାବୁ କି ତାଙ୍କର ବନ୍ଧୁମାନେ ମୋତେ ଚିହ୍ନି ନାହାନ୍ତି । ସେମାନେ ସେଇଠାରେ ଠିଆ ହୋଇ ସାହିତ୍ୟିକ ମାନଙ୍କ ସୃଷ୍ଟି ସଂପର୍କରେ ବହୁ ଆଲୋଚନା କରୁ ଥାଆନ୍ତି । ମୁଁ ମୁରାରି ବାବୁଙ୍କ ଦୁର୍ଦ୍ଦାନ୍ତ ଚେହେରା ଓ ତାଙ୍କର ନିର୍ଭୀକ ମତବ୍ୟକ୍ତ ଦେଖି ଓ ଶୁଣି ଖୁବ୍ ଡର ଯାଇ ନିଜକୁ ସେମାନଙ୍କ ଠାରୁ ଆଉ ଟିକିଏ ଦୂରେଇ ନେଲି ଓ ତାଙ୍କ ଅଢୁଆଳରେ ରହିଲି । ସେମାନେ ସେଠାରୁ ଚାଲିଗଲା ପରେ ବହି ଦୋକାନୀ ଠାରୁ ଜାଣିବାକୁ ପାଇଲି ସେଇ ବଳିଷ୍ଠ ବପୁବନ୍ତ ହେଉଛନ୍ତି, କବି ମୁରାରି ଜେନା । ସେ ନାଁଟା ଶୁଣିଲି କ୍ଷଣି ମୋର ଭୟ ଅଙ୍କୁର ବଢ଼ିଗଲା । କାରଣ ସେଇ ମୁରାରି ବାବୁ ମୋର ଅନ୍ୟାନ୍ୟ ପତ୍ରିକାର ଲେଖା ସଂପର୍କରେ ଯେଉଁ କଟୁ ସମାଲୋଚନା ଖୋଲଖୋଲି ଭାବେ ପ୍ରକାଶ କରି ଥାଆନ୍ତି, ସେଥିଲାଗି ମୁଁ ମୋ ଅଭିଭାବକମାନଙ୍କ ଠାରୁ ଦଣ୍ଡ ପାଉଥାଏ ।

ମୁରାରି ବାବୁଙ୍କୁ ସେ ଦିନ ଦେଖିଲା ପରେ ଓ ଚିହ୍ନିଲା ପରେ ମନେ ହେଲା ମୁରାରି ବାବୁଙ୍କ ଲେଖା ଯେମିତି, ତାଙ୍କ ଚେହେରା ମଧ୍ୟ ସେମିତି । ଲେଖଣୀରେ ଯେଉଁ ଚାବୁକ୍ ଦେଉଛନ୍ତି, ତା'ଠାରୁ ସେ ଇଚ୍ଛା କଲେ ବଳିଷ୍ଠ ଚାପୁଡ଼ା ମଧ୍ୟ ଦେଇ ପାରିବେ । ମୋର ତାଙ୍କ ସମାଲୋଚନା ଲେଖା ପଢ଼ି ଯେଉଁ ଭୟ ଥିଲା, ତାଙ୍କ ଚେହେରା ଦେଖି ସେ ଭୟ ବହୁ-ଗୁଣିତ ହେଲା । ତେଣୁ ମୁଁ ଲେଖି ବସିଲା ବେଳେ ସବୁବେଳେ ଭାବିବାକୁ ପଡ଼ିଲା ଯେ, ମୋ ଲେଖାର ନିଛାଟ ବାସ୍ତବ ସତ୍ୟକୁ ପ୍ରକାଶ କଲାବେଳେ କେଉଁଠାରେ ଚପଳ ଚଞ୍ଚଳତା ପ୍ରକାଶ ପାଉନି ତ ? କାରଣ ସେଥିଲାଗି

Digitized by srujanika@gmail.com

ଘରେ ଓ ବାହାରେ ଦଣ୍ଡ ପାଇବାର ଆଶଙ୍କା ମୋତେ ବହୁତ ଦୁର୍ବଳ କରି ଦେଉଥାଏ ।

ମୋର ଯେତେବେଳେ କଟକରେ ଯେତେ ସାଂସ୍କୃତିକ ଉତ୍ସବ ଏବଂ ସଭା ସମିତିରେ ଯୋଗ ଦେବାର ଗୋଟାଏ ନିଶା ବି ହୋଇ ଯାଇଥାଏ । ସେ ଦିନ କଟକର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କୌଣସି ଏକ ସାଂସ୍କୃତିକ ଉତ୍ସବରେ ଦର୍ଶକ ମଣ୍ଡଳୀରେ ମୁଁ ବସିଥାଏ । କିଛି ସମୟ ପରେ ମଞ୍ଚ ଉପରକୁ ଅତିଥିମାନେ ପ୍ରବେଶ କଲେ । ମୁରାରି ବାବୁ ମଧ୍ୟ ସେଇ ମାନଙ୍କ ଗହଣରେ ଆସନ ଅଳଂକୃତ କଲେ ।

ମୁରାରି ବାବୁଙ୍କୁ ଯେମିତି ଦେଖି ଦେଇଛି, ବାଘର ଭୟ ପରି ଏକା ନିଶ୍ୱାସକେ ଅନ୍ନପୂର୍ଣ୍ଣା ଥିଏଟରର ପ୍ରେକ୍ଷାଳୟ ବାହାରକୁ ଚାଲି ଆସିଲି । ସାଙ୍ଗମାନେ ଅଟକାଉ ଥାନ୍ତି, କିନ୍ତୁ କାହାକୁ କିଛି ନ କହି ଯେତେବେଳେ ବାହାରକୁ ଚାଲି ଆସିଲି, ସେତେବେଳେ ଅନୁଭବ କଲି ଯେ ବଂଚିଗଲି । ଘରେ ପହଞ୍ଚି ଆଶ୍ୱସ୍ତି ବୋଧ କଲି ଯେ, ଆଜି ଗୋଟାଏ ମାର୍କ ଦଶାରୁ ଖସି ପାଇଗଲି ।

ସେଇ ମୁରାରି ବାବୁଙ୍କୁ ମୁଁ ପୁଣି ଭିନ୍ନ ରୂପରେ ପାଇଲି । ଯେତେବେଳକୁ ଦିନ ରତି ରତି । ମୁଁ ଉଚ୍ଚ ସାହି ବାଟ ଦେଇ ସାଇକେଲରେ ବଡ ମେଡିକାଲ ଆଡେ ଯାଉଥାଏ । ହଠାତ୍ ମୋ କାନରେ ଶୁଭାଗଲା—'ବିଦ୍ୟାଧର ବାବୁ, ସାଇକେଲ ଇଆଡକୁ ବୁଲାନ୍ତୁ ।' କିଏ ଡାକୁଚି, ମୁଁ ବାରି ପାରିଲି ନାହିଁ, ହଠାତ୍ ଅନାଇ ଦିଏ ତ ମୁରାରି ବାବୁ, ଉଚ୍ଚ ସାହିର କୌଣସି ଏକ କୋଠା ଘରର ଫାଟକ ସାମନାରେ ଛିଡ଼ା ହୋଇ ମୋତେ ଡ଼ାକ ପକାଇଛନ୍ତି । ବଡ଼ ସନ୍ତର୍ପଣରେ ଓହ୍ଲାଇଲି, ମୋତେ ଯେପରି ଜଣା ପଡୁଥାଏ ମୋ ପିଣ୍ଡରୁ ପ୍ରାଣ କୁଆଡ଼େ ଚାଲି ଗଲାଣି । ହଠାତ୍ ଡ଼ରି ଡରି ଥରି ଥରି ମୁରାରି ବାବୁଙ୍କୁ ମୁଣ୍ଡ ନୁଆଁଇ ମୋର ପ୍ରଣାମ ଜଣାନ୍ତେ, ସେ ହସି ହସି ବରାଦ କଲେ—"ମୋ ସବାସାନ ଶାଳୀ ସ୍ୱର୍ଣ୍ଣର ବାହାଘର ଆଉ ଦିନଦିନ ଚ଼ହେଲା । ମୋ ବ୍ୟସ୍ତତା ଯୋଗୁଁ ତା' ବିବାହ ଗୀତିକା ଏ ପର୍ଯ୍ୟନ୍ତ ଲେଖିନି । ମୁଁ ଶୁଣିଛି ତମେ କୁଆଡ଼େ ଭାରି ଭଲ ବିବାହ ଗୀତିକା ଲେଖ । ଆଜ୍ଞା ଏଇଠି ରହଣୀ, ଯେତେବେଳେ ଗୀତ ଲେଖା ସରିବ, ସେତେ-ବେଳେ ଯିବ ।" ମୁ ଯାଏଁ କୁଆଡେ । ଏ ତ ମୁରାରି ବାବୁଙ୍କ କଡା ହୁକୁମ । ତାକୁ ଟାଳି ଦେବାକୁ ମୋର ବା କ୍ଷମତା କାହିଁ ??

ତା'ପରେ ମୁରାରି ବାବୁଙ୍କ ସଙ୍ଗରେ ଘର ଭିତରକୁ ଗଲି ଓ ତାଙ୍କ ପାଖେ ମୋର ଅନ୍ତରର ସମସ୍ତ ଭୟ ଭୁଲି ଯାଇ ହଁ ଭରିଲି ଲେଖିବା ଲାଗି; କିନ୍ତୁ ତାଙ୍କୁ ମଧ୍ୟ ଅନୁରୋଧ କଲି ଆପଣ ମଧ୍ୟ ମୋ ସହିତ ଲେଖିବେ । ମୁରାରି ବାବୁ ଏକମତ

Digitized by srujanika@gmail.com

ହୋଇ କହିଲେ—'ଅଚ୍ଛା ହେଉ, କିନ୍ତୁ ଲେଖିବ, ଯେହେତୁ ତମେ ବାଧ୍ୟ କରୁଛ ।'

ତା' ପରେ 'ପେଟପୂରା' ଜଳଖିଆ ପର୍ବ ପରେ ଚା' ପାନ ଶେଷ ହେଲା । ପୃଷ୍ଠା ପରେ ପୃଷ୍ଠା ଲେଖା ଚାଲିଥାଏ । ମୁଁ ଗୁଣୁ ଗୁଣୁ ହୋଇ ଗାଇ ଗାଇ ଲେଖିଲା ବେଳେ ମୁରାରି ବାବୁ ଲେଖିବା ଆରମ୍ଭ କଲେ । ମୁଁ ତାଙ୍କ ଲେଖା ପଢ଼ି ଅନୁଭବ କଲି ଯେ, ତାଙ୍କ ଲେଖା ମୋ ଠାରୁ ଯଥେଷ୍ଟ ଭଲ ହେଉଛି । ତା'ପରେ ମୋର କାହିଁକି ଲେଖା କମି ଆସିଲା । ତାଙ୍କ ଲେଖା ଖୁବ୍ ଜୋର ସୋରରେ ଚାଲିଥାଏ । ତା'ପରେ ତାଙ୍କ ଅନୁରୋଧରେ ବାହାଘରିଆ ରାତ୍ରି ଭୋଜନ ସମାପନାନ୍ତେ ମୁଁ କହିଲି—ଆଜ୍ଞା, ମୁଁ ଆଉ ଲେଖି ପାରୁନ, ଆପଣ ବୋଧେ ମୋ କଳାହରଣ କରିନେଲେ । ବହୁତ ମଜା ଓ ଆନନ୍ଦରେ ରାତି ସାରା ଆମେ ଦୁହେଁ ସ୍ୱର୍ଣ୍ଣର ବିବାହ ଗୀତିକା ଲେଖିଲୁ ଓ ସାରିଲୁ । ବାହାଘର ଦିନ ଯେ ଗୀତିକା ଯେଉଁଦିନ ଛପା ହୋଇ ସମସ୍ତଙ୍କୁ ବଣ୍ଟା ହେଲା, ସେମାନେ ସମସ୍ତେ ଆମକୁ (ଅର୍ଥାତ୍ ମୋତେ ଓ ମୁରାରି ବାବୁଙ୍କୁ) ଏ ଲେଖା ଯୋଗୁ ଖୁବ ତାରିଫ କଲେ ।

ଯେଉଁ ମୁରାରିବାବୁଙ୍କୁ ମୁଁ ଆଗରୁ ବାପର ଭୟ କରୁଥିଲି; ତାଙ୍କ ସହିତ ସେଦିନ ଗୋଟିଏ ରାତ ମିଶି ତାଙ୍କର ନିଷ୍କପଟ ସ୍ନେହରେ ଏତେ ବାନ୍ଧି ହୋଇଗଲି ଯେ, ସେ ମୋର ଜଣେ ନିଃସ୍ୱାର୍ଥପର ହିତାକାଂକ୍ଷୀ ଭାବେ ଏ ପର୍ଯ୍ୟନ୍ତ ରହିଛନ୍ତି ।

ତାଙ୍କ କଥା ଯେପରି ଠୋ ଠୋ, ଲେଖା ସେହିପରି ଠୋ ଠୋ । ସଭାମାନଙ୍କରେ ସାହିତ୍ୟ ସଂପର୍କରେ ତାଙ୍କର ନିର୍ଭୀକ ମତବାଦର ପ୍ରକାଶ, କେବଳ ମୋତେ କାହିଁକି, ସମସ୍ତଙ୍କୁ ମୁଗ୍ଧ ଓ ଲୁବ୍ଧ କରିଥାଏ । ବିଶେଷକରି ତାଙ୍କ ରଚିତ କବିତା ଗ୍ରନ୍ଥ ଓ ସମାଲୋଚନା ଗ୍ରନ୍ଥ ଆମ ସାହିତ୍ୟରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟି କହିଲେ ଚଳେ । ସେଇ ପୂଜ୍ୟ ପ୍ରତିଭାକୁ ମୋର ସଶ୍ରଦ୍ଧ ଭକ୍ତି ଓ ସମ୍ମାନ ନିବେଦନ କରୁଛି । ସେ ସେମିତି ନିର୍ଭୀକ ରହି, ଆମ ସାହିତ୍ୟର ଗଦ୍ୟ-ପଦ୍ୟକୁ ଆହୁରି ପୁଷ୍ପିତ କରନ୍ତୁ ।

●

ଆଡଭୋକେଟ
ବକ୍ସିବଜାର, କଟକ-୧

Digitized by srujanika@gmail.com

ବଂଧୁ ମୁରାର ବାବୁ

● ଶ୍ରୀ ରମେଶ ଚନ୍ଦ୍ର ଧଳ

ସେ ଆଜକୁ ବହୁ ବର୍ଷ ତଳର କଥା । ବଂଧୁ ମୁରାରୀ ମୋହନ ଜେନାଙ୍କ ସହିତ ମୋର ପ୍ରଥମ ପରିଚୟ ହୁଏ ରେଭେନ୍‌ସା କଲେଜ ପୋର୍ଟିକ ତଳେ । ସେ ସେତେବେଳେ ପାଠ ପଢ଼ା ବ୍ୟତୀତ ସାହିତ୍ୟ ସେବା, ସାହିତ୍ୟ ସଂଗଠନ ଓ ପତ୍ର-ପତ୍ରିକା ସଂପାଦନ ଦିଗରେ ବିଶେଷ ତତ୍ପରତା ତଥା ଆନ୍ତରିକତା ପ୍ରକାଶ କରୁଥିଲେ । ତାହା ଦେଖି ମୋର ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ମମତା ଜାତ ହୋଇଥିଲା । ବର୍ତ୍ତମାନ ଯଦିଓ ସେ ଯୁବ ନାହାନ୍ତି, ତଥାପି ତାଙ୍କର ସାହିତ୍ୟ ସେବା ଅବ୍ୟାହତ ଓ ସାହିତ୍ୟ ସେବାରେ ତଥା ସାହିତ୍ୟିକିରେ ସେ ଓଡ଼ିଶାରେ ସର୍ବଜନ ବନ୍ଦିତ ହୋଇ ସାରଲେଣି ।

ବହୁ ବର୍ଷ ଧରି ଓଡ଼ିଶାର ସର୍ବବୃହତ ଓ ସର୍ବପ୍ରାଚୀନ ସାରସ୍ୱତ ପୀଠ ଉତ୍କଳ ସାହିତ୍ୟ ସମାଜର ସେ କର୍ମକର୍ତ୍ତା ରହି, ଏ ଅନୁଷ୍ଠାନର ଯେପରି ସେବା କରି, ତାଙ୍କର ବଳିଷ୍ଠ ନେତୃତ୍ୱରେ ଦର୍ଶିଯ୍ୟ କରି ଯାଇଛନ୍ତି, ତାହା ମଧ୍ୟ ଆମ ସାହିତ୍ୟର ଆଳାପ-ଆଲୋଚନାରେ ଏକ ସ୍ମରଣୀୟ ଅଧ୍ୟାୟ । ଏବେ ମଧ୍ୟ ସେ ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟକାରୀ ସମିତିର ଏକ ବରିଷ୍ଠ ସଭ୍ୟ ।

ତାଙ୍କ ସଂପର୍କରେ ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା—ବଂଧୁ ମୁରାରି ବାବୁ ଏକ ସ୍ନେହୀ ବଂଧୁ ଓ କର୍ମ-ଚଞ୍ଚଳ ବ୍ୟକ୍ତିତ୍ୱର ବିଶେଷ ଅଧିକାରୀ । ବହୁ ସାହିତ୍ୟିକ ମାନଙ୍କ ସହିତ ତାଙ୍କର ବଂଧୁତ୍ୱ ଓ ମମତ୍ୱ ଅତି ନିବିଡ଼ । ତାଙ୍କର ସେହି ନିବିଡ଼ ସଂପର୍କର ପ୍ରଚୁର ପ୍ରମାଣ ମିଳେ—ଯେତେବେଳେ ସେ ବହୁ ବୟୋ-ଜ୍ୟେଷ୍ଠ ଜୀବିତ ଓ ମୃତ ସାହିତ୍ୟିକଙ୍କ ସଂପର୍କରେ ତାଙ୍କର ଲେଖାମାନ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶ କରି, ସେହି ପ୍ରତିଭାଧର ମାନଙ୍କର ପ୍ରତିଭାକୁ ଖୁଣ୍ଟିନାଣ୍ଟି ବିଚାର ଓ ବିଶ୍ଳେଷଣ କରିଥାନ୍ତି । ତାହା ଯେତିକି ଅନବଦ୍ୟ ସେତିକି ଅଶ୍ରୁତପୂର୍ବ । ଏହା ହିଁ ହେଉଛି ମୁରାରି ଜେନାଙ୍କ ଲେଖନୀର ମହନୀୟ ମହତ୍ୱ ।

ସମୟର ସ୍ରୋତରେ ବଂଧୁ ମୁରାରି ବାବୁ 'ଜେନା କବି' ନାମରେ ସର୍ବତ୍ର ସ୍ୱୀକୃତ ଓ ସମ୍ମାନିତ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ, ତାଙ୍କର ବଳିଷ୍ଠ ଅବ-ଦାନରେ ସେ ଯେପରି ଋଦ୍ଧିମନ୍ତ ଓ ଋଚମନ୍ତ କରିଛନ୍ତି, ତାହା ଯେ ଆମର ଉତ୍ତମ ପୁରୁଷଙ୍କୁ ପଦେ ପଦେ ପ୍ରେରଣା ପୁଷ୍ଟ କରିବ, ଏଥିରେ ସନ୍ଦେହ ନାହିଁ ।

●

ଆଡ୍‌ଭୋକେଟ ଓ କାର୍ଯ୍ୟକାରୀ ସମିତି ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ଲଟ ନଂ ୧୩/ଏ
ଷ୍ଟେସନ ସ୍କୋୟାର, ୟୁନିଟ-୩
ଭୁବନେଶ୍ୱର - ୭୫୧୦୦୧

Digitized by srujanika@gmail.com

ଠିକାଦାର ବାବୁ

[ବ୍ୟଙ୍ଗ-ଶ୍ରେଣୀ]

● ଶ୍ରୀମତୀ ସୁଜାତା ମହାନ୍ତି

ସଂସ୍କୃତିର ଠିକାଦାର, ରାମ-କୃଷ୍ଣ ଅବତାର
ବହି ସାହିତ୍ୟର ଭାର ପଡନ ନଇଁ,
କେତେଦିନ ଲୁହ ଆଉ, ପୂଜ୍ୟ-ପୂଜାର ଚଟାଉ
ଗୁରୁଆଡେ ଧାଉଁଥିବ ସେ କଥା କହି
ଲୁହ ବଂଧୂ କବି ମୁରବି,
ସଭାରେ ଗର୍ଜିବ କଏ ତୁମରି ପରି ? ॥୧॥

ମାତି ମତାଉଛ ତୁମେ, ଲାଗିଛ ସାହିତ୍ୟ କାମେ
ଜନମ ଠାରୁ ମଶାଣି ପଦାର ଯାଏ,
ଅଛ ତୁମେ ସବୁଠାରେ, ଜୟନ୍ତୀ ଶ୍ରାଦ୍ଧ ବାସରେ
କେଉଁଠାରେ ଦେଖା ଅବା କଏ ନ ପାଏ
ସବୁଠାରେ ପୁରୋଧା ସାଜି,
ଗୁଣୀ ଚିହ୍ନି ଗୁଣିଆ ତ ହୋଇଛ ଆଜି । ॥୨॥

ନ ମଣି ଆପଣା ପର, ଶୁଣ ଆହେ ବଂଧୁବର
'ବାଘସିଂହ' ସଂଜ୍ଞା ପୁଣି ବହିଛ ତୁମେ,
ଯେତେ ଯେତେ କରାମତି, ଏ ସାହିତ୍ୟ ସୃଷ୍ଟି ଗତି
ଫୁଟାଇ ଲୁଟାଇ ଅଛ ଏ ଦେଶ ଭୂମେ
ଛେନାଖିଆ ହେ ଜେନା କବି
ତୁମେ ପରା ସଂସ୍କୃତିର ବଡ଼ ମୁରବି । ॥୩॥

Digitized by srujanika@gmail.com

ଭଗବାନେ ଠିଆ ଫାଡ, କୋବ୍ରମିନ୍ ଦେଲ କାଟି
'କୁକୁର ପାଳିବ' ପୁଣି କହିଲ ନଜେ,
କୁହ କେଉଁ ନଶ ବାଲ୍, ସେ ଧାଡରେ ମିଶିଗଲା
ସବୁଠାରେ ପଛପେଲ ରହିଲେ ଲଜେ
ଆନକୁ କେ କଶଲ ବଡ଼ ?
ସେମାନେ ଏ ଶଳକାର କଙ୍କଡ଼ା ଗୋଡ଼ । ।।୪।।

ହେ ଦରଧ ସ୍ନେହ୍ମ କବ, ତୁମ କଥା ମନେ ଘବ
ଶରଦ୍ଧନ କହୁଥିବ ହରଷ ମନେ,
ହୁଅ ଯଶ ଅଧିକାରୀ, କଳା ସାହିତ୍ୟ କାଣ୍ଡାରୀ
ପୂଜ୍ୟ-ପୂଜାର ପ୍ରଦର୍ଶ ସାହିତ୍ୟ ବନେ
ମାଳଚନ୍ଦ୍ରଙ୍କୁ ଆଶୀଷ ଝରୁ,
ତୁମ କଲମରୁ କାଳ କେବେ ନ ସରୁ ।

●

ସୁଜାତା ଭବନ
ରାଜାବଗିଚ୍ଛ, କଟକ

Digitized by srujanika@gmail.com

ସାକ୍ଷାତରେ ସ୍ୱାକ୍ଷର

● କବି କୁଂକୁମ ନବକିଶୋର ମହାନ୍ତି

୧୯୫୭ ମସିହାରେ 'ନବବାର୍ତ୍ତା' ନାମରେ ଏକ ପତ୍ରିକା (ମାସିକ) ପ୍ରକାଶ କରିଥିଲି । ସେତେବେଳେ କେନ୍ଦୁଝରରେ ପ୍ରେସ ମହାର୍ଘ । ତାରିଣୀ ଆର୍ଟ ପ୍ରେସ ନାମରେ ଗୋଟିଏ ପ୍ରେସ ଥାଏ । ସେଠାରେ ଛପା ହେବା ସ୍ଥିର ହେଲା । ସରକାରୀ ଅନୁମତି ନେଲି । ଅସଲ କଥା ହେଲା—'ନାମ ଟାଇପ' କ'ଣ ହେବ ଓ କେଉଁଠାରୁ ଆସିବ । ଶେଷରେ ନିଷ୍ପତ୍ତି ନେଲି 'ଓଲୁଅ ଡ଼ାଙ୍ଗ' ଭଳି ଅକ୍ଷର ହେବ । 'ମାତୃଭୂମି'କୁ ଅର୍ଡ଼ର ପଠାଇଲି । ଯଥା ସମୟରେ କାମ ଆରମ୍ଭ ହେଲା ।

ମେଟର ବା ଲେଖା ପାଇଁ ଆର୍ଟ ପ୍ରେସ ମ୍ୟାନେଜର ଅଭୟ ବାବୁଙ୍କର ଚିନ୍ତା ପଡ଼ିଲା । ମୁଁ କହିଲି—'ଟିକିଏ ଧର୍ଯ୍ୟ ଧର ଦେଖିବ ରାଜା ଦଶରଥଙ୍କୁ ।' ସେଇ ପ୍ରେସର ଗୋଟିଏ ମେସିନ ଉପରେ ବସି କଲମ ଚଳାଇଲି—ଲେଖା ଲେଖିଲି 'ନବ ବାର୍ତ୍ତା' ପତ୍ରିକା ପାଇଁ । ଅଧଘଣ୍ଟାଏ ଭିତରେ ଲେଖା ଶେଷ । ଅଭୟ ବାବୁ ମୋର ଏ ଘଟଣା ଦେଖି କହି ଉଠିଲେ—'ଆପଣ ତ ମୁରାରି ଜେନା ଭଳି ଲୋକ ?' ମୁଁ ପଚାରିଲି ସେ କିଏ ? ଅଭୟ ବାବୁ କହିଲେ —ମୁରାରି ବାବୁ ତାଙ୍କ ପତ୍ରିକା ପାଇଁ ଆଗରୁ କିଛି ଲେଖି ପାଣ୍ଡୁଲିପି ପ୍ରସ୍ତୁତ କରି ନ ଥାନ୍ତି । ପ୍ରେସକୁ ଛାପିବା ଅର୍ଡ଼ର ଦେବା ମାତ୍ରେ ସେଇଠି ବସି ସବୁ ଲେଖା ଲେଖନ୍ତି । ସେ ଲେଖା ଭାରି ଚମତ୍କାର ହୋଇଥାଏ । ସେତେବେଳେ ମୋ ମୁଣ୍ଡ ଭିତରେ ଗୋଟିଏ ନୂଆ ନାଁ ପଶିଲା—'ମୁରାରି ଜେନା ବା ମୁରାରି ମୋହନ ଜେନା ।'

୧୯୮୨ ମସିହାର ଘଟଣା—'ଯଦୁମଣି ସାହିତ୍ୟ ସଂସଦ'—ଉଦୟପୁର (ପୁରୀ)ଙ୍କ ଠାରୁ ସାରସ୍ୱତ ସଂବର୍ଦ୍ଧନା ପାଇ ଫେରିବା ପରେ ଉତ୍କଳ ପାଠକ ସଂସଦର ଦ୍ୱାଦଶ ବାର୍ଷିକ ସମାରୋହରେ ଯୋଗ ଦେବା-ପାଇଁ ମୁଁ କଟକକୁ ନିମନ୍ତ୍ରିତ ହୋଇଥାଏ । ଯେଉଁ ଆଲୋଚନା ଚକ୍ରରେ ମୁରାରି ବାବୁଙ୍କ ନାମ ଥାଏ, ସେଇ ସ୍ତମ୍ଭରେ ମୋର ମଧ୍ୟ ନାମ ଥାଏ । ସେ କଳା ହୁଅନ୍ତୁ କି ଗୋରା ହୁଅନ୍ତୁ, ତାଙ୍କ ଦର୍ଶନ ସଉଭାଗ୍ୟରେ ମିଳିବ, ଏଇ ଚିନ୍ତାରେ ମନ ଉତ୍‌ଫୁଲ୍ଲିତ ହୋଇଥାଏ । କିନ୍ତୁ ସେ ମହାତ୍ମା ସେଦିନ ଅନୁପସ୍ଥିତ । ନିରାଶ ହୋଇ ଫେରିଲି ।

Digitized by srujanika@gmail.com

ସୌଭାଗ୍ୟ କହୁ ଦିନାନ୍ତରେ ନେଉଟିଲି । ମୁଁ ସେଇ ସମୟକୁ ବପ୍ଳବୀ ଧରଣୀଧରଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ପାଇଁ ଉତ୍କଳ ସାହିତ୍ୟ ସମାଜ, ଶ୍ରୀରାମଚନ୍ଦ୍ର ଭବନକୁ ଯିବାକୁ ପଡ଼ିଲା । ଦୁଇଦିନ ସଂଗ୍ରହ କାର୍ଯ୍ୟ ଚାଲିଲା । ୧୯୮୨ ଏପ୍ରିଲ ୮ ତାରିଖ, ରାତ୍ର ଆଠଟାରେ ଜଣେ ଭଦ୍ରବ୍ୟକ୍ତି ଶ୍ରୀରାମଚନ୍ଦ୍ର ଭବନରେ ପହଞ୍ଚିଲେ । ଗୋଡ଼ରେ ବ୍ୟାଣ୍ଡେଜ୍ ବନ୍ଧା ହୋଇଥାଏ । ଆମ ଦୁହିଁଙ୍କର ଆଳାପ ଆଲୋଚନା ଓ ପରିଚୟ ପ୍ରଦାନ ପରେ ତାଙ୍କ ପରାମର୍ଶାନୁଯାୟୀ ମୁଁ 'ଉତ୍କଳ ସାହିତ୍ୟ ସମାଜ'ର ଆଜୀବନ ସଭ୍ୟ ପାଇଁ ନିବେଦନ କଲି ଓ ସାହିତ୍ୟ ସମାଜର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ସଭ୍ୟ ଚାନ୍ଦା ଶହେଦୁଇ ଟଙ୍କା ଦେଲି । ମୁଁ ସେଇଦିନ ପରିଚୟ ପାଇଲି ଓ ଜାଣିଲି—'ଇଏ ହେଉଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ କବି ଓ ସମାଲୋଚକ ମୁରାରି ମୋହନ ଜେନା, ଯେ କି ନିଜସ୍ୱ ସୌଜନ୍ୟ ଓ ଆତିଥେୟତାରେ ମୋତେ ମୁଗ୍ଧ କରିଥିଲେ । ତାଙ୍କରି ଅନୁରୋଧରେ ପରଦିନ ତାଙ୍କ ବାସ-ଭବନରେ ଉପସ୍ଥିତ ହେଲି । କି ମଧୁମୟ ପରିବେଶ ସୃଷ୍ଟି ହେଲା ସେଦିନ । ଅନେକ କଥା, ଅନେକ ହସ, ଘଟିଗଲା ମୁରାରି ବାବୁଙ୍କ ବୈଠକଖାନାରେ । ଘ ବଣ୍ଟ ଆଉ କହୁ ମଧୁରେଣ ସମାପୟେତ୍ କରି ବିଦାୟ ନେଲି ।

ମୁରାରି ବାବୁଙ୍କ କଥା କ'ଣ ଲେଖିବି ? ଲେଖିଲେ ତ ପୋଥି ପୁରଣ ହେବ । ସେ ତ ତାଙ୍କ ସମାଲୋଚନା ଧର୍ମୀ ଲେଖା, ସେ ପଦ୍ୟ ହେଉ କି ଗଦ୍ୟ ହେଉ ସବୁଥିରେ ଚାଞ୍ଚଲ୍ୟ ସୃଷ୍ଟି କରି ଚାଲିଛନ୍ତି । ମୋର ପରିଷ୍କାର ମନେ ଅଛି, ୧୯୫୯ ମସିହାରେ 'ସଭା ଓ ସାହିତ୍ୟ' ଶିରୋନାମାରେ ମୁରାରି ବାବୁଙ୍କର ଯେଉଁ ଲେଖା ଦୈନିକ ସମ୍ବାଦପତ୍ର 'ମାତୃଭୂମି'ର ପୃଷ୍ଠା ମଣ୍ଡନ କରିଥିଲା, ତାହା ଓଡ଼ିଶାରେ ଯେଉଁ ଚାଞ୍ଚଲ୍ୟ ଆଣିଲା, ତାହା ମଧ୍ୟ ଅପାଶୋର ।

ମୁରାରି ବାବୁ ଓଡ଼ିଶାର ଜଣେ ପ୍ରତିଷ୍ଠିତ ଲେଖକ, କବି, ସମାଲୋଚକ ଓ ସଙ୍ଗଠକ । ତାଙ୍କର ବଳିଷ୍ଠ ରଚନାରେ ସେ ଓଡ଼ିଆ ସାହିତ୍ୟକୁ ଆହୁରି ଆହୁରି ସମୃଦ୍ଧିଶାଳୀ କରନ୍ତୁ, ଏହା ହିଁ ମୋର ଏକମାତ୍ର କାମନା ।

●

ମାର୍ଫତ :- ମିଳନୀ ସାହିତ୍ୟ ସଂସଦ, କେନ୍ଦୁଝର

Digitized by srujanika@gmail.com

ମୁରାରି ଜେନାଙ୍କ ବିଷୟରେ ପଦେ ଅଧେ...

● ଶ୍ରୀ ନନ୍ଦନ କିଶୋର ମହାନ୍ତି

କେତେ ବର୍ଷ ତଳର କଥା । ମୁରାରି ଆସି ଥାଆନ୍ତି କଟକ ଆକାଶବାଣୀକୁ, ତାଙ୍କ ଲେଖା ଏକ କବିତାର ଆବୃତ୍ତି ପାଇଁ । କବିତା ବିଭାଗ ଦାୟିତ୍ୱ ମୋର ନୁହେଁ । ଖାଲି ଜଣକ ଅନୁପସ୍ଥିତିରେ କାମ ଚଳାଇବା ଭାର ଥାଏ ସେ ଦିନ ମୋ ଉପରେ । କବିତାଟି ଦେଖିବା ପରେ ମୋର ମନେ ହେଲା କବିତାଟି ଅତି ଚମତ୍କାର; କିନ୍ତୁ ଆକାଶ-ବାଣୀ ଦୃଷ୍ଟିକୋଣରୁ, ଗୋଟିଏ ଅଧେ ଶବ୍ଦର ସାମାନ୍ୟ ପରିବର୍ତ୍ତନ ଆବଶ୍ୟକ । ମୋର ବାଲ୍ୟ ବନ୍ଧୁ ସ୍ୱର୍ଗତ ଗୋବିନ୍ଦ ରଥ, ସେ କଥା ଶୁଣି କହିଲା—'ଆରେ 'ତେନ୍ତୁଳି ଗଛ'ର ସଂପାଦକ ସେ । ତାକୁ ଏ ବଦଳା ବଦଳି କଥା କହିଲେ ଗୁଡେ ଦେବ ।' 'ହଉ ଦେଖିବା' କହି ହସି ଦେଇଥିଲି । ସନ୍ଧ୍ୟାକୁ ମୁରାରି ଆସିଲେ । ଯେମିତି ଏ ସାମାନ୍ୟ ପରିବର୍ତ୍ତନ ସୂଚନା ଦେଇଛି, ସେ ମାଟେଁ ସାଙ୍ଗେ ସଂଶୋଧନ କଲେ । ଗୋବିନ୍ଦ ସେଇ ପାଖାପାଖି ଥାଏ, ଠିକଏ କାବା ହେଲା ପରି ରହିଗଲା । ତା'ବୋଲି ଏଥିରୁ ଧାରଣା ହେବା ଉଚିତ୍ ନୁହେଁ ଯେ ମୁରାରି ଅତି ନରମ ଧାତୁରେ ଗଢା । ତା'ଦ୍ୱାରା ଯାହା ଇଚ୍ଛା ତା' କରାଇ ହେବ । ମୋ ଅନୁରୋଧ ଫଳରେ ତାଙ୍କର ଏ ସଂଶୋଧନ ଜଣେ କବି ଓ ସାହିତ୍ୟିକଙ୍କର ଉଦାରତା ନୁହେଁ ତ ଆଉ କ'ଣ ?

ଏଇ ପରିଚୟ ପରେ ଆକାଶବାଣୀ ମାଧ୍ୟମରେ ଆମର ଭେଟ ଅନେକ ଥର ହେଲା । ପରିଚୟରୁ ହେଲା ଘନିଷ୍ଠତା । ଏବେ ମୁଁ ତାଙ୍କର ନିଘୂନ ଭାଇ । ଏଥିପାଇଁ ଆଉ ଗୋଟିଏ ମାଧ୍ୟମ ହେଲା—କଟକ ନଗରରେ ରାମଲୀଳା ପରିବେଷଣ ପାଇଁ ମୁରାରିଙ୍କ ଅକ୍ଳାନ୍ତ ଉଦ୍ୟମ, ଯାହା କି ରୂପ ନେଲା ମାରୁତି ମଣ୍ଡପ ଠାରେ । ବିଶେଷ କରି ୧୯୭୫ ମସିହାରେ ରାମଲୀଳା ଉପସ୍ଥାପନାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେଲା ପରି ମନେ ହେଲା । ସେହି ସମୟରେ ମାରୁତି ମଣ୍ଡପ ସାଙ୍ଗକୁ ମାତାମଠ,

Digitized by srujanika@gmail.com

ଢ଼ଗରପଡ଼ା ନୃସିଂହନାଥ ମଠ ନିକଟରେ ମଧ୍ୟ ରାମଲୀଳା ହେଲା । ଏ ଉଦ୍ୟମ ପଛରେ ବି ମୁରାରି । ତାଙ୍କ ସାଙ୍ଗକୁ ଆଉ କେତେଜଣ ଉତ୍ସାହୀ ବନ୍ଧୁ । ସେ ଯାହା ହେଉ, ପ୍ରତିଦିନ ଲୀଳା ଉପସ୍ଥାପନା କରିବା ପୂର୍ବରୁ ଗୋଟିଏ ଲେଖାଁ ସଭାର ବ୍ୟବସ୍ଥା । ତହିଁରେ ସଭାପତି, ଉଦ୍‌ଘାଟକ, ମୁଖ୍ୟ-ଅତିଥି, ମୁଖ୍ୟ-ବକ୍ତା—ଏଇ ପରି ଗୁଡ଼ିଏ ଜଣ ଲେଖାଏଁ ସ୍ୱନାମ-ଧନ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରି ଆଣି, ରାତି ପରେ ରାତି ଏ ଆୟୋଜନ କରିବା କିଛି କମ୍ କଥା ନୁହେଁ । ବେଳେବେଳେ ସେ ତାଲିକାରେ ମୋ ଭଳି ଅନାମଧେୟ ଲୋକଙ୍କୁ ରଖି ବାନ୍ଧି ନେଇ ସଭାରେ ହାଜର କରିବାରେ ବି ସେ ଧୁରନ୍ଧର । ସେ ଯାହାହେଉ, ଏହା ଫଳରେ ଆଉ ଟିକିଏ ସଂପର୍କ ନିକଟେଇ ଗଲା, ମୋ ସହିତ ତାଙ୍କର ।

ଆଗେ ଯେତେବେଳେ ମୁରାରିଙ୍କୁ ସଭା-ସମିତିରେ ଭାଷଣ ଦେବାର ଶୁଣୁଥିଲି, ମୋର ମନେ ହେଉଥିଲା, ସେ ଗୋଟାଏ ଉଗ୍ର-ପନ୍ଥୀ । ମାତ୍ର ପରେ ତାଙ୍କୁ ଯେତିକି ବେଶୀ ବେଶୀ ଜାଣିଲି, ସେଥିରେ ଦେଖିଲି ସେ ସଂପୂର୍ଣ୍ଣ ଭିନ୍ନ ପ୍ରକୃତିର ଲୋକ । ସରଳ ନିଷ୍କପଟ, ଜୀବନ ବିତାଇବାକୁ ସେ ଅବିରତ ଚେଷ୍ଟିତ । କିନ୍ତୁ ସମାଜ ଭିତରେ ପୁରି ରହିଥିବା ଅନ୍ୟାୟ, ଅନୀତି, ଅତ୍ୟାଚାର ଫଳରେ ଜର୍ଜରିତ ସେ । ତେଣୁ ତାଙ୍କର ଗମ୍ଭୀର ଆହ୍ୱାନ—'ହେ ଡ଼ାକ୍ତର କୋରାମିନ୍ ବନ୍ଦ କର' 'ଭଗବାନ ମୁଁ ତୁମକୁ ଠିଆ ଫାଡ଼ି ଦେବି' 'ମୋ ନାଁରେ କୁକୁର ପାଳିବ' ଇତ୍ୟାଦି । ତାଙ୍କର ଏଇ ଚିନ୍ତାଧାରାକୁ କାବ୍ୟ କବିତାରେ ପ୍ରକାଶ କରି, ସେ ଓଡ଼ିଆ ସାହିତ୍ୟରେ ଏକ ନୂତନ ଚିନ୍ତା ଓ ଚେତାବନୀ ସୃଷ୍ଟି କରିଛନ୍ତି । ମୋର ଗଭୀର ବିଶ୍ୱାସ, ତାଙ୍କର ଏ ଚିନ୍ତାର ଚେତାବନୀ ହୁଏତ ଦିନେ ନାଁ ଦିନେ ସମାଜକୁ ନିଶ୍ଚିତ ଭାବେ ସୁ-ବାଟର ସନ୍ଧାନ ଦେବ ।

●

କେନ୍ଦ୍ରାପଡ଼ା, କଟକ

Digitized by srujanika@gmail.com

ଘଇ ମୂଷର

● ଶ୍ରୀ ନବାସ୍ମା ବହାଣି ମହାନ୍ତି (ବଡ ଘଇ)

ଘଇ ମୁଷର !
ଦୁଃଖୀ ଶ୍ରମିକର ହାର ଗୁହାର
ଶୁଣି ଶୁଣି ନତ ମନଟା ତୁମର ହୁଅଇ ଘୋର ॥୧॥

କଲମ ଧରି
ମଣିଷର ଯେତେ ଶୋଷଣର ଗାଥା,
ସବୁ ତ ଲେଖୁଚ ଜବର କରି ॥୨॥

(ତୁମେ) ଜବର ଘରି
ବୁରୁଜୁଆଙ୍କୁ ତ ଦାଣ୍ଡରେ ଘାଣ୍ଟକରି
ପଦାରେ ପକାଅ ମୁଖା ଉତ୍ତାରି ॥୩॥

ଜମା ନ ଡରି
ସାଫ ସାଫ କଥା ସଭା ସମିତିରେ
କହୁପାର ତୁମେ ପକାଇ ହୁଣି ॥୪॥

ସାହିତ୍ୟ ଶ୍ରେଷ୍ଠି,
ଧରପଗଡ଼ରେ ଧୁରନ୍ଧର ତୁମେ
'ଭଗବାନ'ଙ୍କୁ ବି ଦେଇନ ଗ୍ରୁଡ଼ ॥୫॥

ବାଡ଼ି ଓଟାରି
ଧୂଆଁ ଗୁଡ଼ି ଗୁଡ଼ି, ନୂଆ ନୂଆ କେତେ
ଅତୀତର କଥା ଥୁଅ ଉଖାରି ॥୬॥

କା' ଶ୍ରାଦ୍ଧ କରି
ଜୟନ୍ତୀ ଉତ୍ସବ ପାଳ ପୁଣି କା'ର
ଏ ଜାତି ଯାହାରେ ଯାଇଛୁ ଭୁଲି ॥୭॥

Digitized by srujanika@gmail.com

ଓଡ଼ିଆ ବୋଲି
କହିବାକୁ ଯିଏ ଡ଼ଶ ଥରୁ ଥାଏ
ତା'ଠାରେ ସାହସ ଦିଅ ଯେ ଭରି ॥୮॥

ଚଶ ବଦାଣି
ଶୋଷକ କୁଳକୁ କରେ ଛଟପଟ
ଲେଖନୀ ତୁମର ପାଲଟେ ଛୁରି ॥୯॥

କବି ମୁରାରି
ତୁମ କବିତାରେ ନର-ଦେବତାର
ବ୍ୟଥା ଗାଥା ଯେତେ ରହିଛି ପୁରି ॥୧୦॥

ସେ କଥା ସ୍ମରି
ତୁମ 'ପ୍ରତିଭା'ରେ ବଧାଇ ଜଣାଇ
ରହିଛି ଦୀର୍ଘାୟୁ କାମନା କରି ॥୧୧॥

ଆକାଶବାଣୀ, କଟକ

Digitized by srujanika@gmail.com

କିଛି ଚିନ୍ତା : କିଛି କଥା

● ଅଧ୍ୟାପିକା ସୁଲୋଚନା ଦାସ

ଜନ୍ମଠାରୁ ମୃତ୍ୟୁ—କେତୋଟି ବୟସର ମାଇଲ ଖୁଣ୍ଟ । କଷ୍ଟ ହେଲେ ବି ଅନିବାର୍ଯ୍ୟ ସତ । ବ୍ୟକ୍ତି ପାଇଁ ଯାହା, ସମଗ୍ର ଜଗତ ପାଇଁ ସେଇଆ । ଏଇ ମାଇଲ-ଖୁଣ୍ଟ ଗୁଡ଼ିକୁ ଅତିକ୍ରମି ଉତ୍ତରଣ ଆଡ଼କୁ ଗତିଶୀଳ ହେଲା ବେଳେ ପଥରେ ନାନା ଅନୁଭୂତି ଆସେ । କେଉଁଠି ବିପଦ ଶଂକୁଳ ଘଞ୍ଚ ଅରଣ୍ୟାନୀ । ପ୍ରଥିକ ପ୍ରାଣ ଥରି ଉଠେ ଭୟରେ । ସତେ କ'ଣ ଏଇ ଦୁର୍ଲଙ୍ଘନୀୟ ପଥକୁ ସେ ପାରି ହୋଇ ଆଗାମୀ କାଲିର ପ୍ରଭାତ ସୂର୍ଯ୍ୟଙ୍କୁ ସ୍ୱାଗତ କରି ପାରିବ ? ଏଇ ଆଶଙ୍କାରେ ଜଡ଼ସଡ ହୋଇଯାଏ ବ୍ୟକ୍ତି ଚିତ୍ତ ।

ମାତ୍ର ବିପଦ ଆସୁ କି ସଂପଦ ଆସୁ; ତାକୁ ସାମନା କରିବାର ନିର୍ଭୀକତା ଥାଏ କେତେଜଣଙ୍କର । ଜେନା କବି ମୁରାରି ମୋହନ ବାଠ ଗାଇଛନ୍ତି—ମନରେ ପୁରୁଷୋଚିତ ସେଇ ଦାମ୍ଭିକତା । ଭୁଲ୍ ହେଉ କି ଠିକ୍ ହେଉ, ସୁଖ ଆସୁ କି ଦୁଃଖ ଆସୁ, ମୁଣ୍ଡ ନୁଆଁଇ ହାରି ଯିବାର ନୁହେଁ । ଭାଙ୍ଗି ଯିବ ପଛେ ନଇଁବ ନାହିଁ । ବାଘ ଆସିଛି, ସାପ ଆସିଛି, କଣ୍ଟା ପଡ଼ିଛି, ଢେମା ପଡ଼ିଛି, ପଛଘୁଞ୍ଚା ନାହିଁ । ବୟସର ମାଇଲ ଖୁଣ୍ଟକୁ ଆଗେଇ ଯିବାରେ ଅଦମନୀୟ ଶକ୍ତି ଓ ସାମର୍ଥ୍ୟ ମନରେ । ଏପରି ନିର୍ଭୀକ କେବଳ ସ୍ରଷ୍ଟା ହିଁ ହୋଇପାରେ । କଳାକାର ହିଁ ହୋଇପାରେ ।

ବାଠ ଗାଇଥିବା କବି ବାଟୋଇ ପୁଣି ଅଟକି ଯାଆନ୍ତି ବେଳେବେଳେ । ଆଗରେ ସବୁଜ ଧାନକ୍ଷେତ ଲହଡ଼ା ଭାଙ୍ଗୁଚି ଖେଦେଇ ପବନରେ । କେଉଁଠି ଝରଣାର କୁଳୁକୁଳୁ ସଙ୍ଗୀତର ମୂର୍ଚ୍ଛନା ପ୍ରାଣରେ ତୋଳୁଛି ଅନାହତ ରାଗିଣୀର ଝଙ୍କାର । ଆକାଶରେ ଶରଦ ଜ୍ୟୋସ୍ନାର ମାଦକଭରା ସ୍ନିଗ୍ଧତା ମନକୁ ମତୁଆଲା କରୁଛି । ପୁଣି କେତେବେଳେ ବସନ୍ତର ଦୋଳାରେ ବସି ଅନୂଢ଼ା ରୂପସୀ ଗୋଲାପ ରାଣୀ ହସୁଚି ମିଠା ମିଠା ମନଲୋଭା ହସ । ସବୁ କବି ଦେଖନ୍ତି—ପ୍ରାଣ ତାଙ୍କର ପ୍ରକୃତିର ଭରା ଯୌବନରେ ମତୁଆଲା ହୁଏ । ଲେଖନୀରୁ ଝରି ଆସେ କବିତା ଝୁନ୍ଦସି । ଅନୁଭବର, ଉପଲବ୍ଧିର ସୁରଭି ।

Digitized by srujanika@gmail.com

କବି ମୁରାରି ମୋହନ ଜୀବନକୁ ଦେଖିଛନ୍ତି, ଚିହ୍ନିବାକୁ ଚେଷ୍ଟା କରିଛନ୍ତି । 'ବାଟୋଇ' ଜୀବନରେ ଆସେ ସେଇ ତିକ୍ତ ଅନୁଭୂତି । ମଣିଷର ବ୍ୟଥାତୁର ଜୀବନ ଦେଖି ଦରଦୀ ପ୍ରାଣରେ ସୃଷ୍ଟି ହୁଏ ଈଶ୍ୱରଙ୍କ ବିରୁଦ୍ଧରେ ଅଭିମାନର ସ୍ୱର । ଯନ୍ତ୍ରଣା-କାତର ମଣିଷ ପାଇଁ ପ୍ରାଣ ତାଙ୍କର ବାହୁନି ଉଠେ । ଲେଖନୀ କେତେ-ବେଳେ ରୁଦ୍ର ସୁନ୍ଦର ହୁଏ ତ, କେତେବେଳେ ମମତା-ମଧୁର ହୋଇ ଉଠେ । ଜୀବନ ଓ ଜଗତକୁ ଏଇ ଭାବରେ ଦେଖିପାରେ କେବଳ କବି, କଳାକାର । ଜୀବନର ବାଟ ଚାଲିବାର ଏ ମାଦକତା, ସାଧାରଣ ମଣିଷ ବୁଝିପାରେ ନାହିଁ ।

କବି ଜୀବନରେ ଗୋଟିଏ ବୟସର ମାଇଲ ଖୁଣ୍ଟ ସାଧାରଣ ମଣିଷ ପାଇଁ ଯୁଗ ଯୁଗର । କାରଣ କବିର ଦିବ୍ୟ ଚକ୍ଷୁ ବ୍ୟାପକତର ଜଗତକୁ ଦେଖି ନିଏ, ଅନୁଭବି ନିଏ ନିଜର ବିସ୍ତାରିତ ହୃଦୟରେ ।

କବି ମୁରାରି ମୋହନ ଜେନା—ଦୃଷ୍ଟି ତାଙ୍କର ବର୍ଣ୍ଣାଢ୍ୟ । ବହୁ ରସରେ ରସାଣିତ ତାଙ୍କର ଜୀବନାନୁଭୂତିର କାବ୍ୟିକ ସତ୍ତା । ତିକ୍ତ, କଟୁ, ମଧୁର··· ଇତ୍ୟାଦି । ମୁଁ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

●

ଶୈଳବାଳା ମହିଳା ମହାବିଦ୍ୟାଳୟ
କଟକ-୧

Digitized by srujanika@gmail.com

ତାଙ୍କ ବ୍ୟକ୍ତିତ୍ୱ : ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ

● ଡକ୍ଟର ବିଜୟାନନ୍ଦ ସିଂହ

ସେଇ ବ୍ୟକ୍ତି ସ୍ମରଣୀୟ, ଯେଉଁ ବ୍ୟକ୍ତି ଇତିହାସକୁ ସ୍ମରଣ କରି ମହିମା-ଜ୍ଜ୍ୱଳ ପରଂପରାର ସୁରକ୍ଷା ସହିତ କୃତି-କୀର୍ତ୍ତିର ସ୍ମରଣ ପାଇଁ ଅନବରତ କାର୍ଯ୍ୟ-କରନ୍ତି । ପୁଣି ଉତ୍ତର ପୁରୁଷଙ୍କୁ ପ୍ରେରଣା ଯୋଗାଇବା ପାଇଁ ସାଂପ୍ରତିକ ସ୍ଥିତିରେ କାର୍ଯ୍ୟ କରି ଚାଲିଥାନ୍ତି; ସେଇମାନେ ଇତିହାସର ପୁରୁଷ ହୁଅନ୍ତି ଓ ଆଲୋଚିତ ହୁଅନ୍ତି । ଏହାଛଡ଼ା ମଧ୍ୟ ସେମାନେ ଅନ୍ୟ ମାନଙ୍କ ପାଇଁ କେନ୍ଦ୍ରବିନ୍ଦୁ ପାଲଟନ୍ତି ।

ଓଡ଼ିଆ ସାହିତ୍ୟ ରାଜ୍ୟରେ ଏଇ ଭଳି ଜଣେ କୃତି-ପୁରୁଷ ମୁରାରି ମୋହନ ଜେନା । ବାସ୍ତବିକ୍ ସେ ବ୍ୟକ୍ତି ନୁହନ୍ତି, ଏକ ଅନୁଷ୍ଠାନ / ମହାନ ଅନୁଷ୍ଠାନ ।

ମୁଁ ମୋ ଅନୁଭୂତିରୁ କହୁଛି । ମୁଁ ସେତେବେଳେ ମାଟ୍ରିକ ଶ୍ରେଣୀର ଛାତ୍ର । ମାହାଙ୍ଗାରେ ସେତେବେଳେ ସୁ-ସାହିତ୍ୟିକ ଶ୍ରୀ ମତ୍‌ଲୁବ୍ ଅଲ୍ଲୀଙ୍କ ଉଦ୍ୟମରେ ଏକ ସାଂସ୍କୃତିକ ପର୍ବର ଅୟମାରମ୍ଭ ହୋଇଥାଏ—'ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ।' ପାଣି କବିଙ୍କ ଉଦ୍ଦେଶ୍ୟରେ ଏକ ଅଗ୍ନିବର୍ଷୀ ବକ୍ତୃତା ପ୍ରଦାନ କରୁ-ଥାନ୍ତି ଜଣେ ବକ୍ତା । ମୁଁ ସଭାରେ ପହଞ୍ଚୁ ପହଞ୍ଚୁ ତାଙ୍କର ଏଇ ଭାଷଣ ଶୁଣି ମଞ୍ଚ ନିକଟବର୍ତ୍ତୀ ହେଲି । ତାଙ୍କ ଭାଷଣରେ ସାହିତ୍ୟ ଓ ସାହିତ୍ୟିକଙ୍କ ପାଇଁ ଆବେଦନ ମୋତେ ଚହଲାଇ / ଚଞ୍ଚଳାଇ ଦେଲା । ପରେ ପଚାରି ବୁଝିଲି—ଏ ସମ୍ମାନାସ୍ପଦ ବକ୍ତା କିଏ ? ଉତ୍ତର ପାଇଲି—ଏ ହେଉଛନ୍ତି ବିପ୍ଳବୀ କବି ଓ ନିର୍ଭୀକ ବକ୍ତା ମୁରାରି ଜେନା ।

ଏହାପରେ ମୋର ଉତ୍ତର ବୟସରେ ବିଶେଷ କରି ମାହାଙ୍ଗା ଅଞ୍ଚଳରେ ତଥା କଟକ ସହରରେ କବି, ସାହିତ୍ୟିକ ଓ କଳାକାର ମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ-ସଭାରେ ମୁଁ ତାଙ୍କୁ ଦେଖିଛି ଓ ତାଙ୍କ ଭାଷଣ ଖୁବ୍ ଧ୍ୟାନ ଦେଇ ଶୁଣିଛି । ମୁରାରି ବାବୁ ମୋର ବିଶେଷ ମନେ ପଡ଼ନ୍ତି ପଲ୍ଲୀ ବା ଗ୍ରାମାଞ୍ଚଳର ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ମାନଙ୍କରେ । ସେ ସଭାରେ ଯୋଗ ଦେଇ ନିଜର ଓଜନିଆ ଓ ସାରଗର୍ଭକ ଭାଷଣ ଶେଷ କଲା ପରେ କିଏ ରାତ୍ରି ଭୋଜନ ଦେଲା କି ନ ଦେଲା, ସେଥିପାଇଁ ସେ କେବେ ଚିନ୍ତା କରି ନାହାନ୍ତି । ଏପରିକି ଶୀତୁଆ ରାତିରେ ମଧ୍ୟ ଅଖିଆ ଅପିଆ

Digitized by srujanika@gmail.com

ସ୍କୁଲ ଘରେ ଲମ୍ବା କାଠ ବେଞ୍ଚରେ ରାତି କଟାଇଛନ୍ତି, ବୋଲି ମୁଁ ମଧ୍ୟ ଆମରି ମାହାଙ୍ଗା ଅଞ୍ଚଳରୁ ଶୁଣିଛି । ତାଙ୍କର ଏ ପ୍ରକାର ଅସୁବିଧା ପାଇଁ କାହାକୁ କିଛି କହି ନାହାନ୍ତି କି, ଟଳେ ହେଲେ ଦୁଃଖ ବା ଅନୁଶୋଚନା କରିନାହାନ୍ତି । ଏଇପରି ଏକ ସାହିତ୍ୟ ପ୍ରେମୀ ଓ ସାହିତ୍ୟ ପାଗଳ ମଣିଷ ସିଏ ।

ସକାଳ ହେବା ମାତେ ତେଲ ଲୁଣ ସଂସାରରେ କାହାର କେଉଁ ଚିନ୍ତା; କାହାର ଘର ଚିନ୍ତା, କାହାର ଗୃହକର୍ତ୍ତା ଚିନ୍ତା । କିନ୍ତୁ ମୁରାରି ବାବୁଙ୍କର ସକାଳ ହେବା ମାତେ ସାହିତ୍ୟ ଚିନ୍ତା । ସାହିତ୍ୟ ପାଇଁ ବ୍ୟସ୍ତ ହେବା, କାହାର ଶ୍ରାଦ୍ଧ ଜୟନ୍ତୀ ପାଳନ କରାଯିବ, କେଉଁ ଏକ ବିସ୍ମୃତ ପ୍ରତିଭା ସଂପର୍କରେ ଆଲୋଚନା ପୁସ୍ତକ ସଂପାଦିତ ହେବ, ଏହି ଚିନ୍ତାର ସଫଳ ରୂପାୟନ ପାଇଁ ସେ ବ୍ୟସ୍ତ ବିବ୍ରତ ।

ପୁଣି ସଂଧ୍ୟା ସମୟରେ ମୁରାରି ବାବୁ ଦେଖିବାକୁ ମିଳିବେ—କେଉଁ ଏକ ସଭାରେ ଭାଷଣ ଦେଉଥିବେ / ସଭାର ଆୟୋଜନ କରୁଥିବେ ବା ସଭାରେ ପୁଣି ବକ୍ତାମାନଙ୍କର ବିଭିନ୍ନ ବକ୍ତବ୍ୟକୁ ଲେଖି ପକାଉଥିବେ—ଠିକ୍ ଗ୍ରୁଡିଏ କ୍ଲାସରେ ଅଧ୍ୟାପକ ବା ଶିକ୍ଷକଙ୍କ ଶିକ୍ଷା ଦାନକୁ ନୋଟ୍ କଲା ଭଳି । ପୁଣି ଦେଖିବେ ରାତିର ବିଳମ୍ବିତ ପ୍ରହରରେ ଦୈନିକ ଖବର କାଗଜ ଓ ପତ୍ର-ପତ୍ରିକାକୁ ସବୁ ପଢି ସାହିତ୍ୟ ସଂପର୍କୀୟ ଲେଖା ବା ସମ୍ବାଦକୁ ସବୁ କାଟି ଗାର୍ଡ-ଫାଇଲରେ ସେ ସବୁକୁ ସଂରକ୍ଷିତ କରିବା—ଏ ସବୁ ବିଚିତ୍ର କାର୍ଯ୍ୟ ତାଙ୍କର । ପୁଣି ବିଭିନ୍ନ ସଭା-ସମିତି ପାଇଁ ଛପା ଯାଇଥିବା ନିମନ୍ତ୍ରଣ ପତ୍ର-ଗୁଡ଼ିକୁ ଏବଂ ବକ୍ତାମାନଙ୍କର ବକ୍ତୃତାକୁ ସେ ଯେପରି ସୁରକ୍ଷିତ କରି ରଖିଛନ୍ତି, ତାହା ଏକ ଗବେଷଣାର ଗନ୍ତାଘର । ମୁରାରି ବାବୁଙ୍କ ପଠନାଗାର ବା ତାଙ୍କ ବିଶ୍ରାମ ଗୃହକୁ ଯେ କେହି ଅନୁଧ୍ୟାନ କରିବେ, ତାଙ୍କ ଦୃଷ୍ଟିରେ ପ୍ରଥମେ ଆସିବ ପୁସ୍ତକ ଓ କୃତି ସାହିତ୍ୟିକଙ୍କ ଫଟୋ-ଚିତ୍ର ସବୁ କ୍ରମାନୁସାରେ କିପରି ସୁସଜ୍ଜିତ ହୋଇ ରହିଛି । ଆମ ସାହିତ୍ୟର ଗବେଷକ ଓ ଆଲୋଚକମାନଙ୍କ ପାଇଁ ଏହା ଯେ ଏକ ଅତ୍ୟନ୍ତ ସହାୟକ କେନ୍ଦ୍ର, ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମୋ ଜାଣିବାରେ ଆମର ବହୁ ଓଡ଼ିଆ ଅଧ୍ୟାପକ, ଯେଉଁମାନେ ତାଙ୍କ ଗବେଷଣାତ୍ମକ ନିବନ୍ଧ ରଚନା କରି ଆମ ଓଡ଼ିଶାର ବିଶ୍ୱ-ବିଦ୍ୟାଳୟ ମାନଙ୍କରୁ ସମ୍ମାନସୂଚକ ଡକ୍ଟରେଟ ଉପାଧିପ୍ରାପ୍ତ ହୋଇଛନ୍ତି, ସେମାନେ ମୁରାରି ବାବୁଙ୍କର ପାଠାଗାରରେ ସଂଗୃହୀତ ଓ ସଂରକ୍ଷିତ ହୋଇଥିବା ବହୁ ଦୁଷ୍ପ୍ରାପ୍ୟ ପତ୍ରିକା ଓ ପୁସ୍ତକମାନଙ୍କରୁ ବହୁ ସାହାଯ୍ୟ ନେଇଛନ୍ତି—ମୁରାରି ବାବୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବ-ଧାନରେ ଓ ପଦେ ପଦେ ପ୍ରେରଣା ପ୍ରଦାନରେ । ମୁଁ ଏଠି ପରିଷ୍କାର ଭାବେ ସ୍ୱୀକାର କରୁଛି ଯେ ମୁଁ ମଧ୍ୟ ଏଥିରୁ ବାଦ୍ ଯାଇନି ।

Digitized by srujanika@gmail.com

ପୁଣି ଶୁଣିଛୁ—ଗଣକବି ବୈଷ୍ଣବ ପାଣିଙ୍କ ମୃତ୍ୟୁ ପରର ଘଟଣା । ଗଣକବି ବୈଷ୍ଣବ ପାଣିଙ୍କ ଶବଦାହ କରିବା ପାଇଁ, ତାଙ୍କର ଶବବାହକ ହୋଇ, ତାଙ୍କର ମର ଶରୀରରେ ଅଗ୍ନି ସଂଯୋଗ କରି ଶବସତ୍କାର କରିଥିଲେ, ମୁରାରି ଦାଶ । ଏ ଦୃଷ୍ଟିରୁ ତାଙ୍କ ବ୍ୟକ୍ତିତ୍ୱ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ।

ଏଇ ଭଳି ଜଣେ ସୁ-ସାହିତ୍ୟିକ/ସୁ-ସମାଲୋଚକ/ସୁବକ୍ତା ଓ ସୁ-କବିଙ୍କର ସତାବନତମ ଜୟନ୍ତୀ ଅବକାଶରେ ମୁଁ ତାଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ନିରାମୟ ଦୀର୍ଘ ଜୀବନ କାମନା କରୁଛି ଓ ସେ ଏ ଜାତିର ନବାଗତ ପିଢ଼ିର ଯୁବକମାନଙ୍କ ପାଇଁ ଆଲୋକ ସ୍ତମ୍ଭ ସ୍ୱରୂପ ଯେ ଚିରକାଳ ପ୍ରତ୍ୟୟମାନ ଓ ଜାଜ୍ୱଲ୍ୟମାନ ହୋଇ ରହିବେ, ତାଙ୍କ ଠାରେ ଏଭଳି ଆଶା ଓ ଭରସା ମଧ୍ୟ ରଖୁଛି ।

•

ଅଧ୍ୟାପକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ପଞ୍ଚାମୃତ ପ୍ରହ୍ଲାଦ କଲେଜ
ନିଶ୍ଚିନ୍ତ କୋଇଲି, କଟକ

Digitized by srujanika@gmail.com

ମୋହନ ଜନ୍ମ ବଂଶୀ ବାଜିଲରେ

● ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ମୋହନ ଜନ୍ମ ବଂଶୀ ବାଜିଲରେ
ଗୋପୀମାନଙ୍କ ହୃଦ ଭିଜିଲରେ
ବିରହିଣୀ ବରିଦା ପାଇ ମଦନ ବାଧା
ସ୍ୱାଗତିକା ସଖୀକୁ ହେଜିଲରେ ॥୦॥

କେନା କବି ମୁରାରି ଅଟଇ ସେ ସବୁରି
ନାହିଁ କେହି ବଇଶି କଳା ଆଟାଟ ଧରି
ବୁଲଇ ଗଳି ଗଳି ବନ୍ଧୁ ଜନେ ଶଂଙ୍ଖ ଳି
ଦୁର୍ବାକ୍ଷତ ଆଶୀଷ ଖୋଜିଲରେ ॥୧॥

ନୁହେଁ ସେ ତ ଗ୍ରେଟିଆ ସଂସ୍କୃତର ଗ୍ରୁଟିଆ
ବୀଣା-ପାଣି ବେଠିଆ ସଭାରେ ହେଲେ ଠିଆ
ଯେହ୍ନେ ପାଣି ମାଠିଆ ହୁଅଇ ତଳ ମୁହାଁ
ଭୂଷଣ ସୁଅ ତେହ୍ନେ ଛୁଟିଲରେ ॥୨॥

ଗତ ଆଗତ ଧନ୍ଦା ଗୁଳିଛି କେତେ ଫନ୍ଦା
କଳୁଛି ବାଣୀ ଝନ୍ଦା କବିତା ହୁଏ ରନ୍ଧା
ସାହିତ୍ୟ ଦେବୀ ମନ୍ଦା ମନ୍ଦା ଯେସନେ ଜନ୍ଦା
ଗୁଡ଼ ମାଠିଆ ଅବା ଭିଜିଲରେ ॥୩॥

କେବଳ ସନ୍ତାବନ ହସୁଚି ସଞ୍ଜିବନ
ବାନପ୍ରସ୍ଥ ଜୀବନ ବନ ହେବ ଭବନ
ଆଉରି ଅଠାବନ ବରଷ ଅଛି ଦିନ
ତଥାପି ମନ ଆଜି ମଜ୍ଜିଲରେ ॥୪॥

ବିଂଶତି ତୃକଶରେ ପଞ୍ଚ ଦଶ ଶତରେ
ଉତ୍ସବ ଆଡ଼ମ୍ବରେ ହେଉଥିବ ଏଠାରେ
କବି ରହି ଅମ୍ବରେ ବିମଳ ମୋଦ ଭରେ
ଆଶୀଷ ଦେବା ପାଇଁ ହେଜିଲରେ ॥୫॥

●

ନାରାୟଣ ମିସ୍ତ୍ରି ଗଳି
କଟକ-୧୨

Digitized by srujanika@gmail.com

ମୁରାରି ଜେନାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଓ କୃତିତ୍ୱ

● ଡକ୍ଟର କୁମୁଦିନୀ ମିଶ୍ର

ସ୍ରଷ୍ଟା ଏବଂ ସୃଷ୍ଟି ଉଭୟ ଦିଗରୁ ବିଚାର କଲେ ଶ୍ରୀ ମୁରାରି ଜେନା ଏବଂ ତାଙ୍କର ଏ ଯାବତ୍ ପ୍ରକାଶିତ ରଚନାବଳୀ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଅନନ୍ୟ ସାଧାରଣ ଅଧ୍ୟାୟ । ସାହିତ୍ୟ ଭାବରେ ତାଙ୍କ ବ୍ୟକ୍ତିତ୍ୱ ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ । ଜନ-ଜୀବନ ସହ ଏକାତ୍ମ ହୋଇ ସେମାନଙ୍କର ସୁଖ ଦୁଃଖରେ ଭାଗୀଦାର ହେବା ତାଙ୍କ ଜୀବନର ଚରମ ଲକ୍ଷ୍ୟ । ଏଇ ଲକ୍ଷ୍ୟକୁ ସର୍ବଦା ଓ ସର୍ବଥା ସାର୍ଥକ କରିବା ପାଇଁ ତାଙ୍କ ଲେଖନୀ ଅବିରତ କାର୍ଯ୍ୟରତ । ଫଳରେ ତାଙ୍କର ଜୀବନ ଚର୍ଯ୍ୟା ଏବଂ ରଚନାବଳୀ ମଧ୍ୟରେ ଅପୂର୍ବ ସମନ୍ୱୟ ବିଶେଷ ପରିଲକ୍ଷିତ ।

ମୁରାରି ବାବୁଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି—ପୂଜ୍ୟ ପୂଜାରେ ତାଙ୍କର ଚରମ ଓ ପରମ ବିଶ୍ୱାସ । ସମକାଳୀନ ପ୍ରତ୍ୟେକ ଖ୍ୟାତନାମା ଓଡ଼ିଆ କବି ଓ ଲେଖକଙ୍କ ସହ ସେ ଓତଃପ୍ରୋତ ଭାବେ ଜଡିତ । କୌଣସି ଯଶସ୍ୱୀ ଲେଖକ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ ତାଙ୍କୁ ମନୋବଳ ଦେବା ଏବଂ ଯଦି ଦରକାର ପଡ଼େ ତାଙ୍କ ପାଇଁ ଆର୍ଥିକ ସମ୍ବଳ ଯୋଗାଡ଼ କରିବା, କୌଣସି ଲେଖକଙ୍କ ପରଲୋକ ଘଟିଲେ, ତାଙ୍କୁ ନିଜ କାନ୍ଧରେ ବହନ କରି ସତ୍କାର ପାଇଁ ଶ୍ମଶାନକୁ ନେବା ଓ ତାଙ୍କର ପ୍ରତିଭା ପୂଜା ପାଇଁ ସଭାସମିତି କରିବା ଏବଂ ସେମାନଙ୍କ ସ୍ମୃତି ରକ୍ଷା ପାଇଁ ସ୍ମରଣିକା ଓ ଜୀବିତ ଲେଖକ ମାନଙ୍କ ପାଇଁ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ କରିବା ହିଁ ତାଙ୍କ ଜୀବନର ମୂଳମନ୍ତ୍ର ଓ ପ୍ରଧାନ କର୍ତ୍ତବ୍ୟ । ଏ ଦିଗରେ ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱର ପରିପ୍ରକାଶ ହେଉଛି ତାଙ୍କ ସଂକଳିତ ଓ ସଂପାଦିତ—'ପ୍ରାଣକୃଷ୍ଣ ସ୍ମରଣିକା' 'ସଚ୍ଚିଦ ସ୍ମରଣିକା' 'ବାଳକୃଷ୍ଣ ପଟ୍ଟନାୟକ ସ୍ମରଣିକା' 'ସାମନ୍ତ ସିଂହାର ସମୀକ୍ଷା' 'ଗୋଦାବରୀଶ ସ୍ମରଣିକା' 'ସାହିତ୍ୟିକ ଗୋଦାବରୀଶ ମହାପାତ୍ର' 'କବି କଣ୍ଠେ ଶ୍ରୀ

Digitized by srujanika@gmail.com

ଜଗନ୍ନାଥ' 'ବାଣୀକଣ୍ଠ ନିମାଇଁ ହରିଚନ୍ଦନ ସ୍ମାରକୀ ଗ୍ରନ୍ଥ' 'ଲକ୍ଷ୍ମୀଧର ନାୟକ ଲେଖନୀର ସୁବର୍ଣ୍ଣ ଜୟନ୍ତୀ ଅଭିନନ୍ଦନ ଗ୍ରନ୍ଥ' ପ୍ରଭୃତି ।

ଶ୍ରୀ ଜେନାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ଅନ୍ୟ ଦିଗଟି ମଧ୍ୟ ବିଗୁର୍ଯ୍ୟ । ଗୁଣୀ ଲୋକଙ୍କ ଗୁଣ ଗାନରେ ସେ ଯେମିତି ଶତମୁଖ, ଅହଂଭାବ ସଂପନ୍ନ, କୁଟ କପଟତାରେ ପରିପୂର୍ଣ୍ଣ ଛଦ୍ମବେଶୀ ସାହିତ୍ୟିକ ଓ ସମାଜ-ସେବୀଙ୍କୁ 'ତେନ୍ତୁଳିଆ ଘୁଷି'ରେ ପ୍ରହାର କରି ସେମାନଙ୍କର ଅସଲ ରୂପଟି ପଦାରେ ପକାଇ ଦେବା ପାଇଁ ସେମିତି ତତ୍ପର । ଏଣୁ ତାଙ୍କ ବ୍ୟକ୍ତିତ୍ୱର ଏଇ ଦିଗଟି ତାଙ୍କ ରଚନାର ଛତେ ଛତେ କିପରି ପ୍ରକାଶ ଲାଭ କରିଛି, ତାହାର ଗୋଟିଏ ଉଦାହରଣ ତାଙ୍କ କବିତାର କିଞ୍ଚିତ ଉଦ୍ଧୃତିରୁ ଜଣାପଡ଼ିବ । ତାହା ହେଲା—

"ଛେଳିର ଖୋଳପା ଦେହରେ ଘୋଡ଼ାଇ
ତମେ ଯେଉଁମାନେ ଏଠି ବୋଲାଉଛ ବାଘ,
ତମର ଏଇ ଯେ ମୁଖା ଖୋଲିବାକୁ
ବାହାରିଛୁ ଆମେ ଆଗ ।"

ମୁରଲି ବାବୁଙ୍କ ଏଇ ବଳିଷ୍ଠ ଉଦ୍‌ଘୋଷଣ ତାଙ୍କୁ କେବେ ବିପ୍ଳବୀ କବି, ନିର୍ଭୀକ ସମାଲୋଚକ, ଅଗ୍ନିବର୍ଷୀ ବକ୍ତା ଭାବେ ପ୍ରତିଷ୍ଠା ଆଣି ଦେଇଛି ତ, କେବେ ପୁଣି ବିଭିନ୍ନ ଅନୁଷ୍ଠାନର ସାଙ୍ଗଠନିକ ପ୍ରତିଷ୍ଠାତା ଓ ଦୁଃସ୍ଥ ଶ୍ରମିକଙ୍କ ଶୁଭାକାଂକ୍ଷୀ ରୂପେ ସମ୍ମାନାର୍ହ କରି-ପାରିଛି ।

ତୁଳସୀ ଦୁଇ ପତରୁ ବାସିଲା ପରି ସ୍କୁଲ କଲେଜରେ ପଢ଼ିବା ଦିନଠୁଁ ମୁରଲି ବାବୁଙ୍କର ସାହିତ୍ୟ ପ୍ରତି ଗଭୀର ପ୍ରୀତି ପ୍ରକାଶ ପାଇ ଆସିଛି । ୧୯୪୭ ମସିହାରେ ଶ୍ରୀ ଜେନା ନବମ ଶ୍ରେଣୀର ଛାତ୍ର ଥିବା ସମୟରେ ତାଙ୍କର ପ୍ରଥମ କବିତା, ସ୍ୱର୍ଗତଃ ମୋହନ ନାୟକଙ୍କ ଦ୍ୱାରା ସଂପାଦିତ 'ସେବକ' ମାସିକ ପତ୍ରିକାରେ ପ୍ରକାଶ ପାଇଥିଲା ଓ ସେହି କବିତାଟି ଅତ୍ୟନ୍ତ ଉତ୍କୃଷ୍ଟ ହୋଇଥିବାରୁ ସେ ମଧ୍ୟ ବିଶେଷ ଜନାଦୃତି ଲାଭ କରିଥିଲେ । ରେଭେନ୍‌ସା କଲେଜରେ ସେ ବି.ଏ. ଶ୍ରେଣୀର ଛାତ୍ର

Digitized by srujanika@gmail.com

ଥିବା ସମୟରେ ବିଦ୍ୟାର୍ଥୀ ସଂଘ ପକ୍ଷରୁ ଆୟୋଜିତ କବିତା ଓ ଗଳ୍ପ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର ଯୋଗୁଁ, ପ୍ରମାଣ ପତ୍ର ଲାଭ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ୧୯୫୭ ମସିହାରେ ରେଭେନ୍‌ସା କଲେଜରୁ ଓଡ଼ିଆରେ ସ୍ନାତକୋତ୍ତର ଉପାଧି ଲାଭ କଲା ପରେ ଶ୍ରମ କମିଶନରଙ୍କ ଅଫିସରେ ଶ୍ରମ ସୂଚନା ଅଧିକାରୀ ଭାବେ ଯୋଗ ଦେଇ ଶ୍ରମ କମିଶନରଙ୍କ ଦପ୍ତରରୁ ପ୍ରକାଶିତ ମାସିକ 'ଶ୍ରମିକ' ପତ୍ରିକାର ସଂପାଦନା ଦାୟିତ୍ୱରେ ରହିଲେ ଏବଂ ସଂପ୍ରତି ଶ୍ରୀ ଜେନା ସହକାରୀ ଶ୍ରମ କମିଶନର ଭାବେ ଅବସ୍ଥାପିତ ।

ଜୀବନର ହବି (Hobby) ଭାବେ ଜେନାଙ୍କର ଏ ଯାବତ୍ କେବଳ ହିଁ ସାହିତ୍ୟକୁ ଗ୍ରହଣ କରି ଆସିଛନ୍ତି ଓ ଯେତେବେଳେ ଜୀବିକା ଜଞ୍ଜାଳରୁ ସମୟ ପାଇଛନ୍ତି, ସାହିତ୍ୟର ସେବାରେ ହିଁ ନିଜକୁ ନିୟୋଜିତ କରିଛନ୍ତି ।

ବହୁ ସାହିତ୍ୟ / ସଂସ୍କୃତି ଓ ଧର୍ମ ଅନୁଷ୍ଠାନର ସେ ମୁଖ୍ୟ ଭୂମିକାରେ ଯଥା—ପ୍ରତିଷ୍ଠାତା, ସଭାପତି, କାର୍ଯ୍ୟକାରୀ ସଭାପତି ଓ ସଂପାଦକ ଭାବେ ଅବତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ 'କାଳ-କଳମ' 'ପ୍ରତିଭା-ପୂଜା ପରିଷଦ' 'ସାଂଧ ସାହିତ୍ୟ ସଂସଦ' 'ଚଳନ୍ତିକା' 'ସ୍ୱାଗତିକା' 'ସାମନ୍ତ ସିଂହାର ସାହିତ୍ୟ ସଂସଦ' 'ସରସ ସାହିତ୍ୟ ସମିତି', ଧର୍ମାନୁଷ୍ଠାନ 'କଟକ ରାମ-ଲୀଳା ପ୍ରଚାର ସମିତି' 'ରାମକୃଷ୍ଣ ପ୍ରଚାର ପରିଷଦ' ଓ 'ଅର୍ଘ୍ୟ-ଅର୍ଚ୍ଚନା' ପ୍ରଭୃତି ପ୍ରଧାନ । ସେ ବହୁ ବର୍ଷ ଧରି ସର୍ବପ୍ରାଚୀନ ସାରସ୍ୱତ ପୀଠ 'ଉତ୍କଳ ସାହିତ୍ୟ ସମାଜ'ର ସାଧାରଣ ସଂପାଦକ ଥିଲେ ଓ ସଂପ୍ରତି ସେ ଏହାର କାର୍ଯ୍ୟକାରୀ ସଭ୍ୟ ରହିଛନ୍ତି ।

ପୁନଶ୍ଚ, ବାଲ୍ୟକାଳରୁ ଯାତ୍ରା ଲୀଳା ଏବଂ ନାଟକ ପ୍ରତି ଶ୍ରୀ ଜେନାଙ୍କର ପ୍ରବଳ ଆଗ୍ରହ । ସ୍କୁଲରେ ପଢ଼ିବା ସମୟରେ ତାଙ୍କ ଭଗତପୁର ବସ୍ତିରେ ଅଭିନୀତ ହୋଇଥିବା 'ହରିଶ୍ଚନ୍ଦ୍ର' ନାଟକରେ ସେ ରୋହିତାଶ୍ୱ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ନାଟ୍ୟକାର ଉଦୟ-

Digitized by srujanika@gmail.com

ନାଥ ମିଶ୍ରଙ୍କ ରଚିତ 'ଆଦର୍ଶ ପରିବାର' ନାଟକର ମୁଖ୍ୟ-ନାୟକ ଭୂମିକାର ଅଭିନେତା ହିସାବରେ ଯେଉଁ କଳା ପାଟବତା ପ୍ରଦର୍ଶନ କରିଥିଲେ, ତାହା ମଧ୍ୟ ଏକ ସ୍ମରଣୀୟ ଘଟଣା । ପୁଣି ପରବର୍ତ୍ତୀ ପର୍ଯ୍ୟାୟରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ପ୍ରସିଦ୍ଧ ନାଟକ 'ଅବରୋଧ' ନାଟକର ମୁଖ୍ୟ ନାୟକ ମୁଖ୍ୟମନ୍ତ୍ରୀ ଭୂମିକାରେ ଯେଉଁ ଚମତ୍କାର ଅଭିନୟ କରି ଅଶେଷ ପ୍ରଶଂସା ଭାଜନ ହୋଇଥିଲେ, ତାହା ହିଁ ତାଙ୍କର ସ୍ୱାଧୀନ ଚେତା ଜୀବନକୁ ପରବର୍ତ୍ତୀ କାଳରେ ବିଶେଷ ଭାବେ ପ୍ରେରଣା ଯୁଗିଥିଲା । ସେଇ 'ଅବରୋଧ' ନାଟକର ମୁଖ୍ୟ ନାୟକ ମୁଖ୍ୟମନ୍ତ୍ରୀ ଭାବେ ସେ ଯେପରି ପ୍ରତିକ୍ରିୟାଶୀଳ ପାର୍ଶ୍ୱଚରଙ୍କ ଚକ୍ରାନ୍ତର 'ଅବରୋଧ'କୁ ଭାଙ୍ଗି, ସମଗ୍ର ଦେଶକୁ ଉନ୍ନତି ଦିଗରେ ଆଗେଇ ନେବା ପାଇଁ ମୁଖ୍ୟ ଅଭିନେତାର ଭୂମିକାରେ ବଦ୍ଧ-ପରିକର ହୋଇ ପାରିଥିଲେ, ସେଇପରି ଶ୍ରୀ ଜେନା ତାଙ୍କ ଜୀବନର ବାସ୍ତବ କ୍ଷେତ୍ରରେ ଆମ ସମାଜର ସମସ୍ତ ରୀତିହୀନ ପରଂପରାର ଅର୍ଗଳକୁ ଭାଙ୍ଗିବା ପାଇଁ ସଦା-ସର୍ବଦା ସେ ଲେଖନୀ ଖଡ୍ଗ ଉତ୍ତୋଳନ କରି ଆସିଛନ୍ତି ।

ତାଙ୍କ ରଚିତ ପୌରାଣିକ ରାମଲୀଳା 'ଅହଲ୍ୟା ପରିଣୟ' 'ହନୁମାନ ଜନ୍ମ' 'ଅଙ୍ଗଦ ଜନ୍ମ' ଓ ପୌରାଣିକ ନାଟକ—'ବ୍ୟାସ ସରୋବର' ଓ 'ପୁରୁଷୋତ୍ତମ' ଆମ ଲୀଳା ଓ ନାଟ୍ୟ ସାହିତ୍ୟକୁ ଗୋଟିଏ ଗୋଟିଏ ଅମଳିନ ଅବଦାନ ।

ଓଡ଼ିଆ ସମାଲୋଚନା ସାହିତ୍ୟକୁ ତାଙ୍କର ଅନବଦ୍ୟ ଦାନ କସ୍ମିନ କାଳେ ବିସ୍ମରଣ ହେବାର ନୁହେଁ । ୧୯୫୮ ମସିହାରେ 'ସାହିତ୍ୟିକ ବାଳକୃଷ୍ଣ କର' ପ୍ରବନ୍ଧ ପ୍ରତିଯୋଗିତାରେ ସେ 'ଉତ୍କଳ ସାହିତ୍ୟ ସମାଜ'ରୁ ପ୍ରଥମ ପୁରସ୍କାର ଲାଭ କରିଥିଲେ; ଯାହାକି ପରବର୍ତ୍ତୀ କାଳରେ ଏଇ ପ୍ରବନ୍ଧଟି ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇ ଗ୍ରନ୍ଥ ରୂପ ଲାଭ କରିଛି । ଯାହାକି ବାଳକୃଷ୍ଣ କର ଜୀବନୀ ଓ ସାହିତ୍ୟିକ କୃତି ସଂପର୍କରେ ଓଡ଼ିଆ ସାହିତ୍ୟରେ ପ୍ରଥମ ପୁସ୍ତକ । ତାଙ୍କ ରଚିତ ଅନ୍ୟାନ୍ୟ ସାହିତ୍ୟ ସମାଲୋଚନା ପୁସ୍ତକ ହେଲା—'ଓଡ଼ିଆ ସାହିତ୍ୟରୁ କିଛି' 'ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ' 'କବି ଗୁରୁ ଉପେନ୍ଦ୍ର,

Digitized by srujanika@gmail.com

ଭଞ୍ଜ' ଓ 'ସାହିତ୍ୟିକ ସିଂହାବଲୋକନ' ପ୍ରଭୃତି ପ୍ରଧାନ । ସାହିତ୍ୟ ଓ ସାହିତ୍ୟିକଂକ ସଂପର୍କରେ ସେ ଯେଉଁ ଗବେଷଣାତ୍ମକ ସ୍ତରି ଗଣି ପ୍ରବନ୍ଧ ବିଭିନ୍ନ ପତ୍ର ପତ୍ରିକାରେ ଏ ଯାବତ୍ ଲେଖି ଆସିଛନ୍ତି, ତାହାକୁ ଏକତ୍ର କଲ୍ ପରେ ତାହା ଅନ୍ୟୁନ ୧୦ଟି ସମାଲୋଚନା ପୁସ୍ତକ ହୋଇ ପାରିବ । ଶ୍ରମ ସମସ୍ୟା ସଂପର୍କରେ ସେ ଯେଉଁ କେତୋଟି ପୁସ୍ତକ ରଚନା କରିଛନ୍ତି, ତାହା ହେଲ୍—ଶ୍ରମ ସମସ୍ୟା, ଶ୍ରମିକ ମାଲିକଙ୍କ ଜାଣିବା କଥା, ଶ୍ରମିକର କାହାଣୀ, ଶ୍ରମିକର ଏକାଙ୍କିକା, ଶ୍ରମିକର ଗଳ୍ପ, ଊନଶଇଶଟି ଶ୍ରମ କବିତା ଓ ଇଂରାଜୀ କବିତା ପୁସ୍ତକ 'Ode on Labour' । ଓଡ଼ିଆ ସାହିତ୍ୟରେ ତାଙ୍କର ଏ ପୁସ୍ତକମାନ ଯେତିକି ଉପାଦେୟ, ସେତିକି ଅଭିନବ ।

ଆମ ସାହିତ୍ୟର ବିଭିନ୍ନ ବିଭାଗରେ ଶ୍ରୀ ଜେନା ଲେଖନୀ ଚାଳନା କରି ଯଶସ୍ୱୀ ହୋଇଥିଲେ ମଧ୍ୟ ଜଣେ ସତ୍ୟଦ୍ରଷ୍ଟା କବି ଭାବେ ସେ ଅଧିକ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଏଇ ପରିପ୍ରେକ୍ଷୀରେ ତାଙ୍କ ରଚିତ ଏ ଯାବତ୍ ପ୍ରକାଶିତ କବିତା ପୁସ୍ତକ—"ଝରି ଓ ଗୁଡ଼ି, ମୋ ନାଁରେ କୁକୁର ପାଳିବ, ହେ ଡାକ୍ତର କୋରାମିନ୍ ବନ୍ଦ କର, ଡାକ ମୁଁ କହୁଛି ମୁରାରି ଜେନା, ଶୈଶବର ସ୍ୱପ୍ନ, ଭଗବାନ ମୁଁ ତୁମକୁ ଚିଠି ଫାଡ଼ି ଦେବି, ମୁରାରି ଜେନାଙ୍କ ଶ୍ରେଷ୍ଠ କବିତା, ମୁରାରି ଜେନାଙ୍କ ଶହେ ଏକ କବିତା, ମୁଁ ତୁମର ଗୁରିମାସ ଜୋତା ସଫା କରିବି" ପ୍ରଭୃତି ଓଡ଼ିଆ ସାହିତ୍ୟର କବିତା ରାଜ୍ୟରେ ନିଶ୍ଚିତ ଭାବେ ଚମକ ଓ ଶୃଙ୍ଖଳ୍ୟ ଆଣିଛି । ତାଙ୍କ ରଚିତ 'ମୁରାରି ଜେନାଙ୍କ ଭକ୍ତି ସଙ୍ଗୀତ' ଗ୍ରନ୍ଥ ଓଡ଼ିଆ ଭକ୍ତି ସାହିତ୍ୟରେ ଏକ ଉଲ୍ଲେଖନୀୟ କୃତି । ଶ୍ରୀ ଜେନାଙ୍କ ସମ୍ପାଦିତ 'ମହାତ୍ମା ଗାନ୍ଧିଜୀ ଜୟ (ଗାନ୍ଧୀ ଶତବାର୍ଷିକୀ କମିଟି ଦ୍ୱାରା ପ୍ରକାଶିତ), ସଭା ଓ ସାହିତ୍ୟ, ହେ ଦୀନବନ୍ଧୁ, ହେ ଗୋପବନ୍ଧୁ (ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ପ୍ରକାଶିତ) ଉତ୍ତମାନର ପୁସ୍ତକମାନ ଏଇ ଅବସରରେ ଉଲ୍ଲେଖ ନ କଲେ ନ ଚଳେ ।

ସମାଜ ଚେତନା, ଜାତିପ୍ରୀତି, ମାନବିକତା ବୋଧ ଓ ବୈପ୍ଳବିକ ଦୃଷ୍ଟିକୋଣ ମୁରାରି ମୋହନଙ୍କ କବିତାର ମୁଖ୍ୟ ସ୍ୱର । ସ୍ୱାର୍ଥକୁ ତ୍ୟାଗ-

Digitized by srujanika@gmail.com

କରି ପରାର୍ଥ ମଧ୍ୟ ଦେଇ ପରମାର୍ଥ ଲାଭ କରିବା ପାଇଁ ସେ କବିତାକୁ ମାଧ୍ୟମ ରୂପେ ବାଛି ନେଇଛନ୍ତି । ସେଥିପାଇଁ ତାଙ୍କ ଲେଖାରେ ବ୍ୟକ୍ତି-ଗତ ହତାଶାବୋଧ ବା ନିଃସଙ୍ଗତାବୋଧ ପ୍ରକାଶ ପାଇନାହିଁ । ସମଗ୍ର ମାନବ ଜାତିର ଦାବୀ ତାଙ୍କ କବିତାରେ ପ୍ରକାଶ ପାଇଛି—

ଆମେ ପଛେ ଘିଅ ଆଉ ମହୁରେ ନ ଘସୁ
ପେଟକୁ ମୁଠିଏ ଦାନା, ପିଠିକି ଖଣ୍ଡିଏ କନା
ମିଳିବାର ପ୍ରତିଶ୍ରୁତି ଦିଅ ।

(ନୂତନ ଓ ପୁରାତନ)

ମୁରାରି ଜେନାଙ୍କ କବିତା ବ୍ୟକ୍ତିଗତ ପ୍ରେମ-ପ୍ରଣୟ କିମ୍ବା ନୈରାଶ୍ୟବୋଧରେ ସଂକୁଚିତ ହୋଇ ନାହିଁ । ବରଂ ସମାଜ ଜୀବନର ଉତ୍ଥାନ ପାଇଁ ଆହ୍ୱାନ ଛଳରେ କୁହା ଯାଇଛି—

"ମିଠା କଥା ସିନା ଜୀବନ ଭୂଷଣ
ଜୀବନ ସଂପଦ ଶିକ୍ଷା,
ତାହାର ବଦଳେ ଜୀବନ ଲୁଗାଟି
ଫଡ଼ା ଫଡ଼ା ଯାଏ ଶରି ।

(ମିଠା କଥା)

ସମାଜରେ ନୁଟି ବିଚ୍ୟୁତି ଘଟାଉ ଥିବା ଅସାମାଜିକ ମିଥ୍ୟାଗ୍ରସ୍ତ ବ୍ୟକ୍ତିଙ୍କୁ ସେ ପୁଣି 'ତେନ୍ତୁଳି ଗୁଣ୍ଡ' 'ଓଲୁଅ ଡ଼ାଙ୍ଗ' ଓ 'ଯାଉଁଳି ବେତ' [ବହୁ ବର୍ଷ ତଳେ ଏ ତିନୋଟି ଜେନା କବିଙ୍କ ସଂପାଦିତ ବ୍ୟଙ୍ଗାତ୍ମକ ପତ୍ରିକା] ଦ୍ୱାରା ଆଘାତ କରି ସେମାନଙ୍କ ପିଠି ଫଟାଇବାରେ କୁଣ୍ଠା-ବୋଧ କରି ନାହାନ୍ତି । ସେତେବେଳେ ସେ କହି ଉଠିଛନ୍ତି—

"ମିଥ୍ୟାର ମାମା ଦୁର୍ଯ୍ୟୋଧନରେ
ସତ୍ୟର ଭୀମ ଗର୍ଜନ ଆଜି ଭୁଲ ନାଇଁ
ଗୋଡ଼ାଇ ଗୋଡ଼ାଇ ତୁମକୁ ମାରିବ
ମିଛ ଗୁଳିବାଜି ତୁମରି ସାରିବ
ସତ୍ୟ ଆଗରେ ମିଥ୍ୟାଟା କହ
ଲୁଚିବ ବା ଆଜି କେଉଁ ଠାଇଁ ?"

Digitized by srujanika@gmail.com

ମୁରାରି ବାବୁ 'କଳା ପାଇଁ କଳାର ସୃଷ୍ଟି' (Art for Arts Sake) ରେ ବିଶ୍ୱାସୀ ନୁହଁନ୍ତି । ତାଙ୍କ ଯୁକ୍ତିରେ ଜୀବନ ପାଇଁ ହିଁ କଳାର ସୃଷ୍ଟି ଏବଂ ସେହି ଦୃଷ୍ଟିରୁ ବିଗ୍ଭର କଲେ ତାଙ୍କ ରଚନା ଏକ ସ୍ୱତନ୍ତ୍ର ଶୈଳୀ ଓ ସ୍ଥାନର ଅଧିକାରୀ । ପୁଣି ଲକ୍ଷ୍ୟ କରିବାର କଥା ତାଙ୍କ ରଚନା ମୁଷ୍ଟିମେୟ ବୌଦ୍ଧିକ ପାଠକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ଅଗଣିତ ଜନତାଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଅଜ୍ଞ ଜନତାଙ୍କ ଠାରୁ ଆରମ୍ଭ କରି ସମାଜର ସକଳ ଶ୍ରେଣୀର ଲୋକଙ୍କ ପାଇଁ ଅଭି-ପ୍ରେତ । ଏଇଥିପାଇଁ ଜେନା କବି ଜନ କବି ଏବଂ ତାଙ୍କ ସାହିତ୍ୟ ଜନ ସାହିତ୍ୟ ଭାବେ ବିଶେଷ ସ୍ମରଣୀୟ । ତାଙ୍କର ଏଇ ସମଷ୍ଟିମୁଖୀ ବ୍ୟକ୍ତିତ୍ୱ ଓ ପ୍ରତିଭାକୁ ଯଥାଯୋଗ୍ୟ ସମ୍ମାନ ଦେବା ପାଇଁ ୧୯୬୩ ମସିହାରେ 'ମୁରାରି ଜେନାଙ୍କ ସଂପର୍କରେ' ଓ ୧୯୮୪ ମସିହାରେ 'କବି କବିତାରେ ମୁରାରି ଜେନା' ଶିରୋନାମାରେ ପ୍ରକାଶିତ ଦୁଇଟି ଗ୍ରନ୍ଥ (ଗୋଟିଏ ଗଦ୍ୟ ଓ ଗୋଟିଏ ପଦ୍ୟ), ଯାହାକି ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କ ଲେଖାରେ ସମୃଦ୍ଧ, ତାହା ହିଁ ହେଉଛି ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟ । ଶ୍ରୀ ଜେନାଙ୍କ ୫୭ତମ ଜୟନ୍ତୀ ଉପଲକ୍ଷେ ପ୍ରକାଶ ପାଇବାକୁ ଯାଉଥିବା 'ଅଭିନନ୍ଦନ ଗ୍ରନ୍ଥ' ଯେ ଆମ ଉତ୍ତର ସାହିତ୍ୟ ସାଧକଙ୍କ ନିକଟରେ ଆଦୃତ ହେବା ସଙ୍ଗେ ସଙ୍ଗେ ତାଙ୍କ ସାହିତ୍ୟର ସେବା ଓ ସାଧନାରେ ପ୍ରେରଣା ସୃଷ୍ଟି କରିବ, ଏହା ହିଁ ମୋର ଦୃଢ଼ ବିଶ୍ୱାସ ।

●

ଅଧ୍ୟାପିକା ରମାଦେବୀ ମହିଳା ମହାବିଦ୍ୟାଳୟ
ଓ ୨୨/୪ ଫ୍ଲାଟ, ୟୁନିଟ୍-୯
ଭୁବନେଶ୍ୱର

Digitized by srujanika@gmail.com

ମୋ ବଂଧୁ ମୁରାର

● ଡକ୍ଟର ବ୍ରଜମୋହନ ମହାନ୍ତି

ଜୀବନରେ ଅନେକ ଘଟଣା ସ୍ମରଣୀୟ ହୋଇଯାଏ । ମଣିଷ ସେଇ ସ୍ମରଣୀୟ ଘଟଣାକୁ ସାଇତି ରଖେ ତା'ର ସ୍ମୃତିର ସିନ୍ଦୁକରେ । କେବଳ ବେଳେ ବେଳେ ସେ ସିନ୍ଦୁକ ଖୋଲି କ୍ଷଣକ ପାଇଁ ଆନନ୍ଦ ଅନୁଭବ କରେ । ତା'ପରେ ଆପେ ଆପେ ବନ୍ଦ ହୋଇଯାଏ ସିନ୍ଦୁକର ଘୋଡଣୀ । ମୋ ଜୀବନରେ ଏମିତି କେତେ ଅମୂଲ୍ୟ ସ୍ମୃତିର ପ୍ରତୀକ ବଂଧୁ ମୁରାର ମୋହନ । ତାଙ୍କ ସହିତ ପ୍ରଥମ ସାକ୍ଷାତ ଆକସ୍ମିକ; କିନ୍ତୁ ବଂଧୁତା ଗଭୀର ଏବଂ ଚିରସ୍ଥାୟୀ ।

ସେ ବଂଧୁ ପ୍ରେମୀ, ସ୍ନେହୀ ଏବଂ ଦରଦୀ । ମାନବିକତାର ଏକ ମୂର୍ତ୍ତିମନ୍ତ ଆତ୍ମ ପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ମୋ ସ୍ମୃତି ସିନ୍ଦୁକର ଘୋଡ଼ଣୀ ଖୋଲିଲେ ମୁଁ ତାହା ହିଁ ଅନୁଭବ କରେ । ଯେତେ ଥର ସେ ଘୋଡଣୀ ଖୋଲେ, ସେତେ ଥର ମାପି ହୋଇଯାଏ ତାଙ୍କ ଆତ୍ମୀୟତାର ଗମ୍ଭୀରତା ।

ଠିକ୍ ମନେ ଅଛି ଯେ ଦିନର କଥା । ୧୯୫୫-୫୬ ମସିହା ହେବ । ତାହା ପୂର୍ବରୁ ପତ୍ର-ପତ୍ରିକାରେ ପ୍ରକାଶିତ ଲେଖାରୁ ସେ ମୋ ନାମ ଜାଣିଥିଲେ, ମୁଁ ମଧ୍ୟ ତାଙ୍କ ନାମ ଜାଣିଥିଲି । ହେଲେ ବ୍ୟକ୍ତିଗତ ପରିଚୟ ନ ଥିଲା । ଏଇ ୧୯୫୫-୫୬ ମସିହା ବେଳକୁ 'ବିମ୍ବୁବ ଆସର' ବେଶ୍ ଜମୁଥିଲା । ସେ ଉତ୍ସବ ପାଳିଟି ଥିଲା ଲେଖକମାନଙ୍କର ଏକ ମିଳନର ଉତ୍ସବ । ମୋତେ ଡକରା ଆସିଲା କବିତା ପାଠ ପାଇଁ । ମୁଁ ଉଠିଲି ଓ କବିତା ପାଠ କଲି—'ଶୁଣ ଶୁଣ ଝଙ୍କାରର ମୁଖ୍ୟ ସମ୍ପାଦକ' ଶିରୋନାମାରେ । କରତାଳି ମଧ୍ୟରେ କବିତା ଶେଷ କଲି । ଠିକ୍ ମଞ୍ଚ ତଳକୁ ଓହ୍ଲାଇ ଆସୁଛି···କୁଣ୍ଢାଇ ପକାଇଲେ ଜଣେ ତରୁଣ । ଜାକି ନେଲେ ନିଜ ଗୃହ ଉପରକୁ । ମୁହଁରେ ଥିଲା ଅନାବିଳ ଉକ୍ତି—'ଆବେ ତୁ ଏତେଦିନ ଯାଏଁ କୋଉଠି ଥିଲୁ ?' ଆଶ୍ଚର୍ଯ୍ୟ ହେଉଥିଲି ମୁଁ ? କିଏ ଏଇ ବାତୁଳ ତରୁଣ ? ଚିହ୍ନିବାକୁ ସମୟ ଲାଗିଲା ନାହିଁ । ଅବେ ଚିହ୍ନି ପାରୁ ନାହୁଁ ? ମୁଁ ମୁରାର ଜେନା ।

ମୁଁ ସେଇଦିନ ଠାରୁ ଜାଣିଥିଲି—ସେ ବଂଧୁ ପ୍ରେମୀ, ସଂସ୍କୃତି ପ୍ରେମୀ ଏବଂ ପ୍ରକୃତ ଗୁଣର ଗ୍ରାହକ । କେବଳ ଯେ ସାହିତ୍ୟ ଓ ବଂଧୁତା ପାଇଁ ସେ ବିକଳ ତା' ନୁହେଁ; ସେ ଅସମର୍ଥର ସାଥୀ, ଦୁର୍ଦ୍ଦିନର ବଂଧୁ ମଧ୍ୟ । ପରର ଦୁଃଖ

Digitized by srujanika@gmail.com

ଦେଖିଲେ ତାଙ୍କ ଆଖିରୁ ଲୁହ ଝରେ । ସାହାଯ୍ୟ କରିବାର ହାତ ବଢ଼ାଇ ଦିଅନ୍ତି, ସେ ଅକୁହା, ଅବୋଲା । ଏମିତି ଏକ ଘଟଣା ମଧ୍ୟ ଘଟିଛି, ମୋ ଜୀବନରେ ।

ବର୍ଷକର ସାନ ପୁଅ ଭୀଷଣ ରୋଗରେ ପଡ଼ିଥାଏ । ମୁଁ ଏବଂ ମୋର ପତ୍ନୀ ବିକଳରେ ପହଞ୍ଚିଲୁ ବଡ଼ ଡାକ୍ତରଖାନାରେ । ଝିପି ଝିପି ବର୍ଷା । ହଠାତ୍ ଦେବଦୂତ ପରି କେଉଁଠି ଥିଲେ କିଜାଣି ଆମ ପାଖରେ ପହଞ୍ଚିଲେ ମୁରାରି ଜେନା । ଆମର ସେଇ ବର୍ଷକର ପୁଅକୁ ନିଜ କାନ୍ଧରେ ପକାଇ, ସେଇ ଝିପି ଝିପି ବର୍ଷାରେ ଧାଇଁଲେ ଡ଼ାକ୍ତରଖାନାର ଏ ପାଖରୁ ସେ ପାଖ ଯାଏ—ଚିହ୍ନା ପରିଚିତ ଡାକ୍ତରଙ୍କୁ ଦେଖାଇବା ପାଇଁ ।

ତାଙ୍କ ପରିଚିତ ଡ଼ାକ୍ତରଙ୍କୁ ଦେଖାଇ, ଔଷଧର ଚଟା ବ୍ୟବସ୍ଥା କରାଇ, ପୁଅକୁ ସେମିତି ଧରି ଆମ ସାଙ୍ଗରେ ଆସିଲେ ଆମ ଘରକୁ । ପରେ ପରେ ପୁଅ ଆରୋଗ୍ୟ ହେଲା, ଆମେ ଆଶ୍ୱସ୍ତ ହେଲୁ । ଏଇଥିରୁ ସୂଚିତ ହୁଏ—ତାଙ୍କ ପ୍ରାଣର ମାନବିକତା କେତେ ଅଧିକ ।

ସେଥିପାଇଁ ତାଙ୍କୁ ଦେଖିବାକୁ ମିଳେ କୌଣସି ଶବ ଯାତ୍ରାର ସମ୍ମୁଖରେ କୋକେଇ କାନ୍ଧେଇ ରାମ ନାମ ସତ୍ୟ ହେ କହି ଲୁହ ଗଡ଼ାଇ ଚାଲିଥିବା ସମୟରେ, ମହାନ ବ୍ୟକ୍ତିଙ୍କ ସ୍ମୃତି ପୂଜା ସମୟରେ ଆଗ ଧାଡ଼ିରେ ବସିଥିବା ବେଳେ କିମ୍ବା ପୂଜ୍ୟ-ପୂଜାରେ ବ୍ୟତିକ୍ରମ ଘଟିଛି ବୋଲି ଚିତ୍କାର କରି ଭାଷଣ ଦେଉଥିବା ବେଳେ । ସେ ଅନ୍ୟାୟର ବିରୋଧୀ, ସଂସ୍କୃତିର ପୂଜାରୀ ।

ତାଙ୍କ ସହିତ ଯେ ମୋର କେତେ ବିଦଗ୍ଧ ମୁହୂର୍ତ୍ତ ଅତିବାହିତ ହୋଇଛି, ତା'ର ସୀମା ନାହିଁ । ସାହିତ୍ୟ, ସଂସ୍କୃତି ଏବଂ ପାରିବାରିକ ଭାବର ଆଦାନ-ପ୍ରଦାନରେ ଆମେ ନିବିଡ଼ । ତାଙ୍କର ଛଳନା ନାହିଁ, କୃତ୍ରିମତା ନାହିଁ । ସେଥିପାଇଁ ସେ ମୋର ଅନ୍ତରଙ୍ଗ ।

ମଜା କଥାଟିଏ କହୁଛି । ଅନେକ ସଭାକୁ ଭାଷଣ ଦେବା ପାଇଁ ଯାଉ ଆମେ ଏକାଠି ହୋଇ । ଏମିତି ଥରେ ଗୋଟିଏ ସ୍ଥାନର ଉଦ୍ୟୋକ୍ତାମାନେ ଡାକିଲେ—ଆଇନଜୀବୀ ରୁଦ୍ରଚରଣ ମହାନ୍ତି, କବି ମୁରାରି ଜେନା ଏବଂ ମୋତେ । ଆମେ ସମ୍ମତି ଜଣାଇଲୁ । ଗାଡ଼ି ଠିକ୍ ପାଞ୍ଚଟା ବେଳେ ପହଞ୍ଚିଲା ଆମକୁ ନେବା ପାଇଁ । ଆମେ ଗଲୁ । ପ୍ରାୟ ସଂଧ୍ୟା ସାଢ଼େ ଛ'ଟା ବେଳେ ଗାଁ ମୁଣ୍ଡ ସ୍କୁଲ ଘରେ ବସିଲୁ । ଗ୍ଲେଟ ଲଣ୍ଠନଟିଏ ଜଳୁଥାଏ । ଉଦ୍ୟୋକ୍ତାମାନେ ଗାଁ ଭିତରକୁ ପଶିଲେ ସଭାର

Digitized by srujanika@gmail.com

ଆୟୋଜନ ପାଇଁ । ସଂଧ୍ୟା ସାଢେ ଛ'ଟାରୁ ରାତ ଦୁଇଟା ବାଜଲା । ଆଉ କାହାର ଦେଖା ନାହିଁ । କେବଳ ବସିଛୁ ଆମେ ତନିଜଣ । ଯେଉଁ ଗାଡ଼ିରେ ଆମେ ସେଠିକି ଯାଇଥିଲୁ, ସେ ଗାଡ଼ି କେବଳ ଆମକୁ ସେଠି ପହଞ୍ଚେଇ ଦେଇ, ତା'ର ଅନ୍ୟ ଯାତ୍ରୀମାନଙ୍କୁ ଭଡ଼ାରେ ନେଇ ଅନ୍ୟତ୍ର ଚାଲି ଯାଇଛି ଓ ଆଉ ତା'ର ଆସିବାର ନାହିଁ ।

କ'ଣ କରିବୁ ? ବୃଦ୍ଧ (ବର୍ତ୍ତମାନ ସେ ସ୍ୱର୍ଗତ) ରୁଦ୍ରବାବୁ କହିଲେ—ମୁରାରି ବାବୁ, ବ୍ରଜ ବାବୁ ଯିବା ? ସମ୍ମତ ଜଣାଇଲୁ ଆମେ । ଚାଲି ଚାଲି ସେଇ ରାତ ଦୁଇଟାରେ ରେଲ ଷ୍ଟେସନ ଆଡ଼େ ମୁହାଁଇଲୁ । ଯାଉ ଯାଉ ପାଟି କଲେ ମୁରାରି ବାବୁ—ଭୀଷଣ ଭୋକ । କ'ଣ ଖାଇବ ? କିନ୍ତୁ କ'ଣ କରାଯିବ ? କୌଣସି ଦୋକାନ ଖୋଲା ନାହିଁ । ଶେଷରେ ଜଣେ ଦୋକାନୀଙ୍କୁ ଉଠାଇଲେ ସେ । ଦୋକାନୀ କହିଲେ—ଖାଇବାକୁ କିଛି ନାହିଁ । କେବଳ ପାଉଁରୋଟି ଅଛି । ଆଉ ଅପେକ୍ଷା କରିବାକୁ ସମୟ ନାହିଁ । ପାଉଁରୋଟି ଗୋଟାଏ ଟାଣି ଆଣି ଚୋବାଇବାକୁ ଲାଗିଲେ ସେ । ତା' ପରେ ସେଇ ଷ୍ଟେସନରୁ ଟ୍ରେନରେ ବସି କଟକଷ୍ଟେସନକୁ ଆସି ଘରେ ପହଞ୍ଚିଲା ବେଳକୁ ସକାଳ ।

ପରେ ପରେ ପୁଣି କଟକ ବାହାରେ ସାହିତ୍ୟ ସଭା ପାଇଁ ଆମକୁ ଡ଼କରା ଆସିଲା । କହିଲି ମୁରାରି ବାବୁ, ଆଉ କ'ଣ ସାହିତ୍ୟ ସୃଷ୍ଟି ପାଇଁ ବାହାରକୁ ଯିବା ପାଉଁରୁଟି ଚୋବେଇବା ପାଇଁ ? ହସି ହସି କହିଲେ ସେ—"ଆବେ, ସାହିତ୍ୟ କ୍ଷେତ୍ରରେ ସୃଷ୍ଟି କରିବା ପାଇଁ ଓଡ଼ିଆ ମାଟିରେ ଆମର ଜନ୍ମ । ଆମେ ସେ ସୃଷ୍ଟି ଛାଡ଼ିବା କପରି ? ଯେତେବେଳେ ଆମ ଭଳି ସାହିତ୍ୟ ସ୍ରଷ୍ଟା ଆଗେଇ ଆସି କହିବେ, ଏବେ ତୁମେ ବିଶ୍ରାମ ନିଅ, ଆମେ ସୃଷ୍ଟି କରିବୁ, ସେତେବେଳେ ଯାଇଁ ବିଶ୍ରାମ ନେବା ଆମେ । ତଥାପି ସବୁ ଅସୁବିଧାର ସମ୍ମୁଖୀନ ହୋଇ ଆମେ ଗାଁ ଗହଳରେ ମଧ୍ୟ ଚେଷ୍ଟା କରିବା ସାଂସ୍କୃତିକ ବିପ୍ଳବ ସୃଷ୍ଟି କରିବା ଲାଗି ।" ସେଇ ବ୍ରତରେ ଏ ଯାବତ୍ ଦୀକ୍ଷିତ ହୋଇ ନିଜର ସାଧନା ଓ ସୃଷ୍ଟିରେ ବ୍ୟାଘାତ ଘଟାଇ ଆମେ ସ୍କୁଲ, କଲେଜ ଏବଂ ଗ୍ରାମ ମାନଙ୍କର ସାଂସ୍କୃତିକ ସମାରୋହରେ ଯୋଗ ଦେଉଛୁ । ଖାଇବା, ଶୋଇବାରେ ସମୟ ନ ରଖି ରୋଗୀଣା ହୋଇଛୁ । ତଥାପି ଯାତ୍ରା ସ୍ଥଗିତ ହୋଇ ନାହିଁ ।

ମୋର ମନେ ହୁଏ, ମୁରାରି ବାବୁଙ୍କ ପରି କୋଡ଼ିଏ ତିରିଶ ଜଣ ସଂସ୍କୃତି ସଚେତନ ବ୍ୟକ୍ତି ଅଣ୍ଟା ଭିଡ଼ିଲେ ସଂଖ୍ୟାଧିକ ବିସ୍ମୃତ ପ୍ରତିଭା ଯେ, କବର ଭିତରୁ ପୁଣି ମୁଣ୍ଡ ଟେକିବେ, ନୂତନ ସାହିତ୍ୟିକ ସୃଷ୍ଟି ହୋଇ ପାରିବେ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ମୁଁ କବି ମୁରାରି ଜେନାଙ୍କ କବିତା କିମ୍ବା ସମାଲୋଚକ ମୁରାରି ଜେନାଙ୍କ ଆଲୋଚନାର ଦୃଷ୍ଟି ଭଙ୍ଗୀ ସଂପର୍କରେ ଉଲ୍ଲେଖ କରୁ ନାହିଁ । କେବଳ ଏତିକି କହୁଛି—ତାଙ୍କ ପ୍ରାଣ ସାହିତ୍ୟ ପ୍ରାଣ—ତାଙ୍କ ଜୀବନ ସଂସ୍କୃତି ସଚେତନ ଜୀବନ । ତାଙ୍କର ଏକ ଉଲ୍ଲେଖନୀୟ ସମାଲୋଚନା ପୁସ୍ତକ—'ସବୁଜ ଯୁଗ ଓ ବୈକୁଣ୍ଠ ନାଥ' ପ୍ରକାଶ ପାଇବା ପରେ ସେ କିଛି ଦିନ ଧରି ସମାଲୋଚନା କ୍ଷେତ୍ରରୁ ଓହରି ଯାଇଥିଲେ । ତା'ପରେ ଲେଖିଲେ 'ଓଡ଼ିଆ ସାହିତ୍ୟରୁ କିଛି' । ଏହି ପୁସ୍ତକର ମୁଖବନ୍ଧରେ ମୁଁ ଲେଖିଥିଲି—'ପୁଣି କାଳିଆ ଲେଉଟିଲା' ।

ସତ କଥା—ତା'ପରେ ନିରବଚ୍ଛିନ୍ନ ଚାଲିଛି ତାଙ୍କ ଲେଖନୀ । ବାଧା-ବନ୍ଧନ ମାନି ନାହିଁ ସେ । ଅସଂଖ୍ୟ ସ୍ମରଣିକା ସଂକଳନ, କବିତା ପୁସ୍ତକ, ସମାଲୋଚନା ପୁସ୍ତକ, ଏପରିକି ପୌରାଣିକ ଗୀତିନାଟ୍ୟ ଓ ନାଟକରେ ସେ ପ୍ରକାଶ କରିଛନ୍ତି ନିଜକୁ । ଉତ୍ସର୍ଗ କରିଛନ୍ତି ଜୀବନ, କେବଳ ସାହିତ୍ୟ ସାଧନା ପାଇଁ । ଶେଷରେ ତାଙ୍କ ଉଦ୍ଦେଶ୍ୟରେ ମୋର କେତୋଟି ଧାଡ଼ି—

"କବି ତୁମେ, ଆଲୋଚକ ତୁମେ
ବଂଧୁ ପ୍ରେମୀ ପ୍ରତିଭା ପୂଜାରୀ
ସ୍ନେହ, ଶ୍ରଦ୍ଧା, ପ୍ରୀତିର ପ୍ରତୀକ ତୁମେ
ସଂସ୍କୃତିର ଜାଗ୍ରତ-ପ୍ରହରୀ
ମାନବିକ ଗୁଣେ ଗୁଣୀ
ଦୀର୍ଘଜୀବୀ ହୋଇ ରୁହ
ମୋ ବନ୍ଧୁ ମୁରାରି ।

●

ସୁଜାତା ଭବନ
ରାଜାବଗିଚା, କଟକ-୯

Digitized by srujanika@gmail.com

ଆତ୍ମ-ଗୀତ

● କୈଳାସ ଲେଙ୍କା

ହେ ଉଦ୍ଧବ, ହେ ମାଧବ
ଏ ଅପରାଧୀ ଲେଖୁଚି, ବରାବ୍ଦ କବିତା ନୁହଁ
ଆତ୍ମ-ଗୀତ/ହଂସ କଥା/ମାନସର କଥା ।

ଛନ ଛନ ପଉଳନ, ଚଞ୍ଚଳ ଚଗଲା ମନ, ଭିନ୍ନ ଭିନ୍ନ ଇଲାକାରୁ
ଜହ୍ନ, ଫୁଲ, କୁମାରୀ, ଲବଙ୍ଗଲତା, ନନ୍ଦନ କାନନେ କଚ୍ଛ ଭାବ ତୋଳି
ଶବ୍ଦ ଯେବେ ଅରୂପକୁ ରୂପ ଦେଉଥିଲା
ତାକୁ ସବୁ ଖାତାରେ ଉତ୍ତାର ଲେଖେ 'ଏ ମୋର କବିତା'
ଏ ଜାତର ସଂକୁଚିତ ମାନଚିତ୍ରେ, ସଭିଏଁ ତ ସଂକୁଚିତ ଚିତ୍ତ
କାହା ଆଗେ ଶୁଣାଇବ, ପ୍ରାଣ କାହିଁ, ପ୍ରେମ କହ କାହିଁ ??

କିଏ ମନ ପ୍ରାଣ ଦେଇ ବଙ୍କା ଅକ୍ଷର ସବୁ ସିଧା କରି ଶିଖାଇବ ?
ଗୁରୁ ଗୌରୀ କୁମାର ବ୍ରହ୍ମା ଆଜ୍ଞା ଦେଲେ
'ମୁରଲୀକୁ ଦେଖ—ତୋର ଯେତେ ଲେଖା ।

ତୋର ଏଇ ସାହିତ୍ୟର ସେବା ସାଧନାକୁ/ତୋର ଏଇ କବିତା ଲେଖାକୁ
କପରି କପରି ଏ ସବୁର ବଢ଼ତି ହୋଇବ/ସେଇ ଏକା
ନିଷ୍ଠେ ତୋତେ ବାଟ ଘାଟ ସବୁ ଦେଖାଇବ/ତା'ଛଡ଼ା
ମୋ ଆଖିରେ ନ ଦିଶନ୍ତି କେଇ ତୋ'ର ସଖା ।'

ସେଇ ଦିନୁ/ସେଇ ମୁହୂର୍ତ୍ତିରୁ, ଗୁରୁଙ୍କର ଆଜ୍ଞା ବୋହି
ମନମନ ଚଇତନେ, ମୁରଲୀକୁ ମଣି ବଡ଼ ଭାଇ
ମୁରଲି ଭାଇ, ମୁରଲି ଭାଇ
ଡ଼ାକ ଦେଲି ତୁହାଇ ତୁହାଇ ।

ତାକୁ ପୁଣି ଆପଣାର କରି/ଆପଣେଇ ନେଲି
ସାହିତ୍ୟର ତତ୍ତ୍ୱ ଆଉ/କବିତାର ତଥ୍ୟ
କେଉଁ ପରି କେଉଁ ଶୈଳୀଟାରେ ?

Digitized by srujanika@gmail.com

ଲେଖା ହେବ ଗୋଟି ଗୋଟି ତା'ଠାରୁ
ଆଦବ୍‌-କାଇଦା ପାଇ/ମୋ ଜୀବନେ
ମୁଁ କୃତାର୍ଥ ହେଲି ॥

ଜ୍ଞାନ ପୀଠ ବିଜେତା/ଜ୍ଞାନଚେତା ଗୋପୀନାଥ କହିଲେ—
'ପ୍ରଚଣ୍ଡ ପରିଶ୍ରମ କରିଛ କୈଳାସ, ଏ ଜାତିରେ କେହି କା'ରେ
ଧନ୍ୟବାଦ ଦିଏ ନାହିଁ/ନିଜ କଥା, ନିଜେ ଲେଖ
ସେ ଲେଖା ହିଁ ଇତିହାସ—'

ସାଗରେ ଭାସିଲି ଅବା ସାଗରେ ବର୍ଷିଲି
ଚିନ୍ତନଶୀ'ରୁ ଉଦ୍ଧୃତ ଛନ୍ଦ କବିତା, ଏକଶତ ଗଳ୍ପ
ଖଣ୍ଡିଏ ବହି ମୋ କାହିଁ ? କିଏ ଛାପିବ, କିଏ ପଢ଼ିବ ଏଠାରେ ?

'ଶକୁନ'କୁ ଛାପି ଦେଲେ ମୃତ୍ୟୁ ଭୟେ—'ରାମଚନ୍ଦ୍ର ଭବନରେ
ଏକମାତ୍ର ସଭାଟିଏ କରିଥାନ୍ତା ପ୍ରିୟ, ଅତି ପ୍ରିୟ
ମୁରାରି ଭାଇନା ମୋର ।

ସବୁ କବି, ସାହିତ୍ୟିକ ଗୁଣଗାନେ ଏକମାତ୍ର
ବକ୍ତା, ଶ୍ରୋତା, ଗାଥା, ସେ ଦେବତା ।
ରକ୍ତ ବାନ୍ଧୁ କବି ସିଏ/ଗାଏ ପୁଣି ସଭିଙ୍କର ଗୁଣଗାନ
କରେ ପୁଣି ମୂଲ୍ୟାୟନ ।

ସେ ନ ଥିଲେ ସଭା ହୁଅନ୍ତାନି/ଆଉ ସ୍ମୃତି
ରହନ୍ତାନି/ରାମଚନ୍ଦ୍ର ଭବନର ସାରସ୍ୱତ ପୀଠେ ।

ଅମର କୋଷ ଖଣ୍ଡିଏ ତା' ଆତ୍ମ-ଜୀବନୀ
ପ୍ରଭୁ କଲ୍ୟାଣରୁ ଲେଖି ଯାଉ/
ନୀଳାଦ୍ରି ଗୋସାଇଁ ପାଖେ କରେ ମୁଁ ମାଗୁଣି/
ତା' କଲମ ମୂନେ ଲେଖୁ ଟିକିନଖି ସବୁ ଅଭିଜ୍ଞତା ।

●

ଆଡ଼ଭୋକେଟ
ଜଗନ୍ନାଥ ଲେନ, ବାଦମବାଡ଼ି
କଟକ - ୧୨

Digitized by srujanika@gmail.com

ନିର୍ଭୀକ କବି ମୁରାରି ମୋହନ

● ଡକ୍ଟର ଅର୍ଚ୍ଚନା ନାୟକ

ନିର୍ଭୀକତା ଓ ସ୍ପଷ୍ଟବାଦୀତାର ପ୍ରତୀକ ପୁରୁଷ, ମଣିଷର ଦୁଃଖ ଯନ୍ତ୍ରଣାରେ କାତର ଦରଦୀ ବନ୍ଧୁ, ସାମାଜିକ ଜୀବନର ଜାଗ୍ରତ ପ୍ରହରୀ, ସମାଜର ଅନ୍ୟାୟ, ଅନୀତି ବିରୋଧରେ ଚିର ସଂଗ୍ରାମରତ ଏବଂ ଜୀବିକା ଓ ଜୀବନର ଏକ ଚିରନ୍ତନ ଦ୍ୱନ୍ଦ୍ୱ ଭିତରେ ସାଲିସ୍‌ହୀନ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି କବି ମୁରାରି ମୋହନ ଜେନା । ଓଡ଼ିଆ କବିତା କ୍ଷେତ୍ରରେ ଜଣେ ଶକ୍ତିଶାଳୀ ବିଦ୍ରୋହୀ କବି ଭାବରେ ଶ୍ରୀ ଜେନା ପ୍ରତିଷ୍ଠିତ ।

କବି ଜେନାଙ୍କର କବିତା ଗୁଡ଼ିକ ଆଦୌ ଦୁର୍ବୋଧତା ଦୋଷ-ଦୁଷ୍ଟ ନୁହେଁ । କବିତାର ପରୀକ୍ଷା ନିରୀକ୍ଷା ନାମରେ ଅଯଥା ହଟ୍ଟଚମଟ୍ଟ ସୃଷ୍ଟି କରିବାର ପ୍ରୟାସ ସେ କୌଣସି ଠାରେ କରି ନାହାନ୍ତି କିମ୍ବା କଳ୍ପନାବିଳାସିତାକୁ ଆଦୌ ପ୍ରାଧାନ୍ୟ ଦେଇ ନାହାନ୍ତି । ତାଙ୍କ ସୃଷ୍ଟ ସମସ୍ତ କବିତା ନିଜର ନିଛକ ଅଭିଜ୍ଞତା ଓ ଅନୁଭୂତିରୁ ହିଁ ସଂଜାତ ହୋଇଛନ୍ତି ।

ସର୍ବୋପରି କବି ମୁରାରି ମୋହନଙ୍କ କବିତାର ପ୍ରାଣକେନ୍ଦ୍ର ହେଉଛି ସମାଜ । ସାମାଜିକ ବିଧି ବ୍ୟବସ୍ଥାରେ ଅନ୍ୟାୟ, ଅନୀତି, ଅବିଚାର ବିରୋଧରେ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ଆଜି ସମାଜରେ କେତେକ ତଥାକଥିତ ବଡ଼ପଣ୍ଡା ଦେଶ ସେବା ନାଁରେ ଗରିବ ଲୋକଙ୍କୁ ପ୍ରତାରିତ କରି ସେମାନଙ୍କର ଧନାଗାର ପୂର୍ଣ୍ଣ କରିବାକୁ କୁଣ୍ଠା ପ୍ରକାଶ କରୁନାହାନ୍ତି । ଆଇନର ଦୁହାଇ ଦେଇ କେତେକ ଅନ୍ୟର ଦୁର୍ବଳତାର ସୁଯୋଗ ନେଇ ତା' ମୁହଁରୁ ଖାଦ୍ୟ ଛଡ଼ାଇ ନେଉଛନ୍ତି । କେତେକ ଅନ୍ୟର ରକ୍ତ ଶୋଷଣ କରି ସମାଜରେ ବଡ଼ ଲୋକ ବୋଲାଉଛନ୍ତି । କେତେକ ନିଜର କ୍ଷମତା ଓ ପ୍ରତିପତ୍ତିକୁ

Digitized by srujanika@gmail.com

ଅନ୍ୟକୁ ଶାସନ ଓ ଶୋଷଣ କରିବାରେ ମଧ୍ୟ ପ୍ରୟୋଗ କରୁଛି । ଏ ସବୁ ଘଟଣା ସମାଜର ତଥାକଥିତ ଶିକ୍ଷିତ, ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଦେଖନ୍ତି, ବୁଝନ୍ତି ଓ ଶୁଣନ୍ତି । ତଥାପି ନ ଦେଖିଲା ପରି, ନ ବୁଝିଲା ପରି, ନ ଶୁଣିଲା ପରି ନୀରବ ରହି, ନିଜକୁ ସବାସର୍ବଦା ଏକ ନିରାପଦ ବଳୟ ଭିତରେ ରହିବାକୁ ଚେଷ୍ଟା କରନ୍ତି । ନିଜ ଉପରକୁ କିଛି ନ ଆସିବା ପର୍ଯ୍ୟନ୍ତ ସେ ବିଷୟରେ ପଦଏ ପ୍ରତିବାଦ କରିବାର ସାହସ ମଧ୍ୟ କରିପାରନ୍ତି ନାହିଁ । ଅଯଥା ଭୟ ଓ ଆଶଙ୍କାରେ ସମାଜର ବୁଦ୍ଧିଜୀବୀ ନାଗରିକ ଯେତେବେଳେ ତ୍ରସ୍ତ, ସେତେବେଳେ ସାଧାରଣ ଅଶିକ୍ଷିତ ବ୍ୟକ୍ତିମାନଙ୍କୁ କିଏ ଦେବ ନିରାପତ୍ତା ? ପୁଣି କିଏ ସେମାନଙ୍କ ଅଧିକାର ପାଇଁ ଦୃଢ଼ ସ୍ୱରରେ ଲଢ଼ିବାକୁ ଆଗେଇ ଆସିବ ?

ସେମାନଙ୍କ ପାଇଁ ଆଗେଇ ଆସିଛନ୍ତି ଅଗ୍ନିବାକ୍ ମୁରାରି ମୋହନ । କଥାରେ କବିତାରେ ବୁଣି ଚାଲିଛନ୍ତି ଅଗ୍ନି କଣା । ଅମଣିଷ ପଣିଆ ପ୍ରତି ପ୍ରୟୋଗ କରିଛନ୍ତି ଶାଣିତ ଶ୍ଳେଷ । ଭଦ୍ରତା ନାମରେ ନିର୍ବିକାର ଜଡ଼ତାକୁ ଦେଇଛନ୍ତି ପ୍ରଚଣ୍ଡ ଧକ୍କା, ମର୍ମଭେଦୀ ଆଘାତ ।

ତାଙ୍କର ଆଘାତ ହାତରୁ ସ୍ୱୟଂ ଭଗବାନ ମଧ୍ୟ ରକ୍ଷା ପାଇ ନାହାନ୍ତି । କବି ଦୃପ୍ତ କଣ୍ଠରେ ପଚାରିଛନ୍ତି 'କୁହ ଭଗବାନ କୁହ' କବିତାରେ—

"ମିଥ୍ୟାର ମିଥ୍ୟା ଗୁଣ୍ଠି ଗୁଣ୍ଠି ଯିଏ
ମିଥ୍ୟା ଗଜୁରି କରେ,
ଏଡ଼େ ସଇତାନ ଭଗବାନ ତୁମେ
ଢାଳୁଛ ଆଶିଷ କରୁଣା ତାହାରି ପରେ ।"

କବି ଦୀର୍ଘାୟୁ ହୁଅନ୍ତୁ । ଆଗାମୀ କାଲ ପାଇଁ ଏକ ସୁସ୍ଥ ସୁନ୍ଦର ସମାଜର ପରିଯୋଜନା ସହିତ ସମାଜରୁ ବିଭେଦ ଓ ବୈଷମ୍ୟ ଲୋପ ପାଇଁ ତାଙ୍କର ଲେଖନୀ, ଦେଇ ଚାଲୁ ବୈପ୍ଳବିକ ଆହ୍ୱାନ । ତାଙ୍କର ଦୀର୍ଘ ସଂଗ୍ରାମୀ ଜୀବନ ଯୁବ ସମାଜର ଆଦର୍ଶ ହେଉ, ପ୍ରେରଣା ହେଉ ।

●

ଅଧ୍ୟାପିକା 'ଓଡ଼ିଆ ବିଭାଗ'
ଶୈଳବାଳା ମହିଳା ମହାବିଦ୍ୟାଳୟ
ମିଶନରୋଡ଼, କଟକ

Digitized by srujanika@gmail.com

କବି ମୁରାରି ଜେନା

● ଶ୍ରୀ ଗୋଲୋକ ଚନ୍ଦ୍ର ମହାନ୍ତି

କଳାକାର ତା'ର କଳାର ନୈପୁଣ୍ୟ, କବି ତା'ର କବିତାର ଝଙ୍କାର, ଗାୟକ ତା'ର ସଙ୍ଗୀତର ମୂର୍ଚ୍ଛନା, ନର୍ତ୍ତକ ତା'ର ନୃତ୍ୟର ଛଟା ପରିବେଷଣ କଲା ବେଳେ, ସେ ପାଠକ / ଶ୍ରୋତା ବା ଦର୍ଶକର ମନ ମଞ୍ଜରୁ ଯେଉଁ ପ୍ରଶଂସାର ଓ ଉତ୍ସାହର ଅର୍ଘ୍ୟ ପାଏ, ସେଥିରେ ସେ ଯେଉଁ ସ୍ୱର୍ଗୀୟ ଆନନ୍ଦ ଓ ପ୍ରେରଣା ଲାଭ କରେ, ତାହା ଅନୁଭବୀ ବିନା ଭାଷାରେ ପ୍ରକାଶ କରାଯାଇ ପାରେନା । ଧନ, ରତ୍ନ, ମଣି, ମାଣିକ ସେ ଅନୁଭୂତିର ସମକକ୍ଷ ହୋଇ ପାରେନା । ସେଇଠାରେ ତା'ର ମନ ଭିତରେ ଗଢ଼ି ଉଠେ କଳାର କୋଣାର୍କ, ସାଧନାର ରତ୍ନବେଦୀ ଓ ଜୀବନର ସାର୍ଥକତା । ସେଇ ସାର୍ଥକତାକୁ ହିଁ ଉପଜୀବ୍ୟ କରି, ସେ ଦିବ୍ୟ ଜୀବନ ଭିତରେ ଦିବ୍ୟ ଗତିକୁ ଲାଭ କରେ ।

ଆମ ଦେଶର ପ୍ରିୟ ପରିଚିତ ବିଶିଷ୍ଟ କବି / ସଙ୍ଗଠକ ଓ ସମାଲୋଚକ ଶ୍ରୀ ମୁରାରି ମୋହନ ଜେନାଙ୍କର ସତାବନତମ ଜନ୍ମ ଜୟନ୍ତୀ ପାଳନ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଇ ସମାଜର ଗୁଣୀ-ଗଣ ମାନଙ୍କର ଗହଣରେ ତାଙ୍କ ପ୍ରତିଭାର ପୂଜା, ତାଙ୍କ ଅବଶିଷ୍ଟ ଜୀବନର ଜୟଯାତ୍ରା ପାଇଁ ଅଗ୍ରଜ ମାନଙ୍କର ଅଶେଷ ଆଶୀର୍ବାଦ ପ୍ରଦାନ, ସମବୟସ୍କ ଓ ଅନୁଜ ମାନଙ୍କର ଶ୍ରଦ୍ଧା ଓ ସମ୍ମାନ ସେ ଜୀବଦ୍ଦଶାରେ ଦେଖି ଓ ଶୁଣି କିଏସ୍ତ ଅଭିଭୂତ ହେବେ ଓ ସମାଜର ଭବିଷ୍ୟତ ଗଠନରେ ନିଜ ଜୀବନକୁ ଉତ୍ସର୍ଗ କରିବେ ।

ଭକ୍ତ କବି ମଧୁସୂଦନଙ୍କ ଭାଷାରେ—

''ନୁହେଁ ବୃଦ୍ଧ ସେହି ଜନ ଶୁକ୍ଳ କେଶ ଅଟେ ଯା'ର ଶିର,
ଯୌବନେ ଯେ ଜ୍ଞାନେ ରତ ଦେବେ ତାଙ୍କୁ ବୋଲନ୍ତି ସ୍ଥବିର ।''

ମୁଁ ବୟସରେ କବି ଶ୍ରୀ ଜେନାଙ୍କର ଜ୍ୟେଷ୍ଠଭ୍ରାତ ସମ । ତାଙ୍କର ପରିବାର ସଙ୍ଗେ ମୋର ବହୁ କାଳର ସମ୍ବନ୍ଧ । ସେଥିଲାଗି ମୋର ଆଶୀର୍ବାଦର ପାତ୍ର ସେ । କିନ୍ତୁ ତାଙ୍କର ଛାତ୍ରାବସ୍ଥାରୁ କ୍ରମାଗତ ସାହିତ୍ୟ ସାଧନାର ସିଦ୍ଧିକୁ ସମ୍ମାନ ପ୍ରଦର୍ଶନ

Digitized by srujanika@gmail.com

କରିବା ମୋର ଏକାନ୍ତ କର୍ତ୍ତବ୍ୟ । ତାଙ୍କର ଜନ୍ମସ୍ଥାନ ଭଗତପୁର ଓ ମୋର ଜନ୍ମ-ସ୍ଥାନ ଝିନ୍‌ନଗର । କଟକ ସହର ଭିତରେ । 'ଭାବକୁ ନିକଟ ଅଭାବକୁ ଦୂର' ପରି ତାଙ୍କର ମୋର ସାକ୍ଷାତ ସବୁବେଳେ ନିକଟ । ଅତୀତରେ ମୁଁ ତାଙ୍କ ସଂପର୍କରେ 'ଜେନା କବି' ରୂପକ ରଚନା କରି, ତାଙ୍କ ପ୍ରତିଭାର ବିଭିନ୍ନ ଦିଗ ବିସ୍ତୃତ ଭାବେ ଆଲୋଚିତ ଓ ଉଦ୍‌ଘାଟିତ କରିଛି ।

ଆଜି ଶ୍ରୀ ଜେନାଙ୍କର ଶୁଭ ଜନ୍ମତିଥିରେ ତାଙ୍କର ଓ ତାଙ୍କ ପରିବାରର କଲ୍ୟାଣ ଲାଗି କଳା ଠାକୁରଙ୍କ ନିକଟରେ ଯୋଡ଼ ହସ୍ତରେ ଜଣା କରୁଛି ।

ଏଇ ଅବସରରେ ପୁଣି ଆଶା ଓ ବିଶ୍ୱାସ ପୋଷଣ କରୁଛି ଯେ, ଶ୍ରୀ ଜେନାଙ୍କ ଭକ୍ତ ପ୍ରତିଭାଧର ମାନଙ୍କର ପୂଜା ପାଠ, ତାଙ୍କର ଜୀବଦ୍ଦଶାରେ ହିଁ ସମାଦୃତ ଓ ସମାହୃତ ହେଉ ଓ ଶ୍ରୀ ଜେନା ଏହାର ନେତୃତ୍ୱ ନିଅନ୍ତୁ ।

●

ଝାନ୍‌ନଗର, କଟକ-୧୨

Digitized by srujanika@gmail.com

ଜୟନ୍ତୀର ଜୟଗାନ

● ଶ୍ରୀ ତ୍ରିଲୋଚନ ଭୋଲ

ତୁମକୁ ଭେଟିଥିଲ କେବେ କେଉଁ
ସମୟର ଛକରେ
ଆଜି ଭେଟୁଚ ତମ ଜୟନ୍ତୀକୁ ।
ତମର ଜୟଯାତ୍ରାର ପଦଧ୍ୱନିକୁ
ମୁଁ ନିରୀକ୍ଷଣ କରୁଚ ବାରମ୍ବାର
ଗୋଟିଏ ସରଳ ପକ୍ଷୀର, ଆଖିଟିଏ ନେଇ ।
କେତେ ଫୁଲର ଉତ୍ସବରେ
ଏ ପୃଥିବୀ ପଡ଼ିଲାଣି ନିଦରେ ଘୁମେଇଁ
କେତେ ଶତାବ୍ଦୀ ଗଲାଣି ଫେରି
ଫେରିବାଲା ପରି
କିଏ ତାକୁ ମନେ ରଖୁଚି କହି ପାରିବ ?
କିଏ ତାକୁ ମନେ ରଖୁଚି ?
ତମେ କିନ୍ତୁ ରହି ଯାଇଚ ଏ ମନରେ
ପ୍ରତିଟି କଥାରେ, ନଥାରେ
ପ୍ରତିଟି ପ୍ରତିଭାର ବଦାନ୍ୟ ପର୍ବରେ
ବନ୍ଦନାରେ, କ୍ରନ୍ଦନରେ
ହସରେ ହୃଦରେ ଆଉ ଅଶ୍ରୁ ତର୍ପଣରେ ।

ସବୁ ଗଲାବେଳେ
ତାହାକୁ ଦେଇଚ ସବୁ ରଖିବାର ଆଶା,
ପିନ୍ଧାଇଚ ସମୟରେ ସୁନ୍ଦରର ଭୂଷା
ମୃତ୍ୟୁର ଓଠରେ ଦେଇଚ
ଅମୃତର ଅନନ୍ତ ପିପାସା ।
ହେ କବି ମୁରାରି ମୋହନ !
ଆଜି ତୁମ ଜୟନ୍ତୀର ଏଇ ଜୟଗାନ
ରହୁ କୋଟି ହୃଦୟରେ ଜୀଇଁ
ଯୁଗ ଯୁଗ ପାଇଁ ।

●

ବନଲୋଇ, ବାଣପୁର, ପୁରୀ

Digitized by srujanika@gmail.com

ସାହିତ୍ୟର ଜଣେ ସାର୍ଥକ ଓ ସଫଳ ଖେଳାଳୀ

● ଡ଼ାକ୍ତର ବିଜୟ କୁମାର ନନ୍ଦ

'ଆଜିର ଜୀବନ କାନନେ ସର୍ଗୀରେ ଫୁଟି ଫୁଟି ପଡ଼େ ଜୀବନ ଫୁଲ
କେହି ତ ବୁଝିନି ଜୀବନ ବେଦନା ତୁଟି ତୁଟି ଯାଏ ଜୀବନ ମୂଲ ।"

କାହିଁ କେତେ ବର୍ଷ ତଳର ମୁରାରି ବାବୁଙ୍କ କବିତା । କେତେ ସାଦା ଓ ସରଳ ଅଥଚ କେତେ ଓଜନଦାର ? ଦୀର୍ଘ ତିରିଶ ବର୍ଷ ଧରି ମୁଁ ତାଙ୍କୁ ଦୂରରୁ ଦେଖି ଆସିଛି । ଧୀରେ ଧୀରେ ତାଙ୍କ ସାହିତ୍ୟ କଳିକା ଫୁଟି ଉଠୁଥାଏ । ତାଙ୍କର ଆବେଗମୟ ଭାଷା, ସାହିତ୍ୟ ରାଜ୍ୟରେ ମଧ୍ୟ ପ୍ରବଳ ଗୁଞ୍ଜନ ସୃଷ୍ଟି କରୁଥାଏ । କେବଳ ସେ ପ୍ରଶ୍ନ କରି ଚାଲିଥାନ୍ତି—

"ଜୀବନ କି ଖାଲି ବ୍ୟଥାର ରାଗିଣୀ ଗୀତିକା
ଫଳ ଫୁଲ ଭରା ଏଇ ଜୀବନର ବୀଥିକା ?"

ରେଭେନ୍‌ସା କଲେଜରୁ ମୁଁ ବାହାରି ଆସିଲା ପରେ, ମୁରାରି ବାବୁଙ୍କର ପରିଚୟ ଖୋଜେ ବିଭିନ୍ନ ସାହିତ୍ୟ-ପତ୍ରିକାରେ । ଓଡ଼ିଆ ସାହିତ୍ୟର ପତାକା ଉଡ଼ାଇବାରେ ସେ ଆଗୁସାର । ଓଡ଼ିଆ ସାହିତ୍ୟକର ପ୍ରତିଷ୍ଠାରେ ସେ ଶତମୁଖ । ଅମର୍ଯ୍ୟାଦା ସେ ସହି ପାରିବେନି । ଅକଥା ସେ ଶୁଣି ପାରିବେନି । ଅଭାଷା ପଢ଼ି ପାରିବେନି । ସେଇତ ବିଦ୍ରୋହୀ କବି ମୁରାରି ଜେନା, ପ୍ରତିଭାର ନବ ଦିଗନ୍ତ ।

ସବୁବେଳେ ତାଙ୍କୁ ଦୂରରୁ ଦେଖିଛି । ପାଖକୁ କେବେ ଯାଇନି । ତାଙ୍କର ବହୁ କବିତା ପଢ଼ିଛି । ସାହିତ୍ୟ ସଭାରେ ସେ ଯେଉଁ ଆଲୋଡ଼ନ ସୃଷ୍ଟି କରନ୍ତି, ତାହା ଖବର କାଗଜରେ ଦେଖିଛି । 'ଉତ୍କଳ ସାହିତ୍ୟ ସମାଜ' ପ୍ରକୋଷ୍ଠରେ ସେ ଯେଉଁ ପୂଜ୍ୟ-ପୂଜା କରନ୍ତି, ତାହା ମଧ୍ୟ ଶୁଣିଛି । ଚନ୍ଦନ ପଡ଼ିଆ ମାରୁତି ମଣ୍ଡପରେ ରାମଲୀଳା ଭିତରେ ତାଙ୍କର ଆତ୍ମା ଘୁରି ବୁଲୁ ଥିବାର ଜାଣିଛି । କିନ୍ତୁ ଦିନେ ହେଲେ ତାଙ୍କ ସହିତ କଥା ହେବାର ସୁଯୋଗ ଘଟି ନାହିଁ ।

ହଠାତ୍ ଦିନେ ଭୁବନେଶ୍ୱର ଯିବାକୁ ରାସ୍ତାରେ ଠିଆ ହୋଇ-ଛନ୍ତି, ବସ୍ ଅପେକ୍ଷାରେ । ତାଙ୍କ ସାହଚର୍ଯ୍ୟର ଲୋଭକୁ ସମ୍ଭାଳି ପାରି-ଲିନି । ଅଟକାଇଲି ଗାଡ଼ି । ମୋ ସହିତ ଯିବେ ? ଅମ୍ଲାନ ବଦନରେ ମୋ ଗାଡ଼ିରେ ସେ ବସିଲେ । ମନମୋର ଆନନ୍ଦରେ ଭରିଗଲା । ସେ ଜାଣନ୍ତିନି ମୁଁ କିଏ ? ହୁଏତ ଜଣେ ଗୁଣଗ୍ରାହୀ । ଗାଡ଼ି ଚାଲିଲା । ମୋଟା ଗଳାରେ

Digitized by srujanika@gmail.com

ଅତି ଆନ୍ତରିକତାର ସହ ସେ ସାହିତ୍ୟର କେତେ ଘଟଣା/ଅଘଟଣ ବର୍ଣ୍ଣନା କରି ଚାଲିଥାନ୍ତି । ବୟସର ସିଡିରେ ସେ ସଂଗ୍ରାମୀ କବି ଆଜି ଶୀର୍ଷ କିନ୍ତୁ ଠୋ ଠା' କଥା କହିବାର ଠାଣି-ମାଣିରେ କୌଣସି ପରିବର୍ତ୍ତନ ନାହିଁ । ଗାଡିରୁ ଓହ୍ଲାଇ ଅତି ସ୍ନେହ ଶ୍ରଦ୍ଧାରେ ସେ ଦିନର ସ୍ମୃତି ସ୍ୱରୂପ ତାଙ୍କ ରଚିତ ଗୋଟିଏ କବିତା ବହି ମୋତେ ଦେଇଗଲେ । ମୁଁ ସେଇ କବିତା ପୁସ୍ତକ ପଢ଼ି ଦେଖିଲି ଯେ ପ୍ରାଚୀନ ଓ ଆଧୁନିକତାର ମଧ୍ୟସ୍ଥଳୀରେ ସେ ଦଣ୍ଡାୟମାନ । ଉଭୟ ଜନ୍ମ ନେଇଛନ୍ତି ତାଙ୍କର ରଚନାରେ । ସେଇଥି-ପାଇଁ ତ ତାଙ୍କର ଏତେ ଅଭ୍ୟର୍ଥନା । ଜୀବନ ଅନ୍ଧକାରରେ ସେ ନଇଁ ପଡି ନାହାନ୍ତି । ଖୋଜି ଦେଖିଛନ୍ତି ଠିକ ଜହ୍ନଟି—"ଆକାଶରେ ଯିଏ ଚନ୍ଦ୍ର ଦେଖିଛି ସେ ପରି ବୁଝିଛି ଜୀବନ ଶୋଭା, ବେଦନାର ଯିଏ ବେଦନା ଆଜିର ମନ ଫୁଲ ତା'ର ମନର ଲୋଭା ।" କି ସୁନ୍ଦର ଆଶାର ପ୍ରଦୀପ ଜାଳିଲେ ମୁରାରି ବାବୁ । ଅତି ସାଧାରଣ ଅଥଚ ଅସାଧାରଣ । ଜୀବନଟା ତାଙ୍କର ସତେ ଯେମିତି ଏଇ କେଇଧାଡି କବିତାରେ ପ୍ରତିଫଳିତ ।

ସବୁଦିନ ସକାଳ ଚାଲି (Morning walk) ଆମ ଏଇ କାଠ-ଯୋଡି କୂଳରେ ପ୍ରାୟ ସବୁଦିନେ ମୁଁ ମୋର ଛାତ୍ର ଜୀବନର ସେଇ ବିପ୍ଳବୀ କବି ମୁରାରି ବାବୁଙ୍କୁ ଭେଟେ । ସାହିତ୍ୟର କେତେ ଅଙ୍ଗେ ଲିଭା କଥାର ଆଲୋଚନା ସେ କରି ବସନ୍ତି । ଆମର ସକାଳ ଚାଲିବାଟା ସେଇ ଆଲୋ-ଚନାରେ ଅତ୍ୟନ୍ତ ଆନନ୍ଦ ମୁଖର ହୋଇ ଉଠେ । ସେମିତି ସାଧାରଣ-ବେଶରେ ଚଳଚଞ୍ଚଳ ଚାଲିଛନ୍ତି ମୁରାରି ବାବୁ । କାହା ବିରୁଦ୍ଧରେ ଅଭିଯୋଗ ନାହିଁ କି ଅସନ୍ତୋଷ ନାହିଁ । ସବୁ ଯିମିତି ସେ ଜୟ କରିଛନ୍ତି, ତାଙ୍କରି ଭାଷାରେ—

"ଜୀବନ ଖେଳର ଜୟ ପରାଜୟ ଖେଳାଳୀର ସାଥେ ଭୁଞ୍ଜ ଅତି ଖେଳାଳୀ ଯେ ଚାହେଁ ଜାଳିବାକୁ ନିତି ଜୀବନର ସେଇ ଅଲିଭା ବତି ।"

ଆହୁରି ଜୋରରେ ଚାଲନ୍ତି ମୁରାରି ବାବୁ । ଓଡ଼ିଆ ସାହିତ୍ୟରେ ଆପଣ ତ ଜଣେ ସାର୍ଥକ ଓ ସଫଳ ଖେଳାଳୀ । ସାହିତ୍ୟର ଅଲିଭା ବତିକୁ ଜଳାଇବାରେ ଆପଣ ହିଁ ଉପଯୁକ୍ତ ମଣିଷ । ମୁଁ ସବୁଦିନ ସକାଳେ ଆପଣଙ୍କୁ ନଈକୂଳର ସକାଳ ଚାଲିରେ ଦେଖୁଥାଏ । ଶତାବ୍ଦୀ ପୂର୍ତ୍ତି କରି ଗାଇ ଚାଲନ୍ତୁ ମୁରାରି ବାବୁ, ମଣିଷ ହୃଦୟର ସେଇ ଆଶାର କବିତା ରାଗିଣୀ ।

●

ବଜ୍ରକବାଟି, କଟକ-୧

Digitized by srujanika@gmail.com

ମୁରାରି ଜେନା : ଏକ ମୂଲ୍ୟାୟନ

● ଶ୍ରୀ ବରଦା ପ୍ରସନ୍ନ ପଟ୍ଟନାୟକ

କବି ମୁରାରି ଜେନା କହିଲେ ଏକ ବ୍ୟକ୍ତି ବିଶେଷକୁ ନ ବୁଝାଇ ଏକ ଅନୁଷ୍ଠାନକୁ ବୁଝାଏ । ସେ କେବଳ ବହୁ ଗଦ୍ୟ ଓ ପଦ୍ୟର ସ୍ରଷ୍ଟା ନୁହଁନ୍ତି, ବହୁ ଲେଖକ ଓ କବିଙ୍କର ସ୍ରଷ୍ଟା ମଧ୍ୟ । ତାଙ୍କର ଗୁରୁ ଗମ୍ଭୀର ସ୍ୱରରେ ଯେଉଁ ମାଦକତା/ଆନ୍ତରିକତା ଓ ପ୍ରାଣ-ପ୍ରାଚୁର୍ଯ୍ୟ ଭରି ରହି-ଥାଏ, ତାହା ଏ ଜୀବନରେ ଅପାଶୋରା । ସବୁଥିରେ ସେ ଆଗୁଆ । ଚରୈବେତି, ଚରୈବେତି । ସିଏ କେବଳ ଭଗତପୁରର ମୁରାରି ନୁହଁନ୍ତି କିମ୍ବା 'ପ୍ରତିଭା ପୂଜା ପରିଷଦ' 'ଚେନ୍ନୁଳ ଗୋଷ୍ଠୀ' 'ଓଲୁଅ ଡ଼ାଙ୍ଗ' ବା 'ଯାଉଁଳ ବେଣ୍ଟ'ର ସଂପାଦକ ନୁହଁନ୍ତି କିମ୍ବା 'ଭଗବାନ ମୁଁ ତୁମକୁ ଚିଆ ଫାଡି ଦେବି'ର ପ୍ରବକ୍ତା ନୁହଁନ୍ତି, ସିଏ ଏକ ଅନିର୍ବାଣ ଦୀପଶିଖା । ସବୁଠି ସିଏ ବିଦ୍ୟମାନ । ଅନ୍ଧାରରେ, ଆଲୁଅରେ, ଝଡ଼ରେ, ଝଙ୍କାରରେ, ବିଦ୍ରୋହରେ, ବିପ୍ଳବରେ ମୁକ୍ତି ଚେତନା ଓ ଚେତାବନୀରେ । ସିଏ ଏକ ନୁହଁନ୍ତି ଅନେକ । ଏକ ବଚନ ନୁହଁନ୍ତି ବହୁ ବଚନ—ସବୁ କିଛି । ଏଇଭଳି ଏକ ଅନୁଷ୍ଠାନକୁ ମୁଁ ବହୁବାର ଦେଖିଛି ଓ ଚିହ୍ନିଛି ।

ସେ ତାଙ୍କର ଆଜି ଯୌବନୋତ୍ତର ବୟସରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଉନ୍ନତି କଳ୍ପେ ଯେଉଁ କାର୍ଯ୍ୟମାନ କରୁଛନ୍ତି, ତାହାହିଁ ଆମକୁ ବିଶେଷ ଭାବେ ବିସ୍ମୟାଭିଭୂତ କରିଥାଏ ।

ସମସ୍ତଙ୍କୁ · ଆପଣାର କରିବାରେ କି ମୋହନ ମନ୍ତ୍ର ସେ ଜାଣନ୍ତି କେଜାଣି, ଯେ ଥରେ ତାଙ୍କ ସହିତ ଆଳାପ-ଆଲୋଚନା କରିଛି, ସେ ସ୍ନେହ ଓ ଶ୍ରଦ୍ଧା ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଛନ୍ତି । ଏହା ସତ୍ତ୍ୱେ, ସେ ଯେଉଁଠାରେ ଯାହାର ତ୍ରୁଟି ବିଚ୍ୟୁତି ଦେଖିଛନ୍ତି, ସେ ଯେତେ ଆପଣାର ଓ ପରିବାରର ହେଲେ ମଧ୍ୟ ତାଙ୍କୁ ହିଁ କଠୋର ଓ ନିର୍ମମ ଭାବେ ସମାଲୋଚନା କରିଛନ୍ତି—ସେମାନଙ୍କର ତ୍ରୁଟି ବିଚ୍ୟୁତିରେ ସମାଧାନ କରିବାରେ ଓ ଅଣାଇବାରେ ।

Digitized by srujanika@gmail.com

ଆମ ଦେଶର ଏଇଭଳି ଜଣେ ପ୍ରଖ୍ୟାତନାମା କବି/ସଙ୍ଗଠକ ଓ ସମାଲୋଚକ ମୁରାରି ଜେନା ନିଜ ଗୋଡ଼ରେ ନିଜେ ଠିଆ ହୋଇଛନ୍ତି । ସେ କାହାରି ଦାନ-ଦୟାରେ ନିଜକୁ ମଣିଷ କରି ନାହାନ୍ତି । ସୁବର୍ଣ୍ଣ ଯେପରି ନିଆଁରେ ପଡିଲେ ତା'ର ଔଜଲ୍ୟ ପ୍ରକାଶ ପାଏ, ସେଇ ଭଳି ସେ ଦୁଃଖ ଦୈନ୍ୟର ନିଆଁରେ ଆଉଟି ପାଉଟି ହୋଇ ତା'ର ଔଜଲ୍ୟ ଓ ନିଜସ୍ୱ ଆମ ସମାଜରେ ପ୍ରକାଶ କରିଛନ୍ତି, ଅସମ୍ଭବ ଓ ଅସରନ୍ତି ଭାବରେ ।

ସେ ଗୋଟାଏ କାଉଁରିଆ କାଠି । ଭାଙ୍ଗିଯିବ ପଛେ, ନଇଁଯିବା ତାଙ୍କ ଜାତକରେ ନାହିଁ । ସେ ଜୀବନରେ ତଥା ସାହିତ୍ୟରେ ତେଲ ମାଲିସ୍ ଓ ବୁଟ୍ ପାଲିସର ପାଖ ମାଡି ନାହାନ୍ତି ଓ ଏହାକୁ ବାରମ୍ବାର ବିରୋଧ କରି ଆସିଛନ୍ତି । ଏଇଥିପାଇଁ ସେ ଖୋଲ୍‌ଟୋକ୍ ଓ ବେପରୁଆ । ନବାବ ପୁଅକୁ ଜବାବ ଦେବା ଲୋକ ।

ତେଣୁ ସେ ସତ୍ୟ ପାଳନରେ, ସବୁବେଳେ ସବୁ ପରିସ୍ଥିତିରେ ଅଗ୍ରଗାମୀ ଭୂମିକା ଗ୍ରହଣ କରି ଆସିଛନ୍ତି । ସତ୍ୟ ତଥା ଅପ୍ରିୟ ସତ୍ୟ କଥା କହି ସେ ବହୁ ଲୋକଙ୍କ ଚକ୍ଷୁଶୂଳ ହୋଇଛନ୍ତି । ତଥାପି ସେ ସତ୍ୟରେ ଯେମିତି ଦୃଢ଼ ରହି, ମିଥ୍ୟାକୁ ହଟାଇବାରେ ଦୃଢ଼ ମୁକାବିଲା କରି ଆସିଛନ୍ତି ଓ ଆସୁଛନ୍ତି ମଧ୍ୟ ।

ଏ ଯାବତ୍ ତାଙ୍କର ଦଶଟି ସାହିତ୍ୟ ସମାଲୋଚନା ପୁସ୍ତକ, କୋଡିଏଟି ସଂକଳନ ଓ ସଂପାଦନ ପୁସ୍ତକ, ପାଞ୍ଚଟି ପୌରାଣିକ ନାଟକ, ବାରଟି କବିତା ପୁସ୍ତକ, ଛ'ଟି ଶ୍ରମ-ସଂପର୍କୀୟ ପୁସ୍ତକ, ଦୁଇଟି ଇଂରାଜୀ ପୁସ୍ତକ ଓ ବହୁ ଜଣାଣ/ଭଜନ ପ୍ରକାଶ ପାଇଛି । ପୁଣି ତାଙ୍କର ବଳିଷ୍ଠ ସାହିତ୍ୟ କୃତି ଓ କୃତିତ୍ୱ ସଂପର୍କରେ ଯେଉଁମାନେ ସ୍ୱତନ୍ତ୍ର ଭାବେ ପୁସ୍ତିକ/ପୁସ୍ତିକାମାନ ଲେଖିଛନ୍ତି, ସେଇ ବରେଣ୍ୟ ଲେଖକମାନେ ହେଲେ—ସର୍ବଶ୍ରୀ ବିଜୟ କେଶରୀ ବର୍ମା, ଗୋଲୋକଚନ୍ଦ୍ର ମହାନ୍ତି, ଜେନାମଣି ଲକ୍ଷ୍ମୀକାନ୍ତ, ହରେକୃଷ୍ଣ ମହାପାତ୍ର, ସୁରେଶଚନ୍ଦ୍ର ମହାରଣା, ସୁରେନ୍ଦ୍ର ନାଥ ବିଦ୍ୟାଧର, ଡକ୍ଟର ମନମୋହନ ମହାନ୍ତି, ହୃଦାନନ୍ଦ ରାୟ ଓ ଶତ୍ରୁଘ୍ନ ନାଥ ପ୍ରମୁଖ ।

Digitized by srujanika@gmail.com

ପୁଣି କବି ଜେନାଙ୍କ ରଚିତ ଓ ଗ୍ରନ୍ଥଭାଷା ସମବାୟ ପ୍ରକାଶନ ଦ୍ୱାରା ପ୍ରକାଶିତ 'ସାହିତ୍ୟିକ ସିଂହାବଲୋକନ' ସମାଲୋଚନା ଗ୍ରନ୍ଥ ଅନନ୍ୟ ସାଧାରଣ । ଏଇ ସମାଲୋଚନା ଗ୍ରନ୍ଥରେ ଶ୍ରୀ ଜେନା ଆମ ଦେଶର ୬୭ଜଣ କବିଙ୍କୁ ପୁରାଣ ଯୁଗ ଠାରୁ ଆରମ୍ଭ କରି ବର୍ତ୍ତମାନ କାଳ ପର୍ଯ୍ୟନ୍ତ, ଯେପରି ଆଳାପ-ଆଲୋଚନା କରିଛନ୍ତି, ତାହା ହିଁ ଦେଖିବାର କଥା । ପୁଣି ଏଇ ସବୁ ଆଲୋଚନା ମାନଙ୍କରେ ସମାଲୋଚକ ଶ୍ରୀ ଜେନା ଯେପରି ଖୁଣ୍ଟି-ନାଣ୍ଟି ପରୀକ୍ଷା ନିରୀକ୍ଷା ସହକାରେ ପ୍ରତ୍ୟେକ କବିଙ୍କର ବିସ୍ତୃତ ବିବେଚନା କରି; ବହୁ ଦୁର୍ଲ୍ଲଭ ଓ ଦୁଷ୍ପ୍ରାପ୍ୟ ତଥ୍ୟ ମାନ ପ୍ରକାଶ କରିଛନ୍ତି, ତାହା ତାଙ୍କର ବଳିଷ୍ଠ ଗବେଷଣା ଜ୍ଞାନର ପରିଚୟ ଦେଇଥାଏ ।

ଏଇତକ କଥା ମୋ ସ୍ମୃତିରେ ଆଜି ଅଣାଇ, ଏଇ ସତାବନତମ ଜନ୍ମ-ଜୟନ୍ତୀରେ ମୁଁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିବା ସଙ୍ଗେ ସଙ୍ଗେ, ତାଙ୍କ ସୃଷ୍ଟ ସମସ୍ତ ସାହିତ୍ୟ ସୃଷ୍ଟି ସମ୍ଭାରକୁ ସଶ୍ରଦ୍ଧ ସ୍ୱାଗତ ଜଣାଉଛି ।

•

ବାଦାମବାଡ଼ି, କଟକ-୧୨

Digitized by srujanika@gmail.com

କ୍ରୁଦ୍ଧ ପ୍ରିୟ କବି

● ଡକ୍ଟର ଖଗେନ୍ଦ୍ର ନାଥ ମଲ୍ଲିକ

ଆହେ ଜେନା କବି
ଅଶାନ୍ତ ଓ ଅସନ୍ତୋଷର ଦୀର୍ଘଶ୍ୱାସ ଗ୍ଲାନି ଗ୍ଲାନି
ଚର୍ଚ୍ଚିଗଲା ଜୀବନର ଯେ ସୁନ୍ଦରୁ ଛବି
ତା'କୁ କେବେ ଲିଭିପାରେ ?
ହଜି ପାରେ ?? କ୍ରୁଦ୍ଧ ପ୍ରିୟ କବି ।

ଉତ୍ତପ୍ତ ଲାଭା ପରି ତୁମ କଣ୍ଠର ଆବାଜ
ପ୍ରତିଧ୍ୱନି ତୋଳେ ଯେବେ ଶିଳ୍ପୀ ରାମଚନ୍ଦ୍ର ଭବନରେ
ଯେ ଶୁଣିଛି / ସେ କହୁଛି
ଏ କି କାଳ ବୈଶାଖୀର ଉଲ୍‌କାପାତ / ଦୁର୍ବାର ଦୁରନ୍ତ ?
ମୁଁ କାଲି ଦେଖିଛି ସେଇ ଲାଭା ତଳେ
ସ୍ରୋତସ୍ୱିନୀ କରୁଣ ବିଳାପ ।
ବିଳାପରେ ଦୀର୍ଘଶ୍ୱାସ/ଝରାଦିନ ଦ୍ୱିପ୍ରହର ଶୁଖିଲା ବତାସ
ସଦ୍ୟ ବନ୍ଧ ନାଗ ପରି ଚିନ୍ତା କରିଥିଲା ଯାହା।

ଠିଆ ଫାଡ଼ି ଦେବାପାଇଁ ଜଗତର ନାଥ
ତାହା ହିଁ ଯଥାର୍ଥ ବନ୍ଧ , ତାହା ହିଁ ତ ଆତ୍ମାର ମହତ୍ତ୍ୱ ।

ଆଜି କିଏ ଯାଦୁଘରେ ସାଲୁବାଲୁ ସଗର ସନ୍ତାନ
ଧର୍ମ ନାମେ / ମଠ ନାମେ 'ଭଣ୍ଡେଶ୍ୱର ରାଜା'ଙ୍କର
ଯେତେ ଯାହା ଖେଳ / ସାତରାତ ହୁଏ ଏକ ରାତ
ସତୀତ୍ୱର ସଂଜ୍ଞା ହଜେ ଏଠି ବାରମ୍ବାର
ହେ ହେ ହସୁଥାନ୍ତି 'ଅଣ୍ଡିଆ କ୍ଷେତ୍ରପାଳ'
ସୃଷ୍ଟି ଝରି ବେଳେ ।

Digitized by srujanika@gmail.com

ନିଜକୁ ବି ନିଜେ, ପାରେ ନାହିଁ ଜାଣି
ବନ୍ୟାସ୍ରୋତେ ଯିବା ପରି ଭାସି
କାଠି-କୁଟା ଯେତେ ଯାହା ଅଛି
ନିରାଶାର ମନ ଆଉ ଉଠାଇ ପାରେନା
ତଥାପି ତଥାପି ଏଇ ମୋର ଆଶା ଓ ଭରସା
ତୁମର ଏ ଲେଖନୀରେ / ନିର୍ଭୀକରେ
ନିର୍ବିବାଦେ ଏଠି ଗର୍ଜମାନେ
ତୁମର ଏ ଜୀବନର ଗାନେ
ଉଠାଅ ଉଠାଅ ସ୍ୱର ସଞ୍ଜ ଓ ସକାଳ
ନ ହେଲେ ଚେତିବେ ନାହିଁ,
ପରାଣର ମୁନି ପରି ରଚୁଥିବେ ଯିନା ଏଠି କୁହୁଡ଼ି ଅକାଳ ।

●

ଅଧ୍ୟାପକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସରକାରୀ ମହାବିଦ୍ୟାଳୟ, ଅନୁଗୋଳ
ଢେଙ୍କାନାଳ ।

Digitized by srujanika@gmail.com

ଶ୍ରଦ୍ଧା ନିବେଦନ

● ଶ୍ରୀମତୀ ଗିରିଜା ଦଳବେହେରା

ଅଗଣିତ ମଣିଷଙ୍କ ମେଳରେ ସେ ବେଶ୍ ବାରି ହୋଇ ପଡ଼ନ୍ତି । ତାଙ୍କ କଣ୍ଠ ସ୍ୱରରେ ଥିବା ସ୍ନେହ ଶ୍ରଦ୍ଧାର ସମ୍ବୋଧନ, ବକ୍ତୃତାରେ ବଳିଷ୍ଠ ବକ୍ତବ୍ୟର ବିସ୍ଫୋରଣ, ଲେଖନୀର ଛନ୍ଦେ ଛନ୍ଦେ ବର୍ଣ୍ଣାଢ୍ୟ ଓ ବିଚିତ୍ର ବିନ୍ୟାସ, ସମାଲୋଚନାର ସୀମା ସରହଦ ମଧ୍ୟରେ ଚମତ୍କାର ଓ ଚିତ୍ତାକର୍ଷକ ଅଭିବ୍ୟକ୍ତି, ପ୍ରଶାସନ କ୍ଷେତ୍ରରେ ସାଲିସ୍ ଓ ମାଲିସ୍ ବିହୀନ ନ୍ୟାୟ ଓ ନିଷ୍ପତ୍ତି, ସାମାଜିକ ଜୀବନର ଚାଲି ଓ ଚଳଣୀରେ ମନୋମୁଗ୍ଧକର ଅମାୟିକ ଆତ୍ମୀୟତା, ସାହିତ୍ୟ, ସଂସ୍କୃତି ଓ ସାଂଗଠନିକ ଚିନ୍ତା ଓ ଚେତନାରେ ସାର୍ବଭୌମ ସହୃଦୟତା, ଶିଷ୍ଟତା ଓ ଶାଳୀନତା, ତାଙ୍କୁ ଏ ଯାବତ୍ ଚଳଚଞ୍ଚଳ ଓ କର୍ମମୁଖର କରି ରଖିଛି । ସେ ସବୁରି ପ୍ରିୟ ଓ ପରିଚିତ । ତାଙ୍କୁ ଏକ ବ୍ୟକ୍ତିର ଆଖ୍ୟା ନ ଦେଇ ବରଂ ଏକ ଅନୁଷ୍ଠାନର ଆଖ୍ୟା ଦିଆ ଯାଇପାରେ । ଏତେ ଗୁଡ଼ିଏ ଗୁଣର ଏକାନ୍ତ ଅଧିକାରୀ ହେଉଛନ୍ତି କବି ମୁରଳି ମୋହନ ଜେନା ।

ଅଗଣିତ କବିତା ଓ କାବ୍ୟର ସ୍ରଷ୍ଟା, ସାହିତ୍ୟିକ, ସମାଲୋଚକ, ସଂଯୋଜକ, ସଂପାଦକ, ନାଟ୍ୟକାର ତାଙ୍କର କବି ପ୍ରତିଭାରେ ଓ କବି ପଣିଆରେ ଯେତିକି ଆନନ୍ଦ ଓ ଗର୍ବ ଅନୁଭବ କରନ୍ତି, ବୋଧହୁଏ ଜଣେ ଦକ୍ଷ ସହକାରୀ ଶ୍ରମ କମିଶନର ଭାବରେ ସେତିକି ଗୌରବାନ୍ୱିତ ମନେ କରନ୍ତି ନାହିଁ ।

କଟକ ସହରର ବସ୍ତି ବାସିନ୍ଦା ଏହି ଦରଦୀ, ମରମୀ ତଥା ବିପ୍ଳବୀ କବି ଏକ ଅମଳିନ କବି ପ୍ରତିଭା । ଛାତ୍ର ଜୀବନରୁ ସେ ସାରସ୍ୱତ ସାଧନାରେ ଜଣେ ସ୍ଥିତ ପ୍ରଜ୍ଞ ସାଧକ ଭାବରେ ତାଙ୍କର ସ୍ଥିତିକୁ ଏ ଯାବତ୍ ବଜାୟ ରଖିଛନ୍ତି । ପୁନଶ୍ଚ ସେ ଜଣେ ଯୋଗଜନ୍ମା ଓ ମାନବବାଦୀ କବି ।

ମୁଁ ଯାହା ଜାଣିଛି କବି ଜେନାଙ୍କର ହୃଦୟ ଦୁଃଖରେ ବେଳେବେଳେ ବିଗଳିତ ହୁଏ, ଅଥଚ ତାଙ୍କର ଏଇ ଦୁଃଖ ମୋଚନ ଲାଗି ସେ କାହାରି ଭାଟ ବା ଚାଟୁକାର ହୋଇ ନାହାନ୍ତି ।

Digitized by srujanika@gmail.com

ଜଣେ ନିମ୍ନ ମଧ୍ୟବିତ୍ତ ପରିବାରର ସନ୍ତାନ ହେଲେ ହେଁ ନିଜର ଆଚାର ବ୍ୟବହାର ଓ ସାଧନା ସିଦ୍ଧିରେ ସେ ଯେପରି ଅନ୍ୟଙ୍କୁ ପ୍ରଚୁର ପ୍ରଚୁର ଭାବେ ପ୍ରଭାବିତ କରି ପାରିଛନ୍ତି, ତାହାହିଁ ତାଙ୍କ ଜୀବନର ଏକ ଅବିସ୍ମରଣୀୟ ଅଧ୍ୟାୟ ।

ସାଂସ୍କୃତିକ କ୍ଷେତ୍ରରେ ହେଉ ଅଥବା ସାହିତ୍ୟ କ୍ଷେତ୍ରରେ ହେଉ, ସେ ଯେଉଁଠି ନୂତନ ପ୍ରତିଭାର ସନ୍ଧାନ ପାଆନ୍ତି, ସେଥିରେ ସେ ଆତ୍ମ ବିଭୋର ହୋଇ ନୀରବ ରହନ୍ତି ନାହିଁ ବରଂ ସେଇ ପ୍ରତିଭାକୁ ଲୋକଲୋଚନକୁ ଆଣି ତାଙ୍କୁ ପରିଚିତ ଓ ପ୍ରତିଷ୍ଠା କରାଇବାରେ, ସକଳ ପ୍ରକାର ଉଦ୍ୟମ କରିଥାନ୍ତି । ଏହି ଗୁଣ ଏକ କ୍ୱଚିତ ଗୁଣ । ଏହା ସବୁରି ଠାରେ ମିଳେ ନାହିଁ ।

ସମାଜର ପ୍ରତ୍ୟେକ ସ୍ତରରେ ଘଟୁଥିବା ଅନ୍ୟାୟ ଓ ଅତ୍ୟାଚାରର ବିରୁଦ୍ଧରେ ଜଣେ 'ଜାଗ୍ରତ ପ୍ରହରୀ'ର ଦାୟିତ୍ୱ ତୁଲାଇବାରେ ଶ୍ରୀ ଜେନା ହେଉଛନ୍ତି, ଅନନ୍ୟ ସାଧାରଣ । ତାଙ୍କ କବିତାର ଛନ୍ଦେ ଛନ୍ଦେ ଫୁଟି ଉକୁଟି ଉଠେ—ସମସ୍ତ ପ୍ରକାର ସଂସ୍କାରର ଆର୍ତ୍ତ ଚିତ୍କାର । ପ୍ରିୟା-ପ୍ରୀତି ତୋଷଣ, ସାମ୍ବାଦିକତା ସାହିତ୍ୟ କ୍ଷେତ୍ରରେ ନିତିପ୍ରତି ଘଟୁଥିବା ଅଘଟଣକୁ ସେ ବରଦାସ୍ତ କରିବା ଲୋକ ନୁହନ୍ତି । ସମାଲୋଚନା ଜରିଆରେ ଜନମତକୁ ଜାଗ୍ରତ କରିବାରେ ତାଙ୍କର ଭୂମିକା କସ୍ମିନ କାଳେ ବିସ୍ମରଣ ହେବାର ନୁହେଁ ।

ତାଙ୍କର ବହୁମୁଖୀ ପ୍ରତିଭା, ତାଙ୍କୁ ସାରସ୍ୱତ କ୍ଷେତ୍ରରେ ଚିର ଅମ୍ଳାନ କରି ରଖିବ ହିଁ ରଖିବ; ଏଇ ମାଟି-ମଟାଳରେ ଏଇ ପାଣି-ପବନରେ, ଏଇ ଜନ-ଜୀବନରେ । ଏଇ ହେଉଚି ମୋର କବି ଶ୍ରୀ ଜେନାଙ୍କ ଶୁଭ ଜୟନ୍ତୀରେ ଶ୍ରଦ୍ଧା ନିବେଦନ ।

ମୋର ଅତ୍ୟନ୍ତ ଆନନ୍ଦ ଯେ, ମୋର ସେ ଦିନର ବିଦ୍ୟାଳୟ ବାନ୍ଧବୀ ଶ୍ରଦ୍ଧାମଣି, କବି ଶ୍ରୀ ଜେନାଙ୍କର ସହଧର୍ମିଣୀ । ତାଙ୍କର ଏ ଯୋଡି ମଣି-କାଞ୍ଚନର ଯୋଡି । ଶ୍ରଦ୍ଧାର ଶ୍ରଦ୍ଧା, କବି ଜେନାଙ୍କର ଜୀବନକୁ ଆହୁରି ଶ୍ରଦ୍ଧାମୟ / ସୁଖମୟ ଓ ଶାନ୍ତିମୟ କରି ତାଙ୍କ ସାହିତ୍ୟିକ ଜୀବନର ଚଲାପଥକୁ ଯେ ଆହୁରି କୁସୁମିତ କରିଛି ଓ କରିବ, ଏ ବିଶ୍ୱାସରେ ମୁଁ ଅତ୍ୟନ୍ତ ବିଶ୍ୱାସୀ ।

●

ଶିକ୍ଷୟିତ୍ରୀ, କମଳାକାନ୍ତ ବିଦ୍ୟାପୀଠ
ଉଲଟେଲିଙ୍ଗା ବଜାର, କଟକ-୯

Digitized by srujanika@gmail.com

ସୃଷ୍ଟି ଓ ସଙ୍ଗଠନରେ ମୁରାରି ଜେନା

● ଡ଼ାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ

କବି ମୁରାରି ମୋହନ ଜେନା ଏକ ଅସାଧାରଣ ପ୍ରତିଭା । ତାଙ୍କର ଅନନ୍ୟ ପ୍ରତିଭାକୁ ପ୍ରଧାନତଃ ଦୁଇଟି ଦିଗରୁ ବିଗ୍ଭର କରି ଯାଇପାରେ । ଜଣେ ସଫଳ ସାହିତ୍ୟ ସ୍ରଷ୍ଟା ଭାବେ, ସେ ଯେପରି ସୁପ୍ରତିଷ୍ଠିତ, ଜଣେ ବଳିଷ୍ଠ ସଙ୍ଗଠକ ଭାବେ ଠିକ୍ ସେଇପରି ସୁପରିଚିତ । ସର୍ଜନାତ୍ମକ ସୃଷ୍ଟି କ୍ଷେତ୍ରରେ ସେ କେବଳ ଜଣେ ଲୋକପ୍ରିୟ କବି ଭାବରେ ସୁପରିଚିତ ନୁହଁନ୍ତି, ସେ ଏକାଧାରରେ ଜଣେ ପ୍ରତିଷ୍ଠିତ କବି/ସମାଲୋଚକ/ଓ ସୁବକ୍ତା ମଧ୍ୟ । ଦୀର୍ଘ ପଚିଶିଶ୍ ବର୍ଷ ଧରି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖଣୀ ଗ୍ଭଳନା କରି ସେ ଯଶସ୍ୱୀ ହୋଇଛନ୍ତି । ବିଶେଷ କରି ତାଙ୍କ ରଚିତ ପୁସ୍ତକ—'ଭଗବାନ ମୁଁ ତୁମକୁ ଚିଠି ଫାଡ଼ି ଦେବି' 'ହେ ଡ଼ାକ୍ତର କୋରାମିନ୍ ବନ୍ଦ କର' 'ମୋ ନାଁରେ କୁକୁର ପାଳିବ' 'ମୁରାରି ଜେନାଙ୍କ ଶ୍ରେଷ୍ଠ କବିତା' 'ମୁରାରି ଜେନାଙ୍କ ଶହେ ଏକ କବିତା' 'ସାହିତ୍ୟିକ ସିଂହାବଲୋକନ' 'ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ' 'କବି ଗୁରୁ ଉପେନ୍ଦ୍ର ଭଞ୍ଜ' ପ୍ରଭୃତି ଯେଉଁମାନେ ପାଠ କରିଥିବେ, ସେଇମାନେ ନିଶ୍ଚିତ ଭାବେ ବୁଝି ପାରିବେ, ମୁରାରି ଜେନା କିପରି ଜଣେ ପ୍ରଚଣ୍ଡ ପ୍ରତିଭାଧର । ଏହାଛଡ଼ା ତାଙ୍କର ବହୁ ସୁସଙ୍କଳିତ ଓ ସୁସମ୍ପାଦିତ ଗ୍ରନ୍ଥ ଓଡ଼ିଆ ସାହିତ୍ୟକୁ ବିଶେଷ ଭାବେ ଋଦ୍ଧିମନ୍ତ ଓ ଗୌରବମନ୍ତ କରିଛି ।

ସେଇପରି ସାଙ୍ଗଠନିକ କ୍ଷେତ୍ରରେ ତାଙ୍କର ଅଗ୍ରଗାମୀ ଭୂମିକା ଅକଳନୀୟ । ଓଡ଼ିଶାର ସର୍ବପ୍ରାଚୀନ ସାରସ୍ୱତ ପୀଠ 'ଉତ୍କଳ ସାହିତ୍ୟ ସମାଜ'ର ସେ ଦୀର୍ଘ ଦିନ ଧରି ସଂପାଦକ ଭାବେ ତାଙ୍କର କର୍ମ ନିଷ୍ଠା, ସଙ୍ଗଠନ ସାଧନା ଓ ସିଦ୍ଧିର ଯେଉଁ ପରିଚୟ ଦେଇଛନ୍ତି, ତାହା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ଓ ଐତିହାସିକ ଅଧ୍ୟାୟ ।

ସେ ହେଉଛନ୍ତି ଜଣେ ପ୍ରକୃତ ପ୍ରତିଭା ପୂଜାରୀ । ପ୍ରକୃତ-ପ୍ରତିଭାକୁ ସେ ଯେପରି ପୂଜା କରି ଜାଣନ୍ତି, ଖୁବ୍ କମ୍ ଲୋକଙ୍କ ପାଖରେ ତାହା ଦେଖାଯାଏ । ବହୁ ପ୍ରତିଭାବାନ ବ୍ୟକ୍ତିଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ, ପ୍ରତିକୃତି ସ୍ଥାପନ, ସ୍ମରଣିକା ପ୍ରକାଶନ କ୍ଷେତ୍ରରେ ତାଙ୍କର ବଳିଷ୍ଠ ପଦକ୍ଷେପ ଓ ଅଦମ୍ୟ ଉଦ୍ୟମ, ତାଙ୍କୁ ଜଣେ ମହାନ ସାଧକ ଓ ଗୁଣୀଗଣ ଅଗ୍ରଣୀ ଭାବରେ ସୁ-ପ୍ରତିଷ୍ଠିତ କରି ପାରିଛି ।

Digitized by srujanika@gmail.com

ଗୁଣ ଚକ୍ଷେ ଗୁଣିଆ—ତେଣୁ ସେ ପ୍ରକୃତ ପ୍ରତିଭାକୁ ଉତ୍ତମ ରୂପେ ଚହ୍ନି, ତାହାର ପୂଜାପାଠ କରି ଆସିଛନ୍ତି ଓ ଆସୁଛନ୍ତି ମଧ୍ୟ ।

ଏତଦ୍‌ବ୍ୟତୀତ ସେ ଏକ ବର୍ଣ୍ଣିଳ—ବ୍ୟକ୍ତିତ୍ୱ । ତାଙ୍କର ସେଇ ବ୍ୟକ୍ତିତ୍ୱରେ ମୁଁ ବାରମ୍ବାର ମୁଗ୍‌ଧ ଓ ଲୁବ୍‌ଧ ହୋଇଛି । ତାହା ହେଲା—ମିଛକୁ ସତ କରି କହିବା, ଖୁସାମତି ବା ତେଲ ମାଲିସ୍ କରିବା, ତାଙ୍କ ଜାତକରେ ନାହିଁ । ସତ୍ୟର ସେ ଏକନିଷ୍ଠ ପୂଜାରୀ ହେତୁ ସେ ସତ୍ୟକୁ ସମ୍ମାନ ଦେଇ ଆସିଛନ୍ତି ଓ ଆସୁଛନ୍ତି । ଅପ୍ରିୟ ସତ୍ୟ କହିବାରେ, ତା'ର ପରିଣତି ଯା' ହେଉ ପଛକେ ସେଥିପାଇଁ ତାଙ୍କର ପରବାୟ ନାହିଁ । ଏଇ କାଠର ଓ ଏଇ ବାଟର ସ୍ପେକ୍‌ଟୋକ୍ ମଣିଷ କବି ମୁରାରି ଜେନା ।

ସ୍ରଷ୍ଟାର ଦେହାନ୍ତ ପରେ ତା' ଫଟୋଚିତ୍ରରେ ଫୁଲମାଳ ଦେଇ ପୂଜା କରିବାର ସେ ଘୋର ବିରୋଧୀ । ଜୀବଦ୍ଦଶାରେ ସେଇ ସ୍ରଷ୍ଟାର ସ୍ୱୀକୃତି ଓ ସମ୍ବର୍ଦ୍ଧନା ପର୍ବ ପାଳନରେ ସେ ଶତଜିହ୍ୱ ଓ ସତମୁଖର ।

ଏଇଭଳି ଏକ ବର୍ଣ୍ଣିଳ ବ୍ୟକ୍ତିତ୍ୱଙ୍କ ସହ ମୋର ପ୍ରଥମ ପରିଚୟ ହୁଏ ୧୯୮୦ ମସିହାରେ । ମୁଁ ସେତେବେଳେ 'ନବରାଗ' ସାହିତ୍ୟ ପତ୍ରିକା ସଂପାଦନା କରୁଥାଏ । ଲେଖା ସଂଗ୍ରହ ନିମନ୍ତେ ବହୁ ପ୍ରତିଷ୍ଠିତ ଲେଖକଙ୍କ ପାଖକୁ ମୋତେ ଯିବାକୁ ହେଉଥାଏ । କବି ମୁରାରି ଜେନାଙ୍କ ନାମ ମୁଁ ବିଭିନ୍ନ ପତ୍ର-ପତ୍ରିକାରୁ ଜାଣିଥିଲେ ମଧ୍ୟ, ତାଙ୍କ ସହ ମୋର ବ୍ୟକ୍ତିଗତ ଚିହ୍ନା ଜଣା ନ ଥିଲା ।

ଦିନକର କଥା—

କୌଣସି ବିଶୃଙ୍ଖଳ ଜନିତ କାରଣରୁ ବସ୍ ଗୁଡିକ ହିଁ ବସ୍‌ଷ୍ଟାଣ୍ଡରୁ ବାହାରି ବାଣୀବିହାର ବାଟେ ନ ଯାଇ କଲ୍ପନା ଛକ ଦେଇ ସିଧା ସଳଖ ରସୁଲ ଗଡ଼ରେ କିଛି ସମୟ ଅଟକି, କଟକ ମୁହାଁଉ ଥିଲା । ମୁରାରି ବାବୁ ସେତେବେଳେ ପ୍ରତିଦିନ କଟକରୁ ଭୁବନେଶ୍ୱର ଅଫିସକୁ ଆସନ୍ତି ଓ ଅଫିସ ସାରି ବସ୍‌ରେ କଟକ ଫେରନ୍ତି । ବସ୍ ଚଳାଚଳର ଏପରି ଅବ୍ୟବସ୍ଥା ହେତୁ, ତାଙ୍କ ଅଫିସ ସାମନା ଶ୍ରୀୟା ଟକିଜ୍ ଛକରୁ ବସ୍‌ରେ ବସିବାର ସମ୍ଭାବନା ନ ଥିବାରୁ, ସେ ବାଧ୍ୟ ହୋଇ ସେ ଦିନ ବସ୍‌ଷ୍ଟାଣ୍ଡ ଆସୁଥାଆନ୍ତି । ମୁଁ ସେଇ ଦିନ ମୋର ଜଣେ ସହକର୍ମୀଙ୍କ ସହ ସେଇ ବାଟରେ କଥା ହେଉଥାଏ । ମୋ ସହକର୍ମୀ ଜଣଙ୍କ ମୋତେ ହାତଠାରି କହି ଦେଲେ—'ଏଇ ତୁମ କବି ସାଙ୍ଗ ଆସି ଗଲେଣି ।' ମୁଁ କିଛି ଚିହ୍ନି ନ ଥାଏ । ପଚାରିଲି—'କାହିଁ କିଏ ? ସହକର୍ମୀ ବନ୍ଧୁ କହିଲେ—ଦେଖ, ଏଇ ପରି କଥାବାର୍ତ୍ତା ହୋଇ, ଗୃହ ଗୃହ କଟକର କବି ମୁରାରି ଜେନା ଆସୁଛନ୍ତି । ଆଜିରୁ

Digitized by srujanika@gmail.com

ତାଙ୍କ ନାଁ ମୁଁ ଭଲ ଭାବେ ଜାଣିଥିଲେ ହେଁ ମୁଁ ସେଇଦିନ ପ୍ରଥମେ ତାଙ୍କୁ ଦେଖିଲି ।" ସହକର୍ମୀ ବନ୍ଧୁ ଜଣଙ୍କ ସେଠାରେ ଛିଡ଼ା କରାଇ ମୁରାରି ବାବୁଙ୍କୁ ସାକ୍ଷାତ କଲି ଓ ମୋର ପରିଚୟ ଦେଲି । ସେ ମଧ୍ୟ ମୋ ନା ଓ ମୁଁ 'ନବରାଗ' ସଂପାଦନା କରୁଛି ବୋଲି ଜାଣିଥିଲେ । ସେ ଅତ୍ୟନ୍ତ ଖୁସି ହୋଇ କହି ଉଠିଲେ— "ଆଜି ଏକ ସୌଭାଗ୍ୟର ଦିନ, ଆମେ ଆଜି ବ୍ୟକ୍ତିଗତ ଭାବେ ପରସ୍ପର ପରିଚିତ ହେଲୁଁ" । ତା'ପରେ ମୁଁ ତାଙ୍କୁ 'ନବରାଗ' ପତ୍ରିକା ପାଇଁ ସାହିତ୍ୟ ସମାଲୋଚନା ପ୍ରବନ୍ଧ ଦେବାକୁ ଅନୁରୋଧ ଜଣାଇଲି । ସେ ତାହାକୁ ଆଦୌ ଅସୌଜନ୍ୟ ମନେ ନ କରି, ଲେଖା ଦେବାକୁ ମୋତେ ପ୍ରତିଶ୍ରୁତି ଦେଲେ । କ୍ରମାଗତ ଭାବେ ତାଙ୍କର ପ୍ରତିଶ୍ରୁତି ରକ୍ଷା କରି ପତ୍ରିକା 'ନବରାଗ'କୁ ପାଞ୍ଚୋଟି ଅତି ଉଚ୍ଚକୋଟୀର ସାହିତ୍ୟିକ ସମାଲୋଚନା ପ୍ରବନ୍ଧ ପ୍ରକାଶ ପାଇଁ ଦେଇଥିଲେ ଓ ତାହା 'ନବରାଗ'ରେ ପ୍ରକାଶିତ ହୋଇ ସାହିତ୍ୟିକ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ସେଇଥିରୁ ମୁଁ ତାଙ୍କର ଅତ୍ୟନ୍ତ ଆନ୍ତରିକତା ଓ ମମତାର ମାଦକତା ମର୍ମେ ମର୍ମେ ଅନୁଭବ କରିଥିଲି । ସର୍ବୋପରି ତାଙ୍କର ପ୍ରୀତିପୂର୍ଣ୍ଣ ଅଥଚ ନିଷ୍କପଟ ବ୍ୟବହାରରେ ମୁଁ ମନ୍ତ୍ର ମୁଗ୍ଧ ହୋଇ ପଡ଼ିଥିଲି । ଏହାର ଅଭାବ ଅନ୍ୟାନ୍ୟ ପ୍ରତିଷ୍ଠିତ ଲେଖକମାନଙ୍କ କ୍ଷେତ୍ରରେ ଆବିଷ୍କାର କରି, ଦୁଃଖରେ ମ୍ରିୟମାଣ ହୋଇଛି । ପତ୍ରିକାପାଇଁ ଲେଖାଟିଏ ମାଗିଲେ ବଡ଼ଲେଖକ ବୋଲି କିଏ ବଡ଼ିମା ଦେଖାଏତ, କିଏ ପୁଣି ବିନା ଅର୍ଥରେ ଦେଇ ପାରିବି ନାହିଁ ବୋଲି ସିଧା ମନା କରିଦିଏ । ପୁଣି ଆଉ କାହାରି ଠାରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥା ପଦେ ବି ମିଳେ ନାହିଁ । କବି ମୁରାରି ଜେନା ଏ ସବୁଥିରୁ ନିଆରା ମଣିଷ । ସକଳ ସୁଗୁଣର ଅଧିକାରୀ ହୋଇ ମଧ୍ୟ, କେବେ ହେଲେ ସେ ନିଜର ଆତ୍ମ ବଡ଼ିମା ପ୍ରକାଶ କରି ନାହାନ୍ତି ।

ସେଇ ବରିଷ୍ଠ ପ୍ରତିଭାର ଗୁଣ ବଖାଣିବାକୁ ମୋର ଭାଷା ନାହିଁ । ଆଜି ତାଙ୍କ ଜନ୍ମ ଜୟନ୍ତୀରେ ମୁଁ ତାଙ୍କୁ ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ, ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛି ।

●

ଅଧ୍ୟାପକ
ଡାକ୍ତର ଅଭିନ୍ନ ଚନ୍ଦ୍ର, ହୋମିଓପାଥିକ
ମେଡ଼ିକାଲ କଲେଜ, ଭୁବନେଶ୍ୱର

Digitized by srujanika@gmail.com

ଆଜିର ଏ ଜନମ ତଥିରେ

● ଶ୍ରୀ ଯୁଧିଷ୍ଠିର ରଣା

|| ୧ ||

ଧୂଳି ଖେଳ ସାଥୀ କବି ମୁରାରି ମୋହନ
ଶୁଭେଚ୍ଛାର ସାଥେ ଘେନ ମୋ ଅଭିନନ୍ଦନ
ହେ ସାର୍ଥକ ନାମା କବି, କବିତା'ର ରମ୍ୟ-ଉପବନେ,
ଫୁଟାଇଚ ପ୍ରୀତି ଭରା/ମଧୁ ଝରା ସୁବାସିତ ପୁଷ୍ପ ଯେତେ
ମଧୁପର ମୃଦୁ ଗୁଞ୍ଜରଣେ ।
ମତାଇଚ କବି କୁଳ/ତତାଇଚ କରି ଟଳମଳ
ବତାଇଚ ମର୍ମଭେଦୀ କବିତାର ଗାଣ୍ଡୀବ ଟଙ୍କାରେ
ମନେ ପଡ଼େ ଆଜ ସେଇ ଅକ୍ଷମ୍ର କବିତ୍ୱ ପ୍ରତିଭା ତୁମ
ଅଭିନବ ରୂପ-ରଙ୍ଗେ ପରଶି ଝଙ୍କାରେ,
ସମାଜରେ/ପ୍ରଜାତନ୍ତ୍ର/ମାତୃଭୂମି/ଆସନ୍ତାକାଲିରେ
ବହୁ ବହୁ ପତ୍ର-ପତ୍ରିକାରେ/
ସାହିତ୍ୟ ଆସର ଆଉ ଉତ୍ସବର ମଞ୍ଚ ମାନଙ୍କରେ ।

|| ୨ ||

ଅଦ୍ୟାବଧି ଭଜୁଛୁ ମୁଁ ତୁମ ଲେଖା 'ଶ୍ରୀରାମ ଭଜନ'
'ମହାତମା ମାରୁତି ମହିମା' ଧର୍ମସଭା ମଣ୍ଡପରେ ବସି
ନିନାଦ ମେଳାରେ ପୁଣି, ମନ୍ଦିର ବେଢ଼ାରେ ଆଉ
ନିସଂଧ୍ୟା ବେଳାରେ, ତୁମର ଏ ରାଶି ରାଶି ଭଜନ/ଜଣାଣ
ମୋ ପ୍ରାଣର ପ୍ରାଣର ଶଂଖାଳି/ଥରେ ତାହା
ଗାଇଗଲେ/ଧ୍ୟାୟି ଗଲେ, ଲିଭି ଲିଭି ଯାଏ ମୋର
ଯେତେ ଦୁଃଖ ଦୁର୍ଯୋଗର କାଳିମା ଓ କାଳି ।

|| ୩ ||

ପ୍ରଚୁର ପ୍ରଚୁର ପୁଣି ତୁମ ପ୍ରେରଣାରେ
ମୋର ଲେଖା—"ଜୟ ମା କଟକ ଚଣ୍ଡୀ' 'ଭୁଠ ପଥରକୁ"
ଯାହା ମୁଁ ଦେଇଥିଲି ତୁମ ହସ୍ତେ ଟେକି,
କରି ଦେଖା ଦେଖି/କାଟ ଗୁଣ୍ଠ କରିଥିଲ ତାକୁ
ଆଉ ପୁଣି ଲେଖି ଥିଲ ମୁଖବନ୍ଧ, କେଡ଼େ ଯତନରେ
ତାହା ଆଜ ଆସେ ମୋ ମନରେ/ଆହେ କେନା କବି !

Digitized by srujanika@gmail.com

ଅନ୍ତରର ଅକପଟ ସେଇ ସ୍ମୃତି/ସେଥିଯୋଗୁ ମୁଁ ନିରେଖେ/ମୁଁ ପରଖେ
ବାରମ୍ବାର ତୁମ ରୂପ ଛବି ।

। ୪ ।।

'ବି' ନିୟମ ଅନୁପ୍ରାସେ ମୋର ଲେଖା 'ବୀର ଓଡ଼ିଆ'କୁ
ବିଶେଷ ପ୍ରଶଂସା କରି ବିଚିତ୍ର ଢଙ୍ଗରେ ଆଉ
ବିବିଧ ରଙ୍ଗରେ ରୂପ ଦେଲ ତାକୁ/ଯେଉଁପରି
କରି ଦେଲ ତା' ନାମକରଣ,
ମୋର ଲେଖା 'ଏତିକ ଗୁହାରି' ଆଉ
'ଜାଗି ଜଗାଇଲୁ ଶ୍ୟାମା' ସେ ଦିନର/ସେ ଘଟଣା
ଭୁଲି ନାହିଁ, ଭୁଲି ନୁହେଁ ଯମା !!!

।। ୫ ।।

କେବଳହିଁ କବି ନୁହଁ/ହେ ବାଗ୍ମୀ ପ୍ରବର !
ନାଟ୍ୟକାର, ହେ ଲୀଳା ଲେଖକ
ସତ୍ୟ ବାଦୀ/ସ୍ପଷ୍ଟ ବାଦୀ ହେ ନିର୍ଭୀକ/ହେ ସମାଲୋଚକ
ମୋ ବସ୍ତିର ହେ ଉଜ୍ଜ୍ୱଳ ମଣି/ତୁମ ଏହି ପ୍ରତିଭାର ଖଣି
ମୋର ଭଳି କେତେ କେତେ ଲେଖକର
ଦେଇଛ ଆଶିଷ, ଆଉ ଦେଇଛ ଆଶ୍ରୟ ।
ଲେଖନୀ ମୁନରେ ମୋର ଭାଷା କାହିଁ ବାନ୍ଧିବାକୁ
ତୁମରି ସେ ବନ୍ଦନା ନିଚୟ ?
ଯାହା ତୁମେ ଯାଇଅଛ/ଯାଉଅଛ ଜାଳି
ତୁମରି ସେ ପ୍ରତିଭାର ଅଲିଭା-ଦୀପାଳି ।
ଏ ଜାତିର ଇତିହାସେ ହେବ ଇତିହାସ,
ଏ ଜାତିର ପ୍ରାଣେ ପ୍ରାଣେ ପ୍ରସରାଇ ଯିବ ପୁଣି
ଅନେକ ଉଚ୍ଛ୍ୱାସ/ଅନେକ ଉଲ୍ଲାସ ।
ଆଜିର ଏ ଶୁଭ ମୁହୂର୍ତ୍ତିରେ/ତମରି ଏ ସତାବନ ଜନମ ତିଥିରେ
ଏହି ମୋର ଆନ୍ତରିକ ଅନାବିଳ ବାଣୀ ।
ଦୀର୍ଘାୟୁ କରନ୍ତୁ ପ୍ରଭୁ ପ୍ରିୟବନ୍ଧୁ/ବାଲ୍ୟ ବନ୍ଧୁ
ଜେନା କବି ମୁରାରିଙ୍କୁ ବାରେ/
ଏତିକ ଗୁହାରି ମୋର ଆଜି ତାଙ୍କ ଠାରେ ।

•

ଭଗତପୁର, କଟକ-୯

Digitized by srujanika@gmail.com

ଧନ୍ୟ ସେ ପ୍ରେମ

● ଶ୍ରୀ ବୈଷ୍ଣବ ଚରଣ ସାହୁ

ଗଦା ଗଦା ନିମନ୍ତ୍ରଣ ମୁରଲି ଭାଇ ପାଖରେ । ସାହିତ୍ୟ ସଭା, କବିତା ପାଠୋତ୍ସବ, କବି ସମ୍ମିଳନୀ, ଉଦ୍‌ଘାଟନ ଉତ୍ସବ । ଏମିତି କେତେ ଭଲ ଭଲ ନାଁରେ ମୁରଲି ଭାଇଙ୍କୁ ନିମନ୍ତ୍ରଣ । ସେଇ ଝିଅଟି ହାତରେ ହାତ ଛନ୍ଦି ମୁରଲି ଭାଇ ଗ୍ଭଲିଥାଆନ୍ତି ଗୋଟି ଗୋଟି ନିମନ୍ତ୍ରଣ ରକ୍ଷା କରି ।

ଜୀବନ, ଯୌବନ, ରୋଜଗାର, ଏ ସବୁକୁ ଅସଜଡ଼ା ରଖି, ମୁରଲି ଭାଇ ନିଜକୁ ଅଜାଡ଼ି ଦିଏ ସେଇ ଝିଅଟିର ପ୍ରେମାଞ୍ଜଳିରେ ।

—ସେ ଦିନ ପରି ଆଜି ମଧ୍ୟ ସେଇ ଝିଅଟିକୁ ସତର ବର୍ଷ କିନ୍ତୁ ମୁରଲି ଭାଇଙ୍କୁ ହେଲାଣି ସତାବନ ବର୍ଷ । ତଥାପି ସେଇ ଝିଅର ପ୍ରେମ ମୁରଲି ଭାଇଙ୍କୁ କରିଛି ପାଗଳ । ବୁଢିଆଣୀ ଜାଲରେ ପଡିଥିବା ମାଛିଟି ପରି ସେ ନିଜକୁ ସେଇ ଝିଅଟିର ପ୍ରେମରେ ବାନ୍ଧି ଦେଇଛନ୍ତି । ବନ୍ଧନରେ ପଡି ମଧ୍ୟ, ସେ ଚିରମୁକ୍ତ ।

—ଧନ୍ୟ ସେ ପ୍ରେମ ।

—ସେଇ ଝିଅର ପ୍ରେମରେ ପଡି ମୁରଲି ଭାଇ ଭଗବାନଙ୍କୁ ଠିଆ ଫାଙ୍କି ଦେଇଛି, ଡ଼ାକ୍ତରଙ୍କ କୋରାମିନ୍ ସିରିଞ୍ଜକୁ ଠିକ୍ ଠିକ୍ କରି ଭାଙ୍ଗି ଦେଇଛି, ଜନ-ଜଡ଼ତାକୁ 'ତେନ୍ତୁଳି ଗ୍ଭଟ' 'ଓଲୁଅ ଡ଼ାଙ୍ଗ' ଓ 'ଯାଉଁଳି ବେତ'ରେ ପିଟିଛି । ସବୁଠୁଁ ବଡ଼ କଥା ହେଲା—ସବୁ ସମାଲୋଚନାକୁ ମୁକାବିଲା କରି ଆମ ମୁରଲି ଭାଇ ଆଗକୁ ଗ୍ଭଲିଛନ୍ତି । ଘର, ବାହାର ପରିବାର, ପତ୍ନୀ, ପୁଅ-ଝିଅ କେହି ତାଙ୍କ ପଥକୁ ରୁଦ୍ଧ କରି ପାରି ନାହାନ୍ତି ।

Digitized by srujanika@gmail.com

—ଧନ୍ୟ ସେ ପ୍ରେମ ପାଗଳ କବି, ଆହା—ମୁରାରି ଭାଇ ଯାହା ପ୍ରେମରେ ବାନବାଉ ପାଗଳ ତାହା ପରିଚୟ କହିଲେ ।

ହଁ—ନାଁହିଁ ତା'ର 'କବିତା' ଉଜ୍ଜଳ ଭାରତୀଙ୍କର ଅଲଅଳୀ ଝିଅ ସେ । ଯାହା ପାଇଁ ମୁରାରି ଭାଇ ଆଜି 'ଜେନା କବି' ରୂପେ ପରିଚିତ ଓ ପ୍ରତିଷ୍ଠିତ । ଓଡ଼ିଆ ସାହିତ୍ୟର ଫୁଲ୍‌କାରେ ନାମଯାଦା ମଲ୍ଲ ଯୋଦ୍ଧା । ମୁରାରି ଭାଇ ଆମ ଗହଣରେ ଆହୁରି ଆହୁରି ବେଶୀ ବର୍ଷ ବଞ୍ଚି ରହି, ସେହି 'କବିତା' ପ୍ରେମରେ ପଡ଼ି, ଆମ ସାହିତ୍ୟକୁ ଆହୁରି ଆହୁରି ଉଜଳ କରି, ଆମ ମନ ପ୍ରାଣକୁ ତୋଷି ଥାଉ । ଧନ୍ୟ ତାଙ୍କ 'କବିତା' ପ୍ରେମ ? ସେଥିପାଇଁ ମୋ ପ୍ରାଣର ମୁରାରି ଭାଇଙ୍କୁ କୋଟି କୋଟି ନମସ୍କାର ।

●

ଆଡ୍‌ଭୋକେଟ
ମଙ୍ଗଳାବାଗ, କଟକ

Digitized by srujanika@gmail.com

ତାଙ୍କ ସଙ୍ଗେ ମୋର ପରିଚୟ

● ଶ୍ରୀ ସରୋଜ ମିଶ୍ର

କେନାକବିଙ୍କ ସାରସ୍ୱତ ବ୍ୟକ୍ତିତ୍ୱ ଓ ତାଙ୍କ ଲେଖନୀ ସୃଷ୍ଟିର ବିଶ୍ଳେଷଣ କଲେ ପୋଥି ପୁରାଣ ହେବ । ମୋର ତାଙ୍କ ସହ ପରିଚୟ ୧୯୭୪ ମସିହାରୁ । ସାହିତ୍ୟିକ ଜୀବନରେ ବହୁ ପ୍ରବୀଣ, ବୟସ୍କ ଓ କନିଷ୍ଠ ମାନଙ୍କ ସହିତ ସଂପର୍କ ରହିବାଟା ସ୍ୱାଭାବିକ କିନ୍ତୁ ଏଇ ନିରଭି-ମାନୀ ସଦା ହସ ହସ ଗର୍ବହୀନ ବ୍ୟକ୍ତିଟି ସହ ଏଥି ପୂର୍ବରୁ ବ୍ୟକ୍ତିଗତ ଭାବେ ପରିଚିତ ନ ଥିଲେ ମଧ୍ୟ, ତାଙ୍କ ସାହିତ୍ୟକୃତି ସହ ବେଶ୍ ଜଣା-ଶୁଣା ଥିଲି ।

ଏକ ଶୀତ ଶ୍ରାନ୍ତ ଅପରାହ୍ଣ ।

କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୋଟିଏ ସଭା ହେଉଥାଏ । କଟକର ଯେ କୌଣସି ସାହିତ୍ୟ ସଭା ହେଉ, କେନା କବି ସେ ସଭାରେ କୌଣସି ନା କୌଣସି ଭୂମିକାରେ ଯେ ଅବତୀର୍ଣ୍ଣ ହୋଇଥିବେ, ଏହା ନିଃସନ୍ଦେହ । ସେ ସଭାରେ ତାଙ୍କ ସହିତ ଦେଖା ହେଲି । ଠିକ୍ ତା'ର ପୂର୍ବ ଦିନ ମୋ ଦେଶର ଶ୍ରେଷ୍ଠ ଓଡ଼ିଆ କର୍ମୀ କବି ଭାବେ ସମ୍ମାନରେ ହୃଦ୍‌ବୋଧ ହୋଇଥିବା, ନିଆଁଖୁଣ୍ଟାର କବି ଗୋଦାବରୀଶଙ୍କ ଶ୍ରାଦ୍ଧ ଉପଲକ୍ଷେ ମୋ ଲିଖିତ ପ୍ରବନ୍ଧ ପ୍ରକାଶ ପାଇଥାଏ 'ପ୍ରଜାତନ୍ତ୍ର'ରେ । ଏଇ ପରିପ୍ରେକ୍ଷୀରେ ସେ ଲେଖିଥାନ୍ତି ତାଙ୍କର ଭକ୍ତି ଅର୍ଘ୍ୟ 'ସମାଜ'ରେ ଗୋଦାବରୀଶ ମହାପାତ୍ରଙ୍କ ସମ୍ପର୍କରେ । ସ୍ମୃତି-ଚାରଣ ପ୍ରବନ୍ଧ ଲେଖାରୁ, ଆମ ଦୁଇଜଣଙ୍କ ମଧ୍ୟରେ ସେ ଦିନ ବ୍ୟକ୍ତିଗତ ସଂପର୍କ ଗଢି ଉଠେ ।

ଏ ଅବଧି ତାଙ୍କ ଜୀବନର ବହୁମୁଖୀ କର୍ତ୍ତବ୍ୟ ପଥ ଓ ପୀଠରେ ନିଜକୁ ଜଳାଞ୍ଜଳି ଦେଇ ମଧ୍ୟ, ଯେଉଁ କେତେକ ସମୟ ସେ ସାହିତ୍ୟ

Digitized by srujanika@gmail.com

ସାଧନାର ବିନିଯୋଗରେ ଲେଖାପରେ ଲେଖାମାନ ପ୍ରକାଶନ କରି ଗ୍ରିଲଛନ୍ତି, ସେ ଗୁଡିକ ତାଙ୍କର ଜଣେ ପରିଚିତ ବ୍ୟକ୍ତି ଭାବରେ ମୁଁ ଆନନ୍ଦର ସହ ପାଠ କରିଛି ଓ ସେ ସବୁ ଯେ ଓଡ଼ିଆ ଭାଷା ସାହିତ୍ୟକୁ ମହାର୍ଘ ଦାନ, ତାହା ମଧ୍ୟ ଅନୁଭବ କରିଛି ।

ସମାଜର ଅନ୍ୟାୟ ଓ ଅନୀତିକୁ ବରଦାସ୍ତ କରି ନ ପାରି ତାଙ୍କ କବିତା ସବୁବେଳେ ବିଦ୍ରୋହାତ୍ମକ ଓ ଦୁଃଖ ଦୈନ୍ୟରେ ଭିଳ ଭିଳ ସଡ଼ୁଥିବା, ନିଷ୍କଳ ସରଳ ମଣିଷ ପାଇଁ ସତତ ସମ୍ବେଦନଶୀଳ । ପୁଣି ତାଙ୍କ କବି ହୃଦୟର ନିଭୃତ ଦୃଷ୍ଟି, ସୃଷ୍ଟି ଶକ୍ତି ସଂପନ୍ନ ସାତ୍ତ୍ୱିକ ଭାବାପନ୍ନ ମନ ଓ ମନନ ହେତୁ; ତାଙ୍କ ରଚିତ ଭଜନ ଓ ଜଣାଣ ଗୁଡ଼ିକ ପ୍ରତ୍ୟେକ ପ୍ରାଣରେ ଦିବ୍ୟ-ଚେତନାର ଭାବ ଉଦ୍ରେକ କରେ ।

ସର୍ବୋପରି ତାଙ୍କର ପ୍ରଭାବଶାଳୀ ଓ ପ୍ରାଣବାନ ବ୍ୟକ୍ତିତ୍ୱ ପାଖରେ ସ୍ୱତଃ ମୁଁ ମଥା ନତ କରେ । ବର୍ତ୍ତମାନ ସମାଜର ପାରିପାର୍ଶ୍ୱିକ ଅବସ୍ଥା, ଆଶା ନିରାଶା; ହସ କାନ୍ଦ ଭିତରୁ ଆଗାମୀ ମଣିଷ ପାଇଁ ଆକାଂକ୍ଷା ଓ ଆରାଧନା ପ୍ରତ୍ୟେକଟିରୁ ଉପାଦାନ ଆହରଣ କରି, ଆହୁରି ପୁଷ୍ପିତ ଓ ପୁଷ୍କଳ ହେଉ, ତାଙ୍କ ଲେଖନୀର ନିର୍ଦ୍ଦେଶ—ତାଙ୍କ ଅବଶିଷ୍ଟ ଜୀବନର ସାହିତ୍ୟର କୃତି ଓ କରଣୀରେ । ଏହା ହିଁ ତାଙ୍କ ଲାଗି ଆଜି ମୋର କରୁଣାମୟ ଭଗବାନଙ୍କ ନିକଟରେ ଅଳି ଓ ମାଗୁଣି ।

●

ଖାଦ୍ୟ ଓ ଯୋଗାଣ ବିଭାଗ
ସଚିବାଳୟ, ଭୁବନେଶ୍ୱର

Digitized by srujanika@gmail.com

ସ୍ମରଣୀୟ

[ରାଗ-ବଙ୍ଗଳା ଶ୍ରୀ]

● ଡ଼ାକ୍ତର ଶୈଳେଶ୍ୱର ନନ୍ଦ

ସାହିତ୍ୟ ରାଇଜେ ଫୁଟି ଉଠୁଛନ୍ତି
ତାଙ୍କ ଯଶ ପଦ୍ମରୂପ ,
ସତ୍ୟର ସନ୍ଧାନୀ ମୁରାର ମୋହନ
ସ୍ପଷ୍ଟବାଦୀ ସୁପୁରୁଷ ।। ୧ ।।

ଅନ୍ୟାୟ ଫାଇଦା ମାତ୍ର ନାହିଁ ଯିଏ
ନ୍ୟାୟର ନକଲ ଧର,
ସାହିତ୍ୟର ଧର୍ମ, ସାହିତ୍ୟର କର୍ମ
ଗୋଟି ଗୋଟି ଯାଏ କର ।। ୨ ।।

ଭଗବାନଙ୍କ୍ର ସେ ଠିଆ ଫାଡ଼ିଅଛନ୍ତି
କା' ନାମେ କୁକୁର ପାଳି,
ଡ଼ାକ୍ତର ବଖାଣେ କୋରାମିନ୍ ଥାଉ
ଲେଖନୀ ଯା' ଶକ୍ତିଶାଳୀ ।। ୩ ।।

ଯେତେ ଆସୁ ଝଡ, ଯେତେ ଆସୁ ଝଞ୍ଜା
ଟଳେ ତ ଯାଇନ ଦବି,
ବିପ୍ଳବର ବୀଜ ସାହିତ୍ୟରେ ବୁଣେ
ସେହି ସେ ବିପ୍ଳବୀ କବି ।।୪।।

ତା' ଲେଖନୀ ମୂନେ ସାହିତ୍ୟର ଫୁଲ
ବାସ ମହକାଇ ଫୁଟେ,
ଏ ଜାତି-ଜାଗୃତି ଜନମାଇଁବାରେ
ତା' ଭାଷଣ ବାଣ ଛୁଟେ ।। ୫ ।।

ଯା' କରିଚି ବୃଷ୍ଟି ତା' ସାହିତ୍ୟ ସୃଷ୍ଟି
ବର୍ତ୍ତମାନ ବରଣୀୟ,
ଏ ଜାତିରେ ଜାଣ ତା' ପ୍ରତିଭା ପ୍ରାଣ
ଚିରକାଳ ସ୍ମରଣୀୟ ।। ୬ ।।

●

ମେରିଆ ବଜାର, କଟକ-୧

Digitized by srujanika@gmail.com

ସୃଷ୍ଟି ଚଞ୍ଚଳ ହେଉ

● ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

କବି ସ୍ରଷ୍ଟାର ବେଦନା ବ୍ୟଥିତ, ଝଞ୍ଜା ବିକ୍ଷୁବ୍ଧ ହୃଦୟରୁ ସମୟ ସମୟରେ ଏପରି ସୁର ଝଙ୍କାର ନିନାଦିତ ହୁଏ, ଯାହା ପାଠକର ମରମକୁ ଖାଲି ଛୁଇଁ ଛୁଇଁ ଯାଏନା, ତାକୁ ହସେଇ, ରସେଇ, ମଜେଇ, କନ୍ଦେଇ କରି ଗ୍ରୁଡ଼େ । ଜେନାକବି ଙ୍କର ଦୁଇଟି କ୍ଷୁଦ୍ର କବିତା ପୁସ୍ତକ 'ଚମ୍ପକର' ଓ 'ଆଜି ମୋର ଅଷ୍ଟମରେ ଶନି' ପଢ଼ି ଉକ୍ତ ସତ୍ୟକୁ ମର୍ମେ ମର୍ମେ ଅନୁଭବ କଲି । ତାଙ୍କ କାବ୍ୟ ସୃଷ୍ଟିରେ ଏତେଟା ପରିପକ୍ୱତା ଓ ସିଦ୍ଧହସ୍ତତା, ଏଇ ପୁସ୍ତକ ଦୁଇଟି ପଢ଼ି ନ ଥିଲେ, ଅନୁଭବ କରିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା ।

'ଚୂମ୍ପକର'ର ଶାଣିତ ବିଦ୍ରୂପ, ପାଠକକୁ ସହସା କବିଙ୍କ ସହିତ ଉଦ୍ଧ୍ୱ 'ମୁଷ୍ଟି କରାଏ । ଅଥଚ 'ଆଜି ମୋର ଅଷ୍ଟମରେ ଶନି'ରେ ନାରୀତ୍ୱର ବେଦନା ଖିନ୍ନ କ୍ରନ୍ଦନ, ପାଠକ ଚକ୍ଷୁକୁ ଅଶ୍ରୁ ସଜଳ କରାଏ । ମାନବ ଚିତ୍ତର ଦୁଇଟି ପରସ୍ପର ବିପରୀତ ବିଭବର ସାର୍ଥକ ରୂପାୟନ ହୋଇ ପାରିଛି, ଏଇ ଦୁଇଟି କବିତା ପୁସ୍ତିକାରେ ।

କବିଙ୍କର ଅମର ଲେଖନୀ, ଉତ୍ତରୋତ୍ତର ସୃଷ୍ଟି ଚଞ୍ଚଳ ହେଉ । ଏହା ହିଁ କାମନା ।

●

ପାରେଶ୍ୱର ସାହି, କଟକ

Digitized by srujanika@gmail.com

ସଶ୍ରଦ୍ଧ କାମନା

● ଡ଼କ୍ଟର ଭବଗ୍ରାହୀ ମିଶ୍ର

୪୫ ବର୍ଷ ତଳେ ମୁଁ ଯେତେବେଳେ କଟକ ସହରର ବାସିନ୍ଦା ହେଲି, ଆମ ପୂର୍ବ ପୁରୁଷ ଘର ତିଆରି କଲେ, ଜେନା କବିଙ୍କ ପୂର୍ବ-ପୁରୁଷଙ୍କ ଘର ପାଖରେ । ଉତ୍ତରାଧିକାର ସୂତ୍ରରେ ଆମେ ପାଖ ପାଖି ଏକା ଅଞ୍ଚଳରେ/ଏକା ବସ୍ତିରେ ବାଲ୍ୟକାଳ କଟେଇଲୁ, ଯୌବନ କଟେଇଲୁ । ପୁଣି ବୟସ ବଢ଼ିଲା ବେଳକୁ ସ୍ଥାନାନ୍ତର ଯୋଗ ହେବାରୁ ମୁଁ ସେ ଘର ଛାଡ଼ିଲି । ଜେନାକବିଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁତାରୁ ଦୂରେଇ ଗଲି । ପୁଣି ବାହାରୁ ଫେରି ଆସିଲା ପରେ, ମୋତେ ଭୁବନେଶ୍ୱରରେ ରହିବାକୁ ପଡ଼ିଲା ଓ ତାଙ୍କ ସଙ୍ଗରେ ପୁଣି ପୂର୍ବର ବନ୍ଧୁତା ଘନେଇ ଉଠିଲା ଓ ଏବେ ବି ଆମର ସେ ବନ୍ଧୁତା ଅକ୍ଷୁର୍ଣ୍ଣ ଓ ଅତୁଟ । କ୍ଷୀର-ନୀରର ସଂପର୍କ ଭଳି ।

ସେ ମୋତେ ଡ଼ାକେ ଭବଗ୍ରାହୀ—ମୁଁ ତାଙ୍କୁ ଡ଼ାକେ ମୁରାରି ବୋଲି । ସେ କେବଳ ମୁରାସୁରର ଅରି ଭାବରେ ଜନ୍ମ ହୋଇ ନ ଥିଲେ, ସାହିତ୍ୟିକ, ସାଙ୍ଗଠନିକ ଓ ସମାଜିକ କ୍ଷେତ୍ରରେ ସେ ବହୁ ମୁରାସୁରଙ୍କର ମୁକାବିଲା କରିଛନ୍ତି—ଭାଷାରେ, ସାହିତ୍ୟରେ, କଲମରେ ଓ ଭାଷଣରେ । ଏଇଟା ତାଙ୍କର ଖୁବ୍ ଟାଣ ପଣିଆ ଓ ଏଇ ଟାଣ ପଣିଆରେ ସେ ବିଜେତା ମଧ୍ୟ । ଷର୍ଣ୍ଣାୟୁ କୁଳର ପରଂପରା ରକ୍ଷି ସେ ଆଜି ଜୀବନର ଅପରାହ୍ଣରେ—ତଥାପି ଏ ସତ୍ତ୍ୱେ ସେ ଦିନର ଯୌବନ-ଦୀପ୍ତ ଠାଣି-ମାଣି ଓ ଗୃହାଣୀର ଉଦ୍ଦୀପନାରୁ ସେ ଆଦୌ ଓହରିନାହାନ୍ତି ।

ସାହିତ୍ୟିକ ଓ କବି ଭାବରେ ଜେନା କବି ଆମ ରାଜ୍ୟରେ ଖୁବ୍ ଖ୍ୟାତି ଅର୍ଜିଛନ୍ତି । ତାଙ୍କର ଏ ଖ୍ୟାତିରେ ତାଙ୍କର ଜଣେ ବାଲ୍ୟବନ୍ଧୁ ହିସାବରେ ମୁଁ ଭାରି ଖୁସି । ତାଙ୍କର ଏ ସତାବନତମ ଜୟନ୍ତୀ ପାଳନ ମୋତେ ମଧ୍ୟ ଆନନ୍ଦରେ ଅଧୀର କରୁଛି । ସେ ଶତାୟୁ ହେବା ପର୍ଯ୍ୟନ୍ତ ବଞ୍ଚନ୍ତୁ ଓ ଆମ ସାହିତ୍ୟରେ ଆହୁରି ଆହୁରି ନକ୍ଷତ୍ର ଭାବରେ ସାମାଜିକ ସମସ୍ୟା ସମାଧାନରେ, ତାଙ୍କର ଲେଖନୀ ମୁଖର ହେଉ ।

●

ମାର୍ଫତ:- ସି / ୫, ୟୁନିଟ-୩
ଭୁବନେଶ୍ୱର—୭୫୧୦୦୧

Digitized by srujanika@gmail.com

ସେଇ ସେ ଯୁଗର କବି

● ଡକ୍ଟର କେଶବଚନ୍ଦ୍ର ସାହୁ

ସତ୍ୟ ସାହସ ବାନାଟିକୁ ନିଜେ ଧରି
ମିଥ୍ୟାର ସାଥେ ବାର ବାର ଏଠି ମୁକାବିଲା କରି କରି
ଯାଇନ ଥିଲେ ସେ ଦବି,
ସେଇ ମୋ ଦେଶର ଅତି ପ୍ରିୟ ପରିଚିତ/ସେଇ ସେ ଯୁଗର କବି
ଶ୍ରଦ୍ଧାରେ ଆମେ ତାକୁ ଡ଼ାକୁ କେନା କବି ।
ସାହିତ୍ୟର ସେବା ସାଧନାରେ ସିଏ ସିଦ୍ଧ ପୁରୁଷ ଟିଏ,
ଜାଲ ଜାଲ ତା'ର ଯେତେ ଜଞ୍ଜାଳ
ଧୈର୍ଯ୍ୟର ସହ ସବୁତ ଆଦରି ନିଏ,
ବାନ୍ଧିବା ପାଇଁ/ବାନ୍ଧିଲା ଭଳି ସେଇତ ଜବାବ ଦିଏ ।
ସାହିତ୍ୟ ପାଇଁ ହଜେଇ ଦେଇଛି/ମଜେଇ ଦେଇଚି/ଉଚ୍ଛେଇଁ ଦେଇଛି
ତାହାର ସକଳ ପ୍ରାଣ,
ଏଇ ସାହିତ୍ୟରେ ଯେଉଁଠି ସେଉଁଠି
ଅବିଚାର ଦେଖେ, ତାର ସମାଧାନ/ତା'ର ପ୍ରତିକାର ପାଇଁ
ପ୍ରୟୋଗ କରେ ସେ/ଅପ୍ରିୟ ସତ କଥା
ଯେତକ ଯେତକ ଶାଣିତ ବାକ୍ୟ ବାଣ/ଖଡ୍‌ଗ୍ ଠାରୁ ବି ଟାଣ ।
ଏଇଭଳି ଏକ ମୁକାବିଲା ମନିଷିର
ସତାବନତମ ଜନ୍ମ-ତିଥିର ବେଳେ
ଆଶୀର୍ବାଦ ମୁଁ ଢାଳୁଛି ତାହାର ଶିରେ ।
ତା' ସାହିତ୍ୟ ରଥ ଏଇ ସମାଜରେ ଘିଞ୍ଚି ଘିଞ୍ଚି ପୁଣି ଗଡୁ
ସାହିତ୍ୟର ଯେତେ ବିଭେଦ ବିଷାଦ/ବିବାଦ ପ୍ରମାଦ
ତାହାର ଲେଖନୀ ମୂନରେ ତାହାକୁ ତଡୁ ।
ସାହିତ୍ୟର ଯେତେ ଶିଳ୍ପ ସଂପଦ
ତାହାର ଲେଖନୀ ଗଢୁ ।

●

କେଶବପୁଷ୍ପ
ପ୍ରଫେସର ପଡ଼ା, କଟକ

Digitized by srujanika@gmail.com

ଅନ୍ତଃ-ସ୍ୱର

● ଅଧ୍ୟାପକ ବ୍ରଜକିଶୋର ଘୋଷ

କବି ମୁରାରି ଜେନାଙ୍କର କାବ୍ୟକୃତିର ଅନ୍ତଃସ୍ୱର ସର୍ବପ୍ରକାର ଐକ୍ୟ, ସଂହତି ଓ ପ୍ରେମର ମୂର୍ଚ୍ଛନା ।

ବାହାର ବେଶରେ ସେ ସ୍ପଷ୍ଟବାଦୀ ।

ଅଥଚ ମାର୍ମିକ ରସିକ ଅଭ୍ୟନ୍ତରରେ ।

ନାରିକେଳର ସବୁ ଗୁଣ ତାଙ୍କର ଅଛି ।

ସେ ଓଡ଼ିଶାରେ ପୂଜ୍ୟ-ପୂଜାର ପ୍ରବର୍ତ୍ତକ ।

ଅନ୍ତର ରଂଜିତ ନ ଥିଲେ, ଏ ପ୍ରକାର ପ୍ରତିଭାର ସୃଜନ ସମ୍ଭବ ନୁହେଁ ।

ତାଙ୍କର ସ୍ୱ-ନକ୍ଷତ୍ର ଉତ୍ସବରେ ମୁଁ ଶୁଭେଚ୍ଛା ଦେବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ନିକଟରେ ସେ ଶତାୟୁ ହୁଅନ୍ତୁ ବୋଲି କାମନା କରୁଛି ।

●

ବଳଗଣ୍ଡି ସାହି
ପୁରୀ

Digitized by srujanika@gmail.com

ଅବିଚଳିତ କବି

● ଅଧ୍ୟାପକ ମାଧବଚନ୍ଦ୍ର ଶତପଥୀ

କବି ମୁରାରିଙ୍କୁ ଗତ ଦୀର୍ଘ ୩୫ ବର୍ଷ ଧରି ଜାଣିଛି ।

ଜଣେ ସାହିତ୍ୟାନୁରାଗୀ ହିସାବରେ ମୁଁ ତାଙ୍କର ସାହିତ୍ୟ, ସମାଲୋଚନା, କବିତା, ପ୍ରବନ୍ଧ ପଢ଼ିଛି ଓ ବହୁ ମଞ୍ଚରେ ତାଙ୍କର ଭାଷଣ ମଧ୍ୟ ଶୁଣିଛି । ଏ ସବୁ ମଧ୍ୟରୁ ମୁଁ ଗୋଟିଏ କଥା ଅନୁଧ୍ୟାନ କରିଛି ଯେ, ସେ ଜଣେ ନିର୍ଭୀକ ଓ ସିଧା-ସଳଖ ଅବିଚଳିତ କବି ।

ଆମ ସାହିତ୍ୟର ସବୁ ବିଭାଗ ଉପରେ ଯେ ତାଙ୍କର ଗବେଷଣା ରହିଛି, ଏହା ତାଙ୍କର ଏକାଧିକ ପୁସ୍ତକରୁ ଜଣାପଡ଼େ । ସେ ଯାହା ପ୍ରକାଶ କରନ୍ତି, ତାହା କାର୍ଯ୍ୟ, ମନ, ହୃଦୟ ସହ ଏକ ସରଳରେଖା ରଖେ—ବକ୍ରତା, କୁଟିଳତା ବା ଛଳନା ତାଙ୍କ ବ୍ୟକ୍ତିତ୍ୱରେ ଆଦୌ ଦେଖାଯାଏ ନାହିଁ । ସ୍ୱାଧୀନ ଓ ନିର୍ଭୀକ ଭାବଧାରା ପ୍ରକାଶ ସାହିତ୍ୟର ଏକ ମହାମୂଲ୍ୟ ରତ୍ନ । ମୁଁ ତାଙ୍କ ସମଗ୍ର କୃତିରେ ଏହା ହିଁ ଉପଲବ୍ଧି କରିଛି ।

ତାଙ୍କର ୫୭ତମ ଜନ୍ମ-ଦିବସ ଅବସରରେ ମୁଁ ତାଙ୍କର ଦୀର୍ଘ ଜୀବନ କାମନା କରି ଭଗବାନଙ୍କୁ ପ୍ରାର୍ଥନା କରୁଛି ଯେ, ତାଙ୍କର ସାହିତ୍ୟ ପଥ ଆହୁରି କୁସୁମିତ ହେଉ ।

●

ପ୍ଲଟ ନମ୍ବର ୧୮/ବି
ମହାନଦୀ ବିହାର, କଟକ-୪

Digitized by srujanika@gmail.com

ବନ୍ଧୁ-ସଂବର୍ଦ୍ଧନା

● ପଣ୍ଡିତଃ ପ୍ରବୋଧ କୁମାର ମିଶ୍ରଃ

॥୧॥

ବିଶାଳ-ସାହିତ୍ୟ-ନିକୁଞ୍ଜ-ସଦ୍ମନ,
ନିତାନ୍ତ ରମ୍ୟା ତବ ସୃଷ୍ଟି-ଶୃଙ୍ଖଳା,
'ମୁରାରି'-ଭଦ୍ର ! ପ୍ରଭବେତ୍ ତବାଽମଳା
ସୁଲେଖନୀ ଭାରତ-ଭାରତୀ-ପ୍ରିୟା ।

॥୨॥

ତବୈବ ଧାରା ମଧୁରା ମୃତ ପ୍ରଦା
ତବୈବ ସିଦ୍ଧିଃ ନିଜ-କର୍ମ-ବୋଧିନୀ
ମୁରାରି ଭଦ୍ର ! ପ୍ରତିଭା-ପ୍ରଭାନ୍ୱିତ ।
ସ୍ୱୀକାସ୍ୱ କୃତୈଜ୍ଞ-ଭବ ବାଣୀଭୂଷଣମ୍ ।

●

ସଂପାଦକ, 'ମାତୃଭୂମି'
ବାଲକୃଷ୍ଣ ମାର୍ଗ, ଦରଘା ବଜାର
କଟକ-୭୫୩୦୦୧

Digitized by srujanika@gmail.com

ଏକାଗ୍ରପନ୍ଥୀ ମୁରାରି

● ଅଧ୍ୟାପକ ବେଣୁଧର ରାଉତ

କବି ମୁରାରି ଭାରତର ସେଇ ପୁରୁଣା ମଧ୍ୟମ ପନ୍ଥୀ କବି ମୁରାରି ନୁହଁନ୍ତି । ଏ ହେଉଛନ୍ତି ସ୍ପଷ୍ଟ, ନିର୍ଭୀକ ତଥା ଶ୍ରଦ୍ଧାପୂର୍ଣ୍ଣ ହୃଦୟର ଅଧିକାରୀ ଏବଂ ଏକାଗ୍ରପନ୍ଥୀ—ଏକ ପନ୍ଥୀ ।

ତାଙ୍କ କବିତାରେ କମ୍ବା ବାଗ୍ମିତାରେ ଏଇ ଏକମାର୍ଗିତା ହିଁ ସ୍ୱାକ୍ଷରିତ । ସେଇଥିପାଇଁ ତାଙ୍କର ଏଇ ବାକ୍ୟ ସମ୍ଭାର କମ୍ବା ଉଚ୍ଚାରଣ ରାଶି ଅନ୍ୟର ହୃଦୟକୁ ନିବିଡ଼ ଭାବରେ ସ୍ପର୍ଶ କରେ । ଅନ୍ୟ ପକ୍ଷରେ ସେଇ ଚଳନ୍ତି ଉଚ୍ଚାରଣ ପ୍ରତିମା, କବି ମୁରାରି ନିଜେଇ ଏକ ଚୂଡ଼ାନ୍ତ ଆବେଦନ—ଏହା ହିଁ ତାଙ୍କ ବ୍ୟକ୍ତିତ୍ୱର ବିଶିଷ୍ଟତା ।

ମୁରାରିଙ୍କର ସମଗ୍ରତାର ପ୍ରାଣ ହେଉଛି ଶ୍ରଦ୍ଧା ଓ ପ୍ରେମ ।

ସେଥିପାଇଁ, ଏପରିକି ତାଙ୍କର କ୍ରୋଧ ହିଁ କେବଳ ସେଇ ଶ୍ରଦ୍ଧା ଓ ପ୍ରେମର ଭିନ୍ନ ରୂପେ ଅନୁଭୂତ ହୁଏ ।

ତାଙ୍କର ସାହିତ୍ୟ, ସାହିତ୍ୟିକ ଓ କବି ଜୀବନ ଉତ୍ତରୋତ୍ତର ଜୟ-ଭାସ୍ୱର ହେଉ, ଏହା ହିଁ ବେଣୁ ଭାଇର କାମନା ।

●

ଏମ୍. ଗି ୩୫
ମହାନଦୀ ବିହାର, କଟକ-୪

Digitized by srujanika@gmail.com

ସେ ଗୋଟିଏ ଅଭ୍ରାନ୍ତ ଷ୍ଟେଥୋସ୍କୋପ

● ଶ୍ରୀ ହୃଦାନନ୍ଦ ରାୟ

କବି ମୁରାରି ମୋହନ ଜେନା ଜଣେ ଜାତୀୟ ସ୍ୱାଭିମାନ ବିଶିଷ୍ଟ ସାହିତ୍ୟିକ । ଆଜି ସବୁ କ୍ଷେତ୍ରରୁ ସ୍ୱାଭିମାନ ଅପସରି ଯାଉଥିବା ବେଳେ, ତାଙ୍କ ଭଳି ଜଣେ ବ୍ୟକ୍ତିତ୍ୱ ସଂପର୍କରେ ଆସିବା ଏକ ଦୁର୍ଲ୍ଲଭ ଅନୁଭୂତି । କଳିଙ୍ଗ-ଭାରତୀର ପ୍ରତିଷ୍ଠାତା ଗୁରୁଦେବ ବିଚ୍ଛନ୍ଦ ଚରଣଙ୍କ ଆଦର୍ଶ ପ୍ରଣୋଦିତ ପ୍ରବହମାନ ସ୍ୱରଣିକ ଧାରା ତାଙ୍କ ଶିଷ୍ୟ ମଣ୍ଡଳୀରେ ବିଭିନ୍ନ ବ୍ୟକ୍ତିଙ୍କ ଠାରେ ଭିନ୍ନ ଭିନ୍ନ ଭାବରେ ଆତ୍ମ-ପ୍ରକାଶ କରିଅଛି । ଗୁରୁଦେବଙ୍କ ଜାତୀୟ ସ୍ୱାଭିମାନର ନିଖୁଣ ନମୁନା ହୋଇ ଠିଆ ହୋଇଛନ୍ତି କବି ମୁରାରି ମୋହନ ଜେନା । ଏ ଜାତିର ଅନ୍ତରାତ୍ମା ସହିତ ସେ ଖୁବ୍ ପରିଚିତ ।

ଓଡ଼ିଆ ଜାତିର ସାଂସ୍କୃତିକ ହୃତ୍-ସ୍ପନ୍ଦନ ବାରିବାକୁ ସେ ଗୋଟିଏ 'ଅଭ୍ରାନ୍ତ ଷ୍ଟେଥୋସ୍କୋପ' ।

ତାଙ୍କ ଭିତରୁ ଏ ଜାତିର ବିରାଟ ଐତିହ୍ୟ ସିଂହ ରଡ଼ି ଛାଡ଼ୁଛି ।

ବ୍ୟକ୍ତିଗତ ଜୀବନରେ ସେ ଉଗ୍ର ନୁହଁନ୍ତି, ସେ ଜଣେ ଶାନ୍ତ ଶୀତଳ, ଶିଷ୍ଟ ପୁରୁଷ । କିନ୍ତୁ ଉଗ୍ରତାକୁ ସେ ଅଙ୍ଗ ଭୂଷଣ କରି ବର୍ମବନ୍ତ ସଂଗ୍ରାମୀ ସାଜି ସାଂସ୍କୃତିକ ରଣ କ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତି ।

ତାଙ୍କ କଣ୍ଠର ସ୍ୱରରୁ ଘଡବାଣ ବୃଷ୍ଟି ହୁଏ ।

କଲମରୁ ତାଙ୍କର ଲାଭାସ୍ରୋତ ଛୁଟେ । ତହିଁରୁ କାହାକୁ ପରିତ୍ରାଣ ନ ଥାଏ । ପରିତ୍ରାଣ ପାଆନ୍ତି ନାହିଁ—ସମାଜର ଶ୍ରେଷ୍ଠୀମାନେ, ନିୟନ୍ତ୍ରଣକାରୀ ମାନେ ତଥା କ୍ଷମତାପନ୍ନ ସର୍ବାଧିକାରୀ ମାନେ । ଖାଲି ସେତିକି ନୁହେଁ, ଭଗବାନ ମଧ୍ୟ ସେଥିରୁ ବାଦ ପଡନ୍ତି ନାହିଁ । ବାଦ୍ ପଡ଼ନ୍ତି ନାହିଁ ସେ ନିଜେ । ନିଜକୁ ନିର୍ମମ ଭାବରେ ସେ ଶରବ୍ୟ କରି ପାରନ୍ତି ବୋଲି; ତାଙ୍କ ପ୍ରତି ମୋର ଗାଢ଼ ମମତା ରହିଛି ।

ମେଘ ବର୍ଷିଲା ପରି ସେ ଆତ୍ମାକୁ ଅଜାଡି ଦିଅନ୍ତି କବିତାରେ, ପ୍ରବନ୍ଧରେ, ସମାଲୋଚନାରେ, ତଥା ନାଟକରେ, ଲୀଳା ରଚନାରେ ଓ ସଭାମଞ୍ଚ ଭାଷଣରେ । 'ରାମଲୀଳା'ର ପ୍ରସାର ପାଇଁ ସେ ଖୁବ୍ ଅଣ୍ଟା ଭିଡ଼ି କାମ କରିଛନ୍ତି ।

Digitized by srujanika@gmail.com

(୫)

ଗାଁ ଗହଳର ଓଡ଼ିଆ ଭାଷା, ସହରର ବସ୍ତିର ଆଞ୍ଚଳିକ ଠୋସ୍ ପ୍ରକାଶ ତାଙ୍କ କଥନ ଶୈଳୀ, ଏପରିକି ଲେଖନୀ ଶୈଳୀକୁ ଆଶ୍ରୟ କରି ଏତେ ସୁନ୍ଦର ଢଙ୍ଗେ, ଯେପରି କବିସୂର୍ଯ୍ୟଙ୍କ ଭାଷା ପ୍ରୟୋଗରେ ଶୁଦ୍ଧ-ସଂସ୍କୃତ ସହିତ ପ୍ରଚଳିତ ଯାବନିକ ଶବ୍ଦ ମାନଙ୍କର ସୁସଂହତ ଅବସ୍ଥାନ। ଚମ୍ପୂ ରଚନାରେ 'ଫଲୁର ଖୋର ଆଖରକୁ' ପ୍ରୟୋଗଟି ତାହାର ଦୃଷ୍ଟାନ୍ତ—'ଫାଟି ପଡ଼ିବାର ନକୁଞ୍ଜ ସଞ୍ଚାର, ଶ୍ରମୁ ମୋ ଚରଣ ତଳ।' ଏ ପ୍ରୟୋଗରେ ସେଇ ଭଳି ଆଉ ଏକ ଦିଗରୁ ନୂତନ ପରୀକ୍ଷା ନିହିତ। କବି ମୁରାରି ମୋହନଙ୍କ ରଚନାଶୈଳୀ ତଥା କଥନ ଶୈଳୀରେ ଏକ ପ୍ରସାରିତ ଉଦାରତାରେ ଗ୍ରାମୀଣ, ସହରୀ, ଯାବନିକ, ସଂସ୍କୃତ, ବୈଦେଶିକ ଶବ୍ଦମାନ ଏକ ସଂବାଧରେ ବସିଥାନ୍ତି। ସେମାନଙ୍କ ସଙ୍ଗତରେ ଏପରି ବିଲକ୍ଷଣ ସମନ୍ୱୟ ଦେଖିବାକୁ ମିଳେ, ଯେ ଥରେ ଶୁଣିଲେ ଆଉ ଥରେ ଶୁଣିବାକୁ ଇଚ୍ଛା ହୁଏ।

ଥରେ ଆମେ ଭ୍ରମଣ ସାରି ରାତି ବାରଟା ବେଳକୁ ଫେରୁଥିଲୁ ବେଳେ ଖୋର୍ଦ୍ଧାର ମଧ୍ୟସ୍ଥଳରେ ଗାଡ଼ି ଅଟକାଇବାକୁ ଜେନାକବି ଜିଦ୍ କଲେ। କ୍ଲାନ୍ତ ହେତୁ ମୁଁ ତାହା ଅନୁମୋଦନ କଲି ନାହିଁ। କିନ୍ତୁ କବି ମୁରାରି କି କାହା କଥା ଶୁଣନ୍ତି ? ଗାଡି ଅଟକିଲା। ଅଟକିବାକୁ ବାଧ୍ୟ। ଗତ୍ୟନ୍ତର ନାହିଁ। ମୁଁ ଚାହିଁ ଦେଖୁଥାଏ, ସେ କ'ଣ କରୁଛନ୍ତି। ନିର୍ଜନ ଖୋର୍ଦ୍ଧା ରାସ୍ତାର ରଙ୍ଗ ମାଟିକୁ ମୁଣ୍ଡରେ ବୋଳି ସେ ଚିତ୍କାର କଲେ—"ମୁଁ ହେଉଚି ଖୋର୍ଦ୍ଧା ବାଘସିଂହ ବଂଶ ପରଂପରାର ଦାୟାଦ।" ପୁଣି ଏ ଭୂମି ମଧ୍ୟ ବିଚ୍ଛନ୍ଦ ପଟ୍ଟନାୟକଙ୍କର ଭୂମି। ଏଇଥିରୁ କବି ମୁରାରି ମୋହନଙ୍କ ଜାତୀୟ-ସ୍ୱାଭିମାନର ଇଙ୍ଗିତ ମିଳିବ।

ଖୋର୍ଦ୍ଧା ଓଡ଼ିଶାର ବୀରତ୍ୱର ରଙ୍ଗ ଭୂମି। ଅତୀତ ଇତିହାସର ମହିମାମୟ ତପସ୍ୟା ତୀର୍ଥ। ପୁଣି ଏଇ ଭୂମି କଠୋର, ଦୁର୍ଦ୍ଧର୍ଷ, ଅନମନୀୟ ତଥା ପୀଡ଼ା ସହିଷ୍ଣୁ ଏ ଜାତିର ସ୍ୱାଭିମାନ ଭୂମି—ଯେଉଁ ଭୂମିର ବାଘସିଂହ ବଂଶ ଦାୟାଦ କବି ମୁରାରି ମୋହନ, ଯିଏ କି ଓଡ଼ିଆ ଜାତିର ସ୍ୱାଭିମାନ ପୀଠରେ ନିଜକୁ ଆଞ୍ଜୁଳାଏ ପୁଷ୍ପ ପରି ଉତ୍ସର୍ଗ କରି ଦେଇଥିବାରୁ; ତାଙ୍କ ଜନ୍ମ ତିଥିରେ ତାଙ୍କୁ ଅଭିନନ୍ଦନ କରିବା ପାଇଁ ଠିଆ ହୋଇଥିବା ବହୁ ବନ୍ଧୁଜନଙ୍କ ମେଳରେ ଜଣେ ହୋଇ ମୁଁ ଅତ୍ୟନ୍ତ ସୁଖୀ ହୋଇଛି।

●

ବାଙ୍ମି ସାହୁ
କଟକ-୯

Digitized by srujanika@gmail.com

ଜେନା କବିଙ୍କ ଜୀବନ ଜାତକ

ଜନ୍ମ—୧୫ । ୧୦ । ୧୯୩୨

ଜନକ—ହରେକୃଷ୍ଣ ଜେନା ଓରଫ ହରି ଜେନା

(ଦେହାନ୍ତ : ୧୯୮୨ / ଜାନୁଆରୀ ଦୁଇ ତାରିଖ)

ଜନ୍ମଦାତ୍ରୀ ଜନନୀ—ଶ୍ରୀମତୀ କାମିନୀବାଳା ଦେବୀ

[କବି ଜେନାଙ୍କ ମାତ୍ର ଚାରିବର୍ଷ ବେଳେ ଜନ୍ମଦାତ୍ରୀ ଜନନୀଙ୍କର ଦେହାନ୍ତ]

ଦ୍ୱିତୀୟା ଜନନୀ—ଶ୍ରୀମତୀ ସୁନ୍ଦରମଣି ଦେବୀ

ପୂର୍ବପୁରୁଷ—ବାଘସିଂହ ବଂଶଧର / ସଂଗ୍ରାମୀମାଟି ଖୋର୍ଦ୍ଧାର

ଶିକ୍ଷାଗତ ଯୋଗ୍ୟତା—ଏମ୍.ଏ. (ଉତ୍କଳ) ଡି. ଏସ୍. ଡବ୍ଲୁ (କଲିକତା)

କର୍ମ ସଂସ୍ଥାନ—ସଂପ୍ରତି ସହକାରୀ ଶ୍ରମ କମିଶନର ଭାବେ ଅବସ୍ଥାପିତ

● କବି ପ୍ରତିଭାର ଉନ୍ମେଷ ଓ ଉତ୍ତରଣ

୧୯୪୫ ମସିହାରେ ସପ୍ତମ ଶ୍ରେଣୀର ଛାତ୍ର ଥିବା ସମୟରେ ତାଙ୍କ କବି ପ୍ରତିଭାର ଉନ୍ମେଷ ଏବଂ ମାଧ୍ୟମିକ ଶିକ୍ଷା ଶେଷ କଲା ଭିତରେ ବ୍ରହ୍ମପୁରରୁ ୰ ମୋହନ ନାୟକଙ୍କ ସଂପାଦନା ଓ ପ୍ରଯୋଜନାରେ ପ୍ରକାଶ ପାଉଥିବା ମାସିକ 'ସେବକ' ପତ୍ରିକାରେ ତାଙ୍କର ବହୁ କବିତା ପ୍ରକାଶିତ ଓ ପ୍ରଶଂସିତ । ସେଇଦିନ ଠାରୁ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ହେବ, ଏ ଯାବତ୍ ଓଡ଼ିଶାର ବହୁ ଦୈନିକ ଓ ବହୁ ମାସିକ ପତ୍ରିକାରେ ତାଙ୍କର ବିଭିନ୍ନ ଲେଖାମାନ ପ୍ରକାଶ ପାଇ ଆସୁଛି ।

● ବିବାହ ଓ ପରିବାର

କଟକ ଉଚ୍ଚସାହି ନିବାସୀ ଶ୍ରୀ ଭବଗ୍ରାହୀ ସିଂହଙ୍କ ଜ୍ୟେଷ୍ଠା କନ୍ୟା ଲେଖିକା ଚିନ୍ତାମଣି ଓରଫ ସଂଘମିତ୍ରାଙ୍କ ସହ ୧୯୫୯ ମସିହା ମାର୍ଚ୍ଚ ୧୨ ତାରିଖରେ ବିବାହ । ଉଭୟେ ପାଞ୍ଚଟି ସନ୍ତାନ ସନ୍ତତିଙ୍କର ଜନକ ଓ ଜନନୀ । ପ୍ରଥମ କନ୍ୟା ଅରୁନ୍ଧତୀର ଉପାଧ୍ୟୁତ୍ତର ଶିକ୍ଷା କାଳରେ ବିବାହ । ଜାମାତା ପ୍ରଦୀପ କୁମାର ପାତ୍ର, ଏମ.ଏସ୍.ସି.(ଏ.ଜି.), କୃଷି ବିଭାଗର ଜନୈକ ପଦାଧିକାରୀ ।

ପୁତ୍ରମାନଙ୍କ ମଧ୍ୟରୁ ପ୍ରଥମ ପୁତ୍ର ଅମରେନ୍ଦ୍ର, ବି.ଏସ୍.ସି., ଏଲ.ଏଲ.ବି. (ଆଡ୍‌ଭୋକେଟ), ଦ୍ୱିତୀୟ ପୁତ୍ର ଅଭିଜିତ୍, ବି.ଏ. (ଅନର୍ସ-ରାଜନୀତି ବିଜ୍ଞାନ) ସଂପ୍ରତି ଆଇନ ଛାତ୍ର ଓ ଛାତ୍ର ନେତା । ଦ୍ୱିତୀୟ ଓ ତୃତୀୟ କନ୍ୟା ଯଥାକ୍ରମେ ଅନସୂୟା ଓ ଅଜିତା ଉଭୟେ ଉପାଧ୍ୟୁତ୍ତର ଛାତ୍ରୀ ।

● ପୁରସ୍କାର, ପ୍ରମାଣପତ୍ର ଓ ପ୍ରଶଂସା ପତ୍ର

୧—୧୯୫୩ ମସିହାରେ ରେଭେନ୍ସା କଲେଜ ତୃତୀୟ ବାର୍ଷିକ ବି.ଏ. ଶ୍ରେଣୀର ଛାତ୍ର ଥିବା ସମୟରେ ବିବାଧାୟୀ ସଂଘ ଆୟୋଜିତ କବିତା ଓ ଗଳ୍ପ ରଚନା ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର ଯୋଗୁଁ ପୁରସ୍କୃତ ।

Digitized by srujanika@gmail.com

୨—୧୯୬୯ ମସିହାରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ 'ବାଳକୃଷ୍ଣ କରଙ୍କ ଜୀବନୀ ଓ କୃତି' ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରବନ୍ଧ ଲେଖି ପ୍ରଥମ ପୁରସ୍କାର ବିଜେତା ।

୩—୧୯୭୭ ମସିହାରେ ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ କ୍ଳବ ପକ୍ଷରୁ ନାଟକର ଶ୍ରେଷ୍ଠ ଅଭିନେତା ଭାବେ ଯୋଗ୍ୟତା ପ୍ରମାଣପତ୍ର ପ୍ରାପକ ।

୪—୧୯୭୭ ମସିହାରେ 'ପ୍ରଜାତନ୍ତ୍ର' ପ୍ରଚାର ସମିତି ଆୟୋଜିତ ବସୁବ ମିଳନରେ ପ୍ରୀତ୍ୟୁପହାର ଓ ପ୍ରମାଣପତ୍ର ପ୍ରାପକ ।

୫—୧୯୮୧ ମସିହାରେ ଶିଶୁ ସାହିତ୍ୟ ଅନୁଷ୍ଠାନ, ଶିଶୁ ବିକାଶ ସମିତି ସୁତାହାଟ ପକ୍ଷରୁ 'ଶିଶୁ ସାହିତ୍ୟିକ' ଭାବେ ପ୍ରମାଣପତ୍ର ପ୍ରାପକ ।

୬—୧୯୮୩ ମସିହାରେ 'ମଣିମାଣିକ' ପକ୍ଷରୁ ସମ୍ମାନିତ ଓ ପ୍ରମାଣପତ୍ର ପ୍ରାପକ ।

୭—୧୯୮୪ ମସିହାରେ ମାହାଙ୍ଗା ବ୍ଳକ କେନ୍ଦ୍ରୀୟ ଯୁବକ ସଂଘ (ଗୋକନ) ପକ୍ଷରୁ ବିଶିଷ୍ଟ କବି / ସାହିତ୍ୟିକ / ସମାଲୋଚକ ଓ ବକ୍ତା ଭାବେ ସମ୍ମାନିତ ଓ ପ୍ରମାଣପତ୍ର ପ୍ରାପକ ।

୮—୧୯୮୪ ମସିହାରେ 'ଓଡ଼ିଶା କିଶୋର ସାହିତ୍ୟ ଏକାଡେମୀ' ପକ୍ଷରୁ 'ଶିଶୁ ସାହିତ୍ୟିକ' ଭାବେ ସମ୍ମାନିତ ଓ ପୁରସ୍କୃତ ।

୯—ଗଣକବି ବୈଷ୍ଣବପାଣି ସାହିତ୍ୟ ସଂସଦ, ଶୃଙ୍ଗାପାଳ ପକ୍ଷରୁ '୧୯୮୮ ଗଣକବି ବୈଷ୍ଣବ ପାଣି ପୁରସ୍କାର' ପ୍ରାପକ ।

● ସାହିତ୍ୟିକ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ।

ରେଭେନ୍‌ସା କଲେଜରେ ଓଡ଼ିଆ ଏମ.ଏ. ପଢୁଥିଲା ବେଳେ ଶ୍ରୀ ଜେନା ୧୯୫୫ ଓ ୧୯୫୬ ମସିହାରେ ରେଭେନ୍‌ସା କଲେଜ ଓଡ଼ିଆ ସାହିତ୍ୟ ସମାଜର ସଂପାଦକ ଥିଲେ । ଏଇ ଶତାବ୍ଦୀର ସପ୍ତମ ଦଶକ ଠାରୁ ଦୀର୍ଘ ୧୨ ବର୍ଷ ଧରି କଟକ ରାମଲୀଳା ପ୍ରଚାର ସମିତିର ସଭାପତି ଓ ୨୩ । ୭ । ୭୨ ଠାରୁ ୯ । ୬ । ୮୩ ପର୍ଯ୍ୟନ୍ତ ଦୀର୍ଘଦିନ ଧରି ଉତ୍କଳ ସାହିତ୍ୟ ସମାଜର ଯଥାକ୍ରମେ ସଙ୍ଗଠନ ସଂପାଦକ ଓ ସାଧାରଣ ସଂପାଦକ ଥିଲେ ।

୧୯୭୮ରୁ ୧୯୮୦ ପର୍ଯ୍ୟନ୍ତ ନୃସିଂହ ନାଥ ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ସଭାପତି ଥିଲେ । ୧୯୫୩ ମସିହାରେ ସେ ସରସ ସାହିତ୍ୟ ସମିତିର ପ୍ରତିଷ୍ଠାତା ସଂପାଦକ ଥିଲେ ଓ ୧୯୮୫ ମସିହାରେ ପୁନଶ୍ଚ ଏଇ ସମିତିର 'ଉପ-ସଭାପତି' ଦାୟିତ୍ୱ ମଧ୍ୟ ବହନ କରିଥିଲେ । ସଂପ୍ରତି ଶ୍ରୀ ଜେନା ରାମକୃଷ୍ଣ ପ୍ରଚାର ପରିଷଦର ସଭାପତି, ପ୍ରତିଭା ପୂଜା ପରିଷଦ, କାଳି କଲମ, ସାଂଧ୍ୟ ସାହିତ୍ୟ ସଂସଦ, ସାମନ୍ତ ସିଂହାର ସାହିତ୍ୟ ସଂସଦ, ଅର୍ଘ୍ୟ-ଅର୍ଚ୍ଚନାର ପ୍ରତିଷ୍ଠାତା ଓ ମୁଖ୍ୟ-ବ୍ୟବସ୍ଥାପକ । ସରଳା ଦେବୀ ସ୍ମୃତି ସଂସଦ, ଚଳନ୍ତିକା, ସ୍ୱାଗତିକାର ସଭାପତି । ଭଗତପୁର 'ରାମଲୀଳା ସମିତି'ର ସାଧାରଣ ସଂପାଦକ । ଉତ୍କଳ ସାହିତ୍ୟ ସମାଜ ଓ ସରସ ସାହିତ୍ୟ ସମିତିର ସକ୍ରିୟ କାର୍ଯ୍ୟକାରୀ ସମିତି ସଭ୍ୟ ।

*

Digitized by srujanika@gmail.com

ଜେନା କବିଙ୍କ ପ୍ରଣୀତ ପୁସ୍ତକାବଳୀର
ପ୍ରକାଶ-କାଳ

● ଜୀବନୀ

୧ । ଶଙ୍କରାଗ୍ରହଣୀୟ — ୧୯୫୫

● କବିତା

୧ । ଖରା ଓ ଗ୍ଲାଇ — ୧୯୬୬
୨ । ଶୈଶବର ସ୍ୱପ୍ନ — ୧୯୬୬
୩ । ହେ ଡ଼ାକ୍ତର କୋରାମିନ୍ ବନ୍ଦ କର — ୧୯୬୮
୪ । ଭଗବାନ ମୁଁ ତୁମକୁ ଠିଆ ଫାଡ଼ି ଦେବି — ୧୯୬୯
୫ । ମୋ ନାଁରେ କୁକୁର ପାଳିବ — ୧୯୭୧
୬ । ଡ଼ାକ ମୁଁ କହୁଛି ମୁରାରି ଜେନା — ୧୯୭୨
୭ । ଚୁପ୍‌କର — ୧୯୭୩
୮ । ଆଜି ମୋର ଅଷ୍ଟମରେ ଶନି — ୧୯୭୪
୯ । ମୁରାରି ଜେନାଙ୍କ ଶ୍ରେଷ୍ଠ କବିତା — ୧୯୭୮
୧୦ । ମୁରାରି ଜେନାଙ୍କ ଶହେ ଏକ କବିତା — ୧୯୮୨
୧୧ । ମୁଁ ତୁମର ଗୃହମାସ ଜୋତା ସଫା କରିବି — ୧୯୮୮

● ନାଟକ

୧ । ହନୁମାନ ଜନ୍ମ — ୧୯୬୮
୨ । ଅହଲ୍ୟା ପରିଚୟ ଓ ବାଲୀ ସୁଗ୍ରୀବ ଜନ୍ମ — ୧୯୭୪

● ସମାଲୋଚନା

୧ । ସବୁଜ ଯୁଗ ଓ ବୈକୁଣ୍ଠନାଥ — ୧୯୫୮
୨ । ଓଡ଼ିଆ ସାହିତ୍ୟରୁ କିଛି — ୧୯୬୫
୩ । ସାହିତ୍ୟିକ ବାଳକୃଷ୍ଣ କର — ୧୯୬୬
୪ । ନନ୍ଦକିଶୋର ସନ୍ଦେଶ — ୧୯୬୯

Digitized by srujanika@gmail.com

୫ । ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ୧୯୭୦
୬ । କବିଗୁରୁ ଉପେନ୍ଦ୍ର ଭଞ୍ଜ ୧୯୭୫
୭ । ଶ୍ରୀ ରାଧାକୃଷ୍ଣ ୧୯୭୫
୮ । ସାହିତ୍ୟିକ ସିଂହାବଲୋକନ ୧୯୮୫
୯ । ପଞ୍ଚ-ପ୍ରଦୀପ ୧୯୮୭

● ଶ୍ରମ ସଂପର୍କୀୟ

୧ । ଉଣେଇଶଟି ଶ୍ରମ କବିତା ୧୯୬୫
୨ । ଶ୍ରମିକର ଏକାଂକିକା ୧୯୬୭
୩ । ଶ୍ରମିକର କାହାଣୀ ୧୯୬୭
୪ । ଶ୍ରମ ଓ ଶ୍ରମିକ ୧୯୬୭
୫ । ଶ୍ରମିକ ଓ ମାଲିକଙ୍କ ଜାଣିବା କଥା ୧୯୬୨
୬ । Ode on Labour 1976
୭ । ଶ୍ରମ ସମସ୍ୟା ସଂପର୍କରେ ୧୯୭୭
୮ । ଶ୍ରମିକର ସଂଗୀତ ୧୯୮୧
୯ । ଶ୍ରମଜୀବୀଙ୍କ ଜାଣିବା କଥା ୧୯୮୧

● ସଂଗୀତ, ଭଜନ, ଜଣାଣ, କୀର୍ତ୍ତନ ଓ ଚଉତିଶା

୧ । ବାବୁଆଣି ୧୯୫୦
୨ । ରଜ ଚଟାଉ ୧୯୫୧
୩ । ଦଶହରା ମଉଜ ୧୯୫୨
୪ । କଳା ଭ୍ରମର ୧୯୫୩
୫ । ଧାଙ୍ଗୁଲେଇ କାହାଣୀ ୧୯୫୩
୬ । ଝର୍ ନାଲି ବହୁଆ ୧୯୫୯
୭ । ରାମାୟଣ ଚରିତ ୧୯୬୧
୮ । ଶାଶୁଘର ୧୯୬୨
୯ । ମାତାଙ୍କ ଉପଦେଶ ୧୯୬୨
୧୦ । ରାବଣ ଜନ୍ମ ୧୯୬୩

Digitized by srujanika@gmail.com

୧୧ । ହନୁମାନ ଜନ୍ମ ୧୯୬୪

୧୨ । ମୁରାରି ଜଣାଣ ୧୯୬୪

୧୩ । ମୁରାରି ସଙ୍ଗୀତ ୧୯୬୫

୧୪ । ନୀତି ଚଉତିଶା ୧୯୭୨

୧୫ । ରାମ-କୃଷ୍ଣ ଜଣାଣ ୧୯୭୩

୧୬ । କୀର୍ତ୍ତନ-ମାଳା ୧୯୭୫

୧୭ । ଜୟ ମା' ଦକ୍ଷିଣେଶ୍ୱରୀ ୧୯୭୫

୧୮ । ସତ୍‌ସଂଗୀ ସଂଗୀତ ୧୯୭୫

୧୯ । ଶ୍ରୀରାମ କୀର୍ତ୍ତନ ୧୯୭୭

୨୦ । ଶ୍ୟାମା ସଂଗୀତ ୧୯୭୬

୨୧ । ଭଜରେ ଅବୁଝା ମନ ୧୯୭୭

୨୨ । ମୁରାରି ଜେନାଙ୍କ ଭକ୍ତି ସଂଗୀତ ୧୯୭୬

୨୩ । ଜଗନ୍ନାଥ ଜଣାଣ ୧୯୭୮

※

• ଜେନା କବିଙ୍କ ସଂକଳିତ ଓ ସଂପାଦିତ ପୁସ୍ତକାବଳୀ

୧ । ଝାଞ୍ଜି ଶ୍ରୀ ଦେବୀ ଜଣାଣ ମାଳା ୧୯୫୭

୨ । ଗୋଦାବରୀଶ ସ୍ମରଣିକା ୧୯୫୭

୩ । ପ୍ରାଣକୃଷ୍ଣ ସ୍ମରଣିକା ୧୯୬୦

୪ । ବିଚ୍ଛନ୍ଦ ସ୍ମରଣିକା ୧୯୬୧

୫ । ଶାସ୍ତ୍ରୀ ସ୍ମରଣିକା ୧୯୬୬

୬ । ସାହିତ୍ୟିକ ଗୋଦାବରୀଶ ମହାପାତ୍ର ୧୯୬୭

୭ । ପ୍ରଶସ୍ତି-ପତର ୧୯୬୯

୮ । ମହାତ୍ମା ଗାନ୍ଧୀଙ୍କ ଜୟ ୧୯୬୯

୯ । କବି ବାଳକୃଷ୍ଣ ସ୍ମରଣିକା ୧୯୭୦

୧୦ । ଚଣ୍ଡୀ ସ୍ତୁତି ୧୯୭୧

Digitized by srujanika@gmail.com

୧୧ । ସଙ୍ଘ ଓ ସାହିତ୍ୟ ୧୯୭୧

୧୨ । ପାଣ୍ଡେଙ୍କ ସଂପର୍କରେ ୧୯୭୨

୧୩ । କବିଚନ୍ଦ୍ରଙ୍କ ସଂପର୍କରେ ୧୯୭୨

୧୪ । ପାଣ୍ଡେଙ୍କ ସଂପର୍କରେ ୧୯୭୩

୧୫ । ଶ୍ରୀରାମ ବନ୍ଦନା ୧୯୭୫

୧୬ । ହେ ଦୀନବନ୍ଧୁ : ହେ ଗୋପବନ୍ଧୁ ୧୯୭୭

୧୭ । ସାମନ୍ତ ସିଂହାର ସମୀକ୍ଷା ୧୯୭୮

୧୮ । କବି କଣ୍ଠେ ଶ୍ରୀଜଗନ୍ନାଥ ୧୯୭୯

୧୯ । ଲକ୍ଷ୍ମୀଧର ନାୟକ : ଲେଖମାର ସୁବର୍ଣ୍ଣ ଜୟନ୍ତୀ ୧୯୮୩

୨୦ । ଶ୍ରୀ ଜଗନ୍ନାଥ ତଥ୍ୟ ଓ ତତ୍ତ୍ୱ ୧୯୮୪

୨୧ । ବାର୍ଣୀକଣ୍ଠ ନମାଇଁ ହରଚନ୍ଦନ ସ୍ମାରକୀ ଗ୍ରନ୍ଥ ୧୯୮୫

● ଜେନା କବିଙ୍କ ପ୍ରତିଭା ପର୍ଯ୍ୟାଲୋଚନାରେ ପ୍ରଣୀତ ପୁସ୍ତକାବଳୀ

୧ । ଶ୍ରୀ ବିକ୍ରମ କେଶରୀ ବର୍ମା—
ତୁମେ ବନ୍ଧୁ ଏକ ଅଗ୍ନିଶିଖା ୧୯୭୩

୨ । ଜେନାମଣି ଲକ୍ଷ୍ମୀକାନ୍ତ—
ସେଇ ପ୍ରିୟ ସଂଗ୍ରାମୀ ଶିଳ୍ପୀଙ୍କୁ ୧୯୭୩

୩ । ଶ୍ରୀ ହରେକୃଷ୍ଣ ମହାପାତ୍ର—
ଲାଲ୍ ଗୋଲାପ ଓ ଧଳା ରୁମାଲ ୧୯୭୩

୪ । ଆଡ୍‌ଭୋକେଟ ସୁରେଶ ଚନ୍ଦ୍ର ମହାରଣା—
କବି ମୁରାରି ଜେନା ୧୯୭୩

୫ । ଆଡ୍‌ଭୋକେଟ ସୁରେନ୍ଦ୍ରନାଥ ବିଦ୍ୟାଧର—
ମୁରାରି ଜେନାଙ୍କୁ ମୁଁ ଯେପରି ଜାଣେ ୧୯୭୩

୬ । ଓଡ଼ିଶାର ନବେ ଜଣ ଲେଖକଙ୍କ ଲିଖିତ—
ମୁରାରି ଜେନାଙ୍କ ସଂପର୍କରେ ୧୯୭୩

Digitized by srujanika@gmail.com

୭ । ଜ୍ୟୋତିର୍ବିନ୍ଦ ସମାନ୍ତ ବାନାର୍ଜି—
ଜ୍ୟୋତିଷ କବି ମୁରାରି ଜେନା ୧୯୭୩

୮ । ଶ୍ରୀ ହରେକୃଷ୍ଣ ମହାପାତ୍ର—
Blood & Beauty ୧୯୭୭

୯ । ଦେଖନ୍ତୁ କଣ କବିଙ୍କ କବିତା ସମାଲୋଚନାରେ
ଫତୁରାନନ୍ଦଙ୍କ ସଂପାଦିତ—
କବି କବିତାରେ ମୁରାରି ଜେନା ୧୯୮୪

୧୦ । ଡକ୍ଟର ମନମୋହନ ମହାନ୍ତି—ଚତୁର୍ଥ ଶିଳା ୧୯୮୫

୧୧ । ଅଧ୍ୟାପକ ବୃନ୍ଦାନନ୍ଦ ଦାସ— କବି କବିତାରେ
ମୁରାରି ଜେନାଙ୍କୁ ମୁଁ ଯେପରି ଦେଖିଛି ୧୯୮୫

୧୨ । ଅଧ୍ୟକ୍ଷ ଶତ୍ରୁଘ୍ନ ନାଥ—
କବି ମୁରାରି ଜେନା : ଏକ ଦୃଷ୍ଟିକୋଣ ୧୯୮୮

※

● ୧୯୭୯ ମସିହାରେ ଜେନା କବିଙ୍କ ସଂପର୍କରେ ଇଣ୍ଡିଆନ୍ ଲିଟେରେଚର ପତ୍ରିକାରେ ପ୍ରକାଶିତ ଅଭିମତ :-

"In the Poetry of Murari Jena, an intense social awareness is noticed. In his collection 'Sresthakabita' he bitterly attacks the society, when man is socially and economically exploited. All the height of dis-illusionment it is an open revolt against God—'God I will tear you straight apart.' But beneath all these, there is always in his urge for an intense living."

—by Sri Jayanta Kumar Biswal

Lecturer in English, Bhadrak College

[Published in 'Indian Literature' Nov.-Dec. 1979—Sahitya Academy, Rabindra Bhavan 35 Firoj Saha Road, Delhi-17]

※

Digitized by srujanika@gmail.com

● ଜେନା କବିଙ୍କ ସଂପାଦିତ ପତ୍ର-ପତ୍ରିକା

୧ । ବିଦ୍ୟୁତ (ମାସିକ ସାହିତ୍ୟ ପତ୍ରିକା) ୧୯୫୦

୨ । ତେଜସ୍କ୍ରିୟ ଗ୍ରହ (ସାହିତ୍ୟ-ସମାଲୋଚନା ପତ୍ରିକା) ୧୯୫୩

୩ । ଓଲୁଅ ଡ଼ାଙ୍ଗ (ସାହିତ୍ୟ-ସମାଲୋଚନା ପତ୍ରିକା) ୧୯୫୪

୪ । ଯାଉଁଳି ବେତ (ସାହିତ୍ୟ-ସମାଲୋଚନା ପତ୍ରିକା) ୧୯୫୫

୫ । ଶ୍ରମିକ (ମାସିକ ଶ୍ରମଭିତ୍ତିକ ଦସ୍ତାବିଜ ପତ୍ରିକା) ୧୯୫୭

ପ୍ରକାଶ ପ୍ରତୀକ୍ଷାରେ ଜେନା କବିଙ୍କ ପୁସ୍ତକାବଳୀ

● କବିତା

୧ । କୋଉ ବୋପା ତୁମ ପିଠିରେ ପଡ଼ିବ

୨ । ଅର୍ଘ୍ୟ-ଅର୍ଚ୍ଚନା

● ନାଟକ

୧ । ଅଙ୍ଗଦ ଜନ୍ମ

୨ । ପୁରୁଷୋତ୍ତମ

୩ । ବ୍ୟାସ-ସରୋବର

● ସମାଲୋଚନା

୧ । କବି କୃଷ୍ଣଚନ୍ଦ୍ର ତ୍ରିପାଠୀ : ଏକ ଅନ୍ୱେଷଣ

୨ । ନାଟ୍ୟକାର ଭିକାରୀ ଚରଣ ପଟ୍ଟନାୟକ

୩ । ସାହିତ୍ୟିକ ପତ୍ରାବଳୀ

● ସଂକଳନ ଓ ସଂପାଦନ

୧ । କବିକଣ୍ଠେ ଶ୍ରୀ ଯଦୁନାଥ

୨ । କବି କଣ୍ଠେ ଶ୍ରୀ ରଘୁନାଥ

୩ । ଦୁର୍ନୀତି ନାଶିନୀ ଦେବୀ ଦୁର୍ଗା

୪ । ଶ୍ରୀ ଜଗନ୍ନାଥ ଚିନ୍ତା ଓ ଚେତନା

Digitized by srujanika@gmail.com

● ଲୋକରତ୍ନ ସମ୍ମାନରେ ସମ୍ମାନିତ ଜେନା କବି

୧୯ । ୯ । ୮୫ ପର୍ବିଣି ଗଣେଶ ଚତୁର୍ଥୀ ସଂଧ୍ୟାରେ କଟକ ପିଠାପୁରସ୍ଥ ଉଗର ପ୍ରେସ ପ୍ରାଙ୍ଗଣରେ 'ସରସ ସାହିତ୍ୟ ସମିତି'ର ଏକ ବିଶେଷ ଅଧିବେଶନରେ 'ସରସ ସାହିତ୍ୟ ସମିତି'ର ପ୍ରତିଷ୍ଠାତା ସଭାପତି ଶ୍ରୀ ଶ୍ୟାମସୁନ୍ଦର ମିଶ୍ର କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସଂପର୍କରେ ନିବନ୍ଧ ଲେଖି, ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଲାଭ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରା ଯାଇଥିଲା ଓ ସେଇଦିନ 'ସରସ ସାହିତ୍ୟ ସମିତି'ର ପ୍ରତିଷ୍ଠାତା ସଂପାଦକ ମୁରାରି ଜେନାଙ୍କୁ ସାହିତ୍ୟିକ ରବିନାରାୟଣ ମହାପାତ୍ରଙ୍କ ପ୍ରସ୍ତାବ ଓ ଉପସ୍ଥିତ ବହୁ କବି, ସାହିତ୍ୟିକ ଓ ଅଧ୍ୟାପକଙ୍କ ଅନୁମୋଦନ କ୍ରମେ 'ଲୋକରତ୍ନ' ଉପାଧି ମଧ୍ୟ ପ୍ରଦାନ କରା ଯାଇଥିଲା; ଯାହାର କି ବିସ୍ତାରିତ ବିବରଣୀ ୨ । ୧୦ । ୮୫ର ଦୈନିକ ସମାଜ, ୬ । ୧୦ । ୮୫ ଦୈନିକ ମାତୃଭୂମିର 'ବୁଲା ଫଙ୍କିରର ଝୁଲିମୁଣି' ସ୍ତମ୍ଭରେ ପ୍ରକାଶିତ ଏବଂ ଏହାଛଡ଼ା ୧୫ । ୧୧ । ୮୫ ତାରିଖରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ 'ସାହିତ୍ୟ ସଂସଦ'ର ଷୋଡ଼ ବିଂଶତି ଶିଶିର ଉତ୍ସବ ସାଂଧ୍ୟ ଅଧିବେଶନରେ 'ଲୋକରତ୍ନ' ଉପାଧି ଲାଭ କରିଥିବାରୁ, ବହୁ କବି ଓ ସାହିତ୍ୟିକ ଜେନାକବିଙ୍କୁ ଉଚ୍ଛ୍ୱସିତ ସଂବର୍ଦ୍ଧନା ଜ୍ଞାପନ କରି ତାଙ୍କ 'ଲୋକରତ୍ନ' ଉପାଧି ପ୍ରାପ୍ତିର ଯାଥାର୍ଥ୍ୟ ବିଶେଷ ଭାବେ ବିଶ୍ଳେଷଣ କରିଥିଲେ, ଯାହାର କି ବିସ୍ତାରିତ ବିବରଣୀ ୨୦ । ୧୨ । ୮୫ ତାରିଖର ଦୈନିକ ସମ୍ବାଦପତ୍ର 'ଜନଭାଷା'ରେ ପ୍ରକାଶିତ ଏବଂ ସର୍ବୋପରି ଜେନାକବିଙ୍କ ନିକଟକୁ ଯେଉଁ ଗୁଣମୁଗ୍ଧ ବନ୍ଧୁ ଓ ସତୀର୍ଥମାନେ ତାଙ୍କର ଏଇ 'ଲୋକରତ୍ନ' ଉପାଧି ପ୍ରାପ୍ତିରେ ସନ୍ତୋଷ ପ୍ରକାଶ କରି ପତ୍ରାଳାପ କରିଥିଲେ, ସେଇ ଅନେକ ପତ୍ରମାନଙ୍କ ମଧ୍ୟରୁ କେବଳ କେତୋଟି ନିମ୍ନରେ ଉଦ୍ଧାର କରାଗଲା ।

● ।।ଏକ।। 'ମାତୃଭୂମି' ଓ 'ସହକାର'ର ସଂପାଦକ ଶ୍ରୀ ବିଚିତ୍ରାନନ୍ଦ କର ୨୦ । ୯ । ୮୫ର ପତ୍ରାଳାପରେ ଲେଖିଛନ୍ତି—'ରତ୍ନଗର୍ଭା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ 'ଲୋକରତ୍ନ' ଉପାଧି ମଣ୍ଡିତ ହୋଇଥିବା କବି ବନ୍ଧୁ, ସାହିତ୍ୟିକ ଶ୍ରୀ ମୁରାରି ମୋହନ ଜେନାଙ୍କୁ ଆନ୍ତରିକ ବଧାଇ ଜଣାଉଛୁ ।'

● ।।ଦୁଇ।। ପୁରୀ ବଳଗଣ୍ଡି ସାହିରୁ ଅଧ୍ୟାପକ ବ୍ରଜକିଶୋର ରଥ ୮ । ୧୦ । ୮୫ର ପତ୍ରାଳାପରେ ଲେଖିଛନ୍ତି—"ଅଭିନନ୍ଦନ ଜଣାଉଛି । କେଉଁ ଗୁଣରେ ତମେ କମ୍ ଯେ, ଏ ପଦବୀ ତୁମର ଉପଯୁକ୍ତ ନୁହେଁ ? 'ମାତୃଭୂମି'ରେ ପ୍ରକାଶିତ ଏ ସଂପର୍କୀୟ ଆଲୋଚନା ମତେ ଭଲ ଲାଗିଲା । ତମେ ତ ବହୁ ପ୍ରକାର ନୂଆ ରାସ୍ତାର ଉଦ୍‌ଭାବକ । ସେଥିପାଇଁ ଶୁଭେଚ୍ଛା ଓ କଲ୍ୟାଣ ।"

● ।।ତିନି।। କେନ୍ଦୁଝର 'ମିଳନୀ ସାହିତ୍ୟ ସଂସଦ'ର ପୂର୍ବତନ ଉପ-ସଭାପତି ବିଷ୍ଣୁପ୍ରେମୀ କବି ବିଦ୍ୟାଧର ରାଉତରାୟ ୨୮ । ୧୧ । ୮୫ର ପତ୍ରାଳାପରେ

Digitized by srujanika@gmail.com

ଲେଖିଛନ୍ତି—"ଆପଣ ଏ 'ଲୋକରତ୍ନ' ଉପାଧି ପାଇବାକୁ ଏକାନ୍ତ ଯୋଗ୍ୟ। ଏହା ଆପଣଙ୍କୁ ବହୁତ ଆଗରୁ ମିଳିବାର ଥିଲା। ଯାହା ହେଉ, ବିଳମ୍ବରେ ହେଲେ ମଧ୍ୟ 'ସରସ ସାହିତ୍ୟ ସମିତି' ଆପଣଙ୍କ ଗୁଣ ଚିହ୍ନି, ଆପଣଙ୍କୁ ଏ ସମ୍ମାନ ଅର୍ପଣ କରି ଏକ ଯୋଗ୍ୟ ପରମ୍ପରା ସୃଷ୍ଟି କରିଛନ୍ତି। ସେଥିପାଇଁ ସମିତି ଧନ୍ୟବାଦାର୍ହ।"

● ।।ପନ୍ଦର।। କଟକ ଜିଲ୍ଲା କୁଆଁପାଳସ୍ଥ ଜବାହରଲାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବିକ୍ରମ କେଶରୀ ବର୍ମା ୯।୧୨।୮୫ର ପତ୍ରାଳାପରେ ଲେଖିଛନ୍ତି—"'ସରସ ସାହିତ୍ୟ ସମିତି' ପକ୍ଷରୁ ଆପଣଙ୍କୁ ଲୋକରତ୍ନ ଉପାଧି ପ୍ରଦାନ କରାଯାଇ ଥିବାରୁ ଖବର କାଗଜରୁ ପଢ଼ି ବିଶେଷ ଆନନ୍ଦିତ ହେଲି। ଆପଣ ଯଥାର୍ଥରେ ଜଣେ ରତ୍ନ ସନ୍ଧାନୀ। ଆଜି ଆମ୍ଭେମାନେ ଯେତେବେଳେ ପରସ୍ପରର ଗୋଡ଼ କାଟିବାରେ ବ୍ୟସ୍ତ, ସେତେବେଳେ ଯେଉଁ ବ୍ୟକ୍ତି ଅପନ୍ତରାରୁ ପ୍ରତିଭାର ସନ୍ଧାନ ନେଇ ଆଲୋକକୁ ଆଣେ, ବୈଷ୍ଣବ ପାଣିଙ୍କ ଠାରୁ ପ୍ରାଣକୃଷ୍ଣ ସାମଲଙ୍କ ପର୍ଯ୍ୟନ୍ତ ଦୁସ୍ଥ ପ୍ରତିଭାର ଅକାଳ ବିୟୋଗ ବେଳେ ଆଗରେ ଠିଆ ହୋଇ ସମବେଦନା ପ୍ରକାଶ କରେ, ହନୁମାନ ପରି ସବୁ କାର୍ଯ୍ୟରେ ଆଗଭର ହୋଇ ବାହାରି ପଡ଼େ ସେ ଯେ ଯଥାର୍ଥରେ 'ଲୋକରତ୍ନ', ଏଥିରେ ସନ୍ଦେହ ନାହିଁ।"

● ।।ପାଞ୍ଚ।। ଉତ୍କଳ ବିଶ୍ୱ-ବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ଅଧ୍ୟାପକ ଡ଼କ୍ଟର ମନମୋହନ ମହାନ୍ତି ୧୨।୧୨।୮୫ର ପତ୍ରାଳାପରେ ଲେଖିଛନ୍ତି—"ମୁଁ ଜାଣି ଅତ୍ୟନ୍ତ ଖୁସି ଯେ 'ସରସ ସାହିତ୍ୟ ସମିତି' ନିକଟରେ ଆପଣଙ୍କୁ 'ଲୋକରତ୍ନ' ଉପାଧିରେ ଭୂଷିତ କରିଛନ୍ତି। ଆପଣଙ୍କର ଏହା ପ୍ରାପ୍ୟ। ବିଳମ୍ବରେ ହେଲେ ମଧ୍ୟ ଆପଣଙ୍କର ଜୀବଦ୍ଦଶାରେ, ଆପଣଙ୍କ ପ୍ରାପ୍ୟ ପଇଠ କରାଯାଇଛି। ମରଣୋତ୍ତର ହୋଇଥିଲେ ଏ ଉପାଧି କେବଳ 'ଫସିଲ' ହୋଇଥାନ୍ତା। ରାଜଦ୍ୱାର ଓ ଶ୍ମଶାନ ଉଭୟ ପୀଠରେ ଆପଣ ବନ୍ଧୁ। ବୁଦ୍ଧିଜୀବୀ ଓ ଶ୍ରମଜୀବୀ ଉଭୟଙ୍କୁ ଆପଣାର କରିବାରେ ଆପଣ ସିଦ୍ଧହସ୍ତ। ଏହି ପରିପ୍ରେକ୍ଷୀରେ 'ଲୋକରତ୍ନ' ଉପାଧିର ଯଥାର୍ଥତା ମୁଁ ମର୍ମେ ମର୍ମେ ଅନୁଭବ କରୁଛି। ଏଥିପାଇଁ 'ସରସ ସାହିତ୍ୟ ସମିତି'କୁ ସାଧୁବାଦ ଓ ଆପଣଙ୍କୁ ଅଭିନନ୍ଦନ।"

● ।।ଛଅ।। ବିଶ୍ୱବେଦ କଂଗ୍ରେସ ପ୍ରତିନିଧି ଓ ସର୍ବ ଭାରତୀୟ ସଂସ୍କୃତ ଗବେଷଣା ପ୍ରତିଷ୍ଠାନ, ଦିଲ୍ଲୀର ସଦସ୍ୟ ତଥା ଢେଙ୍କାନାଳ ଜିଲ୍ଲାସ୍ଥ ଗାୟତ୍ରୀ ଭବନ ଭୁବନର ଆର୍ଯ୍ୟ କବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ୧୩।୧୨।୮୫ ର ପତ୍ରାଳାପରେ ଲେଖିଛନ୍ତି—'ସରସ ସାହିତ୍ୟ ସମିତି' ଆପଣଙ୍କୁ ଲୋକରତ୍ନ ଉପାଧି ପ୍ରଦାନ କରି ପୂଜ୍ୟ-ପୂଜାର ସମ୍ମାନ ରଖିଥିବାରୁ ମୁଁ ଆପଣଙ୍କୁ ସହୃଦ ସମ୍ମାନ ଓ ଶୁଭେଚ୍ଛା ଜଣାଉଛି। ଆପଣଙ୍କର ଅମ୍ଲାନ ଶୈଳୀ ପ୍ରତିଭା ଜନ-ଜୀବନକୁ ଅମୃତମୟ କରୁ, ଏହା ହିଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ବିନୀତ ପ୍ରାର୍ଥନା।

Digitized by srujanika@gmail.com